# ହାଇଦ୍ରାବାଦ ଅଙ୍ଗୁର

ବସନ୍ତ ଶତପଥୀ



Digitized by PPRACHIN, SOA

# ଷାଛଯ୍ୟାଷାବ ଅଙ୍କୁର

ବସନ୍ତ କୁମାର ଶତପଥୀ

ବିଦ୍ୟାପୁରୀ

Digitized by PPRACHIN, SOA

ପ୍ରଥମ ପ୍ରକାଶ
ଡିସେମ୍ବର ୧୯୮୨

ପ୍ରକାଶକ
ଶ୍ରୀ ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ହସାର ପ୍ରେସ୍
କଟକ

ମୂଲ୍ୟ
ବୋର୍ଡ଼ ବନ୍ଧେଇ ଟ ୧୬.୦୦
ସାଦା ବନ୍ଧେଇ ଟ ୧୪.୦୦

Digitized by PPRACHIN, SOA

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । କ୍ଲାସିକାଲ କମେଡ଼ି | ୧ |
| ୨ । ମୁଚୁକି ହସ | ୧୩ |
| ୩ । ଅବାଞ୍ଛିତ | ୨୪ |
| ୪ । ହାଇଦ୍ରାବାଦ ଅଙ୍ଗୁର | ୩୫ |
| ୫ । ସାମାନ୍ୟ ଅଶ୍ଳୀଳ | ୪୩ |
| ୬ । ଧର୍ମରେ ସତ କହିବି | ୫୭ |
| ୭ । ଅଭିନୟ | ୭୦ |
| ୮ । ଗୃରିଚକ୍ଷୁ | ୮୩ |
| ୯ । ବାପା | ୯୬ |
| ୧୦ । ପ୍ରଥମ ବାର୍ଷିକ କଲ୍ଲା | ୧୦୫ |
| ୧୧ । ଅସମ୍ପୂର୍ଣ୍ଣ କାବ୍ୟ | ୧୧୫ |
| ୧୨ । କାଠ | ୧୨୭ |
| ୧୩ । ମୁଁ କାହିଁକି ଲେଖେ | ୧୩୫ |
| ୧୪ । ଉଦ୍ରାମି ଓ ଛେନାପୋଡ଼ | ୧୪୪ |


Digitized by PPRACHIN, SOA

# କ୍ଲାସିକାଲ କମେଡ଼ି

ଦିନ ଥିଲା, ଯେତେବେଳେ କେହି ତାଙ୍କୁ 'ଡକ୍ଟର ପାଳ' ବୋଲି ସମ୍ବୋଧନ କଲେ ସେ ସାଙ୍ଗେ ସାଙ୍ଗେ ବୁଲିପଡ଼ି ମୁହଁଟାକୁ ବିଚକଟିଆ (ଦୁର୍ଭାଗ୍ୟକୁ ତାଙ୍କ ମୁହଁଟା ଇମିତି ଭଲ ନ ଥିଲା, ଦୂରରୁ ପୋଡ଼ପିଠା ପରି ଦିଶୁଥିଲା) କରି ବଡ଼ ପାଟିରେ କହୁଥିଲେ, "କଣ ଆପଣ ଏମିତି ମୋତେ 'ପାଳ' 'ପାଳ' ବୋଲି ଡାକୁଛନ୍ତି ? ଓଡ଼ିଆରୁ କ'ଣ ହଳନ୍ତ ଉଠିଗଲା ? ଅକ୍‌ସଫୋର୍ଡରେ ମୋତେ ଡକ୍ଟର ଜନ୍‌ସନ୍ 'ପଲ୍' 'ପଲ୍' ବୋଲି ଡାକୁଥିଲେ ; କେମ୍ବ୍ରିଜ୍‌ରେ ଡକ୍ଟର ରିଚ୍ଚର୍ଡସ୍ ହାସ୍ୟଛଳରେ 'ପୋଲ୍' 'ପୋଲ୍' ବୋଲି ଡାକୁଥିଲେ । କିଛି ନ ହେଲେ ଆପଣ ମୋତେ 'ପାଲ୍' 'ପାଲ୍' ବା 'ପାଳ୍' 'ପାଳ୍' ବୋଲି ଡାକନ୍ତୁ । ସେଇହିଁ ମୋର ଠିକ୍ ନାଆଁ ।"

ସେତେବେଳେ ସେ ଥିଲେ ଉଚ୍ଚାରଣସର୍ବସ୍ୱ । ଜୀବନ ସେ ସମର୍ପଣ କରି ଦେଇଥିଲେ ଇଂରାଜୀ ଶବ୍ଦର ନିର୍ଭୁଲ ଉଚ୍ଚାରଣ ପାଇଁ । ସବୁବେଳେ ସେ ବି.ବି.ସି. ଷ୍ଟେସନ ଶୁଣନ୍ତି ଏବଂ ଘରେ ଗୁଡ଼ାଏ ଇଂରାଜୀ ରେକର୍ଡ ମଧ୍ୟ ରଖିଛନ୍ତି ନିର୍ଭୁଲ ଉଚ୍ଚାରଣ ଶିଖିବା ପାଇଁ । କେହି 'ବାସ୍'କୁ 'ବସ୍' ବା 'ଆପ୍'କୁ 'ଅପ୍' କହିଲେ ତାଙ୍କ ମୁହଁ ଗୋଟିକଯାକ ଲାଲ ପଡ଼ିଯାଉଥିଲା । ଷ୍ଟାଫ୍ କମନରୁମ୍‌ରେ ବସିଲାମାତ୍ରେ ସେ ଆରମ୍ଭ କରନ୍ତି, "ହ୍ୟାଲୋ ପ୍ରଫେସର ଡାସ୍ ! କୁହନ୍ତୁ ତ କେଉଁଟା ଠିକ୍—"ଆର୍ଚ୍ଚବିଶପ ନା ଆର୍କବିଶପ ? ଟମାସ ନା ଥୋମାସ୍ ?" ଏମିତି ଯୁକ୍ତିତର୍କ, ବାଦାନୁବାଦ ଆରମ୍ଭ ହେଲେ କେହି କେହି ଅଧ୍ୟାପକ ତୁରନ୍ତ ଉଠିଯାନ୍ତି, ଆଉ କେହି ତାଙ୍କ ଉଚ୍ଚାରଣ ଅନୁକରଣ କରି ପରେ ଛିଗୁଲାଇ ହେବେ ବୋଲି ଧୈର୍ଯ୍ୟ ଧରି ବସନ୍ତି । ସାମାନ୍ୟ ଉତ୍ସାହ ପାଇଲାମାତ୍ରେ ଡକ୍ଟର

Digitized by PPRACHIN, SOA

ପାଳ ଛୁଡ଼ା ହୋଇ ହାଇସ୍କୁଲରେ ସେ ପଢୁଥିଲାବେଳେ ଜନୈକ ବଙ୍ଗାଳୀ ମାଷ୍ଟର କମିତି 'ଜେକଲସ୍' ପାଠଟି ନାଚ ନାଚ ଶବ୍ଦର ଉଚ୍ଚାରଣ ସହିତ ତାଳ ଦେଇ ଅଭିନୟ ସହିତ ପଢ଼ାଉଥିଲେ ତାହା ଦେଖାଇ ଦିଅନ୍ତି । 'ଜେକଅଲସ୍' ନୁହେଁ 'ଜେକ୍ଲସ', 'ନେଗ୍ରୋ' ନୁହେଁ 'ନେର୍‌ଗ୍ରୋ', 'ଟେଲସ୍' ନୁହେଁ 'ଟେଏଲେସ୍', 'ଇଣ୍ଡିଆ' ନୁହେଁ 'ଇଣ୍ଡ୍ୟା' । 'ଜର୍ଜ' ଉଚ୍ଚାରଣ ବେଳେ ମୁହଁ ପୂରା ଆଁ ହବ, 'ବୁଶି' ଉଚ୍ଚାରଣ ବେଳେ 'ଶ' ଉଚ୍ଚାରଣ ହେବ ଏବଂ ଓଠକୁ ଓଠ ମିଶିବ ନାହିଁ ଇତ୍ୟାଦି ଏବଂ ଶେଷରେ 'ଟେଏଲ୍‌ସ' ପରି କେତେଗୁଡ଼ିଏ ସମୋଚ୍ଚାରିତ ଶବ୍ଦ ଯଥା—'ହେଏଲ୍‌ସ', 'ମେଏଲ୍ ସ' 'ରେଏଲ୍ ସ' ସେ କୁଆଡ଼େ ଗାଇ ଯାଉଥିଲେ ।

ଉକ୍ତର ପାଳଙ୍କ ସେଦିନ ନାହିଁ । ସେ ପନ୍ଦର ବର୍ଷ ତଳ କଥା । ଯେତେବେଳେ ସେ ଇଣ୍ଡିଆରେ ରହି ମଧ୍ୟ ଇଂଲଣ୍ଡର ପରିସର ଓ ଆବହାଓ୍ୱାରେ ରହୁଥିଲେ । ବିଲାତ ଜୀବନ ପୁନଶ୍ଚ ଏଠି ବଞ୍ଚୁଥିଲେ । ଇଂଲଣ୍ଡର ପାଣି ପବନ, ଟେମସ୍, ଟାଇମ ନଗର ବାୟୁମଣ୍ଡଳ, ଲଣ୍ଡନ ସହରର ଆଚ୍ଛରବ୍ୟବହାର ଖିଆପିଆ ବିଶେଷ କରି ସାହେବଙ୍କ ଦାମ୍ପତ୍ୟ ଓ ଗାର୍ହସ୍ଥ୍ୟ ଜୀବନ ତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । "ପାଶ୍ଚାତ୍ୟ ପଥିକ" ଓ "ମୋ ଲଣ୍ଡନ ଜୀବନ" ନାମକ ଦୁଇଟି ଭ୍ରମଣ କାହାଣୀ ଲେଖି ମଧ୍ୟ ତାଙ୍କ ମନ ମାନି ନ ଥିଲା । ସେ ବସିଲେ, ଖାଇଲେ, ଠିଆ ହେଲେ ଇଂରାଜୀ ଆଦବକାଏଦା ମାନି ଚଳନ୍ତି ଏବଂ ବିଦେଶର କଥା କହିବା କାହାଣୀ ବନ୍ଧୁ (?)ଙ୍କ ଆଗରେ କହି ସୁଖ ପାଆନ୍ତି । ସେକ୍‌ସପିଅରଙ୍କ କମେଡ଼ି କମିତି କ୍ଲାସିକାଲ କମେଡ଼ିଠାରୁ ଅଲଗା, ବେନ ଜନ୍‌ସନ୍ କମିତି କମେଡ଼ି ଲେଖକ ଆକାରରେ ସେକ୍‌ସପିଅରଙ୍କଠୁଁ ବଡ଼ ତାହା ସେ ଅନର୍ସ ଓ ଏମ୍.ଏ. କ୍ଲାସମାନଙ୍କରେ ବଢ଼ିଆ ପଢ଼ାନ୍ତି, ବୁଝାନ୍ତି କୁଆଡ଼େ ।

କମେଡ଼ି ଖୁଲୁ ଖୁଲୁ ଜୀବନରେ ଅକସ୍ମାତ୍ ଟ୍ରେଜେଡ଼ି ବି ଆସି-ପାରେ । ଉକ୍ତର ପାଳଙ୍କ ସେଇଆ ହେଲା । ସ୍ୱାମୀଙ୍କର ଘରଖିଆ ନାସି ପ୍ରତି ବିମୁଖତା ଯୋଗୁଁ ହେଉ ବା ତାଙ୍କର ମୁହଁର ପାଇପ୍ଫୋପାଡ଼ିଆ

Digitized by PPRACHIN, SOA

ଦୁର୍ଗନ୍ଧ ଯୋଗୁଁ ବା ନିଜର ସ୍ୱାସ୍ଥ୍ୟ ଯୋଗୁଁ (ଡକ୍ଟର ପାଳଙ୍କ ଓଜନ ପଞ୍ଚାଶୀ କଲେ ସ୍ଥଳେ ତାଙ୍କ ସ୍ତ୍ରୀଙ୍କ ଓଜନ ଥିଲା ପ୍ରାୟ ପଇଁତ୍ରିଶ କଲେ)- ଶ୍ରୀମତୀ ପାଳ ତିନୋଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଛାଡ଼ି ଚାଲିଗଲେ । ତାଙ୍କର ଖୋଜଖବର ନେବା ବି ଦରକାର ପଡ଼ିଲା ନାହିଁ ।

ଡକ୍ଟର ପାଳଙ୍କ ଚରିତ୍ରର କରୁଣ ଦିଗଟି ଯାହା ଏତେଦିନ ଲୁକ୍‌କାୟିତ ଥିଲା ତାହା ଫୁଟି ପଡ଼ିଲା । ହଠାତ୍ ତାଙ୍କର ଇଂରେଜ ଓ ଇଂରାଜୀ ସାହିତ୍ୟପ୍ରୀତି ଉଣା ପଡ଼ିଗଲା । ପ୍ରିୟା ବିରହ ତାଙ୍କୁ ମୂହ୍ୟମାନ ଓ ବିହ୍ୱଳିତ କରିଦେଲା । ସେ ଖାଲି ଖୋଜି ବସିଲେ କେଉଁଠି ବିରହ ରସ ଅଛି ଯେଉଁଥିରେ ସେ ବୁଡ଼ି ରହିବେ । ଇଂରାଜୀ ସାହିତ୍ୟର ଏପରିକି ସେକ୍‌ସପିଅରଙ୍କ ବିରହ ରସ ପଢ଼ି ତାଙ୍କର ମନଃପୂତ ହେଲା ନାହିଁ । ତାର କାରଣ ଇଂରେଜମାନେ ଏକପତ୍ନୀ ବ୍ରତ ପାଳନ କରନ୍ତି ନାହିଁ । ସ୍ତ୍ରୀ ମରିବା ସାଙ୍ଗେ ସାଙ୍ଗେ ସେମାନେ ଆଉ ଗୋଟାଏ ଆଣନ୍ତି । ତାଙ୍କର ଛାଡ଼ପତ୍ର ବ୍ୟବସ୍ଥା ଅଛି । ରାଜା ସିମ୍ବେଲାଇନ ନିଜ ସ୍ତ୍ରୀ ହରାଇ ଯାହାକୁ ବାହା ହୋଇ ରାଣୀ କଲେ ତାଙ୍କର ପ୍ରଥମ ସ୍ୱାମୀ ତରଫରୁ ପୁଅ ଥିଲା । ହେମ୍‌ଲେଟଙ୍କ ମାଆ ନିଜ ସ୍ୱାମୀଙ୍କ ହତ୍ୟା କରାଇ ନିଜ ଦିଅରକୁ ବାହାହେଲେ । ଆଧୁନିକ ଯୁଗରେ ପାଶ୍ଚାତ୍ୟ ଦେଶରେ ରାଷ୍ଟ୍ରପତିଙ୍କ ପତ୍ନୀ ବିଧବା ହୋଇ ପୁତ୍ରସନ୍ତାନଙ୍କୁ ପରିତ୍ୟାଗ କରି କୋଟିପତିଙ୍କୁ ବିଭା ହେଉଛନ୍ତି । ପ୍ରେମ କାହିଁ ଯେ ବିରହ ଆସିବ ? ବିରହ କାହିଁ ଯେ ସାହିତ୍ୟରେ ତାର ପ୍ରତିଛବି ପଡ଼ିବ ?

ଦୈବାତ୍ ଡକ୍ଟର ପାଳ ସାହିତ୍ୟସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପ୍ରତି ଆକୃଷ୍ଟ ହେଲେ । ଆମର ଏ ମହାକବିଟି ଏକପତ୍ନୀ ବ୍ରତ ପାଳନ କରିଥିଲେ ଏବଂ ପ୍ରଚୁର ମଧ୍ୟ କରିଥିଲେ । ତେଣୁ ଡକ୍ଟର ପାଳ ପଢ଼ିଲେ ବୈଦେହୀଶବିଳାସ, ବିଶେଷ କରି ରାମଙ୍କ ବିରହ ସୀତାଙ୍କୁ ରାବଣ ଅପହରଣ କରି ନେଇଗଲା ପରେ । ପୁଣି ପଢ଼ିଲେ ସଂସ୍କୃତ ସାହିତ୍ୟରୁ ଦୁଷ୍ମନ୍ତଙ୍କ ବିରହ । ଉଦୟନଙ୍କ ବିରହ ଏବଂ ରତିବିଳାପ ଆଦି ଏବଂ ରାଶି ରାଶି ଶ୍ଳୋକ ମୁଖସ୍ଥ କରି କ୍ଲାସ୍‌ରେ ଓ ଷ୍ଟାଫ୍ କମନ୍-

Digitized by PPRACHIN, SOA

ରୁମ୍‌ରେ ସୁର ଧରି ଅଶ୍ଳୀଳ ନୟନରେ ଗାଇବାକୁ ଓ ବୁଝାଇବାକୁ ଲାଗିଲେ । ଦୟା, ଅନୁକମ୍ପା, ସହାନୁଭୂତି ବିରହୀ ମନ ଗୃହଆଡ଼େ ଖୋଜିବୁଲେ । ଗଛବୃଚ୍ଛ, ଚଢ଼େଇଚଟା, ପାଣିପବନ ସବୁ । ଉଭୟ ଚେତନ ଅଚେତନରେ । କୁଆଡ଼େ ପାଇଲେ ନାହିଁ । ବିରହୀ ଯକ୍ଷ ଅଚେତନ ମେଘକୁ ସାହା ପାଇଲା ପରି ଡକ୍ଟର ପାଳ ପାଇଲେ ଲୁଟାକାଠିରୁ ତିଆରି ଖବରକାଗଜରୁ ।

ଷ୍ଟେଟସ୍‌ମ୍ୟାନ କାଗଜଟି କେବଳ ପୁରୁଣା ଜୀବନର ଏକମାତ୍ର ସନ୍ତକ ଓ ସହଚର । ଏ ମୁଣ୍ଡ ସେ ମୁଣ୍ଡ ବିଜ୍ଞାପନ ସହିତ ପ୍ରତିଟି ଅକ୍ଷର ସେ ପଢ଼ନ୍ତି ପ୍ରତିଦିନ । ଏବେ ବିଶେଷ କରି ତାଙ୍କ ମନ ବିଜ୍ଞାପନ ପୃଷ୍ଠାଗୁଡ଼ାକୁ ଯାଉଛି । କାରଣ ରାଜନୈତିକ ଓ ସାମାଜିକ ଖବରଗୁଡ଼ାକୁ ସେ ଘୃଣା କରନ୍ତି ; ଦେଶ ଓ ଦଶ ସହିତ ତାଙ୍କର ସମ୍ପର୍କ ପ୍ରାୟ ଆଉ ନାହିଁ । ପୁଲ୍‌ଆଉଟ୍‌ର ମାଡ଼ି ମୋଡ଼ଏଲ ଫଟୋ ଦେଖିଲେ ସେ ଉଲ୍ଲସି ଉଠନ୍ତି ଓ ଆଗ୍ରହର ସହିତ ନିଜ ସାଙ୍ଗମାନଙ୍କ ଓ ପିଲାମାନଙ୍କ ଦୃଷ୍ଟିକୁ ଆଡ଼େଇ ପଢ଼ନ୍ତି । ସ୍ତ୍ରୀ ଗୁଳିଯିବାର ପାଞ୍ଚ ଛଅ ବର୍ଷ ହୋଇଗଲାଣି । କେତେ ଦିନ ଏ ଅଶ୍ଳୀଳାଗ୍ରହୀ ପୁରୁଷଟି ଧୈର୍ଯ୍ୟ ଧରି ରହିବେ ?

ଷ୍ଟାଫ୍ କମନ୍‌ରୁମ୍‌ରେ ଏବେ ତାଙ୍କର ଯାବତୀୟ କଥାବାର୍ତ୍ତା, ଆଲୋଚନା ଯୌନକେନ୍ଦ୍ରିକ, ଅଶ୍ଳୀଳ । କେଉଁଠି କିଏ କେଉଁଠା ବାହା ହୋଇଛି, କେଉଁଠି କେଉଁ ଖ୍ୟାତନାମା ରାଜନୈତିକ ନେତା ପଚାଶ ବର୍ଷରେ ପ୍ରଥମ ବିବାହ କରି ପ୍ରଧାନମନ୍ତ୍ରୀଙ୍କ ପାଖରୁ ଆଶୀର୍ବାଦ ଆଣିଲେ, ଏ ପ୍ରକାର ସମ୍ବାଦ ପରିବେଷଣରେ ଡକ୍ଟର ପାଳ ଧୁରନ୍ଧର । ତାଙ୍କୁ ଉତ୍ସୁକାଇବା ପାଇଁ ହରିବାବୁ ଓ ତ୍ରିଲୋଚନବାବୁ କହନ୍ତି, "ଛୁଆପିଲା ତେରି ଦିନ ଏକୁଟିଆ ସମ୍ଭାଳିଲେଣି, ଏଥର ଯାହାହେଉ ଗୋଟାଏ ବ୍ୟବସ୍ଥା କରନ୍ତୁ । ନ ହେଲେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯିବ, ମୁଣ୍ଡ ବିଗିଡ଼ି ଯିବ, ବୁଢ଼ାବେଳକୁ ନିହାତି ଅସହାୟ ହୋଇଯିବେ, ହଇରାଣ ହେବେ, ଅନୁତାପ ବି କରିବେ ।" ଏ ଦୁଇଜଣଙ୍କ ପ୍ରତ୍ୟେକଟି କଥାକୁ ସେ ବିଶ୍ୱାସ କରନ୍ତି, ସମ୍ମାନ ଦିଅନ୍ତି ; ଥଟ୍ଟାତାମସା ବ୍ୟଙ୍ଗବିଦ୍ରୂପର ଛିଟା ଆଦୌ ଲକ୍ଷ୍ୟ କରି ପାରନ୍ତି ନାହିଁ ।

Digitized by PPRACHIN, SOA

ଏ ଦୁହିଁଙ୍କ ପ୍ରରୋଚନାରେ ହେଉ ବା ନିଜ ମନକୁ ହେଉ ଉକ୍କଳ ପାଳ ଷ୍ଟେସନରେ, ବସ୍ ଷ୍ଟାଣ୍ଡରେ, ବଜାରରେ ଏଣେତେଣେ ଆଖି ପକାଇବାକୁ ଆରମ୍ଭ କଲେଣି । ତାଙ୍କ ମନ କ୍ରମେ ଦ୍ୱିତୀୟ ପତ୍ନୀ ଆଡ଼କୁ ଢଳିବାର ଲକ୍ଷଣ ଆଉ କେହି ହେଉ ନ ହେଉ ହରି-ବିଲୋଚନ ଲକ୍ଷ୍ୟ କଲେଣି ।

ଦିନେ ଉକ୍କଳ ପାଳ ଷ୍ଟାଫ୍ କମନ୍ ରୁମ୍‌ରେ ତାଙ୍କପାଇଁ ନିର୍ଦ୍ଧାରିତ ସୋଫା ଚେୟାରରେ ଗୋଡ଼ ଟେକି ଚକାମାରି (ଏମିତି ଭଙ୍ଗିରେ ତାଙ୍କର ବସିବାର ଅଭ୍ୟାସ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗର ଚାପରେ ସୋଫାର କିଛି ଅଂଶ ଏଠି ସେଠି ଫାଟି ଇଉଫୋମ୍ ବାହାରି ପଡ଼ିଲାଣି) ବସିଛନ୍ତି, ହରିବାବୁ ଓ ବିଲୋଚନବାବୁ ଷ୍ଟେଟ୍‌ସମେନ୍ ପୁଲଆଉଟ୍‌ଟାକୁ ଦୁହେଁ ଦୁଇପଟୁ ଧରି ତାଙ୍କ ଆଗରେ ଟେକି ଧରିଲେ ଓ ଆଙ୍ଗୁଳି ଦେଇ ଦେଖାଇ ଦେଲେ ମେଟ୍ରିମୋନିଏଲ୍ ସ୍ତମ୍ଭର ଗୋଟାଏ ଅଂଶ ଏବଂ ଲକ୍ଷ୍ୟ କଲେ ଉକ୍କଳ ପାଳଙ୍କ ମୁହଁରେ ତହିଁର ପ୍ରତିକ୍ରିୟା ।

ଉକ୍କଳ ପାଳ ଗୁଣୁଗୁଣୁ ହୋଇ ପଢ଼ିଲେ, "Wanted a retired gentleman for a rich and highly educated widow aged around fortyfive without encumbrances. Apply to Post Box etc." ତାଙ୍କର ଆଖିର ତାରା ହଠାତ୍ ଉଜ୍ଜ୍ୱଳ ହୋଇ ଆସିଲା ଓ ବହଳ ଓଠରେ ସାମାନ୍ୟ ସ୍ମିତ ଧୀରେ ଦେଖା ଦେଇ ହଠାତ୍ ଉଭେଇ ଗଲା । ଶୁଣେଇ ଶୁଣେଇ ସେ କହିଲେ, "ଆଉ କାହିଁକି ? ଏତେ ଦିନ ଚାଲିଗଲାଣି, ଆଉ କେତୁଟା ବର୍ଷ··· ଛାଛୁଆ ଝିଅପିଲା ବଡ଼ ହୋଇଗଲେଣି ।" ସେମାନେ ଦୁହେଁ ସମସ୍ୱରରେ ପାଟିକରି କହିଲେ, "ଉକ୍କଳ ପାଳ, ଏ ସୁଯୋଗ ଛାଡ଼ନ୍ତୁ ନାହିଁ, ଏ ବ୍ୟବସ୍ଥା ଉଭୟ ଆପଣଙ୍କ ଓ ପିଲାମାନଙ୍କ ହିତପାଇଁ । ଭାବନ୍ତୁ, ଦେଖନ୍ତୁ ; ଏ ଚାନ୍‌ସ ଆଉ ମିଳିବ ନାହିଁ ।"

ଉକ୍କଳ ପାଳ ଭଲେ ସାରିଥିଲେ ଏପରିକି ନିଷ୍ପତ୍ତି କରି ସାରିଥିଲେ ବହୁତ ଦିନ ହେଲା । ମନଲାଖି ମିଳୁ ନ ଥିଲା, ସିମିତି ଯୋଗ୍ୟା ପାତ୍ରୀ ବି ପାଉ ନ ଥିଲେ । ନିଷ୍ପତ୍ତି କରିଥିଲେ ସେ ବୟସ୍କା ସ୍ତ୍ରୀଟିଏ ଗ୍ରହଣ କରିବେ ।

Digitized by PPRACHIN, SOA

ବିଧବା ବା ପରିତ୍ୟକ୍ତା ହେଲେ ବି ଚଳିବ । ବିଜ୍ଞାପନର 'ଭିଇଚ୍ଛୋ' କଥାଟା ତାଙ୍କ ମନକୁ ଭରି ଗ୍ଲାଇଲା । ପଦବୀ ବା ପଇସା ବଳରେ ଅବିବାହିତା ଯୁଆଣ ଝିଅଟିକୁ ଆଣି ମଣ୍ଡିନଣରେ ତାଙ୍କୁ ବୁଡ଼ାଇ ମାରିବା ବ୍ୟବସ୍ଥା ସେ ପସନ୍ଦ କରୁ ନ ଥିଲେ । ତାଛଡ଼ା ବଡ଼ପୁଅର ବୟସ ଓ ଦୁର୍ଗୁଣ ଯୋଗୁଁ ଅଲ୍ପବୟସ୍କା ପତ୍ନୀ ଗ୍ରହଣ କରିବା ଅସମୀଚୀନ ହେବ ବୋଲି ଭାବୁଥିଲେ ।

ବିଜ୍ଞାପନଟି ସେ ତିନି ଗ୍ଲରି ଥର ପଢ଼ିଲେ । ଭାବିଲେ, ପଇଁଶୁ ଲଣ ହେଲେ ବଡ଼ପୁଅର ପ୍ରାୟ ମା' ପରି ଦିଶିବ । ଧନୀ ଓ ଉଚ୍ଚଶିକ୍ଷିତା କଥାକୁ 'ଅଧିକନ୍ତୁ' ବୋଲି ଧରିନେଲେ । ତାଙ୍କର ନଜର ଯେତିକ ଧନ ଓ ଶିକ୍ଷା ଅଛି ସେଥିରେ ସ୍ୱାମୀ ସ୍ତ୍ରୀ ଉଭୟଙ୍କ ସେଇ ଏକ ପାଣ୍ଠିରୁ ଚଳିଯିବ । ବଡ଼ କଥା ହେଲା ତାଙ୍କ ନଜର ଯୋଗ୍ୟତା । ସବୁ ଠିକ୍ ଖାପ୍ ଖାଇଯାଉଛି । ପାତ୍ର 'ରିଟାୟାର୍ଡ' ବା ଅବସରପ୍ରାପ୍ତ ହେବା ଦରକାର । ଆଉ ବର୍ଷେ ପରେ ତ ସେ ରିଟାୟାର କରିବେ । କଥାବାର୍ତ୍ତା ଗ୍ଲଲୁ ଗ୍ଲଲୁ ଛମାସ ଗ୍ଲଲିଯିବ । ଦ୍ୱିତୀୟ ଯୋଗ୍ୟତା ହେଲା ପାତ୍ର ଭଦ୍ରଲୋକ ହୋଇଥିବେ । ଭଦ୍ରଲୋକ ! ସେ ଯଦି ଭଦ୍ରଲୋକ ନ ହେବେ ତେବେ ଭାରତରେ ଆଉ କିଏ ଭଦ୍ରଲୋକ ଅଛି ? ଏତେଗୁଡ଼ାଏ ବର୍ଷ ବିଲାତରେ କଟାଇ ସେ ଖାଣ୍ଟି ଇଂରାଜୀ ଧରଣର ଭଦ୍ରଲୋକ ବନି ଯାଇଛନ୍ତି । ତୃତୀୟ କଥା, ପିଲାଝିଲା ବୋଝ ନ ଥିବ । ସେ କଥାଟା ପାତ୍ର ପକ୍ଷରେ ବା ପାତ୍ରୀ ପକ୍ଷରେ ପ୍ରଯୁଜ୍ୟ ବୋଲି ତର୍ଜମା କରି ବୁଝିଲେ ଯେ ହୁଏତ ତାହା ପୁରୁଷ ପକ୍ଷରେ ପ୍ରଯୁଜ୍ୟ ନୁହେଁ ।

ସେଇଦିନ ରାତି ଦରଖାସ୍ତଟାଏ ଡ୍ରାଫ୍ଟ କଲେ । ସେଥିରେ ସେ ଲେଖି-ଥିଲେ, ତେର ମାସ ପରେ ସେ ରିଟାୟାର କରୁଛନ୍ତି, ତାଙ୍କଠାରେ ଭଦ୍ରଲୋକର ସମସ୍ତ ଗୁଣ ପୂର୍ଣ୍ଣମାତ୍ରାରେ ରହିଛି ଏବଂ ସେ ବିଲାତି ଆଦବକାଇଦାସବୁ ଜାଣନ୍ତି । ସେ ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ମଧ୍ୟ ବୁଲିଛନ୍ତି ତାଙ୍କ ବିଲାତ ରହଣି କାଳ ମଧ୍ୟରେ । ବିଲାତି ପୋଷାକରେ ଗୃହୀତ ଗୋଟାଏ ଫଟୋ ବି ଦରଖାସ୍ତ ସହିତ ଦେବାକୁ ସେ ନିଷ୍ପତ୍ତି କଲେ ଏବଂ ଚୁପେ ଚୁପେ ଯାଇ ସହରର ସବୁଠାରୁ ଭଲ ଜେମିନି ଷ୍ଟୁଡ଼ିଓରେ ଚୂଳରେ କ୍ଲେମା ଲଗାଇ

Digitized by PPRACHIN, SOA

ଫଟୋଟିଏ ଉଠାଇଲେ । ଦୁଇଟା ସାର୍ଟିଫିକେଟ୍ ଦରକାର । ଗୋଟାଏ ହେଲା ସେ ତେର ମାସ ପରେ ଅବସର ଗ୍ରହଣ କରିବେ ଏବଂ ତାଙ୍କ ତିନ ମାସ ଛୁଟି (ବିବାହ ପାଇଁ ଯଥେଷ୍ଟ !) ପ୍ରାପ୍ୟ ଅଛି । ଅନ୍ୟଟି ହେଲା ଜଣେ ଦୁଇ ଜଣ ଗେଜେଟେଡ୍ ଅଫିସର ପାଖରୁ ତାଙ୍କର ଭଦ୍ରାମି ସମ୍ବନ୍ଧରେ ସାର୍ଟିଫିକେଟ୍ ।

ଭଦ୍ରାମିର ସାର୍ଟିଫିକେଟ୍ ମିଳିଲା ତାଙ୍କ ବନ୍ଧୁଦ୍ୱୟ ହରି, ତ୍ରିଲୋଚନଙ୍କ ପାଖରୁ । ( ଭାଗ୍ୟକୁ ସରକାର ଅଧ୍ୟାପକମାନଙ୍କୁ ଗେଜେଟେଡ୍ ଅଫିସର ବୋଲି ଘୋଷଣା କରିଛନ୍ତି ) । ସେମାନେ ଲେଖିଲେ, ଭଦ୍ରାମିରେ ଏ ମହାତ୍ମା ସାର୍ ଫିଲିପ୍ ସିଡ଼ନିଙ୍କୁ ବଳିଯିବେ । ପ୍ରିନ୍ସିପାଲ କିନ୍ତୁ ଟିକିଏ ଗଡ଼ବଡ଼ କଲେ । କହିଲେ, "ଆପଣ କେଉଁଥିପାଇଁ ସାର୍ଟିଫିକେଟ୍ ଚାହୁଁଛନ୍ତି ତାହା ମୋର ଦରକାର; ବିଜ୍ଞାପନ ନ ଦେଖିଲେ ମୁଁ ଅବସର, ଛୁଟି ଆଦି ବିଷୟରେ ସାର୍ଟିଫିକେଟ୍ ଦେଇ ପାରିବି ନାହିଁ ।" ଅଗତ୍ୟା ପ୍ରିନ୍ସିପାଲଙ୍କୁ ବିଜ୍ଞାପନ ଦେଖାଇବାକୁ ପଡ଼ିଲା । ରେକର୍ଡ ପତ୍ର ଦେଖି ସାମାନ୍ୟ ହସି ଅବଶେଷରେ ସେ ସାର୍ଟିଫିକେଟ୍ ଦେଲେ ଏବଂ ଶୁଭ ଓ ସଫଳତା କାମନା କଲେ ମଧ୍ୟ; କଥାଟା ଗୋପନ ରଖିବେ ବୋଲି ପ୍ରତିଶ୍ରୁତି ଦେଲେ ।

ଡକ୍ଟର ପାଳ ଦରଖାସ୍ତ ପଠାଇଲେ କି ନାହିଁ ଜଣାଗଲା ନାହିଁ । ମାତ୍ର ତାଙ୍କ ମୁହଁ, ଚାଲିଚଳନ ଓ କଥାବାର୍ତ୍ତାରୁ ବୁଝାଗଲା, ସେ କାମ ସରିଛି ।

ଏଥର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ଅବସର ନେଇଥିବ ଏବଂ ଭଦ୍ରଲୋକ ହୋଇଥିବ, ଏଇ ଦୁଇ ମୁଖ୍ୟ ସର୍ତ୍ତ ଉପରେ ପ୍ରାୟ ପଇଁତିଳଶର ବିଧବା ପାଇଁ ସାରା ଦେଶରେ ଜଣେ ଯୋଗ୍ୟ ବ୍ୟକ୍ତି । ସେ ହେଉଛନ୍ତି ଡକ୍ଟର ପାଳ । ଏ ବିବାହ ନିଶ୍ଚିତ, ଅବଶ୍ୟମ୍ଭାବୀ । କ୍ୱାର୍ଟରରେ ଚୂନ ଦେବା କାମ ଆରମ୍ଭ ହୋଇଗଲା । ବେଡ୍ ରୁମ୍‌କୁ ଲାଗି କାମଚଳା ବାଥ୍ ରୁମ୍ ମଧ୍ୟ ତିଆରି ହେଲା । କେତେଦିନ ହେଲା ସେପ୍ଟେମ୍ବରରେ ସେମିନାରର ବ୍ୟବସ୍ଥା ନ ଥିଲା ମଠରେ । ସହରର ଦୋକାନ ଗୋଟାକରେ

Digitized by PPRACHIN, SOA

ସନ୍ଧାନ କରାଗଲା ; ଚୁଲ୍ଲୀ ନୂଆ କରି ପଡ଼ିଲା ଏବଂ କାଠ ମଧ୍ୟ ଆଣି ରଖାଗଲା ।

ଗ୍ରୀଷ୍ମ ଛୁଟି । ବଡ଼ପୁଅ ଘରକୁ ଆସିଥାଏ ଵୁର୍ଲା ଇଞ୍ଜିନିଅରିଂ କଲେଜରୁ । ଆଗାମୀ ପରିସ୍ଥିତିକୁ ପୁଅ ଯିମିତି ମୁକାବିଲା କରିପାରିବ ସେଥିପାଇଁ ତାଙ୍କର ଇଙ୍ଗିତ ବା ସୂଚନା ଦେବାକୁ ଯାଇ ଡକ୍ଟର ପାଳ ପୁଅକୁ ଦିନେ ଏକାନ୍ତେ କହିଲେ—

"ବାପାରେ, ନାଲିମରେ ଯେଉଁ ଆମ୍ବ ଗଛ ଧରିଥିଲି ତାକୁ କଟେଇଲି ।"

ପୁଅ ହୁଁ ଭରିଲା ।

"ବାପାରେ, ସେ ଆମ୍ବ ଗଛର ସବୁ କାଠତକ ଚିରରଇଛି ।"

( ସୁନାରେ ବନଶୀ କରିଛୁ, ବୋଲେ ହୁଁ ଟି ) ।

"ବାପାରେ, କାଠସବୁ ବୁହାଇ ଘରକୁ ଆଣିଛି ।"

( ମିଛେ ମିଛେ ମାଛ ଧରୁଛି, ବୋଲେ ହୁଁ ଟି )

"ବାପାରେ, ଗଛ ନାଲିମରେ ଧରିଲି, ଗଛ କଟେଇଲି, କାଠ ଚିରେଇଲି, ବୁହେଇ ଘରେ ରଖାଇଲି..." ଡକ୍ଟର ପାଳ ଆଉ ଆଗେଇ ପାରିଲେ ନାହିଁ ; କଣ୍ଠରେ ଶ୍ଳେଷ୍ମା ଜମିଗଲା । ଦଣ୍ଡେ ରହି ଛେପ ଢୋକି ଭାରି ଗଳାରେ କହିଲେ, ବାପାରେ ରାନ୍ଧିବ କିଏ ?" ଏବଂ ସଙ୍ଗେ ସଙ୍ଗେ ଭେଁ ଭେଁ କରି କାନ୍ଦି ପକାଇଲେ ।

ପୁଅ ବାପଙ୍କର ମତଲବ୍ ବେଶ୍ ବୁଝିଛି । ଅଗ୍ନିଶର୍ମା ହୋଇ ସେ ହୁଙ୍କାର କହିଲା, "କିଏ ରାନ୍ଧିବ ? ମୋ ସ୍ତ୍ରୀ ରାନ୍ଧିବ । ମେଡିକେଲ କଲେଜରେ ଜଣେ ତେଲୁଗୁ ନର୍ସ ସହିତ ମୋର ବିବାହ ଠିକ୍ ହୋଇ-ଯାଇଛି । ଗ୍ରୀଷ୍ମଛୁଟିରୁ ଫେରିଲେ ଆମର ବିବାହ ହେବ, ରେଜିଷ୍ଟ୍ରି ମେରେଜ୍ । ତାପରେ ଯାଇ ରନ୍ଧାବଢ଼ା ବ୍ୟବସ୍ଥା, ଆମ୍ବକାଠ ହେଉ ବା କେନ୍ଦୁକାଠ ହେଉ ।

Digitized by PPRACHIN, SOA

ଡକ୍ଟର ପାଳ ଚମକି ପଡ଼ି ଅପ୍ରତିଭ ହେଲେ । ପରମୁହୂର୍ତ୍ତରେ ପ୍ରକୃତିସ୍ଥ ହୋଇ ଭାବିଲେ, ବେଶ୍ ଭଲ କଥା; ପୁଅ ବି ଯଦି ବାହାହେବ ହେଉ । ପୁନଃ ମିଳନବାଦାଚରେତ୍ । ଏ ନୂଆକଥା ନୁହେଁ । ଏବେ ପିଲାଏ ମେଟ୍ରିକ୍ୟୁଲେଶନ କ୍ଲାସରୁ ବାହାହୋଇ ପଡ଼ୁଛନ୍ତି । ଏ ତ ଆମର ଇଞ୍ଜିନିୟରିଂ ଶେଷବର୍ଷ । ସଂଘର୍ଷର ଅବକାଶ ରହିବ ନାହିଁ । ବାପପୁଅ ଦୁଇଭାଇ ପରି ରହିବା । ସାନଭାଇ ଓ ଭଉଣୀଙ୍କ କଥା ପୁଅ ବୋହୂ ବୁଝିବେ, ମୁଁ ଜଞ୍ଜାଳମୁକ୍ତ ହୋଇ ରିଟାୟାର୍ଡ ଜୀବନକୁ ଜେଣ୍ଟଲମେନ୍ ପରି ବ୍ୟବହାର ଦେଖାଇ ନୂଆକରି ଗଢ଼ିବି । ଠିକ୍ ଅଛି ।

ପନ୍ଦର କୋଡ଼ିଏ ଦିନ ଗୁଲିଗଲା । ଦରଖାସ୍ତ ଯାଇଛି ବୋଲି ଟାଇପିଷ୍ଟ ପାଖରୁ ଜଣାପଡ଼ିଲା । ହରବିଲୋଚନଙ୍କୁ ସବୁ ଭିତର ଖବର-ଅନ୍ତର ଜଣା । ସେମାନେ ରଘୁ ଚପରାଶିକି (ସେ ଡାକ ଆଣେ) ହାତକରି କହି ରଖିଥାଆନ୍ତି, ଯେବେ ଡକ୍ଟର ପାଳଙ୍କ ଚିଠି ଆସିବ ତେବେ ଖବର ଦେବାପାଇଁ । କିନ୍ତୁ ମାସେ ଗୁଲିଗଲା । ଚିଠି ନାହିଁ, ଖବର ନାହିଁ । କଣ ହେଲା ? ଡକ୍ଟର ପାଳ କଣ ଦରଖାସ୍ତ ଦେଇନାହାନ୍ତି ?

ଏଣେ ସମସ୍ତେ ଜାଣିଗଲେଣି ଡକ୍ଟର ପାଳ ପୁଣି ବାହା ହେଉଛନ୍ତି । ତାଙ୍କ ଖୋଦ୍ ପୁତ୍ରରତ୍ନ ପୁରୁଣା ସାଙ୍ଗସାଥି ଆଗରେ କହିଛି ବୁଢ଼ା ବାହାହେବା ମତଲବରେ ଅଛି ବୋଲି ଏବଂ ଆତ୍ମକାଠ ଜଳାଇବା ଉପାଖ୍ୟାନଟି ମଧ୍ୟ ପ୍ରକାଶ କରିଦେଇଛି । ଟାଇପିଷ୍ଟ ତା କାମ କରିଛି ଏବଂ ହରବିଲୋଚନଙ୍କୁ ଦରଖାସ୍ତର ବିଷୟବସ୍ତୁ ଅବଗତ କରାଇ ଦେଇଛି । ପ୍ରିନ୍ସିପାଲ ମଧ୍ୟ ହରବିଲୋଚନ ସହିତ ଏ ଘଟଣାର ଅବତାରଣା କରି ଆମୋଦ ପାଆନ୍ତି । ସହର, ବଜାର, କଲେଜ, ହଷ୍ଟେଲ, କେଣ୍ଟିନ୍ ସବୁଠି ସେଇ ଟପିକ୍ । ଜୋରସୋର ଆଲୋଚନା, ଡକ୍ଟର ପାଳ ବାହା ହେଉଛନ୍ତି ।

ପ୍ରାୟ ଦୁ'ମାସ ଗୁଲିଗଲା । ଗ୍ରୀଷ୍ମଛୁଟି ଶେଷ । ବଡ଼ପୁଅ ବୁର୍ଲା ଗୁଲିଗଲା । ଆତ୍ମକାଠ ସେମିତି ସାଇତା ରହିଛି । ଚୁଲି ଜଳିନାହିଁ ।

କଲେଜ ଖୋଲିଲା ଦିନ ସମସ୍ତେ ନୂଆ କଅଁଳ ଦୁବଘାସ ପରି ତାଜା ଓ ସବୁଜ ଦିଶୁଥାନ୍ତି । ଡକ୍ଟର ପାଳ ଏକା ବିମର୍ଷ, ବିଷଣ୍ଣ ଓ

Digitized by PPRACHIN, SOA

ବରଷ । ତାଙ୍କ ଚୁଳ ବେଶୀ ଠିଆ ଠିଆ ଓ ଅତ୍ତମାହାରେ ଧଳା । ଗାଲ ଫୁଲ ଫୁଲ, ଆଖି ଈଷତ୍ ଲାଲ୍, କୋଟରଗତ । ସୁତ ଭିତରଟା ଯିମିତି ତାଙ୍କର କୋର ହୋଇ ଯାଉଛି ।

ବସିଛନ୍ତି ତାଙ୍କ ପୂର୍ବ ନର୍ଦ୍ଦିଷ୍ଟ ଚେୟାରରେ । ଦୁଇମାସ ହେଲା ପୋଷ୍ଟପୋଛ ଝାଡ଼ାଝାଡ଼ ହୋଇନାହିଁ, ଏ କଥାକୁ ତାଙ୍କର ନଜର ନାହିଁ । ପାଖରେ ମୋଡ଼ାମୋଡ଼ ହୋଇ ଷ୍ଟେଟସମ୍ୟାନର ଖଣ୍ଡିଏ ପୁଲଆଉଟ ଥୁଆ ହୋଇଛି । କଅଣ ଗୁଡ଼ାଏ ପାଗଳଙ୍କ ପରି ସେ ମୁରୁମୁରୁ ହେଉଛନ୍ତି ଏବଂ ଆଗରେ ଖଣ୍ଡିଏ ସାଦା କାଗଜରେ ଗୁଡ଼ାଏ ଇଂରାଜୀ ଅକ୍ଷର ଲେଖୁଛନ୍ତି ।

ହରବିଲୋଚନ ଏତକବେଳେ କମନରୁମରେ ପ୍ରବେଶ କଲେ ଓ ଆତ୍ମୀୟତାସୂଚକ ସ୍ୱରରେ "ହ୍ୟାଲୋ ଡକ୍ଟର ପଲ", "ହ୍ୟାଲୋ ଡକ୍ଟର ପୋଲ୍" ସମ୍ବୋଧନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସବୁଦିନ ପରି ତାଙ୍କ ଦୁଇ ପାଖରେ ବସିଗଲେ ଏବଂ ସମସ୍ୱରରେ ପଚାରିଲେ, "ଆଜି ଖବର କଣ ? ଏଗୁଡ଼ାକ କ'ଣ ଲେଖିଛନ୍ତି ? କଣ ଆପେ ଆପେ କହୁଛନ୍ତି ?"

ବହୁ କଷ୍ଟରେ ଧୀରେ ଧୀରେ ଡକ୍ଟର ପାଳ କହିଲେ, "ଦେଖନ୍ତୁ, ସବୁବେଳେ ଥଟ୍ଟା ତାମସା ଭଲ ନୁହେଁ । ମୋର ମନ ଭଲ ନାହିଁ । ମୁଁ ବର୍ତ୍ତମାନ ଜୀବନର ତୃତୀୟ ଟ୍ରେଜେଡ଼ି ଭିତରେ ଗତି କରୁଛି ।"

"ତୃତୀୟ ଟ୍ରେଜେଡ଼ି ?"

"ହଁ, ହଁ ତୃତୀୟ । ଆପଣ ଦୁହିଁଙ୍କୁ ମୁଁ ମୋ ଅନ୍ତରଙ୍ଗ ବନ୍ଧୁ ବୋଲି ଜାଣେ । ଆପଣ ଦୁହିଁଙ୍କ ପାଖରେ ମୋର ଗୋପନୀୟ କିଛି ନାହିଁ । ପ୍ରଥମ ଟ୍ରେଜେଡ଼ି ହେଲା ସ୍ତ୍ରୀ ବିଚ୍ଛେଦ; ଦ୍ୱିତୀୟ ଟ୍ରେଜେଡ଼ି ଆସିଲା ସେଇଦିନ, ଯେଉଁଦିନ ରାଜେନ୍ଦ୍ର ପ୍ରସାଦଙ୍କ କାଷ୍ଟିଂ ଭୋଟରେ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ହେଲା । ଏବେ ତୃତୀୟ ଟ୍ରେଜେଡ଼ି ମଧ୍ୟ ସେଇ ଭାଷାସମ୍ପୃକ୍ତ ।"

Digitized by PPRACHIN, SOA

ପ୍ରଥମ ଦୁଇଟା ବୁଝିଲୁଁ, ମାତ୍ର ତୃତୀୟ ଚେନ୍ଜେଜ୍ କଥା ଟିକିଏ ବୁଝାଇ ନ କହିଲେ...” ହରିହରଲୋଚନ କହିଲେ ।

“ଆପଣ ଦୁହେଁ ଜାଣନ୍ତି, ମୁଁ କପରି ଇଂରାଜୀ ଭାଷାର ସଠିକ ଉଚ୍ଚାରଣ ପାଇଁ ମୋର ଜୀବନ ଉତ୍ସର୍ଗ କରିଛି । ଆପଣମାନଙ୍କୁ କେତେ ହାଇରାଣ ହରକତ ନ କରିଛି, ଅପମାନ ମଧ୍ୟ ନ ଦେଇଛି । ଏବେ ମୋର ଭ୍ରମ ଭାଙ୍ଗି ଗଲା ଇଂରାଜୀ ଲିପି ଯୋଗୁଁ ଓ ମୁଁ ବୁଝିଲି କାହିଁକି ବର୍ଣ୍ଣାର୍ଡ଼୍ଶ ତାଙ୍କର ସମସ୍ତ ସମ୍ପଦ ଏଇ ଲିପି ସଂସ୍କାର ପାଇଁ ଜାତିକୁ ଦେଇ ଯାଇଛନ୍ତି । ଇଂରାଜୀ ଲିପି ବା ଅକ୍ଷରଠୁ ବଳି ଧୋକାବାଜ୍ ଆଉ କେଉଁ ଲିପି ନୁହେଁ । ଇଂରାଜୀ ଶବ୍ଦର ଉଚ୍ଚାରଣରେ ଯିମିତି ବିଭ୍ରାଟ, ତାର ଅକ୍ଷର ଲେଖାରେ ସିମିତି ବିଭ୍ରାଟ ।”

ହରିହରଲୋଚନ ଭାବିଲେ ଡକ୍ଟର ପାଳଙ୍କ ମୁଣ୍ଡ ଗ୍ରୀଷ୍ମଛୁଟି ଭିତରେ ଟିକିଏ ବେଶୀ ବିଗିଡ଼ି ଯାଇଛି ଓ ସେଥିପାଇଁ ଉଠି ଚାଲି ଯାଉଥିଲେ । କିନ୍ତୁ ଡକ୍ଟର ପାଳ ସେ ଦୁଇଜଣଙ୍କୁ ଜୋରଜବରଦସ୍ତ ଧରି ବସାଇଲେ ଏବଂ କହିଲେ “ଏଇ ଦେଖନ୍ତୁ, ସଇତାନୀ ଅକ୍ଷରଗୁଡ଼ାକର ସ୍ୱରୂପ । ଠିକ୍ ଲେଖି ନ ଜାଣିଲେ ବା ଟିକିଏ ଏପଟ ସେପଟ ହେଲେ ସେ ଗୁଡ଼ାକ କିମିତି ମାରାତ୍ମକ ଭ୍ରମସଞ୍ଚାର କରନ୍ତି । ଏଇ ଦେଖନ୍ତୁ, ଏଫ୍ ଏଇଚ୍ ପରି, ଇଉ ଏନ୍ ପରି, ଏନ୍ ଏମ୍ ପରି, ଆର୍ ଏନ୍ ପରି, ଟି ଏଫ୍ ପରି ଦିଶୁଛନ୍ତି ଏବଂ ସେଇ ଲେଖା ଅକ୍ଷର ଟାଇପିଷ୍ଟ ବା କମ୍ପୋଜଟର୍ ହାତରେ ମୁଦ୍ରାରାକ୍ଷସ ବା ପ୍ରିଣ୍ଟରସ୍ ଡେଭିଲ ରୂପ ପରିଗ୍ରହ କରେ । ଏଇ ଦେଖନ୍ତୁ, ହାୟାର ଫାୟାର ପରି, ବାଟ୍ ହାଟ୍ ପରି, ଖାନ୍ ଗାମ୍ ପରି, ଫାୟାର୍ ଫାଇନ୍ ପରି ଦିଶୁଛି । ସେମିତି ହଟ୍ ପଟ୍ ପରି, ବାର୍ଡ଼ ବାଇଣ୍ଡ ପରି, ବାଇଣ୍ଡ ଫାଇଣ୍ଡ ପରି ଏବଂ ଇଣ୍ଟର୍ନେଲ ଇନଫାର୍ନେଲ ପରି ଅଦ୍ଭୁତ ଶବ୍ଦ ସୃଷ୍ଟି କରିଦେଉଛି ଏଇ ଇଂରାଜୀ ଲିପି । ମୋର ମତ, ଉଚ୍ଚାରଣ ଓ ଅକ୍ଷରବିଭ୍ରାଟ ଯୋଗୁଁ ଏ ଭାଷା ଏ ଦେଶରୁ ଉଠାଇଦେବା ଉଚିତ ।”

ହରିହରଲୋଚନ ଚକିତ ହୋଇ ଚାହିଁ ରହିଥାଆନ୍ତି । ଡକ୍ଟର ପାଳ କହିଲେ, “ଏଇ ଦେଖନ୍ତୁ, ମୋ ଜୀବନର ତୃତୀୟ ଚେନ୍ଜେଜ” । ଏହା

Digitized by PPRACHIN, SOA

କହୁ ସେ ମୋଡ଼ାମୋଡ଼ ହୋଇ ପଡ଼ିଥିବା ଖବର କାଗଜର ପୁଳଆଉଟିକୁ ହରିହଁଙ୍କ ଆଗରେ ମେଲାଇ ଧଇଲେ । ବିବାହ ବିଜ୍ଞାପନର ସଂଶୋଧନରେ ଲେଖାଥିଲା "Wanted a refined gentleman not a retired gentleman."

ଗୁରୁଗମ୍ଭୀର ସ୍ୱରରେ ହରହିଲୋଚନ କହିଲେ, "ଡେବେ RETIRED REFINED. The devil"

ଏବେ ଉକ୍ତର ପାଳ "ଅଂଗ୍ରେଜୀ ହଟାଓ" ଆନ୍ଦୋଳନର ସୁବୋଧା ।

●

Digitized by PPRACHIN, SOA

# ମୁଚୁକି ହସ

ଏ ମୁଚୁକି ହସ କାହିଁକି ? ଲୋକଟା ପାଗଳ ନା କଣ ? ଭଦ୍ରଖ ଲୋକାଲ୍ ପାସେଞ୍ଜର ଟ୍ରେନର ପଛ ଡବାରେ ଭଲ ସିଟ୍ ଟାଏ ଖୋଜୁଥିଲି ଏବଂ ପ୍ରଦୀପ ପରି କିଏ ଭଲ ସାଙ୍ଗ ଜଣେ ମିଳିଯିବ ବୋଲି ଭାବୁଥିଲି ।

ମାତ୍ର ଏ ଲୋକଟା କିଏ ? ଚିହ୍ନା ନାହିଁ ଜଣା ନାହିଁ, ମୋତେ ଦେଖିଲ୍‌ମାତ୍ରେ ଏମିତି ମୁଚୁକି ହସିଲ୍ କାହିଁକି ? ଆରେ ! ଆଖି-ଯୋଡ଼ାକରେ ଆଗ୍ରହ, ସାଦର ସମ୍ଭାଷଣ ଭରପୂର ଯେ । ହେଇ ! ମୋତେ ଦେଖି ଭୂରୁ ନଚାଇ ମୁହଁ ଭଙ୍ଗି କରି ତା ସାମନା ସିଟ୍‌ରେ ବସିବାପାଇଁ ଡାକୁଛି ନା କଣ ? କି ସାହସ ଲୋକଟାର ! ବେହିଆ ନା ଅଭଦ୍ର, ନା ପାଗଲ୍ ?

ୟାକୁ ସାଙ୍ଗ କରି ଯିବ କିଏ ? କି ଚେହେରା ! ବୁଢ଼ାଳିଆ ମୁହଁଟା, ଚକଚକିଆ ତେଲିଆ, ବ୍ରଣମୟ । ଖାକି ହାଫ୍ ଶାର୍ଟ, ଖାକି ପେଣ୍ଟ—ପାଖ ଦେଇ ଗଲେ ଝାଳ ଗନ୍ଧ, ଶ୍ରୀକୃଷ୍ଣଙ୍କ ପରି ପେଣ୍ଡାଏ ଚୂଳ ମସିଆ ବେକ କଲର ଉପରେ ପଡ଼ିଛି । ବାଜେ ଲୋକଟା । ଏ ଡବାଟା ଅଭଦ୍ରଙ୍କ ଡବା । ଆଉ ତା ଆଡ଼କୁ ନ ଚାହିଁ ଓହ୍ଲାଇ ପଡ଼ିଲି, ସିଧା ଚାଲିଗଲି ଇଂଜିନ୍ ପାଖ ଡବାକୁ ।

ଯାଉଥାଏ, ଭାବୁଥାଏ, ଲୋକଟାକୁ କେଉଁଠି କଣ ଦେଖି ନ ଥିବି ? ଦୋଦୋ ଚିହ୍ନା ପରି ଜଣାଗଲା ଯେ । ମଣିଷର ମନଟା ଯିମିତି ବିଚିତ୍ର, ତା'ର ଫସଲ ବି ସିମିତି ହରଚଙ୍ଗୀ, ରହସ୍ୟମୟ । ଏଇ ମୁଣ୍ଡ ଭିତରଟାକୁ ଖେଳପଡ଼ିଆ କରି କେତେ କେତେ ଚିନ୍ତା ଭାବନା, ଚେହେରା ଚରିତ୍ର ଫୁଟିରେ ଚକ୍କର ମାରୁଥିବେ । କିନ୍ତୁ ଦରକାର ବେଳକୁ ତାଙ୍କୁ ଖୋଜି ବସିଲେ

Digitized by PPRACHIN, SOA

କାହାର ଦେଖାଦର୍ଶନ ନାହିଁ । ତୁମେ ଯେତେ ଜୋର୍ ଡାକବ ଡାକ, ଟକ୍କା ପିଟ, ତୂରୀ ଭେରୀ ଫୁଙ୍କ, ସେମାନେ ଆରାମରେ ଯେଉଁ ସୈନ୍ୟ-ସାମନ୍ତ ଧରି ନିଆଁ ପାଖରେ ଭୋଜଭାତରେ ମଉଜମଜଲିସ କରୁଥିବେ, ତୁମ ଡକରା ଶୁଣିବେ ନାହିଁ । ମୁଁ ମୁଣ୍ଡଟାକୁ ମନ୍ଥି ଚକଟି କେଉଁଠି ଏଭଳି ଲୋକଟା ଲୁଚିଛି ତାକୁ ବାହାର କରିବାକୁ ଚେଷ୍ଟା କଲି । ଖୋଜଖବର ପାଇଲି ନାହିଁ । ଅଶ୍ୱସ୍ତି ବଢ଼ିଲା, ପୁଣି ଖୋଜିଲି, ପୁଣି ପାଇଲି ନାହିଁ, ପୁଣି······ଖିଅ କାହିଁ ?

ପନ୍ଦର ଦିନ ତଳେ ଏଇ ଗାଡ଼ିକୁ ଅପେକ୍ଷା କରି ଏଇଠି ସିମେଣ୍ଟ ବେଞ୍ଚ୍ ଉପରେ ପ୍ରଦୀପ ସାଙ୍ଗରେ ବସିଥିଲି ନା ? ସେ କହିଲା, "ସାର୍, ଟ୍ରେନ୍ ଲେଟ୍ ଅଛି, ବଡ଼ ବୋର୍ ଲାଗୁଛି, ଗୋଟାଏ ଗପ କୁହନ୍ତୁ ।" ମୁଁ କହିଲି, "ଦିନବେଳେ ଗପ ଦେଖାଯାଏ, ରାତିରେ ଶୁଣାଯାଏ । ତା ଛଡ଼ା ଭାରତବର୍ଷରେ କେହି କାହାକୁ ଗପ କହିବା ଦରକାର ନାହିଁ । ଆଖି ଆଗରେ ନିତି ପ୍ରତି ମୁହୂର୍ତ୍ତରେ ଯାହା ଘଟିଯାଉଛି ଆଖି, କାନ ଖୋଲି ଦେଖିଲେ, ଶୁଣିଲେ ସିନେମା ଦେଖିଲା ପରି ଲାଗିବ । ତୁମେ ଚୁପ୍‌ଚାପ୍ ହୋଇ ବସ, ଆଉ ଦେଖୁଥାଅ ।"

ଦେଖିଲୁଁ, ଡାହାଣ ପାଖକୁ ଖଣ୍ଡେ ଦୂର ଛାଡ଼ି ଆଉ ଗୋଟାଏ ସିମେଣ୍ଟ ବେଞ୍ଚ୍ । ତାକୁଇ ଲାଗି ଦୁଇ ତିନିଟା କୁକୁର ପରି ମଣିଷ ଆଉ ଗୋଟାଏ ଦୁଇଟା ମଣିଷ ପରି କୁକୁର ବସିଥାନ୍ତି । ରୋଗ ଓ ବୁଭୁକ୍ଷାର ମୂର୍ତ୍ତି ଏଇ ଜୀବଗୁଡ଼ାକ । ସମସ୍ତଙ୍କର ସର୍ବାଙ୍ଗ ଲୋମହୀନ, ଘାଆଛଡ଼ି ଆଚ୍ଛାଦିତ । ପାଖକୁ ଯିବାକୁ ଭୟ ଓ ଘୃଣା ଲାଗୁଥାଏ । ଯିଏ କାମୁଡ଼ିବ ଜଳାତଙ୍କ ହେବ । ବାଟରେ ଯେଉଁ ସାହି ଦେଇ ଏଠାକୁ ଆସିଛୁଁ, ସେଠିକା ଲୋକଗୁଡ଼ା ବି ଏମିତି ରୁଗ୍‌ଣ, ପ୍ରାୟଶଃ ଉଲଗ୍ନ; ଛେଳି, କୁକୁଡ଼ା, ଘୁଷୁରି, ହାଣ୍ଡିଆ ଗୁହମୂତ ଗନ୍ଧ ଭିତରେ ରହିଛନ୍ତି । ନାକ ବନ୍ଦ କରି ଆସିଛୁ । ଏ କେଉଁଟା କଣ ସେଇ ସାଇରୁ ଗୁ ରୁଣ୍ଡି ଗୁ ରୁଣ୍ଡି ସଭ୍ୟତାର ଅଇଁଠା ଖାଇବାକୁ ଆସିଛନ୍ତି ? ଆମ ସ୍କ୍ରିପ୍ଟ ଦୁନିଆଁରେ କଣ ଏଇଗୁଡ଼ାକ ? ବୁର୍ଜୁଆ ଲେଖକ, ଏମାନଙ୍କ କଥା କଣ ଜାଣିବ ? ଲୋଡ଼ା ଟଲ୍‌ଷ୍ଟୟ, ଗର୍କି ।

Digitized by PPRACHIN, SOA

ସେଗୁଡ଼ାକ ଉପରୁ ଆଖି ଫେରାଇ ସାନ୍‌ଡେ କାଗଜର କଭର ଉପରେ ଆଖି ପକାଇଲି । ତିନଜଣ ବଡ଼ ବଡ଼ ନେତାଙ୍କ ଛବି । ଜଣକର ଦାନ୍ତ ବଡ଼, ଅନ୍ୟ ଜଣକର ନାକ ବଡ଼, ଅନ୍ୟ ଜଣକର ଚୂଳ କଦମଫୁଲିଆ । ଲୋକେ କହନ୍ତି ଏଇ ତିନ ଜଣ ଆମର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ତିନ ପ୍ରଧାନମନ୍ତ୍ରୀ । ତ୍ରିମୂର୍ତ୍ତି । ରଙ୍ଗିନ୍ ମୂର୍ତ୍ତି ।

ଆମ ସାମନା ପ୍ଲାଟଫର୍ମରେ ଇଷ୍ଟକୋଷ୍ଟ୍ ଏକ୍ସପ୍ରେସ୍ ଆସି ଛିଡ଼ା ହୋଇଗଲା । ଛୋଟ ଷ୍ଟେସନ, ଅଳ୍ପ ଲୋକ ଓହ୍ଲାଇଲେ, ତା'ଠୁ ଅଳ୍ପ ଲୋକ ଉଠିଲେ । ଓହ୍ଲାଇବା ଲୋକ ଭିତରେ ଅଧିକାଂଶ ଭିକାରି, ହକର ଓ ବେଗର-ଟିକେଟବାଲା । ସମସ୍ତଙ୍କ ଭିତରେ ସୁଦୃଶ୍ୟ ଓ ଲକ୍ଷ୍ୟଣୀୟ ଥିଲେ ତିନଜଣ 'ବପୁ' ବା 'ବେଆରିର' । ଚକ୍‌ଚକିଆ ଫିକା ଶାଳ ରଙ୍ଗର ପୂରା ପୋଷାକ ପିନ୍ଧି ଓହ୍ଲାଇଲେ । ଥାଳି ଉପରେ ଥାଳି ତା ଉପରେ ବୋତଲ ବେଲାନ୍‌ସ କରି ଗର୍ବର ସହିତ ଡେଇଁ ଡେଇଁ ଓହ୍ଲାଇ ଆସିଲେ । ସମାଜସେବୀଙ୍କ ଗର୍ବ ଅଭିମାନ ମୁହଁରେ ଫୁଟାଇ । ମନ୍ତ୍ରୀମାନଙ୍କ ପରି ସେମାନେ ମଧ୍ୟ ଜନସେବକ ନୁହନ୍ତି ତ କଣ ?

ପ୍ଲାଟଫର୍ମରେ ଥାଳିଗୁଡ଼ାକ ଥୋଇ ଉଚ୍ଛିଷ୍ଟ ଭୁକ୍ତାବଶେଷଗୁଡ଼ାକ ଏକତ୍ର କରୁଛନ୍ତି ଫୋପାଡ଼ି ଦେବା ପାଇଁ । ଆମ ପାଖ ସିମେଣ୍ଟ ବେଞ୍ଚ ପାଖକୁ ଲାଗି କେତୋଟି ଜୀବ— ମଣିଷ କୁଆ କୁକୁର—ଚଞ୍ଚଳ ହୋଇ ସେଆଡ଼କୁ ଭିଡ଼ିଗଲେ ଖେଳରେ ରେଫାରି ଟସ୍ କରୁଥିବା ଫୁଟବଲ ଆଡ଼କୁ ଯିମିତି ପିଲାମାନେ ଧାଇଁଯାଆନ୍ତି । କିଏ ମଣିଷ କିଏ କୁକୁର ବାରି ହେଲାନାହିଁ । ପ୍ରାୟ ଦଶଟା ଥାଳିରୁ ଯେଉଁ ଅଇଁଠା ଭାତ, ଡାଲି, ସମ୍ବର, ଘୋଳପାଣି, ପାମ୍ପଡ଼, ଲଙ୍କାମରିଚ ଓ ପିଆଜ ଟୁକୁରା ସଂଗୃହୀତ ହେଲା ତାହା ଦୁଇ ତିନଶ ଗ୍ରାମ୍ ହେବ । ଫାଷ୍ଟ କ୍ଲାସ ରେଲଯାତ୍ରୀଗୁଡ଼ାଙ୍କୁ ଷ କଣ ଏତେ ଭୋକ ଲାଗେ ଯେ ପୋଛୁପୋଛୁ କରି ସବୁ ଖାଇ ଦିଅନ୍ତି, ତେବେ ପ୍ଲାଟଫର୍ମର ସିମେଣ୍ଟ ବେଞ୍ଚ ପାଖରେ କେତେଗୁଡ଼ାଏ ଜୀବଜନ୍ତୁ ତାଙ୍କୁ ଆଶା କରି ପଡ଼ି ରହିଛନ୍ତି ଭାବି ପାରନ୍ତି ନାହିଁ । 'ବପୁ'ଗୁଡ଼ାକ ମଧ୍ୟ ଏମିତି ହୃଦୟହୀନ ଯେ ବୋତଲର ପାଣିଗୁଡ଼ାକ ମଧ୍ୟ ଖାଦ୍ୟ-ଉପରେ ଢାଳି ଦିଅନ୍ତି । ଖାଦ୍ୟପାତ୍ରସ୍ଥର ଶେଷାଂଶକୁ ସେମାନେ ଭୂଇଁରେ ଅଜାଡ଼ି

Digitized by PPRACHIN, SOA

ଦେବାକୁ ଯାଉଛନ୍ତି ସ୍ତ୍ରୀଲୋକ ପରି ଦିଶୁଥିବା ଜୀବଟାଏ ତା ହାତରୁ ହଠାତ୍ ଲୁଗାକାନିଟା ଏତେ ତରତରରେ ଜୋରରେ ଟାଣି ଦେଲା ଯେ ସେ ନିଜେ ପ୍ରାୟ ଉଲଗ୍ନ ହୋଇଗଲା । ସବୁ ଧରି ପାରିଲା ନାହିଁ, କିଛି ଅଂଶ ତଳେ ପଡ଼ିଗଲା ଏବଂ ତରଳଦ୍ରବ୍ୟତକ ଲୁଗାରୁ ଝରି ମାଟିରେ ମିଶିବାକୁ ଲାଗିଲା ।

ଏଥର ଚାଲିଲା ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା । ପ୍ରଥମେ କୁଆଟାଏ ଖାବୁଟାଏ ମାରି ନେଇଗଲା । ସ୍ତ୍ରୀ ଲୋକଟା ତରବରରେ ଆଙ୍ଗୁଳି ଗୋଟାକୁ ବଙ୍କା କରି କନା ଉପରୁ ସେଜ ପରି ବହଳିଆ ଜିନିଷକୁ ଜଭ ବାହାର କରି ଚାଟିଲା ଓ ସଙ୍ଗେ ସଙ୍ଗେ ଗୋଡ଼ଭିତରୁ କେତୁଟା ଭାତକୁ ଆଣି ପାଟିକୁ ନେଲା । ପେଟବୁଜୁଳା ବାହାରି ପଡ଼ିଥିବା ଦରମଲା ଛୁଆଟାଏ ସେଠେଇ ଗୁରୁଣ୍ଡି ଖାଦ୍ୟ ପାଖକୁ ଆସି ହାତ ମାରିଲା ଏବଂ ମୁହଁକୁ ପୋଡି କଣ ଗୁଡ଼ାଏ ଚାଟିଲା । କୁକୁର ଦୁଇଟା ଭୋ ଭୋ କରି ମାଡି ଆସିଲେ ତାଙ୍କର ମୌଳିକ ଅଧିକାର ସାବ୍ୟସ୍ତ କରିବା ପାଇଁ । ମୁମୂର୍ଷୁ ଅଥବ ବୁଢ଼ାଟାଏ (କାହା ସହିତ ଏହାର କି ସମ୍ପର୍କ କହିବାର ବା ଜାଣିବାର ବେଳ ନୁହେଁ) ବାଡ଼ି ଖଣ୍ଡିକରେ କୁକୁର ଅଡ଼ାଇବାକୁ ଯାଇ ଛୁଆଟାର ହାତକୁ ବାଡ଼େଇ ଦେଲା । ସେ ଭେଁ ଭେଁ କାନ୍ଦିବାକୁ ଲାଗିଲା । ଭୋ ଭୋ ଭେଁ ଭେଁ କାଆଁ କାଆଁ ରବର ସମାହାରରେ ଏବଂ କୁକୁର ମଣିଷ କୁଆମାନଙ୍କର ଓତପ୍ରୋତ ମିଶ୍ରଣରେ ଆମେ ତଟସ୍ଥ ହୋଇଗଲୁଁ । ଏ ଦୃଶ୍ୟ କଥା ଶୁଣିଥିଲୁଁ, ଏବେ ଉପଭୋଗ କଲୁଁ । ଜଣେ ବିଦେଶୀ ଫଟୋଗ୍ରାଫର୍ ଗାଡ଼ିରୁ ଓହ୍ଲାଇ ପଡ଼ି ଏ ଅପୂର୍ବ ଦୃଶ୍ୟର ଫଟୋ ଚୋଳିନେଲା । ଆମେ ସିଆଡ଼କୁ ଆଉ ଚାହିଁ ନ ପାରି ଚାହିଁ ରହିଲୁ ସାନ୍‌ଡ଼େ ମେଗାଜିନ୍ କଭରର ବି ମୂର୍ତ୍ତିଙ୍କି । ରଙ୍ଗୀନ ମୂର୍ତ୍ତି ।

ସାର୍ଘ ହୁଇସିଲ୍ ମାରି ଇଷ୍ଟକୋଷ୍ଟ ଚାଲିଗଲା ସାରା ପ୍ଲାଟଫର୍ମ ଧୂଆଁରେ ଭରିଦେଇ । ଏଥର ଇଞ୍ଜିନ୍ ପାଖ କଟକ ବଗିରୁ ଦୁଇ ଜଣ ଓହ୍ଲାଇ ଆମ ଆଡ଼କୁ ଆସିଲେ । ଜଣେ ନାଲି ଧଡ଼ିରି ସାଧା ଶାଢ଼ୀ ପିନ୍ଧିଥିବା ୩୦।୩୫ ବୟସର ମହିଳା । ଦେଖିଲାମାତ୍ରେ ଫକୀରମୋହନଙ୍କ ଉତ୍ତୁଙ୍ଗ-ବକ୍ଷା ନିତମ୍ବଗୁର୍ବୀ ପଂକ୍ତି ମନେ ପଡ଼ିଯିବ । ଗୋରା ନୁହେଁ, କିନ୍ତୁ ଗାଳ-

Digitized by PPRACHIN, SOA

ଘୋଡ଼ାକ ଫୁଲୁକା ନାଲ । ଅତ୍ୟୁତ୍କଟ ସ୍ୱାସ୍ଥ୍ୟ, ହିହିଘର ବୋହିବା ତା ପକ୍ଷରେ କଷ୍ଟକର । ସେ ଲଜ୍ଜାବତୀ ନୁହେଁ, କାରଣ ଯେଉଁ ଆଖିର ଲଜ୍ଜା ଜାଣି ହୁଏ, ସେ ଦୁଇଟି ତାର ନାହିଁ । କୋଟରଗତା ଅନ୍ଧୁଣୀ ତଥାପି କଥା କହିଲେ ତା ମୁହଁ ହସ ହସ ହୁଏ, ବଡ଼ିଆ ଦନ୍ତପଂକ୍ତି ଦେଖାଇ ସେ ଖିଲ ଖିଲ ହସି ପାରେ । ତାର ଗାଇଡ୍‌ଟି ପନ୍ଦର ଷୋଳ ବର୍ଷର, ଚକ୍ଷୁଷ୍ମତୀ । ଏହାର ବି ସ୍ୱାସ୍ଥ୍ୟ ଅନନ୍ୟ । ଫ୍ରକ୍ ତଳ ପେଣ୍ଟ୍ ଏତେ ଶ୍ରେଷ୍ଠ ଯେ ତାହା ବାହାରକୁ ଦିଶେ ନାହିଁ । ଖାଲି ଲମ୍ବା ଲମ୍ବା ଜଙ୍ଘ ଦୁଇଟା ଦିଶେ । ଏଗାର ବାର ବର୍ଷ ଝିଅର ଫ୍ରକ୍ ଯଦି ୧୫।୧୬ ବର୍ଷର ସ୍ୱାସ୍ଥ୍ୟବତୀ ଝିଅ ପିନ୍ଧେ, ତେବେ ସେ ଯିମିତି ଦିଶିବ ଏ ଗାଇଡ୍‌ଟି ସିମିତି ଦିଶୁଛି । ଅତ୍ୟୁତ୍କଟ ଯୌବନ । ଏ ଦୁହେଁ କୁଆଡ଼େ ଭିଖାରୁଣୀ । ଆମ ପାଖକୁ ପହଞ୍ଚୁ ନ ପହଞ୍ଚୁଣୁ ଗାଇଡ୍‌ଟି ଆରମ୍ଭ କଲା, "ଅନ୍ଧ ପ୍ରାଣୀକୁ କିଛି ମିଳିଯାଉ ବାବୁ ।"

ଯେଉଁ ଟ୍ରେନ୍‌ରେ ଦେଖିବ ଏ ଦି'ଟା ଅଛନ୍ତି । ଖଡ଼ଗପୁରରୁ ଭଦ୍ରଖ । ଭଦ୍ରଖରୁ ଖଡ଼ଗପୁର । କଏ କଣ ଦେଖି କେତେ ଦିଅନ୍ତି ତାହା ତାଙ୍କୁ ଇ ଜଣା । ସମସ୍ତଙ୍କ ଚିହ୍ନା ଦୁହେଁ । ସମସ୍ତଙ୍କର ଆକର୍ଷଣ ସେ ଦୁହେଁ । ପୃଥିବୀର ନାହିଁ ନ ଥିବା ସୁଦୃଶ୍ୟା ସୁସ୍ଥକାୟ ଭିଖାରୁଣୀ ଦୁଇଟି । ତାଙ୍କ ସାଙ୍ଗ ବାଲେଶ୍ୱର ଷ୍ଟେସନ ପ୍ରତୀକ୍ଷାଗାରରେ ମିଳିଲେ ମିଳି ପାରନ୍ତି ନ ହେଲେ ହୋଟେଲରେ ।

ଆମ ବାଁ ପାଖ ସିମେଣ୍ଟ ବେଞ୍ଚରେ ଦୁହେଁ ହାତ ଧରାଧରି ହୋଇ ଡେଇଁ ଡେଇଁ ଆସି ମଝାମଝିରେ ଲଗାଲଗି ହୋଇ ବସିଗଲେ । ପୂର୍ବରୁ ସିମେଣ୍ଟ ବେଞ୍ଚର ଗୋଟାଏ ବାହୁରେ ପାନବାଲା, ଅନ୍ୟ ବାହୁରେ ବାଦାମ-ବାଲା ବସି ସାରିଥାନ୍ତି । ଗୁରୁଜଣ ହେଲାରୁ ହସଖୁସି ରଙ୍ଗରସ ବେଶ୍ ଜମି ଉଠିଲା ।

ସାନ ଭିଖାରୁଣୀ କହିଲା, "ଏ ବାଦାମ ବାଲା ବାଦାମ ଦେ, ଘର ଝୋକ କରୁଛି । ହେଲେ ପଇସା ମୋର ନାହିଁ ।"

"ପଇସା ତୋର କେଉଁଠୁ ଆସିବ ? ଦୁଇ ଦୁର୍ଗନ୍ଧା ବରକୁ ଘଡ଼ୁଡ଼ାଇ ଦେଲୁଣି ! ଜମି, ଘର ସବୁ ଯାଉଥିଲା ତ୍ରୈଲୋକ୍ୟର ପୁଅ ।"

Digitized by PPRACHIN, SOA

ସାନ ଭିଖାରୁଣୀ ଖିଲଖିଲ ହସି କହିଲା, "ତୋତେ ନାହିଁ ନାହିଁ। ଠିକ୍ ଜମି ଲୋକେ ପେଲି ଦଉଛନ୍ତି। ମୁଁ ଭିଖ ମାଗୁଥାନ୍ତି ରେଳରେ ଧନ ନାହିଁ ଗଡ଼ ନାହିଁ।"

ବଡ଼ ଭିଖାରୁଣୀ (ଅନ୍ଧୁଣୀ) କହିଲା, "ଏ ପାନବାଲା, କଡ଼ା ଜରଦା ଦେଇ ଡବଲ ପାନ ଗୋଟାଏ ଦେ ତ। ମୁଁ ବାକୀ ପଇସା ଦେଇ ପାରିବ ନାହିଁ।" ହସି କହିଲା, "ଆଉ ଯାହା ମାଗିବୁ ଦେବ।"

ପାନବାଲା କହିଲା, "ତା ଦେଇ ପାରିବୁ। ଛ'ମାଣ ଜମି ମାରକୋଣାରେ କିଣି ସାରିଲୁଣି। ଆଖି ନ ଥାଇ ବି ସେ ଖାନଙ୍କା ଝିଅଟା ସାଙ୍ଗରେ ଖଡ଼ଗପୁରରୁ ଭଦ୍ରକ ଚଷି ଦେଉଛ। ପୋଲ୍‌ଖାଇ ଧଣ୍ଟା ଚରିବୁଲି ଦୁନିଆଁ ଖାଉଛ, ଆମେ 'ଗରମ ବାଦାମ', 'ପାନ ବିଡ଼ି ସିଗାରେଟ' ଡାକ ଡାକ ତଣ୍ଟି ଫଟାଇ ମରୁଛୁଁ।"

ଏତିକ ବେଳେ ଦୁଇ 'ବନ୍ଧୁ' 'ବେଆରର୍' ଥାଳି ଗିଲାସଗୁଡ଼ାକ ରଖି ଦେଇ ତାଙ୍କର ପାଖକୁ ଭିଡ଼ ଗୋଡ଼ ଛନ୍ଦ ଶ୍ରୀକୃଷ୍ଣଙ୍କ ପରି ଉଭା ହେଲେ। ରସିକ ରତନ ଦୁହେଁ ସିଗାରେଟ୍ ଓ ପାନ ମଗାଇ ଘାଟ ମାଗିବା ଅଭିନୟ କରିବାକୁ ଲଗିଲେ ଦୁଇ ଭିଖାରୁଣୀ ଆଗରେ।

ଜଣେ ସାନ ଭିଖାରୁଣୀର କାନ୍ଧରେ ଅତି ଶରଧାରେ ଦୁଇହାତ ପକାଇ ଏତେ ଜୋରରେ ହଲାଇ ଦେଲା ଯେ ତାର ସର୍ବାଙ୍ଗ ଥରିଗଲା। ସେ "ଆରେ" "ଆରେ" କହି ବହେ କୃତକୃତ୍ୟ ହୋଇ ହସିଲା। ଅନ୍ୟ 'ବନ୍ଧୁ' ଜଣକ ବଡ଼ ଭିଖାରୁଣୀର ଏଠି ସେଠି ଆଙ୍ଗୁଠି ମାରି କୁତୁକୁତୁ କରିବାକୁ ଲଗିଲା। ସେ ବି ଖୁବ୍ ହସିଲା। ଦୁଇ ଭିଖାରୁଣୀ ସାଙ୍ଗକୁ ପାନବାଲା=ବାଦାମବାଲା ଓ ବନ୍ଧୁ ଦୁହେଁ ହସି ଗଡ଼ ଯାଉଥାନ୍ତି; ଆଉ ବନ୍ଧୁ ଦୁହେଁ ରେପ୍ ସିନ୍ କରିବାରେ ଅଭିଜ୍ଞ ଶତ୍ରୁଘ୍ନସିହ୍ନା ଓ ପ୍ରେମ ଚୋପ୍ରାଙ୍କୁ ଅନୁକରଣ କରିବାରେ ଲଗିଥାନ୍ତି, ବର୍ ପ୍ଲାଟଫର୍ମରେ ଧନ ଧପଦରେ।

ତାଙ୍କ ଦେଖାଶିଖା ଦୁଇ ନମ୍ବର ପ୍ଲାଟଫର୍ମରେ ଦୁଇ ଗୁଣ୍ଡା ଅଣିଣିଆ କୁକୁର ଆସି ଭୋ ଭୋ କରିବାକୁ ଲଗିଲେ। ସେମାନଙ୍କ ଆଡ଼କୁ ଚାହିଁ ଯିମିତି ସେମାନେ କହିବାକୁ ଚାହୁଁଥିଲେ, "ତୁମେ ମଣିଷଗୁଡ଼ା ଆମ

Digitized by PPRACHIN, SOA

ପର କାହାଁକ ହଉଛ ? ତୁମେ କ'ଣ ଆମ ପରି କୁକୁର କୁଞ୍ଚ ?" ବାଦାମ ଗ୍ରେପାର କଟକଟ ଶବ୍ଦ, ଗୁମିନାର ଧୂଆଁ, ଗୁଆ କଡ଼କଡ଼ରେ ପାଖ ବେଞ୍ଚର ଜୀବଗୁଡ଼ିକ ଗୁ ଚୁଣ୍ଡି ଗୁ ଚୁଣ୍ଡି ହେଇ ବେଞ୍ଚକୁ ଢେର ଗଲେ କାଳେ କିଛି ମିଳିବ ।

ଆମେ ପୁଣି ଦ୍ୱିତୀୟ ଥର ମଣିଷ ଓ କୁକୁର ସହିତ ଓତପ୍ରୋତ ଜଡ଼ିତ ରହି ଭାବି ପାରିଲୁ ନାହିଁ ଆମ ଭିତରୁ କିଏ କୁକୁର, କିଏ ମଣିଷ । ସେମାନଙ୍କ ଆଡ଼ୁ ଆଖି ଫେରାଇ ସନ୍‌ଡେ ମେଗାଜିନ୍‌ର କଭର ଉପର ନିମୂର୍ତ୍ତିକୁ ପୁଣି ଅନାଇଲୁଁ । ରଙ୍ଗୀନ ମୂର୍ତ୍ତି ।

ଆମ ଟ୍ରେନ୍ ଆସିଗଲା । ସନ୍‌ଡେ କାଗଜର ନିମୂର୍ତ୍ତିକୁ ସମ୍ବଳ କରି ଆମେ ଦୁହେଁ ଚଢ଼ିଲୁଁ ପ୍ରଦୀପ ଆଉ ମୁଁ । ପାନବାଲା, ବାଦାମବାଲା, ଦୁଇ ଭିକାରୁଣୀ (?) ଦୁଇ 'ବନ୍ଧୁ' ଏମିତି କି ଦୁଇଟା ହେଙ୍ଗେଡ଼ା ବି ଚଢ଼ିଲେ ଏକ୍କା ସାଙ୍ଗରେ ଆମ ଡବାରେ । ଦୁଃଖ କଲୁଁ ଦୁଇ ଗୋଟା କୁକୁର ଓ କୁତୀ ରହିଗଲେ, ଚଢ଼ି ପାରିଲେ ନାହିଁ ।

କିନ୍ତୁ ତାଙ୍କ ସ୍ଥାନ ଅଚିରେ ଦଖଲ କଲେ ଆମ ସାମନା ବେଞ୍ଚରେ ଗୋଟିଜଣ ଗେଙ୍ଗ୍‌ମ୍ୟାନ, ସେମାନେ ଚଢ଼ିବା ପୂର୍ବରୁ କିଏ ଜଣେ ଡିଙ୍ଗ୍ ଥାଇ ଗୋଟା କେରିଅର ଗୋଟିଏ ସ୍ଥାନରେ ରଖି ଦେଇ ଜାଗା ଦଖଲ କରି ଦେଇଥିଲା । ଜଣେ ମୋଫସଲର ଭଦ୍ର ଲୋକ, ତାଙ୍କ ସ୍ତ୍ରୀ ଓ ଯୁବତୀ କନ୍ୟା ନ ଜାଣି କେରିଅର ଗୁଡ଼ାକୁ ଅଡ଼ାଇ ଦେଇ ବସିଯାଇଥିଲେ । ବେଞ୍ଚ ଉପରେ ଆମ ଆଡ଼କୁ ମୁହଁ କରି ବସି ଆଶ୍ୱସ୍ତିର ନିଃଶ୍ୱାସ ମାରିଲେ ।

କିନ୍ତୁ ସେ ଆଶ୍ୱସ୍ତି କ୍ଷଣସ୍ଥାୟୀ । ଟ୍ରେନ୍ ଚାଲିବାକୁ ଆରମ୍ଭ କରିଛି କି ନାହିଁ ହୋ ହା କରି ପାଞ୍ଚଜଣ ଗେଙ୍ଗ୍ ମ୍ୟାନ ପଶିଆସିଲେ ଏବଂ ଉଠ ଉଠ ଚିତ୍କାର କରି ମୁହୂର୍ତ୍ତକ ମଧ୍ୟରେ ସେ ବୃଦ୍ଧ ଲୋକ, ତାଙ୍କ ସହଧର୍ମିଣୀ ଓ କନ୍ୟାକୁ ଅନ୍ୟତ୍ର ଉଠିଯିବାକୁ ବାଧ୍ୟ କଲେ । ଖାକି ହାଫ୍ ପେଣ୍ଟ, ହାଫ୍ ସାର୍ଟ ପିନ୍ଧା ଏଇ ପାଞ୍ଚୋଟି ପାସେଞ୍ଜର ଆସିବା ସଙ୍ଗେ ଝାଳ ଗନ୍ଧରେ ଡବା ଭରପୁର ହୋଇଗଲା । ମୋଟା ମୋଟା କଳା ଲୋମଶ ଶିରାଳ ଜଙ୍ଘ ଅଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶନ କରି ଏମିତି ଜାଗା ଧରି ବସିଗଲେ

Digitized by PPRACHIN, SOA

ଯିମିତ୍ତ ସେଇ ଝିଅଟିକୁ ଦେଖି ହେବ । ସଇତାନ ଖାଦ୍ୟ ପଦାର୍ଥ ଦେଖିଲେ ଯେମିତି ଆନନ୍ଦରେ ଉଦ୍ଦାମ ହସ ହସେ ସେମିତି ହସିଲେ ସେମାନେ । ଗୃହିଣୀର ସିଗାରେଟ୍, ବ୍ରହ୍ମପୁଷ୍ପ ଚୁରୁଟ୍, ଇଞ୍ଜିନ ମାର୍କା ଚନ୍ଦ୍ରଧରପତ୍ର ବିଡ଼ି ଲଗାଇ ଧୂଆଁ ଯେତେବେଳେ ବେପାରୁଆ ହୋଇ ଆମ ଆଡ଼କୁ ଛାଡ଼ିଲେ ପ୍ରଥମ କହିଲ, "ସାର ଡବା ବଦଳ କରିବା" । ମୁଁ କହିଲି "ଯିବା କୁଆଡ଼େ ? ଅନ୍ୟ ଡବାରେ କୁଷ୍ଠରୋଗୀ, ଭିକାରୁଣୀ, ଶୁଖୁଆ ବାଲି, ଏଗୁଡ଼ାକ ବରଂ ସରକାରୀ ରେଳବାଇ ଲୋକ ଆମରି ଭାଇ ! ଆଉ ବୋର୍ ଲାଗୁଛି ? ଗଳ୍ପ ଖୋଜୁଥିଲ ? ଆମ ଦେଶରେ ଏ ଗଳ୍ପର ଏପ୍ରକାର ମସଲା ସବୁଠି ମିଳୁଥିଲେ, ଗଳ୍ପ ଲେଖିବ, ପଢ଼ିବ କାହିଁକି ? ଦୁଃଖର କଥା କେଉଁଠି କୁକୁର କୁଣ୍ଢ ଆମେ ଛାଡ଼ି ଆସିଲୁ । ଛବି ଓ ବର୍ଣ୍ଣନା ପୂର୍ଣ୍ଣାଙ୍ଗ ହୋଇଥାନ୍ତା ।

ଧନଯାକ କାମ ନ କରି ବି ଏତେ ଦମ୍ ସେମାନଙ୍କଠୁ । କେଡ଼େ ଜୋରରେ ପାଟି କରି କଥା କହୁଥାଆନ୍ତି । ପ୍ରସଙ୍ଗ ହେଲା ବୋନସ୍, ଦଣ୍ଡବତେ ଦବ ନା ନାହିଁ । ଯଦି ନ ଦିଏ ତେବେ ଆନ୍ଦୋଳନ ଓ ବିକ୍ଷୋଭ ଏ ବର୍ଷ କି ଆକାର ଧରିବ । ଦଳେ କହିଲେ ବୋନସ୍ ଦେବାକୁ ବାଧ୍ୟ, ନ ହେଲେ ରେଳ ଅଚଳ ଅବସ୍ଥାକୁ ଆସିବ । ଆଉ ଦଳେ କହିଲେ ମୋଟେ ଦବ ନାହିଁ, ବରଂ ଲାଠିଗୁଳି ଚାଳନା କରି ଗୋଟାକୁ ଗୋଟା ଜେଲରେ ପୁରେଇବ । କଥା ବଢ଼ି ବଢ଼ି ଚାଲିଲା । "ଶଳେ ! ନ ଦେଇ ଯିବେ କୁଆଡ଼େ ? ଭୋଟ୍ ନେଲା ବେଳକୁ ପ୍ରତିଶ୍ରୁତି ହଜାର, କାମ ବେଳକୁ ନାସ୍ତି ।" ତାପରେ ଦୋ ଅକ୍ଷର ଭାଷା ଚାଲିଲା । ଜଙ୍ଘକୁ ଜଙ୍ଘ ବାଡ଼ିଆ, ବାହୁକୁ ବାହୁ ଆସ୍ଫୋଟ । ଏମାନଙ୍କ କଥାବାର୍ତ୍ତା ଶୁଣି ଆମେ ଭାବିଲୁ ଲୋକ ଘରେ ଧୀର ସ୍ଥିର ହୋଇ ପେଜପାଣି ଖାଇ ଆ ବସି ଦିଲ୍ଲୀ, ଭୁବନେଶ୍ୱର ଯାଆନ୍ତି ମନ୍ତ୍ରୀ ହେବାକୁ କାହିଁକି ? ଅଭିଶାପ ଗାଳିଗୁଲଜ ଶୁଣି ତାଙ୍କ ଆୟୁଷ କମିଯାଏ ନାହିଁ ? ତାଙ୍କ ସ୍ତ୍ରୀ ମାନେ ତାଙ୍କୁ ଛାଡ଼ି ଦିଅନ୍ତି କାହିଁକି ?

ଯେଉଁ ସନ୍ଦେଶ କାଗଜଟା ମୋଡ଼ାମୋଡ଼ି ଧରିଥିଲି ତାକୁ ମୈଁଲିକର ଜଙ୍ଘ ଉପରେ ରଖିଦେଲି । ତେଉଁ ଉଠିଲେ ସମସ୍ତେ । ଏଇ ଘଟଣା

Digitized by PPRACHIN, SOA

ହର୍ତ୍ତାକର୍ତ୍ତା ବିଧାତାଙ୍କୁ ଦେଖି । ଏକୁ ଆରକୁ ମହାବଳ । ଏମାନେ ଥିଲେଯାକେ ଆଜି ସେଇ କୃପଣ ଅର୍ଥମନ୍ତ୍ରୀଟା ଥିବାଯାକେ 'ବୋନାସ୍' ଗୋଟାଏ ପଇସା ବି ମିଳିବ ନାହିଁ । ବେଙ୍କ୍‌ବାଲା ଲଢ଼େଇ କରି ପାଇବେ, ଫେକ୍‌ଟରିବାଲା ବି ପାଇବେ, ମାଷ୍ଟର ବି ପାଇବେ । ଖାଲି ଆମେ ଗରିବ ମାଇପ ସମସ୍ତଙ୍କ ଶାଳୀ । ଏ ତିନିଟା କରିବେ ବା କଣ ? ତାଙ୍କର ନିଜ ନିଜ·····ରେ ଗୁହ । ସ୍ୱା ପୁଅ, ତା ସ୍ତ୍ରୀ, ତା ବୋହୂ ସମସ୍ତେ ତ ଜଣେ ଜଣେ ମନ୍ତ୍ରୀ । ନିଜ ନିଜ ଭିତରେ କଳିକରି ତ ଦେଶକୁ ଖାଇଲେ । ସରକାର ଚଳାଇବେ କେତେବେଳେ । ଯେତେ ସବୁ ରୋଗା ବୁଢ଼ା । ଆମେ ଭାବିଲୁ, ଉଠିଗିବା ଅନ୍ୟ ଉବାକୁ । ବଡ଼ ଲୋକଙ୍କର ନିନ୍ଦା ଯେଉଁଠି ସେଠି ରହିବା ଉଚିତ ନୁହେଁ । ଗୃହିଁଲୁ ପୁଣି ସନ୍‌ଡେ ମେଗାଜିନ୍‌ର କଭରକୁ । ସେଇ ତିନିମୂର୍ତ୍ତି, ରଙ୍ଗୀନ ମୂର୍ତ୍ତି । ଜଣେ କହିଲା, "ଏ ବଡ଼ ଲୋକଙ୍କ ମନ୍ତ୍ରୀ, ଆମ ମଳମୁଣ୍ଡିଆଙ୍କ ମନ୍ତ୍ରୀ କେବେ ହେବେ ? ଏମାନେ ବୋନସ୍ ଦେବେ ନା ଡି. ଏ. ନେବେ ? ଇଉନିୟନ କଣ କରୁଛି ଦେଖାଯାଉ; ନ ହେଲେ ଏମାନଙ୍କ ଛବି ସବୁ ପୋଡ଼ି ପାଉଁଶ କରିଦେବା ।"

କାଳେ ମୋ ହାତର ମେଗାଜିନ୍‌ଟା ଟାଣିନେଇ ସେମାନେ ଚିରି ଫୋପାଡ଼ି ଦେବେ ସେଥିପାଇଁ ମୁଁ ପଛ ମଲାଟ ପୃଷ୍ଠାଟାକୁ ଓଲଟାଇ ଦେଲି । ସେମାନେ ପଛ କଭର ପୃଷ୍ଠାରେ ଜଣେ ପୁରୁଷ ଓ ନାରୀ ସିଗାରେଟ୍ ବିଜ୍ଞାପନକୁ ମଣ୍ଡିତ କରିବାର ଯେମିତି ଦେଖିଲେ ଠିକଏ ଥଣ୍ଡା ପଡ଼ି ସନ୍ତୁଷ୍ଟ ନୟନରେ ସେ ଆଡ଼କୁ ଗୃହିଁଲେ । ତିନିମୂର୍ତ୍ତିଙ୍କ ରଙ୍ଗୀନ୍ ଛବି ଆଉ ସେମାନଙ୍କୁ ଉତ୍ତେଜିତ କଲା ନାହିଁ ।

ମଦ ପିଇଥିବା ଯୋଗୁଁ ବା କ୍ରୋଧରେ ହେଉ ସେମାନଙ୍କ ଆଖି ଲାଲ ଦିଶୁଥାଏ ଏବଂ ସେମାନେ ମରାମରି ପାଇଁ ପ୍ରସ୍ତୁତ ହେଉଥାନ୍ତି । ଏତିକିବେଳେ ମୋର କଣ ଖିଆଲ ହେଲା ସନ୍‌ଡେ ମେଗାଜିନ୍‌ର ମଝି ପୃଷ୍ଠା ଖୋଲି ସେମାନଙ୍କ ଆଡ଼କୁ ଯୋଡ଼ାଏ ପୃଷ୍ଠା ମୁହାଁଇ ତୋଳି ଧରିଲି । ତିନୋଟି ଛବି, ଏ ବି ତିନିମୂର୍ତ୍ତି, ତିନି ସୁପାର ଷ୍ଟାର୍, ଏ ବି ରଙ୍ଗୀନ ଛବି, କଭର ପୃଷ୍ଠାର ତିନିମୂର୍ତ୍ତିଠାରୁ ଆହୁରି ରଙ୍ଗୀନ । ଆବକ୍ଷ ଛବି, ଉଲଙ୍ଗ

Digitized by PPRACHIN, SOA

ଛନ୍ତ । ଯେମିତ ସେମାନେ ଏ ଛବି ଦେଖିଛନ୍ତ ତାଙ୍କ ଆଖିର ରକ୍ତିମା ଉଭେଇ ଗଲା, କଭରର ବି ମୂର୍ତ୍ତିଙ୍କ ସ୍ଥାନ ଏ ତିନହେଁ ଦଖଲ କଲେ । ଜଣେ ଛବିର ଗ୍ରୁଡରେ ଆଙ୍ଗୁଳି ଦେଇ କହିଲା, 'ଏ ଶାନଭୂଅମନ୍' । ଅନ୍ୟ ଜଣେ ସେମିତି କଲା, କହିଲା, 'ଏ ପ୍ରଷାନ୍ ବେଷା' । ଆଉ ଗୋଟାକ ଉପରେ ଦୁଇଜଣ ଏକାବେଳେ ଆଙ୍ଗୁଳି ମାରି କହିଲେ, 'ସୁଲକ୍ଷଣା ପଣ୍ଡିତ' 'ମାନ୍ତୁ ସିଂ' ଏବଂ ବାକି ମଗ୍ନମରି ଲଗିଲେ । ବୋନସ୍, ଷ୍ଟ୍ରାଇକ୍, ଇଉନିୟନ ସବୁ ଭୁଲିଗଲେ । ଆମେ ସେତେବେଳେ ସେକ୍ସ ଓ ପଲିଟିକ୍ସର ଆବର୍ତ୍ତ ମଧ୍ୟରେ ଘାଣ୍ଟି ଚକଟି ହୋଇ ଉବୁଟୁବୁ ହେଉଥାଉ ଏବଂ ମନେ କରୁଥାଉଁ ପ୍ଲାଟଫର୍ମର ମଣିଷ ଓ କୁଲିରଙ୍କ ଉପାଖ୍ୟାନ ।

କେବଳ ଜଣେ କୁଲି ପ୍ରଥମରୁ ଚୁପ୍‌ଚାପ୍ ବସିଥାଏ ଆଖି ବନ୍ଦ କରି । ହୁଏତ ଥକିଯାଇଥାଏ, ହୁଏତ ମଦନିଶା ଧରିଥାଏ, ହୁଏତ ବୋନସ୍, ଡ.ଏ. ଯାହା ମିଳୁଛି ତାହା ତା ଯୋଗ୍ୟତାକୁ ଚାହିଁ ଢେର ଭାବୁଥାଏ, ହୁଏତ ପାଓ୍ୱାର, ଆନ୍ଦୋଳନ ଏ ସବୁ କିଛି ସେ ବୁଝେ ନାହିଁ; ହୁଏତ ସେ ତା ଘର କଥା, ଛୁଆପିଲଙ୍କ କଥା ଭାବି ଗୁମ୍ ମାରି ବସିଥାଏ । ତିନି ସିନେମା ଷ୍ଟାରଙ୍କୁ ନେଇ ଚାରି ସଙ୍ଗାତ ଯିମିତି ବାଦବିସମ୍ବାଦ ଆରମ୍ଭ କରି ଖୁବ୍ ଚିତ୍କାର କଲେ ସେ ବଗୁବଗୁ ଆଖି ମିଟିଆଇଲା; ବାଣିଗଲା ଅମୃତ ଫଳ ସବୁ । ପ୍ରଥମେ ସୁରମାଲଗା ଆଖିରେ ମୁରୁକି ହସିଲା ଓ ତାପରେ ଜୋରରେ ସେମାନଙ୍କ ସାଙ୍ଗରେ ଠୋ ଠୋ ହସି କହିଲା, "ଏ ବାବୁଟା ଖୁବ୍ ଚାଲାକ ଅଛି, ଏ ତିନିଙ୍କ ଛବି ଦେଖାଇ ଆମର ବୋନସ୍, ଡ. ଏ. ସବୁ ଦାବୀକୁ କୁଆଡ଼େ ଉଡ଼େଇ ଦେଲା । ଲୋକଟା ଖୁବ୍ ରସିକ୍ ଅଛି । ଅଛା ତାମସା ଜାଣେ ।"

ଆରେ ଏଇ ତ ସେଇ ଲୋକ । ଦଣ୍ଡେ ଆଗରୁ ମୋତେ ଆଖିଠାରି ମୁରୁକି ହସି ମୋତେ ତା' ଆଗ ସିଟ୍‌ରେ ବସିବାକୁ ଡାକୁଥିଲା । କେତେ ଆଗ୍ରହରେ । ମୁଁ ତାକୁ ବାଜେ ଲୋକ ପାଗଳ ଭାବି ତା ଉବା ଗୁଡ଼ ଏଇ ଇଞ୍ଜିନ୍ ପାଖ ଡବାକୁ ପଳାଇ ଆସିଛି । କେତେ କୃତଘ୍ନ ସତେ ମୁଁ । ଯେଉଁ ଲୋକ ମୋର ରଙ୍ଗରସ ବୁଝିଲା, ଏତେ ଦରଦ ଦେଇ ମନେ ରଖି ପାରିଲା, ତାକୁ ମୁଁ ବାଜେ ଲୋକ ଭାବିଲି ।

Digitized by PPRACHIN, SOA

ଭରି ଖୁସି ଲାଗିଲା ଏତେ କଷ୍ଟରେ ତାକୁ ସ୍ମୃତିପଟରୁ ଉଦ୍ଧାର କରିପାରି । ପରବର୍ତ୍ତୀ ଷ୍ଟେସନରେ ଡ଼ବା ବଦଳ କରି ତା ପାଖକୁ ଗଲି ଏବଂ ଝାଳୁଆ ଦେହକୁ କୁଣ୍ଢେଇ ପକାଇ କହିଲି, "ଭାଇ ! ମୋର ଭୁଲ ହୋଇ ଯାଇଛି, ତୁମେ ମୋତେ ଚିହ୍ନିଲ, ମୁଁ ତୁମକୁ ଚିହ୍ନିପାରିଲି ନାହିଁ । ହେଉ ଜ୍ଞାନକରି ତୁମକୁ ଛାଡ଼ି ଅନ୍ୟତ୍ର ଚାଲିଗଲି । ସେଇ ତ୍ରିମୂର୍ତ୍ତିଙ୍କ ଛବି ଆଉ ସେଇ ତିନିଜଣଙ୍କ ଛବି ମନେ ପଡ଼ୁଛି ନା ?" ସେ ମୂରୁକ ହସିଲା ସୁରମାଲଗା ଆଖି ଭୂରୁ ନଚାଇ । ପ୍ରଦୀପ ସେ ହସ ଦେଖିବାକୁ ନ ଥିଲା ।

# ଅବାଞ୍ଛିତ

ଭାରି ଇଚ୍ଛା ହେଲା ବୁଢ଼ାକୁ ଥରେ ଦେଖି ଆସିବି । ସତର ବର୍ଷ ତଳେ ଯାହା ଦେଖା ସାକ୍ଷାତ ହୋଇଥିଲା । ବୁଢ଼ା ଏବେ ଆଉ ମୋ କଥା ବୁଝାମଣା କରେନାହିଁ । କମିତି କରନ୍ତା ? ତା ନିଜ ଘର କଥା ତ ଭାବି ଭାବି ଦାରୁଭୂତ (ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ) ହୋଇଛନ୍ତି । ମୋ ଘର କଥା ବୁଝିଲେ ସେ ପାଷାଣ ପାଲଟିଯିବ ଯେ । ହେଲା, ସେ ମୋ କଥା ନ ବୁଝିଲା, ମୋ ଘର ତ ଜଳପୋଡ଼ି ଯାଉଛି । ତାକୁ ଅଭିମାନ କରି ମୋ କର୍ତ୍ତବ୍ୟରେ ତ୍ରୁଟି କରିବି କାହିଁକି ? ଯିବି, ଦେଖା କରିବି; ଦେଖା ଦେବ ତ ସେକ୍ ହ୍ୟାଣ୍ଡ୍ କରି (ଓହୋ ! ତାର ହାତ ପାପୁଲି ନାହିଁ !) ପଚାରିବି 'ହ୍ୟାଲୋ ଓଲ୍ଡ୍‌ମେନ ! ହାଓ ଡୁ ଇଉ ଡୁ ?' ସେ ହୁଏତ ପାଟିଟାକୁ ହାତେ ( ତାକୁ କି ମାପି ହବ ? ) ମେଲା କରି ହସିବ ।

ମାଳଞ୍ଚପାଟପୁର ଷ୍ଟେସନ ପାଖରୁ ତା ସ୍କାଇସ୍କ୍ରେପରଟାକୁ ଦେଖି ଛାତି କୁଣ୍ଢେମୋଟ ହୋଇଗଲା । ନବୀନପଥଗାମୀ ଭବନ୍ତୁ ମେ—ଗାଇଦେଲି । ଘନ ନୀଳ ବନାନୀ ଭିତରୁ ଗୋଜିଆ ଘରଟା ମେଘକୁ, ଆକାଶକୁ ଭେଦି ଯାଉଛି । ଏଇଠୁ ମୋ ଭାବନାଗୁଡ଼ାକ ତା ବାନା ପରି ଫୁରୁଫୁରୁ ଉଡ଼ିବାକୁ ଲାଗିଲା । ଜନ କୋଳାହଳ ଦୂରରେ, ଭକ୍ତର ଆର୍ତ୍ତନାଦ ଶୁଭୁ ନ ଥିବା ଗମ୍ଭିରାରେ ଭାଇ ଭଉଣୀଙ୍କ ଧରି ଷାଠିଏ ପଉଟି ଅନ୍ନ ଭୋଜନ କରି ଟେକାମାଡ଼ି ବସି ଯାଇଥିବ ଜଗତ ଉପରେ । ବେପରୁଆ ମେଜାଜରେ । ଆସୁ ବାତ୍ୟା, ଆସୁ ବଜ୍ର, ଆସୁ ଭୂମିକମ୍ପ । ପୋଲ୍-ଫାଙ୍କିଆର କଛି ଯାଏ ଆସେ ନାହିଁ; କଛି ଉଣା ବି ହବ ନାହିଁ ତାର ।

ବନ୍ଧୁବାସଙ୍କୁ କାହିଁକି ହଇରାଣ କରିବି । ମଶା, ମାଛି, ଗୁହାରପୋକ ଯାହା ଯେତେ ହଇରାଣ କରନ୍ତୁ ପଛେ କେଉଁଟା ଘଣ୍ଟା କେଉଁଠି ହେଲେ

Digitized by PPRACHIN, SOA

କଟାଇ ଦେବ ଭାବ ଧୁଧୁବାଲ୍ ଧର୍ମଶାଳା ଆଗରେ ରିକ୍ସା ଠିଆ କରି ଭିତରକୁ ପଶିଗଲି ।

'ଜାଗା ମିଳିବ ?' ପଚାରିଲି ବାରଣ୍ଡାରେ ଚିତାଚୈତନ ହୋଇ ବସିଥିବା ପେଣ୍ଟୁଆ ଲୋକଟାକୁ । ପ୍ରାଇମେରୀ ସ୍କୁଲ ପିଲାଏ ଭୂଇଁରେ ବସି ଲେଖାଲେଖି କରୁଥିବା ଡେସ୍କଟାଏ ତା ଆଗରେ । ଠିପିବାଲ୍ ସୀସା ଦୁଆତରୁ ପରକଲମରେ ବୁଡ଼ାଇ କ'ଣଗୁଡ଼ାଏ ଅଦ୍ଭୁତ ଅକ୍ଷରରେ ଲେଖୁଥାଏ । ବୋଧହୁଏ ସୀଆରାମ ସୀଆରାମ ।

ମୋ ଆଡ଼କୁ କଣେଇ (ନା, ନା, ଲୋକଟା ଯାତ୍ରୀମାନଙ୍କୁ ସନ୍ଦେହ ଚକ୍ଷୁରେ ଚାହିଁ ଚାହିଁ ଏମିତି ଟେରା ହୋଇ ଯାଇଛି) ମୁଣ୍ଡ ଉଠେଇ ପଚାରିଲା ତା ଘରୋଇ ଭାଷାରେ, 'କଣ ଚାହୁଁଛ ?'

'ଜାଗା ! ଏଠି ରହିବାକୁ ଜାଗା ମିଳିବ ? ରାତିରେ ?'

'କେତେ ଜଣ ? ଆଉ କେତେ ଜଣ ସାଙ୍ଗରେ ?'

'କେହି ନାହିଁ, ମୁଁ ଏକା ।'

'ଜଗନ୍ନାଥ ଦର୍ଶନକୁ ଆସିଛ ?'

'ହଁ ।'

'ରୁମ୍ ଖାଲି ନାହିଁ'—କହି ଲୋକଟା ଅପାଠୁଆ ପିଲାଙ୍କ ପରି କାଗଜରେ ପୁଣି ଗାରେଇବାକୁ ଲାଗିଲା ।

'ବହୁତ ରୁମ୍ ଖାଲିଥିଲା ପରି ଲାଗୁଛି । ମୋତେ ଗୋଟାଏ ସିଙ୍ଗଲ ରୁମ୍ ଦିଅନ୍ତୁ ।'

'ରୁମ୍ ଅଛି । କିନ୍ତୁ ସେସବୁ ଫେମିଲି ଜନାନା ପାଇଁ ।'

'ମୋର ତ ଫେମିଲି ଜନାନା ନାହିଁ ! ଆଣିବି କେଉଁଠୁ ? ଧର୍ମ ପାଇଁ କ'ଣ ନିହାତି ଜନାନା ଦରକାର ?'

'ମୁଁ ଏତେ ପ୍ରଶ୍ନର ଜବାବ ଦେଇ ପାରିବି ନାହିଁ । ମାଲିକର ହୁକୁମ ନାହିଁ । ବିନା ଜନାନାରେ ମୁଁ ଆପଣଙ୍କୁ ରୁମ୍ ଦେଇ ପାରିବି ନାହିଁ ।'

Digitized by PPRACHIN, SOA

'ମୁଁ ତେବେ କ'ଣ କରିବ ?'

'ହୋଟେଲକୁ ଯାଉ ନାହାନ୍ତି ? ଯାହାର ଜନାନା ନାହିଁ, ତାର ଘର ହୋଟେଲ ସବୁ ସମାନ ।'

ଭାଗ୍ୟକୁ ଚମଡ଼ା ସୁଟ୍‌କେଶ ଛଡ଼ା ଅନ୍ୟ କିଛି ଆସବାବ ପତ୍ର ସଙ୍ଗରେ ଆଣି ନ ଥିଲି । ରିକ୍‌ସାବାଲାକୁ ବିଦାୟ ଦେଲି । ଚପଲ ଯୋଡ଼ାକ ଗରୁଡ଼ ସ୍ତମ୍ଭ ପାଖରେ ଆଉ ସୁଟ୍‌କେଶ୍‌ଟା ପୁରୁଣା ଚିହ୍ନା ଫଳବାଲାର ଦୋକାନରେ ରଖି ଦେଇ ମନ୍ଦିର ଭିତରକୁ ପଶିଗଲି ।

ବାଇଶି ପାହାଚ ଉଠୁଥାଏଁ, ମନେ ପକାଉଥାଏଁ ପଚିଶ ବର୍ଷ ତଳେ କିମିତି ଗାଁ ପୁରୋହିତ ଦୀନ ସ୍ୱାଇଁଙ୍କ ସାଙ୍ଗରେ ପ୍ରଥମ ବାରଟା ବେଳେ ଆସିଥିଲୁଁ ସେଇ ବାଟରେ ଗୋଟାଏ ପ୍ରାର୍ଥନା ନେଇ । ବୁଢ଼ା ଆମର ସେଇ ପ୍ରାର୍ଥନା ପୂରଣ କରିଥିଲା । ଗିଭ୍ ଦି ଡେଭିଲ୍ ହିଜ୍ ଡିଉ ।

ସନ୍ଧ୍ୟା ଆରତିର ଘଣ୍ଟା କାହାଳର ମନ୍ଦ୍ର ନିନାଦ ମନ୍ଦିର ଭିତରେ ଖେଳି ବୁଲୁଥାଏ । ଚନ୍ଦନ ଅର୍ଗଳି ପାଖରେ ତରବର ହୋଇ ପହଁଚିଗଲି ।

ମାତ୍ର ଏ କଣ ? ଧୀରେ ଧୀରେ ସେ ବଡ଼ାଟ କବାଟର ଶେଷ ଫାଙ୍କ ଠିକ ବି ବନ୍ଦ ହୋଇଗଲା, ମୃଦଙ୍ଗ, ଶଙ୍ଖ, ଭେରୀତୂରୀର ଗୁଞ୍ଜନ ମଉନ୍ତ୍ର ନ ମଉନ୍ତ୍ରଣ୍ଟ ।

ଓଲ୍‌ଡମେନ୍ । ଚିଡ଼ି ଯାଇଛି । ଦେଖା ଦବନି ବୋଧହୁଏ । ହେଉ ଦେଖେଁ କେତେ ସମୟ କବାଟ କିଳ ରହିବ । ନିଃଶ୍ୱାସ ବନ୍ଦ ହୋଇ ଯିବନି ?

କବାଟ ଫାଙ୍କର କଣାଟା ଦେଇ ଗୋଟାଏ ଆଖିରେ ତାକୁ ଦେଖିବାର ଚେଷ୍ଟା କଲି । ସେମିତି ସେତିକି ଦର୍ଶନ ମିଳିଥିଲେ ବି ମନ ମାନି ଯାଇଥାନ୍ତା । ଦୂରରୁ ପତିତପାବନଙ୍କୁ ଦେଖି ତ ଅନେକ ପାପୀ କୃତକୃତ୍ୟ ହୋଇଛନ୍ତି ! କିନ୍ତୁ ବୁଢ଼ାର ମତଲବ ଜାଣିବା ଦରକାର । ମୋତେ ମୁହଁ ଲୁଚଉଛି ? ନା ମୋ ମୁହଁ ଚାହିଁବ ନାହିଁ ?

କି ଆଶ୍ଚର୍ଯ୍ୟ ! ପାଖ ସାଥୀ ଯାତ୍ରୀମାନେ ଯାହା ଦେଖିଲେ ମୁଁ ତା' ବି ଦେଖି ପାରିଲି ନାହିଁ । ସେମାନେ ଅଷ୍ଟକ ଗାଇଲେ, ଲମ୍ବତମ୍ବ ହୋଇ

Digitized by PPRACHIN, SOA

ଆନନ୍ଦ ଗଦ୍ ଗଦ୍ ହୋଇ ଭୂଇଁରେ ପଡ଼ିଗଲେ । ଗୋଟାଏ ଆଖି ବନ୍ଦ-କଲାରୁ ଅନ୍ୟ ଆଖି ବନ୍ଦ ହୋଇଗଲା । ଭିତର ଦୃଶ୍ୟ କିଛି ଦିଶିଲା ନାହିଁ । ମୁଁ ବି ଲମ୍ବତମ୍ବ ହୋଇ ଦଣ୍ଡେଯାଏ ପଡ଼ିଲି । କିନ୍ତୁ ଯେଉଁ ଛବି ଦେଖିଲି ତାହା ଗୋଳମାଳିଆ; ଅନ୍ଧାର, ଅନ୍ଧାର କଟିମିଟିଆ ଅନ୍ଧକାର । ତା ଭିତର କଳାରଙ୍ଗ ଯିମିତି ସବୁ ଆରଶି ଉପର ସବୁ ଆଲୁଅ ଶୋଷିନେଇ ଧୂପ ଧୂଆଁରେ ମିଶି ଏକ ସର୍ବମୟ ଘନ ନିରନ୍ତ୍ର କାଳିମା ବିସ୍ତାରି ଦେଇଛି ।

କିଛି ବୁଝି ପାରିଲି ନାହିଁ । କାଳେ କିଛି ଖିଅ ପାଇବି ଭାବି ଚାଲି-ଗଲି ଲକ୍ଷ୍ମୀ ମନ୍ଦିରକୁ । ସେଇ ମନ୍ଦିରକୁ ଯେଉଁଠାକୁ ଯାଇଥିଲି ସେଇ ସତରବର୍ଷ ତଳେ ଅନ୍ନପୂର୍ଣ୍ଣାର ଜିଦ୍ରୋଧ ଏଡ଼ି ନ ପାରି । ଲକ୍ଷ୍ମୀ ମନ୍ଦିରକୁ ମୁଁ ଯାଏନାହିଁ କାରଣ ମୋର ଧନସମ୍ପଦ ଲୋଡ଼ା ନାହିଁ । ଲକ୍ଷ୍ମୀ ଚଞ୍ଚଳା, ଆଜି ଅଛି କାଲି ଚାଲିଯିବ । ମୋ ସ୍ତ୍ରୀ ପ୍ରତିଦିନ ଯାଉଥିଲେ ପୁରୀରେ ଯେତେ ଦିନ ଥିଲେ ମାତ୍ର ଲକ୍ଷ୍ମୀ ତାଙ୍କ ପ୍ରତି ପ୍ରସନ୍ନା ହୋଇଥିବାର କିଛି ପରିଚୟ ସେ ମୋତେ ଦେଇଯାଇ ନାହାନ୍ତି ।

ମାତୃଜାତିର ଦୟା ଅଛି ପୁରୁଷ ଜାତି ପ୍ରତି, ଭାବିଲି । ମାତ୍ର ଏ କଣ ? ମୁଣ୍ଡିଆ ମାରିଛି କି ନାହିଁ ଇଲେକ୍‌ଟ୍ରି ଆଲୁଅ ଦପ୍‌କରି ଲିଭିଗଲା । ଘିଅ ଦୀପରେ ଲକ୍ଷ୍ମୀ ଠାକୁରାଣୀଙ୍କ ମୁହଁଟା ଦେଖିଲାବେଳକୁ ମୋତେ ଅପରାଧୀ ପରି ଲାଗିଲା । ଯେମିତି ମୋର ଶାସ୍ତି ଦରକାର । ଜଗାବଳିଆ ଲକ୍ଷ୍ମୀଙ୍କ ପ୍ରତି ଦ୍ରୋହ କରି ଯେଉଁ ଔଦ୍ଧତ୍ୟ ଦେଖାଇଥିଲେ ତାଙ୍କର ଶାସ୍ତି କଥା ମନେ ପଡ଼ିଲା । ଲକ୍ଷ୍ମୀଛଡ଼ା ହୋଇ ବିହେଁଯାକ ପ୍ରାପ୍ୟ ପାଗଳ ହୋଇ ଯାଇ ନ ଥାନ୍ତେ ? ଠାକୁରାଣୀ ଯିମିତି ମୋତେ କଟାକ୍ଷ ଦେଇ କହୁଛନ୍ତି, "ତୋ ସ୍ତ୍ରୀ କୁଆଡ଼େ ଗଲା ? ବିନା ସ୍ତ୍ରୀରେ ଧର୍ମ ଅର୍ଜିବୁ ? ପଳା, ଯା, ପଳା ।"

କୁଆଡ଼େ ଯିବି ? ଲୋକେ ପୁରୀ ଆସନ୍ତି ଜଗନ୍ନାଥ ଦର୍ଶନକୁ ନ ହେଲେ ସମୁଦ୍ର କୂଳକୁ । ପୁରୀରି ସମୁଦ୍ର କୂଳ ପରି କୂଳ ଅଛି କେଉଁଠି ? ଦୀଘା, ଗୁନ୍ଦପୁର, ଗୋପାଳପୁର, ଭାଇଜାଗ—କେଉଁଠି ଏମିତି ବୈଚିତ୍ର୍ୟମୟ କୂଳ ? କ୍ଷଣକ୍ଷଣକେ ନୂଆ ରୂପ ମହୋଦଧିର ।

Digitized by PPRACHIN, SOA

କାଉଁଳିଆ ଆକାଶରେ ମ୍ଳାନ ଫିକା ଆଲୁଅ ବଞ୍ଚୁଉ ଧୀରେ ଧୀରେ ଯାଉଥାଏ ସ୍ୱର୍ଗଦ୍ୱାର ଅଭିମୁଖରେ, ଷଷ୍ଠୀ ସପ୍ତମୀର ଜହ୍ନ ।

ହଗବାରଣ ଖୁଣ୍ଟି ପହଞ୍ଚ ଆଗକୁ ଗୃହିଁଲି । ଅଭାଗା ଯେଉଁଠିକି ଯାଏ ସେଠି ସମୁଦ୍ର ବି ଶୁଖିଯାଏ । ଶୁଖି ନ ଗଲେ ବି ବହୁଦୂର ଘୁଞ୍ଚି ଯାଇଛି । କେଉଁ ଏକ ଉଆଁସ ରାତର ଅନ୍ଧାରରେ ଉତ୍‌ଥଳ ହୋଇ ନାଚ କୁଦ ନିଜ ରାସ୍ତାରେ ଏତେଗୁଡ଼ାଏ ବାଲି ଜମା କରି ଦେଇଛି ଯେ ଆଉ ପୁଣି ଉପକୂଳ ଛୁଇଁ ପାରୁନି । ବହୁତ ଦୂରରେ ବାଳିଗଦା ତଳେ ଧୀରେ ଧୀରେ ଅଳ୍ପ ବାଟ ଆସୁଛି ମୁଣ୍ଡ କୋଡ଼ୁଛି, ଫେରି ଯାଉଛି ମ୍ରିୟମାଣ ହୋଇ ।

ଦେଖିଲି, ନୁହେଁ ଅନ୍ଧାର ନୁହେଁ ଆଲୁଅ ଏମିତି ଗୋଟାଏ ଜାଗାରେ ଧାଡ଼ି ଧରି ଯୋଡ଼ିକୁ ଯୋଡ଼ି କରି ବ୍ୟବଧାନ ରଖି ଲଗାଲଗି, ଲଦାଲଦି ହୋଇ ବସିଯାଇଚନ୍ତି ଯୁଗଳ ମୂର୍ତ୍ତି ସବୁ । ସମୁଦ୍ରର ଶୀକରଶୀତ ବାୟୁ ଗରମ ଗାଲଗୁଡ଼ାକ ଟିକିଏ ପୋଛିପାଛି ଥଣ୍ଡା କରି ଦେଉ ଏଇ ମତଲବରେ । ସମୁଦ୍ର କୂଳରେ ବି ଏମାନଙ୍କୁ ଏତେ ଗରମ ଲାଗୁଛି ?

ସୁଟ୍‌କେଶ୍ ଧରି ସେମାନଙ୍କ ଧାଡ଼ିରୁ ଟିକିଏ ଦୂରେଇ ଚାଲିବାକୁ ଆରମ୍ଭ କଲି ନିଘୁଞ୍ଚିଆ ଜାଗା ହାତେ ସନ୍ଧାନରେ । ଚାଲୁଥାଏଁ, ନିଜକୁ କେଉଁ ଏକ ଅସରନ୍ତି ନରକ କୁଳର ପ୍ରେତାତ୍ମା ବୋଲି ଭାବୁଥାଏଁ । ବସିଥିବା ଲୋକଗୁଡ଼ାକ ବି ମୋତେ ଅବାଞ୍ଛିତ ପ୍ରେତପୁରୁଷ ଭାବି ଚମକି ଆଉ ବା ଅଲଗା ହୋଇ ଯାଉଥାନ୍ତି । ଘୃଣା ଓ ମନସ୍ତାପରେ ମୋର ମନ ଭରପୂର ।

ଯାଉଁ ଯାଉଁ ଦେଖିଲି, ଗୋଟାଏ ସ୍ଥାନରେ ବୋଧହୁଏ ହନିମୁନ୍ ପାଇଁ ଆସିଥିବା ସ୍ୱାମୀ ସ୍ତ୍ରୀଙ୍କି । ସ୍ତ୍ରୀଟି ସ୍ୱାମୀ କାନ୍ଧରେ ମୁଣ୍ଡ ଆଉଜାଇ ବସିଥିଲି; ତାର ଶୁଭ୍ର ପାଦର ଅଳତା ବି ମୁଁ ଦେଖି ପାରୁଥିଲି । ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ଟେକି ଦେଇ ଗୋଡ଼ ଦୁଇଟାକୁ ସମୁଦ୍ରର କୁନି କୁନି ଢେଉ ଆଡ଼କୁ ଲମ୍ବାଇ ଦେଇଥାଏ । ସମୁଦ୍ର ପାଣି ଆସି ତା ପାଦକୁ ସଲସଲ କରି ଦେଇ ଫେରିଯାଉଥାଏ । ସେ ଗୋଡ଼ ଟେକି ଆଣେ ପୁଣି ଲମ୍ବାଇଦିଏ । ସେ

Digitized by PPRACHIN, SOA

ହସେ, ତା ସ୍ୱାମୀ ହସେ; ଦୁହେଁ ହସନ୍ତି । ମୋତେ ଦେଖିଲାରୁ ତାଙ୍କ ନର୍ମଳ ହସ ବନ୍ଦ ହୋଇଗଲା ।

ଏଠି ବି ମୋତେ କେହି ଗୃହୁ ନାହାନ୍ତି । ନା ଧର୍ମଶାଳାର ଗୋମାସ୍ତା, ନା ଜଗାବଳିଆ, ନା ମା ଲକ୍ଷ୍ମୀ, ନା ଏ ସମୁଦ୍ର କୂଳର ଯୁଗଳ ମୂର୍ତ୍ତିମାନେ; ସଭିଙ୍କ ଆଗରେ ମୁଁ ଗୋଟାଏ ଅବାଞ୍ଛିତ ଜୀବ ପିମିତି ।

ମୁଣ୍ଡ ପୋତି କୂଳର ହୋଟେଲ ଆଡ଼କୁ ଯାଉଛି ହଠାତ୍ ମନକୁ ଗୋଟାଏ ବୁଦ୍ଧି ଆସିଲା ।

ସିଧାସଳଖ ହୋଟେଲ ଭିତରକୁ ଯାଇ ମାଲିକକୁ ପଗ୍ଗରିଲି, "ରୁମ୍ ମିଳିବ ? ସିଙ୍ଗ୍ଲ ରୁମ୍ ?"

"ହଁ ଖାଲି ଅଛି ।"

"କେତେ ପଡ଼ିବ ?"

"ତିରିଶି ।"

"ସ୍ତ୍ରୀ ମିଳିବେ ?" ଦୋଷୀ ପରି ଅନୁଚ୍ଚ ଗଳାରେ ସାହସ ବାନ୍ଧି ପଗ୍ଗରିଲି ।

"ମିଳିବେ । କେତେ ଟଙ୍କାର ?"

"ପଗ୍ଗଶ, ଶହେ ଯାହା କହିବେ, ମାଲ୍ ନେଇ ଦାମ୍ ।"

"ବେଶ୍, ରାଜି । ରୁମ୍ ଖୋଲିଦିଅ, କିଏ ସେ ସ୍ତ୍ରୀଲୋକ ଡାକ, ଶୀଘ୍ର ।"

ଦଶ ମିନିଟ ଭିତରେ ରୁମ୍ ନେଇ ପୁଣି ଯିବାକୁ ପ୍ରସ୍ତୁତ ହୋଇଗଲି । ସ୍ତ୍ରୀଲୋକଟା ବି ଆସିଗଲା । ଟିକିଏ ନାଟକୀୟ ଗଳାରେ ତାକୁ କହିଲି, "ସିନ୍ଦୂର ଲଗାଇ ଆସ ।"

ଟେହେଲିଇ ହୋଇ ନାକି ଫୁଲାଇ ସେ କହିଲା, "କପାଳରେ ନାଇବ, ସୁନ୍ଥାରେ ନୁହେଁ ।"

"ହେଉ, ସେତିକି ଡେର ।"

Digitized by PPRACHIN, SOA

ଏଥର ନିଷ୍ଟୟ ବୁଢ଼ା ଦେଖା ଦବ । ମୁଁ ଆଉ ଅବାଞ୍ଛିତ ନୁହେଁ । ରିକ୍‌ସାଟାଏ ଭଡ଼ା କରି ଗଲିଲୁଁ ଦୁହେଁ ମନ୍ଦିରକୁ ।

ସତକୁ ସତ ମନ୍ଦିର ଦ୍ୱାର ଖୋଲିଥିଲା । କେବଳ ଖୋଲା ନୁହେଁ, ଫାଙ୍କା; ଯାତ୍ରୀଶୂନ୍ୟ । ଏମିତି ଦେବଦର୍ଶନ କେବଳ ଭାଗ୍ୟବାନଙ୍କୁ ମିଳେ । ମୋର ହୃଦ୍‌ବୋଧ ହେଲା, ସ୍ତ୍ରୀ ସାଙ୍ଗରେ ନେବା ବୁଦ୍ଧିକୁ ବୁଢ଼ା ତାରିଫ୍ କରୁଛି ।

କିନ୍ତୁ ଙ୍କରେ ପଶୁ ନ ପଶୁଣୁ ମୁଣ୍ଡରେ ଚନ୍ଦନ ଅର୍ଗଳଟା ଏତେ ଜୋର୍ ବାଡ଼େଇ ହେଲା କାହିଁକି ? ପିଠିର ହାଡ଼ଟା କାଠଟାରେ ପ୍ରାୟ ଲାଗି ଯାଇଥିଲା ।

ଦୁହେଁ ଏକାବେଳେ ଧଡ଼ଧଡ଼ ହୋଇ ସିଂହାସନ ଆଗକୁ ଗଲିଗଲୁ । ସ୍ତ୍ରୀଲୋକଟା କ'ଣ ଭାବୁଥାଏ କେଜାଣି ! ମୁଁ ଯାହା କହୁଥାଏ ସେ ତାହା ବଶ୍ୟା ସ୍ତ୍ରୀ ପରି ପାଳନ କରୁଥାଏ । ଠିକ୍ଟା ନେଇଛି, ଯିବ କୁଆଡ଼େ ? ସେ ମୋର ପାଖରେ ଛିଡ଼ା ହୋଇଥାଏ ।

ଆଖି ବନ୍ଦ କରି ବୁଢ଼ାକୁ ଧ୍ୟାନ କରି ହାତ ଯୋଡ଼ି ଆରମ୍ଭ କରିଦେଲି ଜଗନ୍ନାଥାଷ୍ଟକ । "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ" ଗାଇଲାବେଳକୁ ଗଳାସ୍ୱର ମନ୍ଦିର ଭିତରେ ପ୍ରତିଧ୍ୱନିତ ହେଉଥାଏ, ମୋର ହୃଦୟ ଓ ମନ ପ୍ରକମ୍ପିତ ହେଉଥାଏ । ଅପୂର୍ବ ଅନୁଭୂତି !

ଅଷ୍ଟକ ସରିଲାରୁ ଆଖି ମେଲି ଚାହିଁଲି । ଏ କି ରୂପ ? ବୁଢ଼ା ଏମିତି ଚାହିଁଛି କାହିଁକି ? ଆଖି ଦୁଇଟା ଏକାବେଳକେ ଉତ୍ତପ୍ତ ଚନ୍ଦ୍ର ସୂର୍ଯ୍ୟ ପରି ରକ୍ତବର୍ଣ୍ଣ ଓ ଭସ୍ମ କରିବାକୁ ଉଦ୍ୟତ !

ତତ୍‌କ୍ଷଣାତ୍ ଲମ୍ବତମ୍ବ ହୋଇ ପଡ଼ିଗଲି ଓଦା ଚଟାଣରେ ଏବଂ ହାତଯୋଡ଼ି ଆରମ୍ଭ କରିଦେଲି "ପ୍ରଣମାମି ଦେବାଂସ୍ତବ ଦେବ ଦେବେ ।" ଶ୍ଳୋକ ପରେ ଶ୍ଳୋକ ଗାଇଁ ଚାଲିଥାଏ, ଦେହରେ ତେଜ ପରି ପୁଲକ ପରେ ପୁଲକ ଉଠୁଥାଏ ଶ୍ଳୋକର ପାଦକୁ ପାଦ । ଯିମିତି ପଢ଼ୁଛି "ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି...କାଳାନଳ ସନ୍ନିଭାନି" ସିମିତି ଜଣାଗଲା ଯିମିତି ମୋତେ କିଏ ଅଙ୍କୁଶରେ ଟେକାଳ ନେଇ ତା ଜଙ୍ଘ

Digitized by PPRACHIN, SOA

ଉପରେ ଚିତ୍ତ କରି ଶୁଆଇ ଦେଲି । ବାବା କି ଭୀଷଣ ମୂର୍ତ୍ତି ! ଯାହା ମୁଁ ଦେଖିଥିଲି ପିଲାଦିନେ ଖ୍ରୀଚଙ୍ଗ ସ୍ତମ୍ଭିତ ହୋଇ କେଉଁ ଏକ ମନ୍ଦିରରେ । ଜଗନ୍ନାଥଙ୍କ ନରସିଂହ ମୂର୍ତ୍ତି । ହିରଣ୍ୟକଶିପୁ ବିଦାରଣ କରିବାର ରୂପ । ମୋ ପେଟ କିଏ ଚିରି ଦେଲା ପରି ଲାଗିଲା । ପେଟା ଫୁଲାଇ ଆକାଶପାତାଳ ଲମ୍ବି ମୂର୍ତ୍ତି ନଖ ଦାନ୍ତରେ ମୋର ଅନ୍ତବୁଜୁଳା ବାହାର କରି ଚିରିଭିଣି ଦେଉଛି । ଆହୁରି ଦେଖିଲି, ମୋ ସବା ସାନପୁଅଟି (ଯେ ତା ମା ସାଙ୍ଗରେ ଚାଲି ଯାଇଛି) ବିଗ୍ରହ ହାତଯୋଡ଼ି ପ୍ରହଲାଦ ପରି ଛିଡ଼ା ହୋଇଛି ନଇଁ ପଡ଼ିଥିବା ମୋର ମୁଣ୍ଡଟା ପାଖରେ । ପ୍ରସାଦ ଦେବେଣି ଜଗନ୍ନିବାସ ।

ଦୁଃସ୍ୱପ୍ନ ଦେଖି ହାଉଳି ଖାଇଲି ଭଳି ହୋଇ ତଡ଼ବଡ଼ ଛିଡ଼ା ହୋଇଗଲି । ଗଦ ଗଦ ହୋଇ ଦେହରୁ ଝାଳ ବହି ଯାଉଥାଏ । ବୁଢ଼ା ଯେମିତି ନିବାକ ନିସ୍ପନ୍ଦ । ଦେହଟା ଥଣ୍ଡା ହୋଇଯିବ ବୋଲି ଭୟ ହେଉଥାଏ । ନିଃଶ୍ୱାସ ଫେରି ପାଇ ମ୍ୟାଡ଼ି ସିଆଡ଼େ ଚାହିଁଲି । ଦେଖିଲି, ସ୍ତ୍ରୀଲୋକଟା ମୋ ପାଖରେ ନ ଥିଲା । ବୋଧହୁଏ ମୋର ଅସ୍ୱାଭାବିକ ବ୍ୟବହାରରେ ଭୟ ପାଇ ଜୀବନମୂର୍ଚ୍ଛା ଧାଁ ଦଉଡ଼ି କରି ହୋଟେଲକୁ ଫେରିଯାଇଛି ।

ନିଃଶ୍ୱାସ ପୂରା ମାରିପାରୁ ନ ଥାଏଁ; ଛାତିର ଡପ୍ ଡପ୍ ଆବାଜ କାନରେ ବାଡ଼େଇ ହେଉଥାଏ । ଉଭୟ ଦେହ ଓ ମନର ଦୁର୍ବଳତମ ଅବସ୍ଥାରେ ସହାୟ ଖୋଜିଁ ଖୋଜିଁ (ଯାହାକୁ ପରମ ଆଶ୍ରା ଓ ସହାୟ ଭାବିଥିଲି ସେ ତ ଚିରିଦେଲା) ପାଇଲି ଜଣେ ପଣ୍ଡାଙ୍କୁ—ରାମଚନ୍ଦ୍ର ପଣ୍ଡା, ଆମରି ପଣ୍ଡା, ଆମ ମୟୂରଭଞ୍ଜର ପଣ୍ଡା । ତାଙ୍କ ତିନି ପୁରୁଷ ଆମ ତିନି ପୁରୁଷଙ୍କୁ ଜଗନ୍ନାଥ ମହିମା ବିଦିତ କରାଇଛନ୍ତି; ଯେଉଁ ପଣ୍ଡା ଠାକୁର ରାଜାଙ୍କ ପରି ଅପୂର୍ବିକ ହେବାର ବର ପାଇଛନ୍ତି । ତାଙ୍କ ଚେହେରା ବିବେକାନନ୍ଦ, ରାମକୃଷ୍ଣ, ବୁଦ୍ଧଦେବଙ୍କ ମୂର୍ତ୍ତି ପରି ଭକ୍ତିପୂତ, ଶାନ୍ତ ଶୁଭ୍ର ।

ତାଙ୍କୁ ନମସ୍କାର କରି ନିଜର ପରିଚୟ ଦେଲି ଏବଂ ଏକାନିଃଶ୍ୱାସକେ କହିଗଲି କିମିତି ବିନା ସ୍ତ୍ରୀରେ ଜଗନ୍ନାଥ ଦର୍ଶନକୁ ଆସିଥିବାରୁ ଲାଞ୍ଛିତ, ଭର୍ତ୍ସିତ ଅପମାନିତ ହେଲି; ଉଭୟ ନରଦେବତା

Digitized by PPRACHIN, SOA

ଦ୍ୱାରା ଏବଂ ପରିଶେଷରେ ଜନୈକା ନାରୀକୁ ଧର୍ମପତ୍ନୀର ସ୍ଥାନ ଦେଇ କମିତ ଖୋଦ୍ ନରସିଂହଙ୍କ ଦ୍ୱାରା ଦଣ୍ଡିତ ହୋଇଛି । ସେଇଠି ମୁହୂର୍ତ୍ତକ ଆଗରୁ ଯାହା ଅଙ୍ଗେ ନଭାଇଥିଲି ତାହା କହିଗଲି ।

ସେ ମୋତେ ଅଭୟ ଦେଲେ ଏବଂ ତାଙ୍କ ସହିତ ପାଖର ଗୋଟାଏ କୋଠରୀକୁ ନେଇଗଲେ ।

ହିସାବକିତାବ ପାଇଁ ଯେମିତି ଶାଲୁକନା ଆବରଣର ବଡ଼ ବଡ଼ ଖାତା ବ୍ୟବସାୟୀମାନେ ବ୍ୟବହାର କରନ୍ତି ସେମିତି ବଡ଼ ବେଁ ଲମ୍ବ ଖାତା ବାହାର କରି ପୃଷ୍ଠାକୁ ପୃଷ୍ଠା ଉପର ଆଲୁଅରେ ଓଲଟାଇଲେ ଏବଂ ଅବଶେଷରେ ଗୋଟାଏ ପୃଷ୍ଠାରେ ଅଙ୍ଗୁଳି ଦେଇ ମୋ ଆଡ଼କୁ ବଢ଼ାଇ କହିଲେ 'ପଢ଼ନ୍ତୁ' ।

ପଢ଼ିଲି, କରଣୀ ଅକ୍ଷରରେ କେଉଁ କାଳର ଲେଖା; ପଢ଼ିଲି, "ସନ ୧୩୧୫ ଶ୍ରୀଗୁଣ୍ଡିଚ୍ଚ, ଶ୍ରୀ ମହାଦେବ ଆଚାର୍ଯ୍ୟ, ସାଂ: ଉମାଦେଈପୁର, କିଲ୍ଲେ ମୟୂରଭଞ୍ଜ, ସଙ୍ଗେ ସ୍ତ୍ରୀ ଶ୍ରୀମତୀ ପାର୍ବତୀ ଦେବୀ ।"

କିଛି ସ୍ଥାନ ଛାଡ଼ି ତଳକୁ "ସନ ୧୩୪୫ ବାହୁଡ଼ା ବିଜେ ଶ୍ରୀ ହରିହର ଆଚାର୍ଯ୍ୟ ସାଂ: ଉମାଦେଈପୁର, କିଲ୍ଲେ ମୟୂରଭଞ୍ଜ, ସଙ୍ଗେ ସ୍ତ୍ରୀ ଶ୍ରୀମତୀ ସତ୍ୟଭାମା ଦେବୀ ।"

ପୁଣି ସାମାନ୍ୟ ତଳକୁ ଲେଖାଯାଇଛି "ସନ ୧୩୭୫ ରାସ ପୂର୍ଣ୍ଣିମା ଶ୍ରୀ ଭୋଳାନାଥ ଆଚାର୍ଯ୍ୟ, ସାଂ: ଉମାଦେଈପୁର କିଲ୍ଲେ ମୟୂରଭଞ୍ଜ ସଙ୍ଗେ ସ୍ତ୍ରୀ ଶ୍ରୀମତୀ ରୁକ୍ମିଣୀ ଦେବୀ ।"

ପଢ଼ୁଥାଏଁ ଏବଂ ମନେ ମନେ ଶୁଣୁଥାଏଁ ମୋର ପୂର୍ବପୁରୁଷଙ୍କ ଇତିହାସ । ବାପା ମାଆ, ଜେଜେବାପା ଜେଜେମାଆ, ପଣ ଗୋସେଇଁବାପା ପଣଗୋସେଇଁମା କିଏ ପଦବ୍ରଜରେ, କିଏ ଶଗଡ଼ରେ କିଏ ବା ରେଳରେ ସସ୍ତ୍ରୀକ ଆସି ବୁଢ଼ାକୁ ଦେଖି ଯାଇଛନ୍ତି, ଯେଉଁଠି ଲକ୍ଷେ ଶାଳଗ୍ରାମ ପୋତା ସେଇଠି ଛିଡ଼ାହୋଇ ବୁଢ଼ାକୁ ଛୁଇଁଛନ୍ତି ସିଂହାସନ ପାଖରେ ରହି, ଫେରିଛନ୍ତି ସୁଦୂର ମଫସଲକୁ ଧଣ୍ଡାମାଳ ଓ ବୁଢ଼ାର ଆଶୀର୍ବାଦ ଓ

Digitized by PPRACHIN, SOA

ମହାପ୍ରସାଦ ନେଇ ଗର୍ବିତ ହୃଦୟରେ । ଅଥଚ ମୁଁ ଆସି ମଧ ନାମ ଲେଖାଇ ନାହିଁ ଏ ଖାତାରେ ।

ପଣ୍ଡା କହିଲେ, ଏଥର ଲେଖନ୍ତୁ ଆପଣଙ୍କ ନାଁ, ବାପ ମାଆଙ୍କ ନାମ ତଳେ ।

ହାତ ଥରୁଥାଏ, ଲେଖିଲି "ସନ ୧୩୮୫ (ପଣ୍ଡା ଡାକଦେଲେ) ଶ୍ରୀ ଶରତ୍ ଆଗୃର୍ଯ୍ୟ, ସା: ଉମାଦେଈପୁର, ଜିଲ୍ଲେ ମୟୂରଭଞ୍ଜ......।" ରହିଗଲି ।

ସ୍କୁଲ ପିଲଙ୍କୁ ପାଠ ପଢ଼ାଇଲା ଜୋରେ ପଣ୍ଡା କହିଲେ, "ଲେଖନ୍ତୁ ସଙ୍ଗେ......।"

ଆରମ୍ଭ କଲି "ସଙ୍ଗେ ସ୍ତ୍ରୀ......

"ଲେଖନ୍ତୁ ସ୍ତ୍ରୀଙ୍କ ନାଁ ।"

"ତାଙ୍କ ନାଁ ତ ମୁଁ ଜାଣିନି । ସେ ହୋଟେଲକୁ ବୋଧହୁଏ ଗୁଲିଗଲେ ।"

"ଜାଣିଥିଲେ କଣ ତାଙ୍କ ନାଁ ଆପଣଙ୍କ ନାଁ ସାଙ୍ଗରେ ଯୋଡ଼ନ୍ତେ ?"

"ଅସୁବିଧା କଣ ?" ଅବିଶ୍ୱାସୀ ଗଳାରେ ପଗ୍ଚରିଲି ।

"ଘୋର ଅସୁବିଧା । ସ୍ତ୍ରୀ ଓ ସ୍ତ୍ରୀ ଭିତରେ ପାର୍ଥକ୍ୟ ଏ ଯାକେ ଜାଣିନାହାନ୍ତି ? ଆପଣଙ୍କ ଆଖିରେ ଯିଏ ସ୍ତ୍ରୀ, ବୁଢ଼ା ଆଖିରେ ସିଏ ସ୍ତ୍ରୀ ନୁହେଁ । ସେଇଥିପାଇଁ ତ ଏତେ ହଟହଟା ।"

"ସ୍ତ୍ରୀ ଓ ସ୍ତ୍ରୀ ଭିତରେ ପାର୍ଥକ୍ୟ କଣ ?"

"ସ୍ୱର୍ଗ ନରକର ପାର୍ଥକ୍ୟ । ସବୁ ସ୍ତ୍ରୀ, ସ୍ତ୍ରୀ ନୁହନ୍ତି । ଯାହାକୁ ଆପଣ ସ୍ତ୍ରୀ ବୋଲି କହୁଛନ୍ତି, ତାଙ୍କୁ ବୁଢ଼ାକାଳରେ ଚୁଲି ପାଖରେ ବସାଇ କଥାବାର୍ତ୍ତା କରି ଯୌବନର ଉଷୁମ ପାଇପାରନ୍ତେ ? ତା ପାଦୁତଳେ ପଡ଼ିପାରନ୍ତେ ? ତାଙ୍କୁ ମାଆ ବୋଲି ଡାକପାରନ୍ତେ ? ଯାହା ପାଖରେ

Digitized by PPRACHIN, SOA

ଏ ସବୁ କହି କରିପାରନ୍ତେ ତା'ର ନାଁ ଲେଖନ୍ତୁ । ସେହି ଆପଣଙ୍କ ଧର୍ମପତ୍ନୀ ।"

ମୋ ନିଜ ମନୋବୃତ୍ତି ଉପରେ ଆୟତ୍ତ ନ ଥିଲା । ମନ୍ତ୍ରମୁଗ୍ଧ ପରି ଧୀରେ ଧୀରେ ପଢ଼ିଲି "ସନ ୧୩୮୫ ମାଘ ସପ୍ତମୀ, ଶ୍ରୀ ଶରତ୍ ଆଗୃର୍ଯ୍ୟ, ସା: ଉମାଦେଈପୁର୍, ଜିଲ୍ଲେ ମୟୂରଭଞ୍ଜ ସଙ୍ଗେ...।" କଲମଟାକୁ ମୁଣ୍ଡରେ ଲଗାଇ ମନେ ମନେ ତାଙ୍କ ଚେହେରାକୁ ସ୍ମରଣ କଲି ଏବଂ ଅପେକ୍ଷାକୃତ ବଡ଼ ବଡ଼ ଅକ୍ଷରରେ ଲେଖିଲି "ସଙ୍ଗେ ସ୍ୱର୍ଗତା ସ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ।"

ମୁଣ୍ଡରୁ କଳା ପରଦାଟାଏ ଅପସରି ଗଲା । ସ୍ତିମିତ ଆଲୋକରେ ପଣ୍ଡାଙ୍କୁ ଦେଖିଲି । ସାକ୍ଷାତ୍ ଜଗନ୍ନାଥ ପରି ଦିଶୁଛନ୍ତି ।

Digitized by PPRACHIN, SOA

# ହାଇଦ୍ରାବାଦ ଅଙ୍ଗୁର

ଏମିତି ରୋଗଟାଏ ଧରିଲା, ଭାତ ଖାଇବାର ଦୁଇଘଣ୍ଟା ବିତିଥିବ କି ନାହିଁ ବାହାର ପଡ଼ିବ—ଘରେ ବସିଥାଅ ବା ଯାନବାହନରେ କୁଆଡ଼େ ଯାତାୟାତ କରୁଥାଅ ।

ଏଲୋପାଥି, ହୋମିଓପାଥି, ଆୟୁର୍ବେଦ, ୟୁନାନୀ ସବୁ ପଦ୍ଧତିର ଚିକିତ୍ସା କଲିଣି, କୌଣସିଥିରେ କିଛିମାତ୍ର ଫଳ ହେଲାନି । ରୋଗ ବରଞ୍ଚ ବଢ଼ିଲା, କମିଲାନି । ଏବେ ଏବେ ଭାବୁଛି କେଉଁ ବାବା ମାଆଙ୍କ ସେବା କରିବି, ଅଥବା ଯୋଗ ପ୍ରାଣାୟମ କରିବି, ନହେବା ନିଜ ମୂତ୍ର ନିଜେ ପିଇବି ।

ଆପାତତଃ ଏତିକି ରକ୍ଷା ଯେ ରୋଗଟା ବାହାରିବାର ସୂଚନା ମିଳିଲେ ଯାହା ହେଉ କିଛି—କେଉଁଟା ବିସ୍କୁଟ ବା ଅଙ୍ଗୁର—ପାଟିରେ ପକାଇ ଦେଲେ ରୋଗଟା ବଢ଼ିପାରେ ନାହିଁ ବରଂ କମିଯାଏ ।

ଏବେ ମୁଁ ନିଜେ ନିଜର ପ୍ରତିକାର ପନ୍ଥା ଉଦ୍‌ଭାବନ ଓ ଅବଲମ୍ବନ କରିଛି । ଖାଇବାରେ ମୁଁ ସବୁଦିନ ଖୁବ୍ ମିତବ୍ୟୟୀ, ସତର୍କ ଓ ସାବଧାନ । ବଛି ବଛି ସୁଷମ (ମୋ ମତରେ) ଖାଦ୍ୟ ଖାଏଁ ଏବଂ ଯଥାସମ୍ଭବ କମ୍ (ମୋ ହିସାବରେ) ଖାଏଁ । ଚବିଶ ଘଣ୍ଟାରେ ମାତ୍ର ତିନିଥର ଖାଏଁ । ସକାଳେ ଗୁଆଘିଅର ଛଅ ସାତୋଟି ପରେଟା, ଗୋଟିଏ ଅଣ୍ଡାର ଆମଲେଟ୍, କିଛି ଛେନା, ଶେଷକୁ ଆପେଲ୍ ନାସପାତି ଆଦି ଫଳ ଅଥବା ଗିଲାସେ ଦି' ଗ୍ଲାସ ମିଶ୍ରି-ଦୁଧ । ଦି' ପହରେ ବାସମତି ଚାଉଳର ତିନିପ୍ଲେଟ ଅନ୍ନ, ଯୋଡ଼ିଏ ଚିକେନ୍, ପ୍ଲେଟେ ଶାକସବଜୀ, ଶେଷରେ ରସଗୋଲା ଜାତୀୟ କେତୋଟି ମିଠା ଓ ଦହି । ରାତିରେ ବିରିୟାନୀ ଏବଂ

Digitized by PPRACHIN, SOA

ପାୟସ ଜାତୀୟ ତରଳ ଖାଦ୍ୟ ସାଙ୍ଗକୁ ଯୌବନ ଫେରାଇ ଆଣିବାର କିଛି ମୋଦକ ବା ରସାୟନ । ପୂର୍ବେ ବଡ଼ଘର ଲୋକ ଥିଲି, ଏମ୍.ଏଲ୍.ଏ., ମନ୍ତ୍ରୀ ପର୍ଯ୍ୟନ୍ତ ଯାଇଥିଲି । ଭଲ ଖାଇବା ପିଇବା ଅଭ୍ୟାସ ରହି ଯାଇଛି ।

ସେଦିନ କଟକ ଯାଉଥାଏଁ । ବାଲେଶ୍ୱରରେ ହାଇଦ୍ରାବାଦ (ଏବେ ଇଷ୍ଟ କୋଷ୍ଟ) ଏକ୍ସପ୍ରେସ ଦିନ ଗୋଟାକରେ ପହଞ୍ଚେ । ଲଞ୍ଚ୍ ଖାଇସାରି ବସିଗଲେ ଗୃ ବେଳକୁ କଟକ ଷ୍ଟେସନରେ ଓହ୍ଲାଇ ପଡ଼ି ଟ୍ରେନବାଇ ରେଷ୍ଟୋରାଁରେ ପୁଣି ଯାହା ହେଉ କିଛି ଖାଇହେବ । ମୋ ପାଇଁ ଘର ସୁବିଧା ଏ ଟ୍ରେନଟି ।

ହେଲେ ସେଦିନ ଟ୍ରେନ ଅନେକ ଡେରି, ବହୁତ ଭିଡ଼ । କଟକ ବଗିରେ ଝୁଲି କରି ଯାତ୍ରୀମାନେ ଆସିଥାନ୍ତି । ଦୈବକୁ ତିନିତଳିଆ ଡବାର କଣ୍ଡାକ୍ଟରଟି ମୋର ପୂର୍ବ ପରିଚିତ ଥିଲେ । ସିମିତି ଭଦ୍ରଲୋକ, ସିମିତି ବିବେକୀ । ଅନୁରୋଧ ଏଡ଼ି ନ ପାରି ମୋର ପୂର୍ବ ରୂପ ମନେ ପକାଇ କହିଗଲେ, "ମହାଶୟ ! ଆପଣ ସୋଜା ଚଲେ ଯାନ୍, ଗ୍ରବଶ ନମ୍ବର ସିଟେ । କାଉକେ କିଛୁ ନା ବଲେ ବସେ ଯାବେନ୍ ।" ଧନ୍ୟବାଦ ! ସିମିତି ହାଉଡାରୁ-ସିଟ୍ ରିଜର୍ଭ କରି ଆସିଛି ସିମିତି ଚେହେରା କରି ବସିଗଲି ଗ୍ରବଶ ନମ୍ବର ସିଟ୍‌ରେ । କାହାକୁ କିଛି କହିବାର ଦରକାର ପଡ଼ିଲାନି । ସବୁ ଯାତ୍ରୀ ତେଲେଗୁ ଭାଷୀ । ତା ଛଡ଼ା ଭାଷା ବିନିମୟ ନ କରି ମଧ୍ୟ ଲୋକଙ୍କ ହିହ ମନ ଚରିତ୍ର ଜାଣି ହବନି ? ଏଇ ଭାଷା ପାଇଁ ଯଦି ଏତେ ଗଣ୍ଡଗୋଳ ତେବେ ମୂକ ବଧିର ହେବା ବରଂ ଭଲ ।

ସତେଇଶ ନମ୍ବର ସିଟ୍‌ରେ ବସିଥିଲା ଜଣେ ଯୁବକ ଯାହାକୁ ଦେଖିଲାମାତ୍ରେ ମୋ ହାଡ଼ ଜଳିଗଲା । ସ୍ତନସର୍ବସ୍ୱ କେତୋଟି ସିନେମା ଷ୍ଟାରଙ୍କ ଛବି ଥିବା ମେଗାଜିନ୍‌ଟାଏ କୋଡ଼ରେ ଥୋଇ ସେ ଗୃହିଁ ରହିଥାଏ ସାଇଡ୍ ସିଟ୍‌ର ଏ ଗଳ୍ପର ନାୟିକା ଆଡ଼କୁ । ପରେ ଜାଣିଲି ଏ ସିଟ୍ ମଧ୍ୟ ତା'ର ନୁହେଁ । କେବଳ ଆଖିର କାମନା ଚରିତାର୍ଥ କରିବାକୁ ସେ କୁଆଡ଼ୁ ଆସି ଏଠି ବସିଛି । ସାଇଡ୍ ସିଟ୍ ଦୁଇଟାର ପଟା ଦୁଇଖଣ୍ଡିକି ଫିଟାଇ ଯୋଡ଼ିଦେଲେ ଯେଉଁ ବେଞ୍ଚ୍ ତିଆରି ହୁଏ ତା'ର ଉପରେ ବସିଛି ମଇଳା 'କୋହ୍ଲାପୁର' ଗୃଦର ଉପରେ ସତର ଅଠର ବର୍ଷର କାଳୀ,

Digitized by PPRACHIN, SOA

ପାଚଲୀ, ଡେଙ୍ଗୀ, ଦାନ୍ତୁଡ଼ି ଝିଅଟି । ତା ପାଖକୁ ଲଗି ବସିଛି ଛଅ ସାତ ବର୍ଷର ପିଲାଟିଏ ଯେ ଏ ଗଳ୍ପର ଶିଶୁ ନାୟକ । ନିଶ୍ଚିତ ରୂପେ ସେମାନେ ଦୁହେଁ ଭାଇ ଭଉଣୀ; ଦୁଇଜଣଙ୍କ ଦେହରେ ସ୍ୱାଭାବିକ ଜ୍ୟୋତି ଓ ସ୍ଫୂର୍ତ୍ତିର ଏକାନ୍ତ ଅଭାବ ।

ବାଲେଶ୍ୱର ଷ୍ଟେସନରେ ରେଳବାଇ ତରଫରୁ ଲଞ୍ଚ୍ ଥାଳ ସବୁ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଏ । ଥାଳ ଢବା ଭିତରକୁ ପଶିଲାମାତ୍ରେ ବାସି କଟା ପିଆଜ, ପାମ୍ପଡ଼, ସମ୍ବର ମସଲା ଓ ଖଟା ଦହିର ବିଜାଗିଆ ବିକଟ ଗନ୍ଧ ଖେଳିଯାଏ । ଭୋକର ବେଳ । କ୍ଷୁଧାର୍ତ୍ତ ପକ୍ଷରେ ଖାଦ୍ୟ ଅଖାଦ୍ୟ ସବୁ ସମାନ; ଯିମିତି କାମାର୍ତ୍ତ ପକ୍ଷରେ ସୁନ୍ଦର ଅସୁନ୍ଦର ଚେତନ ଅଚେତନର ପାର୍ଥକ୍ୟ ନାହିଁ ।

ସତେଇଶ ନମ୍ବର ଟୋକାଟା ଥରେ ଗିଳୁଥାଏ ଓ ଲଜ୍ଜାହୀନ ବୁଭୁକ୍ଷୁ ନୟନରେ ଝିଅଟା ଆଡ଼କୁ କଟମଟ ଚାହୁଁଥାଏ । ଝିଅଟା ତାର ସେଇ ଅଶ୍ଳୀଳ ଚାହାଁଣିରେ ଅସ୍ୱସ୍ତି ଓ ବିରକ୍ତିବୋଧ କରି ଅତିଷ୍ଠ ହେଉଥାଏ । ଫଳରେ ସେ ପିନ୍ଧିଥିବା ଅଳ୍ପ ଦାମିଆ ନୂଆ ଛିଟଶାଢ଼ୀ ଓ ମଣ୍ଡି ଥିବା ନୂଆ ସାୟା ବାରମ୍ବାର ତାର ଅଙ୍ଗ ପ୍ରତ୍ୟଙ୍ଗରୁ ଇତସ୍ତତଃ ହୋଇ ତାକୁ ଥରକୁ ଥର ଅପ୍ରସ୍ତୁତ କରୁଥାଏ । ଛୋଟ ପିଲାଟା ଏକାଦିକ୍ରମେ ସତେଇଶ ନମ୍ବର ଟୋକାର ଖାଇବା ଭଙ୍ଗୀକୁ କାଙ୍ଗାଳ ଦୃଷ୍ଟିରେ ଚାହୁଁଥାଏ ଯିମିତି ପ୍ଲାଟଫର୍ମର ରୁଗ୍ଣ ଲୋମହୀନ କୁକୁରଟିଏ ଯାତ୍ରୀମାନଙ୍କ ଖାଲି ଶାଳପତ୍ରର ଠୁଙ୍ଗାଗୁଡ଼ିକୁ ଚାହିଁଥାଏ ଆଶାନ୍ୱିତ ଆଗ୍ରହରେ ।

ବୁଭୁକ୍ଷା ଓ ପିପାସାଠୁଁ ବଳି ଯନ୍ତ୍ରଣାମୟ ବ୍ୟାଧି ଆଉ ନ ଥିବ । ସତେଇଶ ନମ୍ବର ପରେ ଅଠେଇଶ ଓ ଅଣତିରିଶ ନମ୍ବର ଯାତ୍ରୀ ଦୁହେଁ ପୁଟୁଳି ଓ ଡବା ବାହାର କରି ଜଣ ଗୁଣ୍ଡାଏ ଗିଳିବାକୁ ଲାଗିଲେ ଏବଂ ପ୍ଲାଷ୍ଟିକ ବୋତଲ ଓ ଷ୍ଟିଲ୍ ଗ୍ଲାସ୍‌ଟାରୁ ଢକ ଢକ କରି ପାଣି ପିଇ ଉପର ବାର୍ଥକୁ ଚଢ଼ିଯାଇ ଲମ୍ବତାନ୍ଧ ଶୋଇଗଲେ । ସେମାନେ ଯେତେବେଳେ ଖାଉଥିଲେ ପିଲାଟା ସେମାନଙ୍କ ଖାଇବା ପିଇବାର ଅନୁରୂପ ଭଙ୍ଗୀ କରୁଥିଲା । ଟ୍ରେନରେ ଲୋକଗୁଡ଼ା ଯାଁ'ଆସ କରନ୍ତି କେବଳ ଖାଇବା

Digitized by PPRACHIN, SOA

ଶୋଇବାର ପ୍ରଦର୍ଶନ ଓ ପ୍ରତିଯୋଗିତା ପାଇଁ ବୋଧହୁଏ । ଦୂର ନୀଳ ପାହାଡ଼, ପାଖ ଧାନ କିଆରୀର ସବୁଜିମା, ଟେଲିଫୋନ ଖୁଣ୍ଟ ଓ ତାରର ବଣି, କଜଳପାତି ଓ ଭଦଭଦଳିଆଙ୍କ ଖେଳାଖେଳି ତାଙ୍କ ଜୀବନର ଅବାନ୍ତର ଦୃଶ୍ୟ ।

ଟ୍ରେନ ଯେତେ ଆଗେଇ ଚାଲିଥାଏ ବୁଲାବିକାଳିଙ୍କ ସଂଖ୍ୟା ସେତେ ବଢ଼ି ଚାଲିଥାଏ । 'ପାକା କେଲା', 'ମିଠା ସପେଟା', 'ଖୁଆପେଡ଼ା ସନ୍ଦେଶ', 'ମସଲାମୁଢ଼ି', 'ସିଝା ଅଣ୍ଡା', 'ଜୀଅନ୍ତା ବରବରା', ଆଦି ବିକଟ ଚିତ୍କାରରେ ରେଳଡବା ଉଠୁଥାଏ ପଡୁଥାଏ । ପ୍ରତ୍ୟେକଟି ବିକାଳି ପାଖ ଦେଇ ଗଲାବେଳେ ପିଲାଟା ତା ନାନୀ ଆଡ଼କୁ ବିକଳ ନୟନରେ ଚାହୁଁଥାଏ ଏବଂ ବାହାର ଏଠିସେଠି ଖୁଣ୍ଟାଖୁଣ୍ଟି କରି କିଣିଦେବା ପାଇଁ ଆବେଦନ କରୁଥାଏ ।

ତେଣେ ଝିଅଟିର ଅବସ୍ଥା କରୁଣତର । ସେ ଯେ ଖୁବ୍ ଅସୁସ୍ଥ ବୋଧ କରୁଥାଏ ସନ୍ଦେହ ନାହିଁ, ତା ଓଠପାଟି ଶୁଖି ଯାଉଥାଏ । ଓସାରିଆ ଧଳା ଜିଭଟାକୁ ଥରକୁ ଥର ଓଠ ଉପରେ ବୁଲାଇ ଓଦା ରଖିବାର ଚେଷ୍ଟା କରୁଥାଏ । କପାଳର ଶିରାଗୁଡ଼ାକ ଠିଆଠିଆ; ଆଖି ଘୋର ଲାଲ । ବାହମୁଣ୍ଡର ଉତ୍ତାପ ଯେ ଖୁବ୍ ବେଶୀ ତାହା ଚେହେରାରୁ ଜଣାପଡୁଥାଏ । ପିଲାଟାର ବାରମ୍ବାର ଅଳିଦଳି ପୂରଣ କରିବା ଅଭିପ୍ରାୟରେ ସେ ପ୍ଲାଷ୍ଟିକ୍ ଭେନିଟି ବେଗ୍‌ର ଅନ୍ଧିସନ୍ଧି ସବୁ ଅଣ୍ଡାଳିଲା, ଟିଣ ସୁଟ୍‌କେଶ ଖୋଲି ଲୁଗାପଟା ଝାଡ଼ାଝୁଡ଼ି କଲା, ଲୁଗା କାନିକି ଚିପିଲା । କେଉଁଠି କିଛି ପାଇଲା ନାହିଁ । ହୁଏତ ତାର ଅଭିଭାବକ ତରବରରେ ପଇସାପତ୍ର ଦେବାକୁ ଭୁଲିଯାଇଛନ୍ତି ବା କିଏ ଦୁର୍ବୃତ୍ତ ଯାହା ଥିଲା ତାକୁ ଚୋରି କରି ନେଇଛି ବା ଯଦି କିଛି ଅଛି ତାକୁ ଭବିଷ୍ୟତ ପାଇଁ ପିଲାର ଅଗୋଚରରେ ରଖି ଲୁଗାପଟା ଝାଡ଼ଝୁଡ଼ି ଘାଇକି ଭୁଲାଇ ଦେଉଛି ।

ପିଲାଟି ସବୁଆଡ଼ୁ ନିରାଶ ହୋଇ ଉଁ ଉଁ ସକସକ ହୋଇ କାନ୍ଦିବାକୁ ଲାଗିଲା । ଖଡ଼ଗପୁର ବା କଲିକତାରୁ କିଣି ଖାଇ ଆସିଥିବ, ପିଲାପେଟ ଦୁଇ ଘଣ୍ଟାରେ ପଥର ବି ହଜମ କରି ଦେଇଥିବ । ଝିଅଟା ଅଶା ସମ୍ବଳହୀନ ଅବସ୍ଥାରେ ଟଳମଳ ହୋଇ ପାଣି ବେସିନ ପାଖକୁ ଗଲା ଓ ଗୋଟେ ଛୋଟ ରୁମାଲଟାକୁ ଭିଜାଇ ଆଣି ମୁହଁକୁ ଢାଙ୍କାଇ ଶୋଇଗଲା

Digitized by PPRACHIN, SOA

ଗୁଣ୍ଡ ଉପରେ ଲୁଗାକାନିକ ଠୁଳ କରିଦେଇ, ସତେଇଶ ନମ୍ବର ଟୋକା ଆଉ କିଛି ଦର୍ଶନୀୟ ନ ପାଇ ତା ନିଜ ସ୍ଥାନକୁ ଉଠିଗଲା ଖାଇବା ଥାଳିକ ବେଞ୍ଚ ଉପରେ ଥୋଇ ଦେଇ ।

ଖାଦ୍ୟପାନୀୟର ପରିପୂର୍ଣ୍ଣତା ଓ ପ୍ରାଚୁର୍ଯ୍ୟ ଭିତରେ ବ୍ୟାଧି ଓ ବୁଭୁକ୍ଷାର ଶିକାର ହୋଇ ଚାଲିଥାନ୍ତି ଇଣ୍ଡିଆନ ରେଲୱେର ଏକ ସଂରକ୍ଷିତ ଡବାରେ ଭାଇଭଉଣୀ । ଏମାନଙ୍କ ଯାତ୍ରାର ଶେଷ ନାହିଁ । ହାଇଦ୍ରାବାଦ ଆହୁରି ଅନେକ ଦୂର । ପରନ୍ତୁ ଏଗୁଡ଼ାକ ପୋକଜୋକ ପରି କର୍ମଫଳ ଭୋଗି ।

ଆରେ ! ଏଥର ମୋର ପାଳି ପଡ଼ିବ ନା କଣ ? ଗାଡ଼ି ଭଦ୍ରକ ଷ୍ଟେସନ ଛାଡ଼ୁଛି କି ନାହିଁ ପେଟରେ ସାମାନ୍ୟ ଯନ୍ତ୍ରଣା ଆରମ୍ଭ ହେଲା । ଉପର ପେଟର ଠିକ୍ ମଝାମଝି ଜାଗାରେ । ଏ ତ ସେଇ ନିଉଚୁଣା ରୋଗ, ଲଞ୍ଚ୍ ଖାଇବାର ଛୁଇଘଣ୍ଟା ହୋଇଗଲା ନା କଣ ? ବେଗ୍‌ରେ କ'ଣ ଅଛି ଦରଣ୍ଡିଲି । ଗସ୍ତରେ ବାହାରିଲେ ଯାହା ଯାହା ଦେବାର କଥା ସେଥିରେ କିଛି ବ୍ୟତିକ୍ରମ କରି ନାହାନ୍ତି ଘରଲୋକେ । ହେକ୍‌ଜେକ୍ ବିସ୍କୁଟ ପେକେଟ୍ ସାଙ୍ଗକୁ ଦୁର୍ଗାମିଷ୍ଟାନ୍ନ ଭଣ୍ଡାରର ପାଏ ଅନ୍ଦାଜ ଛେନାପୋଡ଼ ଆଉ ଗୋଟାଏ ପ୍ଲାଷ୍ଟିକ୍ ଥଳିରେ ଅଧକିଲେ ଅଙ୍ଗୁର । ପିଲାଟାର ତୀବ୍ର ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇ ଓଠନୋଟିପାକ ପୁଟୁଳା ତାଁ ପାଖକୁ ଜଙ୍ଘ ଆଡ଼ୁଆଳରେ ରଖିଲି । ସାଙ୍ଗ ଯାତ୍ରୀମାନଙ୍କ ମଧ୍ୟରୁ କେହି ହୁଏତ ଦେଖିଲେ ମୋର ଲୋଭନୀୟ ସମ୍ପଦ । ମୁଁ କାହିଁକି କାହାକୁ ଭଦ୍ରାମି ଖାତିରରେ ସେ ସବୁ ଯାଚିବି ? ସେମାନେ ଗିଳୁଥିଲା ବେଳେ ମୋତେ କଣ ଯାଚିଥିଲେ ? ତା' ଛଡ଼ା ଧମସ୍ତେ ତ ରେଳ ପାସେଞ୍ଜର, ପ୍ରତ୍ୟେକଙ୍କ ଯାତ୍ରାର ଆରମ୍ଭ ଓ ଶେଷ ଅଲଗା ଅଲଗା । ଏତେ ମମତା ଆତ୍ମୀୟତା କାହିଁକି ?

ହେକ୍‌ଜେକ୍ ବିସ୍କୁଟ ପେକେଟ ଫିଟାଇବାର ଫଡ଼ ଫଡ଼ ଶବ୍ଦ ଶୁଣିପାରି ପିଲାଟା ମୋ ଆଡ଼କୁ ଅନାଇଲା । ମୁଁ ସତର୍କ ହୋଇଗଲି, ହାତ ପାପୁଲିର ଆଡ଼ୁଆଳରେ ଗୋଟାକୁ ଗୋଟା ବିସ୍କୁଟ ନେଇ ପୁରାପୂରି ପାଟିରେ ପୂରଉଥାଏଁ ଏବଂ ଗୋଟିକପରେ ଲାଳରେ ଭିଜାଇ ମଇଦା କରି

Digitized by PPRACHIN, SOA

ଚଣ୍ଟି ପାର କରି ଦେଉଥାଏଁ । ହେଲେ, ସେ ମୋ ପାଟି ବୁଲିବାକୁ ଚାହୁଁଥାଏ ଏବଂ ତା ପାଟି ସହିତ ତାଳ ରଖି ବୁଲି ଯାଉଥାଏ ।

ଯାଜପୁରରୋଡ଼ ପହଞ୍ଚିଲା ବେଳକୁ ଖାଲି ଖୋଳଟିକୁ ମୋଡ଼ାମାଡ଼ି ଚେନ୍ରେ ବାହାରକୁ ଫୋପାଡ଼ ଦେଲି, ହେଲେ ଏ କଣ ? ବିସ୍କୁଟ ଖାଇବାର ଫଳ ବିଷମ ହେଲା ଯେ ପେଟର ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ିଲା କାହିଁକି ? ଏମିତି ତ କେବେ ହୁଏନା ! ପିଲାଟାର ଦୃଷ୍ଟି ପଡ଼ିଗଲା କି ? ପିଲାଟାର ବି ତ ଲୋଭ ଅଛି, ଅତୃପ୍ତ ଆତ୍ମା ଅଛି । ଖାଦ୍ୟ ପରିମାଣ କମ୍ ଯୋଗୁଁ ଯନ୍ତ୍ରଣା ବଢ଼ିଯାଇ ପାରେ ସ୍ଥିର କରି ମୁଣ୍ଡାକୁ ମୁଣ୍ଡା ଛେନାପୋଡ଼ ପିଠା ଗାଲକୁ ଫୁଲାଇ ଫୁଲାଇ ଗିଳି ଦେଲି, ସବୁତକ । ପିଲାଟା ସବୁ ଦେଖିଲା । ଆହୁରି ପେଟର ବିକାର ଭୀଷଣ ହେଲା, ପ୍ରାୟ ଅସହ୍ୟ ।

କଞ୍ଚା ପାନିଆ ମିଠାରସ ପଡ଼ିଲେ ଯନ୍ତ୍ରଣା ଉପଶମ ହୋଇପାରେ ଭାବି ଚିଠାଇଲି ଅଙ୍ଗୁର ଥଳି । ହାଇଦ୍ରାବାଦ ଅଙ୍ଗୁର, ଜାମୁ କୋଳି ପରି ବଡ଼ ବଡ଼, ପାଚ ହଳଦିଆ ଦିଶୁଛି । ରସ ଟିମ୍ଟିମ୍ । ଯେଉଁଠି ଏ ଫଳ ପେନ୍ଥା ପେନ୍ଥା ହୋଇ ଫଳିଥିବ ସେ ଦେଶ ନିଶ୍ଚୟ ରାମରାଜ୍ୟ । ଏଇ ଭାଇଭଉଣୀ ଦୁଇଟା ସେଇ ହାଇଦ୍ରାବାଦର ବାସିନ୍ଦା ପରା ! ତାଙ୍କ ଘର-ବାଡ଼ିରେ ଦୁଇକଳିଆ ପେଣ୍ଡା ସବୁ ଝୁଲୁ ନ ଥିବ ? ଚଟେଇ ଗୁଣ୍ଡୁଚି ଖାଇ ଯାଉ ନ ଥିବେ ? ଏଇ ହାଇଦ୍ରାବାଦ ଗାଡ଼ିରେ ସେସବୁ ଝୁଡ଼ିଝୁଡ଼ି ଆସି କଟକ, ବାଲେଶ୍ୱରରେ ପହଞ୍ଚୁଛି ।

ପିଲାଟାର ନଜର ପୁଣି ଏଡ଼ାଇ କୋଳିଟାଏ ପାଟିକି ପକାଇଲି ଏବଂ ଜିଭ ଓ ତାଳୁରେ ଚାପି ରସତକ ଚିପି ଚୋପାକୁ ବି ଗିଳିଲି । ରସ ପଡ଼ିବାମାତ୍ରେ ଏକ ଅଶ୍ଳୀଳ, ଅସ୍ୱାଭାବିକ ରବ ପେଟରୁ ବାହାରିଲା ଯିମିତି ଭୂମିକମ୍ପ ପୂର୍ବରୁ ରସାତଳରୁ ଭୀତିପ୍ରଦ ଶବ୍ଦ ବାହାରେ । ଯନ୍ତ୍ରଣା ତୀବ୍ରତର ଓ ମାରାତ୍ମକ ହେଲା । ଅକସ୍ମାତ୍ ଚୁକ୍ କରି ମଞ୍ଜିଟାଏ ଚଟାଣରେ ପଡ଼ି ଠିକରି ଯାଇ ପିଲାଟାର ନଳିଗୋଡ଼ରେ ଯିମିତି ବାଜିଛି, ସେ ଝାଂଗ କୋଣି ବାହି ଠଉରାଇ ନେଲା କେଉଁଠୁ ଏ ମଞ୍ଜି ଆସିଲା । ସେ ଚକ୍ଷାର କରି-ଉଠିଲା ଯିମିତି ସେ କହୁଛି, "ଦେଖିଛି, ସବୁ ଦେଖିଛି ।" ତା ଆଖିରେ

Digitized by PPRACHIN, SOA

ନିଆଁ ଦେଖିଲି । ତାର ଚତୁଃପାର୍ଶ୍ୱରେ ଝିଅଟା ଉଠି ବସିଲା । ତାର ରୋଗା ଦେହକୁ ଲୁଖୁରା ବାଳ ଓ ଡିମା ଡିମା ଆଖିରେ ସେ ଡାହାଣୀ ପରି ଦିଶୁଥାଏ । ସେ ଦିହିଙ୍କ ରୂପ ଓ ଗୃହିଣୀ ଏବଂ ମୋ ପେଟ ଭିତର ମରଣ ଯନ୍ତ୍ରଣା ମୋତେ ଖୁବ୍ ଆତଙ୍କିତ ଓ ଆଶଙ୍କିତ କରିଦେଲା । ଝାଳରେ ପେଣ୍ଟ ସାର୍ଟ ଭିଜିଗଲାଣି । ଆଖିଗୁଡ଼ାକୁ ଝାପସା ଝାପସା ଦିଶିଲାଣି । ଅଙ୍ଗୁରଖିଆ ଆପେ ଆପେ କେତେବେଳେ ବନ୍ଦ ହୋଇଗଲା । ହାର୍ଣ୍ଣିଆ, ଏପେଣ୍ଡିସାଇଟିସ୍, ଗଲଷ୍ଟୋନ୍, ପେପ୍‌ଟିକ୍ ଅଲସାର ଆଦି ସବୁ ଗରିଷ୍ଠ ପେଟ ରୋଗ ଏକାବେଳକେ ଆକ୍ରମଣ କଲେ ନା କଣ ? ବାପାଲୋ ! ମଲିଲେ ! ମାଆ ଲୋ ! ମରିଗଲି !

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଆଉ କେଉଁଠି ଠାବ ନାହିଁ । ଏଥର ଯିବୁ କୁଆଡ଼େ ? ଆଗ ଦିନ ଫିଲମ୍‌ରେ ମା ମଙ୍ଗଳାଙ୍କ ଅସ୍ଥାନରେ ଗୋଟାଏ ଅସ୍ଥିକଙ୍କାଳସାର ଲୋକଟାକୁ କାଳିସି ଲାଗିଥିବାର ଦେଖିଥିଲି । ଝୁଣା ଧୂଆଁ, ଝାଞ୍ଜ ଢୋଲ ଶଙ୍ଖ ମହୁରି ଓ କଳକଳା ନାଦ ଭିତରେ ସେ ଚିତ୍କାର କରୁଥାଏ "ମୋତେ ମେଣ୍ଢା ଦେ, ମୋତେ କୁକୁଡ଼ା ଦେ, ମୁଁ ମେଣ୍ଢା ଖାଇବି, ମୁଁ କୁକୁଡ଼ା ଖାଇବି ।" କି ଆଖି ! କି ଚୂଳ ! କି ଉଦ୍ଦାମ ନୃତ୍ୟ ! ରେଳଡବା ଭିତରେ ସିଗାରେଟ୍ କୋଇଲା ଧୂଆଁ, ପୋଲ ପାର ହେଉଥିବା ଇଞ୍ଜିନ ଓ ରେଳଡବାର କାନଫଟା ଘର୍ଘର ଶବ୍ଦ ସାଙ୍ଗକୁ ଛୁହାକୁ ଛୁହା ହୁଇସିଲ୍ ଭିତରେ ମୋତେ ଯୋଡ଼ାଏ କାଳିସି ଦିଶିଲେ । ଗୋଟାଏ ଶିଶୁ କାଳିସି ଅନ୍ୟଟି ନାରୀ କାଳିସି । ଉଭୟଙ୍କ ଅସ୍ଥିକଙ୍କାଳମୟ କ୍ଷୁଧାତୁର ଚିତ୍କାର କରୁଥାନ୍ତି "ଆମକୁ ଛେନାପୋଡ଼ ଦେ, ବାସମତି ବିରିଆନି ଦେ, ବିସ୍କୁଟ ଦେ, ଅଣ୍ଡା ଦେ, ପରୋଟା ଦେ, ରସଗୋଲା ଦେ, ଅଙ୍ଗୁର ଦେ ।" ମୁଖ ବ୍ୟାଦାନ କରି ଦାନ୍ତ ଦେଖାଇ ନାଚି ନାଚି ଦୁହେଁ ମୋ ଆଡ଼କୁ ମାଡ଼ି ଆସୁଛନ୍ତି । ମୃତ୍ୟୁ ଯନ୍ତ୍ରଣା ଅନୁଭବ କରୁ କରୁ ଦେଖିଲି ସେ ଦୁହିଁଙ୍କ ପଛେ ପଛେ ସାରା ଟ୍ରେନ୍‌ର, ପ୍ଲାଟ୍‌ଫର୍ମର, ସାରା ଦୁନିଆର ବୁଭୁକ୍ଷୁ, ଆର୍ତ୍ତ, ରୁଗ୍ଣ, ଶିଶୁ ବାଳକ ଓ ନରନାରୀଙ୍କ ଲମ୍ବା ପଟୁଆଡ଼ି ଆକାଶ ପାତାଳ ବ୍ୟାପି କରି ମୋ ଆଡ଼କୁ ମାଡ଼ି ଆସୁଛନ୍ତି ସେଇ ଭାଇ ଭଉଣୀ ଦିହିଙ୍କୁ ଆଗରେ ରଖି, କହୁଛନ୍ତି, "ଆମେ ଛେନାପୋଡ଼ ଖାଇବୁଁ, ଆମେ ଅଙ୍ଗୁର ଖାଇବୁ ।" କ୍ରମେ ମୋତେ ଲାଗିଲା ସେଇମାନେ

Digitized by PPRACHIN, SOA

ନରସିଂହ ରୂପ ସାଜ ହିରଣ୍ୟକଶିପୁକୁ ବିଦାର୍ଣ୍ଣ କରି ଦେଉଛନ୍ତି; ମୋର ଅନ୍ତବୁଜୁଳାକୁ ବାହାର କରି ବେକରେ ଫୁଲମାଳ କରୁଛନ୍ତି ଏବଂ କହୁଛନ୍ତି "ଏ ଅନ୍ତ ଭିତରୁ ବାହାର କର ଏତେ ଦିନ ଧରି ଯାହା ଯାହା ଖାଇଛୁ । ବାନ୍ତି କର ।"

ବାନ୍ତି କଲି । ଆଗ୍ନେୟଗିରିର ପ୍ରବହମାନ ତପ୍ତ ସ୍ରୋତ । ବାନ୍ତି କରିବା ଛଡ଼ା ରକ୍ଷାର ଅନ୍ୟ ଉପାୟ ନ ଥିଲା । କି ବାନ୍ତି ! ଶେଷ ଟୋପା ଶେଷ ଟୁକୁରା ଶେଷ ଛିଟା ପର୍ଯ୍ୟନ୍ତ । ହେ ପ୍ରଭୋ ! ହେ ହରି ! ବାନ୍ତିରେ କି ପ୍ରଶାନ୍ତି । ଯନ୍ତ୍ରଣାର ଉପଶମ ହେଲା ତୁରନ୍ତ । ନିଃଶେଷ ରୂପେ । ଲୁଗୁଇ ଗୁଡ଼ାଇ ଯାହା ଖାଇଥିଲି ତାର କି ବିଷମୟ ପରିଣତି ! ଛେନାପୋଡ଼ ଖଣ୍ଡ, ଅଙ୍ଗୁର ପିଡା, ବାସମତୀ ଦୁର୍ଗନ୍ଧମୟ ।

ମୁହୂର୍ତ୍ତକେ ଦୈବୀ ମନ୍ତ୍ର, ନିଦାନ ପାଇଗଲି । ବୁଝିଗଲି ଗିଳିବାରେ ଆଶଙ୍କା, ଅସ୍ୱସ୍ତି, ଯନ୍ତ୍ରଣା; ବାନ୍ତି କରିବାରେ ଆଶ୍ୱସ୍ତି, ଉଚ୍ଛ୍ୱାସ ଓ ନୀରୋଗିତା । ଟ୍ରାଜେଡ଼ିର ଆବଶ୍ୟକତା ଓ ମୂଲ୍ୟ ତ ଏଇଥିରେ ।

ମହାନଦୀ ପାରହେଲା ହାଇଦ୍ରାବାଦ ଏକ୍ସପ୍ରେସ୍ । ଧୂଆଁ ପଟଳ ଓ ଘର୍ଘର ଶବ୍ଦ ଅନ୍ତର୍ହିତ ହେଲା । କଟକ ପହଞ୍ଚିଲି ସମ୍ପୂର୍ଣ୍ଣ ସୁସ୍ଥ ଓ ନିରାମୟ ଅବସ୍ଥାରେ । ଭବିଷ୍ୟତକୁ ଯେଉଁ ନୂତନ ଜୀବନଯାପନ ପନ୍ଥା ଅନୁସରଣ କରିବାକୁ ଯାଉଛି ତାର ପ୍ରମାଣ ଓ ନିଦର୍ଶନ ସ୍ୱରୂପ ପ୍ଲାଟ୍‌ଫର୍ମରୁ ଗୋଟାଏ ଥଳିରେ କଲେ ଅଙ୍ଗୁର କିଣି ଓ ପକେଟର ସମସ୍ତ ନୋଟ୍ ସେଇ ଥଳିରେ ପୂରାଇ ଭାଇଭଉଣୀଙ୍କ ବେଞ୍ଚରେ ବାହାର ପଟୁ ହାତ ବଢ଼ାଇ ଥୋଇ ଦେଇ 'ଜୟ ଜଗନ୍ନାଥ' କହିଲି ।

ଫେରି ଗୁହାଁଲି, ଭାଇ ଭଉଣୀ ହିଁହେଁ ଆଉ ଭୋକୀ କୁକୁର ବା କାଳସି ଡାହାଣୀ ପରି ଦିଶୁ ନ ଥିଲେ; ଦିଶୁଥିଲେ ମଣିଷ ପିଲା ପରି, ମୋରି ପୁଅ ଝିଅ ପରି ।

ଷ୍ଟେସନ ବାହାରକୁ ଯାଇ ଦେଖିଲି ସୂର୍ଯ୍ୟଦେବଙ୍କ ରକ୍ତିମ ଆଭା ଓ ବିଦ୍ୟୁତାଲୋକର ଅପୂର୍ବ ସମନ୍ୱୟରେ କଟକ ସହର ଭୂସ୍ୱର୍ଗ ପରି ଉଦ୍ଭାସିତ ।

●

Digitized by PPRACHIN, SOA

# ସାମାନ୍ୟ ଅଶ୍ଳୀଳ

ଛବିର ବିବେକାନନ୍ଦଙ୍କ ପରି ବାହୁକୁ ବାହୁ ଛନ୍ଦି ବେପରୁଆ ମେଜାଜରେ ପାଞ୍ଚ ନମ୍ବର ଡାଉନ୍ ଟ୍ରେନ୍ ସାଇଡ଼ ସିଟ୍‌ରେ ବସି ଷ୍ଟେସନ ପାଖ ପୋଖରୀରେ କେତେଜଣ ଆଦିବାସୀ ମହିଳା ଟପ୍‌ଲେଶ୍ ଅବସ୍ଥାରେ ଗାଧୋଉଥିବା ଦୃଶ୍ୟ ଉପଭୋଗ କରୁଥାଏଁ । ହଠାତ୍ କହୁଣୀରେ କୋମଳ ସ୍ପର୍ଶ ଅନୁଭବ କଲି । ବୁଲିପଡ଼ି ଚାହିଁ ଦେଖିଲି ସେଇ ତରୁଣୀଟି । ମୋତେ ପଛ କରି ଛିଡ଼ା ହୋଇଛି ଏବଂ ତାର ସେଇ ହାତେ ଲମ୍ବ ଅଗକଟା ଚୁଳି ପିଠିରେ ଢଣି ହୋଇ ପଡ଼ିଛି । ମୁଁ ପନ୍ଦର ଦିନ ହେଲା ନଜର କଲିଣି ସେ ସେଇ ମୋଫସଲ ଷ୍ଟେସନରେ ସବୁ ଦିନ ସେଇ ଗାଡ଼ିରେ ଚଢ଼ୁଛି । ଗାଡ଼ି ପହଞ୍ଚିଲା ବେଳକୁ ଧାଇଁ ଧାଇଁ ଆସେ । ବଡ଼ ବଡ଼ ଫୁଲ ପଡ଼ିଥିବା ଶାଢ଼ୀଟା । ଘୋର ଲାଲ ଶାୟା—ଯାହାର ତୀବ୍ର ଆଭା, ଛିଟ ଶାଢ଼ୀ ମଧ୍ୟ ଭେଦ କରି ମୋର ଧଳା ପାଇଜାମାକୁ ଈଷତ୍ ଲାଲ କରି ଦେଇଛି ।

ଧକେଇ ସକେଇ ହୋଇ ସେ ମୋ ସାମ୍ନା ସିଟ୍‌ରେ ବସି ପଡ଼ିଲା । ଉନ୍ନତ ବକ୍ଷ ଉଠୁଥାଏ ପଡ଼ୁଥାଏ । ନାକରେ ଗୁଡ଼ାଏ ଝାଳବିନ୍ଦୁ, ଗାଲ ଦେଇ ଗାରେ ଗାରେ ଝାଳ ବହି ଯାଉଥାଏ । ମୁଁ କଟମଟ କରି ତା' ଆଡ଼କୁ ଚାହିଁଥାଏ ଏବଂ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ତଥା ଭାବଭଙ୍ଗୀ ଠିକନିଖି ଲକ୍ଷ୍ୟ କରୁଥାଏଁ । ମୋ ଆଖିରେ ବହଳିଆ ଗଗ୍‌ଲସ ଥିବାରୁ ସେ ଜାଣି ପାରୁ ନ ଥାଏ ମୋ ଆଖିର କର୍ଯ୍ୟମଣ୍ଡ । ସେ ବି ଆଜି ଚଷମାଟାଏ ଲଗାଇଛି, ପତଳା ଗଗ୍‌ଲସ୍, ଆଖି ଦିଶୁଥାଏ ଭିତର ଦେଇ । ଖୁବ୍ ଗରମ ଦିନଟା । ବେଳ ଉତରିତ ହେଉଥିଲେ ବି ଖରାର ପ୍ରକୋପ କମି ନ ଥାଏ । ଏ ଝିଅଟିକୁ ଦେଖିବା ମାତ୍ରେ ମୋଫସଲ ଲୋକଗୁଡ଼ାକ ନୀରବ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ।

Digitized by PPRACHIN, SOA

"ଟିକିଏ ଡେରି ହୋଇଗଲା ଘରୁ ବାହାରିବାକୁ"—ଆପେ ଆପେ ନିଜକୁ କହୁଥାଏ ଏବଂ ଷ୍ଟ୍ରେଟ ଛୋଟ ରୁମାଲରେ ମୁହଁଟା ପୋଛିପୋଛି ଦେଉଥାଏ । ପୋଛିବା ପରେ ପରେ ଗାଲ ଦୁଇଟା ଲାଲ ପଡ଼ି ଯାଉଥାଏ । ଗୋଲ ମୁହଁ, କପାଳ ଉପରେ ଚାରି ଇଞ୍ଚର ଦୁଇ ଚାରି କେରା ଅଗକଟା ଚୂଳ, ପଛ ଚୂଳରେ ରଙ୍ଗ୍ ନାହିଁ, ରିବନ ନାହିଁ, ଆଲୁଳାୟିତ । ପାଟିଟା ସରୁ, ଦୋହି ପାଟି ପରି ଗୋଲ, ନାକଟା ଟେଢ଼େଇ ଥଣ୍ଟ ପରି ଚାହିଁ ରହିଛି ବମ୍ବିଓଠ ଆଡ଼କୁ, ବହି ଉଜଳ ଡାଜଳ, ଗୋଲ ଗାଲ । ମୁହଁରେ କେଉଁଠା ବ୍ରଣର ଫିକା ଦାଗ ।

ଶାନ୍ତିନିକେତନୀ ଝୁଲା ବେଗରୁ ଦାନ୍ତିଆ ପ୍ଲାଷ୍ଟିକ୍ ପାନିଆଟା ବାହାର କରି କୁନ୍ତଳଗୁଡ଼ାକୁ ଠିକ୍ ବାଗକୁ ଆଣି ନେଲା । ଲମ୍ବା ଓସାରିଆ କାନକୁ ଥାପି ଦେଇ ନିଶଅଗକୁ ମୋଡ଼ି ଛୁଞ୍ଚା କରାଇ ଦେଲି । ତରୁଣୀଟି ମୋର ଏ ସବୁ କାର୍ଯ୍ୟକଳାପକୁ ତାରିଫ୍ କରୁଥିବା ଦୃଷ୍ଟିରେ ଚୋରା ଲୁଚି ଚାହାଁଣି ମାରୁଥାଏ ବୋଲି ମୋତେ ଜଣା ପଡ଼ୁଥାଏ ।

ମୋ ବେଗ୍‌ରେ ଦୁଇଟି ବହି ଥାଏ । ବାହାର ପାଇଁ ନୂତନତମ ଷ୍ଟାର ଏଣ୍ଡ ଷ୍ଟାଇଲ; ଘର ପାଇଁ ଆନିବେସାନ୍ତଙ୍କ ଗୀତା । ପ୍ରଥମଟି ବାହାର କରି ରଖିରି ବ୍ଲୋଅପ୍ ଛବିଟା ଜଙ୍ଘ ଉପରେ ରଖି ଦେଖିବାକୁ ଲାଗିଲି ଓ ପରେ ପରେ କେଉଁ ଏକ ଫିଲ୍ମରେ ପରସ୍ପର ଆଲିଙ୍ଗନରତ ରାଜେଶ ଓ ଶର୍ମିଲାର ଛବି ତାକୁ ଦେଖାଇ ଦେଖାଇ ଦେଖୁଥାଏଁ ।

ଦଶ ମିନିଟ୍ ପରେ ଯିମିତି ପରବର୍ତ୍ତୀ ଷ୍ଟେସନରେ ଟ୍ରେନ ଲାଗିଲା ସିମିତି ତରୁଣୀଟି ହଠାତ୍ ଉଠିପଡ଼ି ଆମ ଡବାରୁ ଓହ୍ଲାଇ ଅନ୍ୟ ଏକ ଡବାକୁ ଚାଲିଗଲା । ମୁଁ ତାକୁ ଯାହା ଭାବୁଥିଲି ସେ ତାହା ନୁହେଁ ବୋଧହୁଏ । ମୋର ବୁଭୁକ୍ଷାର ଇଙ୍ଗିତ ଧାଇଲା ମାତ୍ରେ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଗଲା । ସେ ତେବେ କ'ଣ ଭଦ୍ର ଘରର ଝିଅ ? ବିବାହିତା ? ନାଁ ତ । ମୋର ବ୍ୟବହାର ଇଙ୍ଗିତ କ'ଣ ଅଶ୍ଳୀଳ ହେଲା ? ସେ ତ ଏକୁଟିଆ ଯା ଆସ କରେ ଯେତେ ଦୂର ମୁଁ ଜାଣେ । କେହି ତ ସାଙ୍ଗରେ ନ ଥାନ୍ତି ।

Digitized by PPRACHIN, SOA

କୌତୂହଳ ହେଲା । ଷ୍ଟେସନରେ ଓହ୍ଲାଇ ଓଭର ବ୍ରିଜ୍‌ଦେଇ ଯାଉଛି, ଦେଖିଲି, ମୋ ଆଗେ ଆଗେ ଧାପ୍ ଧାପ୍ ଚଟି ଲଗାଇ ଜୋରରେ ଚାଲିଛି । ମୁଁ ତା' ସହିତ ତାଳ ଦେଇ ମଧ ତାକୁ ଆଗେଇ ପାରିଲି ନାହିଁ । ସେ ସିଧା ରିକ୍‌ସା ଉପରକୁ ଦରଦାମ ନ କରି ଧପାସ୍ କରି କୁଦି ପଡ଼ିଲା ଏବଂ ହାକିମାଣ୍ଡି ଗଳାରେ ରିକ୍‌ସାବାଲାକୁ କହିଲା 'ଚାଲ' । ରିକ୍‌ସାବାଲା ଆଜ୍ଞାକାରୀ ଭୃତ୍ୟପରି ତାକୁ ନେଇଗଲା ଆଲୁଅ ଅନ୍ଧାର ଭିତରେ ଜୋର ପେଡ଼ାଲ ମାରି । ତରବର ହୋଇ ସାଇକେଲ ଷ୍ଟାଣ୍ଡକୁ ଚାଲିଗଲି । କାଳେ ପଛେ ପଛେ ସାଇକେଲରେ ଯାଇ ଜାଣି ପାରିବ ତା'ର ଗତିବିଧି ଓ ଗନ୍ତବ୍ୟ ସ୍ଥାନ ।

ସାଇକେଲ ଜଗୁଆଳ ଚଉଦବର୍ଷିଆ ଟୋକା କାଳିଆକୁ କଥା-ବାର୍ତ୍ତାରେ ମୁଁ ଟିକିଏ ଡିଲ୍ ଗୁଡ଼ିଦିଏଁ । ଜରଦା କମାମ୍ବିଆ ପାନଟାଏ ଚୋବାଉ ଚୋବାଉ ମୁରୁକି ହସି କହିଲା, "କି ଆଜ୍ଞା ! ଆପଣଙ୍କ ଆଗେ ଆଗେ ଆଜି ଆସିଲା, ଚିହ୍ନି ପାରିଲେ ? ଶାଳୀ ଆଜି ରଙ୍ଗୀନ ଚଶମା ଲଗେଇଛି କାଳେ କେହି ଚିହ୍ନି ପାରିବେ ବୋଲି । କଲିକତାରୁ ଏବେ ଫେରିଛି ସେଇଠୁ ଆଣିଛି ଏ ଚଶମା । ନ ଥିଲା ଚାରି ପାଞ୍ଚଦିନ ମଝିରେ । ଶାଳୀ ମୋ ଆଖିରେ ବି ଧୂଳି ଦବ ?"

"କଲିକତା ବି ଯାଉଛି ? ତୁ କେମିତି ଜାଣିଲୁ ?"

"ଆମକୁ ସବୁ ଜଣା । ଏଠି ଘାଟ ଜଗିଛୁ । କିଏ କୁଆଡ଼େ ଯାଉଛି ଆସୁଛି ସବୁ ଜାଣେ । କେଉଁଠାକୁ ସେ ନ ଯାଉଛି ? ଏକା ଜାଗାରେ ତାକୁ କେବେ ପାଇବେନି ।"

"ତେବେ ସେ କେଉଁ କେଉଁ ଜାଗାକୁ ଯାଏ ?"

"ସବୁ ବଡ଼ ହୋଟେଲ୍‌କୁ । ରେଳବାଇ ରେଷ୍ଟୁରାଣ୍ଟ୍‌କୁ । ଡକରା ପାଇଲେ ଏକୁଟିଆ ଥିବା ଭଦ୍ରଲୋକ ଘରକୁ ବି ଯାଏ । ଆମ ମାଲିକ ସାଗରବାବୁ ପାଖରେ ତ ସେଦିନ ଥିଲା ।"

"ତା'ର କ'ଣ କେହି ନାହାନ୍ତି ? କେଉଁଠୁ ଆସେ ? ଘରଦ୍ୱାର ତା'ର ଅଛି କି ନାହିଁ ?" ଏ ସବୁ ପ୍ରଶ୍ନର ଉତ୍ତରରେ ସେ କହିଲା "ତାର

Digitized by PPRACHIN, SOA

ସବୁଠି ଘର । ଯିଏ ପଇସା ଦେଲା ସିଏ ତାର । ହେଲେ ସେ କାହାର ନୁହେଁ ! ତାର ବା କଏ ଥିବ ? ହେଲେ ଶାଳୀ, ଦିହ ଖଣ୍ଡେ ତ ରଖିଛୁ ! ଖଣ୍ଡେ ମାଲ୍ ତ !"

ବେଶି ଉତ୍ସାହିତ କଲେ ଏ ଚଉଦବର୍ଷିଆ ଟୋକା କ'ଣ ନା କ'ଣ କହିବ ଏହି ଭୟରେ ସାଇକେଲ ଧରି ରିକ୍ସାକୁ ଅନୁସରଣ କରିବାର ଚେଷ୍ଟା କଲି । ମାତ୍ର ଡେରି ହୋଇଗଲା । ପାଇଲି ନାହିଁ । କେଉଁ ମୋଡ଼ରେ ଗଲି ରାସ୍ତା ଧରି ରିକ୍ସାଟା ଅନ୍ତର୍ଦ୍ଧାନ ହୋଇଗଲା । ଘରି ଚଲିକ ଝିଅଟା ।

ବାଟରେ ଯାଉଁ ଯାଉଁ ଭାବିଲି ଏକପତ୍ନୀ ବ୍ରତଠୁଁ ବଡ଼ ବ୍ରତ ଆଉ ନ ଥିବ । କକର୍ଥନାମୟ । ପୂର୍ବ କାଳରେ ଲୋକେ ତାକୁ ଅସିଧାର ବ୍ରତ କହୁଥିଲେ । ଧାରୁଆ ଖଣ୍ଡାରେ ଚାଲିବା ପରି କଷ୍ଟସାଧ୍ୟ । ସେ ବ୍ରତରେ କି ଲାଭ ? ରଙ୍ଗୀନ ଦୁନିଆଁ ଚାଲି ଯାଉଥିବ, ଅନ୍ୟମାନେ ଦେଖୁଥିବେ, ଉପଭୋଗ କରୁଥିବେ ତୁମେ ସାଦା ଧୋତି ପିନ୍ଧି ଆଖି ବୁଜି ଗୀତା ଭାଗବତ ପାରାୟଣ କରୁଥିବ ! ବଞ୍ଚି ଲାଭ କ'ଣ ଯଦି ଲାଲ ଟିକି ଟିକି ମାଛ ମାଂସ ଝୋଳ ବା ଖାଣ୍ଟି ସୋରିଷ ତେଲରେ ଛଣା ରାଗ ରାଗ ବରିବଡ଼ା ଖାଇ ନ ପାରିଲ ? ଜ୍ଞାନ ନାହିଁ, ଅଭିଜ୍ଞତା ନାହିଁ; ଲେଖକ ହେବ କିପରି ? ବାଇରନ୍ ବାଲଜାକ୍ କ'ଣ କେବେ କବି ଔପନ୍ୟାସିକ ହୋଇ ପାରିଥାନ୍ତେ ଏଇ ଏକପତ୍ନୀବ୍ରତ ପାଳନ କରି ? ବରଞ୍ଚ କୁତ୍ସିତ ବ୍ୟାଧିଗ୍ରସ୍ତ ହୋଇ ଦୁନିଆକୁ ବିବିଧ ଅଭିଜ୍ଞତାର ସ୍ୱାଦ ଚଖେଇବା ଭଲ, ତେବେ ହବିଷାନ୍ନ କରି ପୂତ ପବିତ୍ର ଜୀବନ ଧାରଣ କରିବା ଭଲ ନୁହେଁ । ନିଜକୁ ଧିକ୍କାର କଲି ଏତେ ଦିନ ସେ ଦୁଃସାଧ ବ୍ରତ ପାଳନ କରୁଛୁଁ କାହିଁକି ?

ଘରେ ପହଞ୍ଚିଲା ବେଳକୁ ରାତି ଆଠଟା । ମାନିନୀ ଯିମିତି କବାଟ ଫିଟାଇଛନ୍ତି, ଦେଖିଦେଲି ତାଙ୍କର ଜୀର୍ଣ୍ଣ ଶୀର୍ଣ୍ଣ ମୂର୍ତ୍ତି । ମୂର୍ତ୍ତିମନ୍ତ କାରୁଣ୍ୟ । ଅସ୍ଥିଚର୍ମସର୍ବସ୍ୱ । ଦୁଇଟି ସନ୍ତାନ ପରଠୁଁ ତାଙ୍କୁ ଗୃହିଣୀ କାହିଁ ଲାଗେ । ମୋର ଓଜନ ବାସ୍ତବରେ କେଜି ସ୍ଥଳେ ତାଙ୍କର ଛତିଶ ହେବ କି ନା ସନ୍ଦେହ । ମଧୁଶଯ୍ୟା ରାତିରେ ସେ ହୁଏତ ଫୁଲକୁମାରୀ (ଚାଉଦ

Digitized by PPRACHIN, SOA

ବର୍ଷିଆ ଟୋକା କହିବା ମୁତାବକ ସେ ଝିଅର ନାମ) ପରି ଦିଶୁଥିଲେ । ମୁଁ ତାଙ୍କୁ ଅଧା ଖାଇ ଦେଇଛି । ବାକିତକ ଦୁଇପୁଅ ଶୋଷି ଶେଷ କରି-ଦେଲେଣି । ସବୁ ଦିନ କହୁ ନା କହୁ ଦିହ ମୁଣ୍ଡର ଗଣ୍ଡଗୋଳ । ସ୍ୱାମୀ ସ୍ତ୍ରୀ ରୂପରେ ଆମର ଭେଟ ଘାଟ ରାତିରେ ପ୍ରାୟ ହୁଏନା । କିନ୍ତୁ ଏକଥା ସ୍ୱୀକାର କରିବ, ରାଣ ନିୟମ ପକାଇ କହିବ, ମାନସୀ ମୋତେ ପ୍ରାଣ ଦେଇ ଭଲ ପା'ନ୍ତି ଏବଂ ମୋର କେବେ କିଛି ଅସୁବିଧା ଉପୁଜିବାକୁ ଦିଅନ୍ତି ନାହିଁ । ତାଙ୍କର ସବୁ ଭଲ, କିନ୍ତୁ ସେକ୍ସ ତାଙ୍କୁ ଘୃଣା ଲାଗେ ।

ପିଲା ଦିହେଁ ଶୋଇ ପଡ଼ି ଥାଆନ୍ତି । ଦରମା ପଇସାରୁ ଚାରିଶହ ଟଙ୍କା ମାନସୀଙ୍କୁ ଦେଇ ଶହେ ଟଙ୍କା ରଖିନେଲି, କହିଲି, "ଶହେ ଟଙ୍କା ଜଣେ ଅନ୍ତରଙ୍ଗ ବନ୍ଧୁ ଧାର ନେଇଛନ୍ତି, ତାଙ୍କର ଦରମା ମିଳିନାହିଁ ।" ତାଙ୍କୁ ଦେଖି ତାଙ୍କ ପୂର୍ବରୂପ ମନେ ପକାଇ ଫୁଲକୁମାରୀ ସହିତ ତୁଳନା କରୁଥାଏଁ ।

ବୋଧେହୁଏ ମୋର ଅନ୍ୟମନସ୍କତା ଲକ୍ଷ୍ୟ କରି ମାନସୀ ପଚାରିଲେ, "କ'ଣ ଗୋଟାଏ କଥା ଜୋର ଭାବୁଛ ନିଶ୍ଚୟ; ମୁଁ ତୁମ ମୁହଁ ଦେଖି ଜାଣି ପାରୁନାହିଁ !"

"ପିଲାମାନେ ଶୋଇଲେଣି ?" ଜାଣି ନ ଜାଣିଲା ପରି ପଚାରିଦେଇ କହିଲି, "ଆଜି ରାତି ନଅଟାରେ ବାହାରେ ମୋର ଗୋଟାଏ କାମ ଅଛି । ହୁଏତ ରାତିରେ ଫେରିବି ନାହିଁ ।"

"କ'ଣ କାମ ? ରାତିଯାକ କ'ଣ କାମ ଚାଲିବ ?"

"ସାହିତ୍ୟ କାମ ।" ମନେ ମନେ ଭାବିଲି ଇଏ ବି ଏକପ୍ରକାର ସାହିତ୍ୟ କାମ ନୁହେଁ ତ କ'ଣ ? ସାହିତ୍ୟ ତ ରୋମାନ୍ସରୁ ଉଦ୍ଭବ । ଗୋଟାଏ ଗପର ମସଲା ହୁଏତ ମିଳିଯିବ ।

ମାନସୀର ଚରିତ୍ର ହେଲା ଦିହ ଭଲ ନାହିଁ । ଆଜି ସେ ରୋଷେଇ କରିବେ ନ କରିବେ ଭାବୁଛନ୍ତି । ତାଙ୍କୁ ରିଲିଫ୍ ଦେବା ପାଇଁ ଏବଂ ଘରେ ନ ଖାଇ ହୋଟେଲ ଖାଦ୍ୟ ଚାଖିବା ପାଇଁ ସ୍ଥିର କଲି ।

Digitized by PPRACHIN, SOA

ଧୋତି ପଞ୍ଜାବୀ ପିନ୍ଧି ଶାନ୍ତନକେତଙ୍କ ସାହିତ୍ୟ ବେଗ୍ ଧରିଲି । ଚଳ ଓ କଲମକୁ ପୁଣି ବାଗେଇଲି ଏବଂ ଇଣ୍ଟିମେଣ୍ଟ୍ ଅତର ଟିକିଏ ରୁମାଲରେ ଢାଳି ଦେଲି ।

ମାନସୀ ପଚାରିଲେ, "ସାହିତ୍ୟିକ ନା ରସିକ ସାଜୁଛ ?"

ମୁଁ କହିଲି "କଳାକାର, କବି ବା କଥାକାର ସମସ୍ତେ ଊଣା ଅଧିକେ ରସିକ, ରହସ୍ୟ । ରସ ନେଇ ତାଙ୍କର କାରବାର । ତୁମେ ଏତେ ଦିନ ଦେଖିଲଣି ଜାଣିପାରୁନ ମୋର ବ୍ୟବହାର ! ମୋତେ ଗଳ୍ପ ଗୋଟାକର ମସଲ୍ ଆଜି ରାତି ଭିତରେ ସଂଗ୍ରହ କରିବାକୁ ପଡ଼ିବ । ମୋତେ ଅବିଶ୍ୱାସ କରୁଛ ?"

ମୁଁ ଏ କଥାଗୁଡ଼ାକ କମିତି ତାଙ୍କୁ ସେ ମୁହୂର୍ତ୍ତରେ କହି ପାରୁଥିଲି ଏବେ ବି ତାହା ଭାବୁଛି । ମୁଁ ବୋଧହୁଏ ଫୁଲକୁମାରୀର ମତାଣିଆ ଦେହେରାରେ ଭୁଲି ଯାଇଥିଲି ନିଜକୁ, ନିଜର ସ୍ଥାନକୁ; ତାକୁ ଭେଟିବାର ବା ଉପଭୋଗ କରିବାର ଆଦୌ ସମ୍ଭାବନା ନ'ଥିଲେ ବି ।

ରିକ୍ସାଟାଏ ଧରି ସିଧା ଅମ୍ବର ହୋଟେଲକୁ ଗୁଲିଲି । ଶୁଣିଥିଲି, ପୋଲିସ ସହର ଚଡ଼ାଉ କରି ବେଶ୍ୟାପଡ଼ା ସବୁ ଭାଙ୍ଗି ଦେଇଛି । ଫଳରେ ପ୍ରତି ଘର ବେଶ୍ୟାଳୟ ହୋଇଛି । ହେଲେ ଏଠି ସେଠି ପଶି ମାଡ଼ ଖାଇବାଠୁଁ ନାମଜାଦା ହୋଟେଲକୁ ଗୁଲିଯିବା ଭଲ । ନିରାପତ୍ତା ଅଛି, ସ୍ୱାଧୀନତା ବି ଅଛି । ସ୍କୁଲ୍ କଲେଜ ହଷ୍ଟେଲ ଝିଅମାନେ ବି ସେଠାକୁ ଲୁଆଡ଼େ ଆସନ୍ତି । ଶାଢ଼ୀ ଖଣ୍ଡିଏ ହେଲେ ହେଲା । ତା'ଛଡ଼ା ଆଜି ଯଦି ବ୍ୟବସ୍ଥା ନ ହେଲା ତେବେ କେଣ୍ଟିନ୍‌ରେ ଖାଇ ଫେରିବି, କାଲିକୁ ଦେଖିବା । ମୋର ବାସ୍ତବର ଅଭିଜ୍ଞତା ଦରକାର । କାଳିଦାସ ତ ପୁଣି କେଉଁଠି କେଉଁ ରୂପରେ ଯାଇ ଅଭିଜ୍ଞତା ହାସଲ କରିଥିଲେ ! ନ ହେଲେ ସେ ଯଶସ୍ୱୀ ପୃଥିବୀ ବିଖ୍ୟାତ କବି ହୋଇ ପାରିଥାନ୍ତେ ?

ହୋଟେଲବାଲା ମୋ ଦେହେରା ଦେଖି ସବୁ ଜାଣି ପାରିଲା ଏବଂ ମୋ ପାଇଁ ନିଛଟିଆ କୋଣ କୋଠରୀଟିଏ ବ୍ୟବସ୍ଥା କରିଦେଇ ଅନ୍ୟ ଅର୍ଡ଼ର ପାଇଁ ଅପେକ୍ଷା କଲା । ମୁଁ ତାକୁ କହିଛି ଟଙ୍କା ଖାଇବା ପିଇବା ଓ

Digitized by PPRACHIN, SOA

ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଦେଇ କୋଠରୀରେ ଆରାମ କରୁଥାଏ । ଜାମାପଟା ଫିଟାଇ, କେବଳ ଲୁଙ୍ଗି ଓ ଷେଣ୍ଡୋ ଗେଞ୍ଜି ପିନ୍ଧି ବେଡ୍-ଲେମ୍ପ୍‌ରେ 'ଷ୍ଟାର ଏଣ୍ଡ ଷ୍ଟାଇଲ୍'ର ପୃଷ୍ଠାଗୁଡ଼ାକ ଓଲଟାଉ ଥାଏଁ । ଏଇ ସମୟରେ ଟିକିଏ ମଦ ପିଇଥିଲେ ଭଲ ହୋଇଥାନ୍ତା, କିନ୍ତୁ ଅଭ୍ୟାସ ନ ଥିବାରୁ ଭୁଲିଗଲି ।

ଖାନା ଖାଇସାରି ଶେଯରେ ଏପଟ ସେପଟ ହେଉଥାଏଁ । ଠକ୍ ଠକ୍ ଠକ୍ । ରାତି ପ୍ରାୟ ଏଗାରଟା । କବାଟ ଯେମିତି ଫିଟାଇଛି ସିମିତି ମଲ୍ଲି ଫୁଲର ମହକ ସହିତ ପଶି ଆସିଲା ଅଭିସାରିକା । ଝିଅଟିମାନେ ଲଜ୍ଜିତ ବା ଶଙ୍କିତ ନ ହୋଇ କବାଟ ବନ୍ଦ କରି ବୋଲ୍ଟ ଲଗାଇ ଦେଲା ଏବଂ ନିଶ୍ଚିତ ହେଲା ଯେ କବାଟ ଠିକ୍ ପୂରା ବନ୍ଦ ହୋଇଛି ।

କି ଆଶ୍ଚର୍ଯ୍ୟ ! ଏଇ ସେଇ ତରୁଣୀ ଯାହାକୁ ଟ୍ରେନ୍‌ରେ ଦେଖିଥିଲି ଏବଂ ଯାହାକୁ ଅତ୍ୟନ୍ତ କାମ୍ୟ ଓ କାମୋଦ୍ଦୀପିକା ବୋଲି ଭାବିଥିଲି । ଝୁରି ଝୁରି ହାତେ ଲମ୍ବ ଚୁଳ ରିଙ୍ଗ୍ ଜୁଡ଼ାରେ ପରିଣତ ହୋଇଛି । ପ୍ରଚୁର ସଦ୍ୟପ୍ରସ୍ଫୁଟିତ ମଲ୍ଲି ଫୁଲର ହାର ଦୁଇ ତିନି ଥର ଜୁଡ଼ା ଚାରିପଟେ ବୁଲି ଜୁଡ଼ାକୁ ଖୁବ୍ ବଡ଼ କରିଦେଇଛି । ବକ୍ଷଦେଶ ଭୀଷଣ ଉନ୍ନତ ଓ ଊର୍ଦ୍ଧ୍ୱଚୂଳ ।

ମୋର ଏ ପରିବେଶ ଓ ଅଭିଜ୍ଞତା ସମ୍ପୂର୍ଣ୍ଣ ନୂତନ । ହିହମୁଣ୍ଡ ପଙ୍ଖା ସତ୍ତ୍ୱେ ଝାଳରେ ବୁଡ଼ି ଯାଇଥାଏ । ମୋର ଭାବଭଙ୍ଗୀରୁ ସେ ବୋଧହୁଏ ମୋର ଦୟନୀୟ ଅବସ୍ଥା ବୁଝି ପାରିଲା । ମୋର ଖାଲି ଏତିକି ଭରସା ଥାଏ ଯେ ସେ ମୋର ସମ୍ପୂର୍ଣ୍ଣ ଅଜଣା ଅଶୁଣା ନୁହେଁ; ଅନ୍ତତଃ କଥାବାର୍ତ୍ତା କରିହେବ, ଯାହା ଟ୍ରେନ୍‌ରେ ସମ୍ଭବ ହୋଇ ନ ଥିଲା । ମୁଁ ଖଟର ବାଡ଼କୁ ଆଉଜି ତକିଆ କୋଳରେ ରଖି ବସି ଦଣ୍ଡେଯାଏଁ ତାର ଗତିବିଧି ନିରୀକ୍ଷଣ କରୁଥାଏଁ ।

ମୋ ଆଡ଼କୁ ଆଉ ଥରେ ଚାହିଁଦେଇ ସେ ବଡ଼ ଆଲୁଅଟା ଲିଭାଇ ଦେଲା ଓ ବେଡ୍ ଲ୍ୟାମ୍ପ୍‌ଟିକୁ ଜାଳିଦେଲା । ମୋର କହିବାକୁ ଅପେକ୍ଷା ନ କରି ସେ ବଡ଼ ବଡ଼ ଫୁଲ ପଡ଼ିଥିବା ପିନ୍ଧା ଶାଢ଼ୀଟାକୁ ଖସାଇ ମଶାରି-ବାଡ଼ରେ ଝୁଲାଇ ଦେଲା ଏବଂ ଖାଲି ସେମିଜ୍ ଭୋଗ ଲାଲ ସାୟା ଓ ଧଳା

Digitized by PPRACHIN, SOA

ଛୁଟ ବ୍ଲାଉସ୍ ପିନ୍ଧ ଇତସ୍ତତଃ ହେଲା ଏବଂ ସୁରେଇରୁ ଗିଲାସେ ପାଣି ଡକ୍ ଡକ୍ କରି ପିଇଗଲା । 'ବସ' କହୁଛି କି ନାହିଁ ସେ ଆସି ବସିଗଲା ମୋ ପାଖରେ । ଯିମିତି ପରୀକ୍ଷା ହଲ୍ ଭିତରକୁ ଯିବା ପୂର୍ବେ ଅସମର୍ଥ, ଅଯୋଗ୍ୟ ପିଲାମାନଙ୍କୁ ପ୍ରେରଣା ଆଶ୍ୱାସ ଦେବା ଆବଶ୍ୟକ ବୋଲି ଅଭିଭାବକ ଗୁରୁଜନମାନେ ଭାବନ୍ତି, ବୋଧହୁଏ ସେଇ ଖିଆଲରେ ମୋତେ ଉତ୍ସାହ ଦେବାକୁ ଆଗେଇ ଆସୁଥିଲା ସିଏ, କାରଣ ସେ ବେଶ୍ ବୁଝି ପାରୁଥିଲା ଯେ ଏ ଗରାଖଟି ଟିକିଏ ଭିନ୍ନ କିସମର ।

ବର୍ତ୍ତମାନ ମୁହୂର୍ତ୍ତ ପାଇଁ ମୁଁ ମଦ ବା ଗଞ୍ଜା ବା ଭାଙ୍ଗ କଥା ଭାବୁଥିଲି ଯାହା ହୁଏତ ମୋ ହୃଦୟର ଉତ୍ତାପ ବଢ଼ାଇ ଦେଇଥାନ୍ତା, ମୋ ଜ୍ଞାନ ବୁଡ଼ାଇ ଦେଇଥାନ୍ତା ବା ପଶୁ କରିଦେଇ ଥାଆନ୍ତା । ପୁରୁଷର କାମନା ଶୁଙ୍ଘି ଶୁଙ୍ଘି ସ୍ତ୍ରୀ ଲୋକମାନେ ଜାଣି ପାରନ୍ତି । ଉଷୁମ ହେବା ପରିବର୍ତ୍ତେ କଣ ହେଲା କେଜାଣି, ମୁଁ କ୍ରମେ କ୍ରମେ ଥଣ୍ଡା, ଶିଥିଳ ହେବାକୁ ଯାଉଥାଏଁ । ଚକଆକଡ଼ରୁ ଷ୍ଟାର୍ ଏଣ୍ଡ ଷ୍ଟାଇଲ୍‌ଟାକୁ ଫଡ଼ଫାଡ଼ କରି ଫୋପାଡ଼ ଦେଲି, ଚଟାଣରେ ପଡ଼ିଲା ।

ଏଥର ସାହସ ବାନ୍ଧି କଥାବାର୍ତ୍ତା ଆରମ୍ଭ କଲି । ନାମ ଜାଣିଥିଲି ଚଉଦବର୍ଷିଆ ଟୋକା ପାଖରୁ । ତଥାପି ପଚାରିଲି 'ନାମ' ? ସେ ନାମ ନ ଲୁଚାଇ 'ଫୁଲକୁମାରୀ' ବୋଲି କହିଲା ଏବଂ ମାମୁଲି ହସ ଟିକିଏ ଅଧରରେ ଫୁଟାଇଲା । 'ଘର ?' ପ୍ରଶ୍ନର ଉତ୍ତରରେ କହିଲା, "ଯେଉଁଠି ଦେଖୁଛନ୍ତି ।" ଉତ୍ତରଟି ସାମାନ୍ୟ ଅସାଧାରଣ ବୋଧହେଲା ମୋତେ ।

ଆଉ ପାଦୁଣ୍ଡେ ଆଗେଇବା ପାଇଁ ତା ଟିକି ହାତଟିକି ମୋ ପାପୁଲି ଭିତରେ ରଖିଲି । "ଆପଣଙ୍କୁ ଡର ମାଡ଼ୁଛି ?" ପାଠ ପଢ଼ାଇବା ଉଦ୍ଦେଶ୍ୟରେ ପଚାରିଲା । 'ନାହିଁ' ବୋଲି ଶୁଷ୍କ କରୁଣ ଗଳାରେ କହିଲି । ଯୋଡ଼ିଲି "ପଙ୍ଖାଟା ଟିକିଏ ଜୋର୍ କରିଦେବ, ବହୁତ ଝାଳ ବହୁଛି କାହିଁକି କେଜାଣି ।" ସେ ତା କଲା ଓ ପୁଣି ପୂର୍ବ ସ୍ଥାନ ପୂର୍ବାବସ୍ଥାକୁ ଆସିଗଲା ।

ମୁଁ ଦେଖିଲି, ଅନ୍ୟାନ୍ୟ ବିଷୟ ଧରି ପରିଚୟ କିଛି ସମୟ କଟାଇଲେ ପ୍ରକୃତିସ୍ଥ ହେବ ଏବଂ ଘଣ୍ଟାଏ ଅଧେ ପରେ ଶିରାପ୍ରଶିରାକୁ ହୁଏତ ତେଜ ଆସିପାରେ । ତେଣୁ କହିଲି, "ଦେଖ, ମୁଁ ସାଧାରଣ ଗରାଖ

Digitized by PPRACHIN, SOA

ନୁହେଁ, ମୁଁ ଆଗ ତୁମ ସମ୍ପର୍କରେ କେତେ କଥା ଜାଣିବାକୁ ଚାହେଁ; ତାପରେ ଅନ୍ୟ କଥା । ତୁମକୁ ଦେଖିବା ଦିନଠୁଁ ମନେ ମନେ ମୋର ଆଗ୍ରହ କୌତୁହଳ ଜନ୍ମିଛି ତୁମ ଜୀବନ ସମ୍ପର୍କରେ । ଦୈବାତ୍ ଏଠି ଆଜ ଦେଖା ହୋଇଗଲା । ମୁଁ କଷ୍ଟ କଷ୍ଟ ତୁମ ବିଷୟରେ ଯାହା ଜାଣିଛି ତାହା ପଢ଼ର ଜାଣିଛି । ତୁମେ କଲିକତାରେ ଥିଲ, ଏଠାକୁ ଆସି ଗାଁରେ ରହୁଛ । ପ୍ରତିଦିନ ନ ହେଲେ ବି କେଉଁଦିନ କମିତି ବଗଦ୍ ଥିଲେ ମୁନ୍‌ଲାଇଟ୍, ସାନ୍‌ଲାଇଟ୍, କୁଇନ୍, ପାରାଡାଇସ୍ ହୋଟେଲକୁ ତୁମେ ଆସ । ତୁମେ କୁଆଡ଼େ ପାଠଶାଠ ପଢ଼ିଛ । ତୁମର ଜୀବନ ବଡ଼ ବିଚିତ୍ର, ଚିତ୍ତାକର୍ଷକ; ତୁମେ ପ୍ରକୃତରେ ବଡ଼ ଲଭ୍‌ଲି ।" କହି ତା ଓଠ ଧରି ହଲାଇ ଦେଲି ।

"ଆଉ କୁହନ୍ତୁନି, ବେଶୀ ହୋଇଯାଉଛି । "ଗୀତ ଶୁଣିବେ" କହି ଗୁଣୁଗୁଣୁ ହୋଇ 'ଗପ ହେଲେ ବି କଥାଟି ସତ' ଧାଡ଼ିଟି ଗାଇଗଲା । କହିଲା, "ଦେଖନ୍ତୁ, ମୋର ଆପଣଙ୍କ ସହିତ ଗୋଟିଏ ସର୍ତ୍ତ । ଆପଣ ମୋତେ ପଇସା ଦେଇ କଣିଛନ୍ତି । ଆପଣ ଯା ଇଚ୍ଛା ତା କରିପାରନ୍ତି ଆପଣଙ୍କ କଣା ଜିନିଷରେ । ତେବେ ମୁଁ ରାତି ସାଢ଼େ ତିନିଟା ବାଜିଲେ ଆଉ ମୁହୂର୍ତ୍ତେ ରହିବି ନାହିଁ । ମୋତେ ଜନତା ଗାଡ଼ିରେ ଫେରିବାକୁ ପଡ଼ିବ ଗାଁକୁ, ଜରୁରୀ କାମ ଅଛି ।"

"ମୁଁ ବି ତ ଫେରିବି ଚାରିଟା ଗାଡ଼ିରେ । ଆଚ୍ଛା, ଆଗ କୁହ ତ ଆଜ ଗାଡ଼ିରେ ମୋ କହୁଣୀରେ ତୁମ ଦେହକୁ ଚୁପିଦେଲ କାହିଁକି ? ମୋତେ ଉତ୍ସୁକ କଲ କାହିଁକି ?"

"ତରବରରେ ଅଜାଣତରେ ବାଜି ଯାଇଥିବ, ମୁଁ ଇଚ୍ଛା କରି ଆପଣଙ୍କ ଦେହରେ ମୋ ଦେହ ଘଷି ନାହିଁ ।"

"ଆଚ୍ଛା, ମୋ ଆଗରେ ବସିଲ କାହିଁକି ?"

"ସିଟ୍ ଖାଲି ଥିଲା ।"

"ସେ ବି ତେବେ ଆକସ୍ମିକ । କୁହ ତ, ମୁଁ ଯେତେବେଳେ ତୁମର ମୁହଁ, ନାକ, କାନ, ପାଟି, ଚୁଲି ଦେଖିସାରି ଦେହର ଅନ୍ୟାନ୍ୟ ଅଙ୍ଗ

Digitized by PPRACHIN, SOA

ପ୍ରତ୍ୟଙ୍ଗଙ୍କୁ ଲୋଭୀ ଆଖିରେ ଦେଖୁଥିଲ, ତୁମେ ମୋ ବିଷୟରେ କଣ ଭାବୁଥିଲ ?"

"ମୁଁ ଆପଣଙ୍କ ବିଷୟରେ ମୋଟେ ଭାବୁ ନ ଥିଲ, ଆପଣଙ୍କୁ ଲକ୍ଷ କରିବାକୁ ଚାହୁଁ ନ ଥିଲି । ମୋ ମୁଣ୍ଡ ସେତେବେଳେ ଚିନ୍ତାରେ ଫାଟି ପଡ଼ୁଥିଲା ।"

"ତୁମେ କଣ ଭାବୁଥାଅ ଏଠାକୁ ଆସିଲାବେଳେ ? ନିଶ୍ଚୟ ଭାବୁଥିବ ଆଜି ମାତାଲ୍, ଶିଖ, ଗୁର୍ଖା, କଲେଜ ପିଲା, ରିକ୍ସାବାଲା ବା କାହା ହାବୁଡ଼ରେ ପଡ଼ିବ ଆଉ କେତେ ଟଙ୍କା ମିଳିବ ?"

"ଆପଣଙ୍କ ଅନୁମାନ ପୂରା ଠିକ୍ ନୁହେଁ । ଟଙ୍କା କଥା ଭାବେ, କାରଣ ଟଙ୍କା ମୋର ଦରକାର । ଅନ୍ୟ କଥା ଭାବେନି । ସେ ନିତ୍ୟ-ନୈମିତ୍ତିକ ଘଟଣା । ଈଶ୍ୱର ଲୋଭ ଅଛି ବୋଲି ମୋର ବିଶ୍ୱାସ ନାହିଁ । ଲୋଭ ନ ଥିଲେ କଣ ଆପଣ ପେଟ କଥା ଭାବନ୍ତି ?"

"କଣ ଭାବ ତେବେ ?"

"ଭାବେ ମୋ କପାଳ କଥା, ଘର କଥା, ଝୁଙ୍ଗୀଘର କଥା ଆଉ ମୋର ଦୁଇ ଭାଇଙ୍କ କଥା, ଆଉ ସେଇ ଅଳପାଇସିଆ ଗାଁବାଲାଙ୍କ କଥା । ମୋ ନିଜ ପାଇଁ ଚିନ୍ତା ନାହିଁ, ଘର ପାଇଁ ଚିନ୍ତା ନାହିଁ; କୁକୁଡ଼ା ରାତି ଯେଉଁଠି କଟାଏ ସେଇଟା ତାର ଘର । ଅନ୍ୟ ଘର କଥା ଭୁଲିଯାଏ ସକାଳେ ।"

"ତୁମେ ଏ ବେପାର କେବେଠୁଁ ଧରିଲ ? କାହିଁକି ଧରିଲ ?"

"ସେ ଅନେକ କଥା । ଶୁଣି ଆପଣଙ୍କର କଣ ଲାଭ ହେବନି । ମୋର ଅନ୍ୟ ଉପାୟ ନ ଥିଲା । ଇଲେଭେନ୍ କ୍ଲାସରେ ପଢ଼ୁଥିଲି, ବାପା ମାଆ ମାସେ ମାସେ ଅନ୍ତରରେ ମରିଗଲେ । ମୂଲିଆ ମଜୁରି ଲାଗି ସେମାନେ ମୋତେ ପଢ଼ାଉଥିଲେ । କେମିତି କଷ୍ଟରେ ମୁଁ ନିଜକୁ ଆଉ ସାନ ଭାଇ ଦୁହିଁଙ୍କି ବଞ୍ଚାଇଛି, ସମ୍ଭାଳିଛି, ତାହା ଭଗବାନ ଜାଣନ୍ତି । ମୋର ଦୁର୍ଭାଗ୍ୟକୁ କଲିକତା ଭାଇଟିଏ ଆମ ଗାଁକୁ ଆସିଥିଲା । ଟାଇପିଷ୍ଟ କରିଦେବ

Digitized by PPRACHIN, SOA

କହି ମୋତେ କଲିକତା ନେଇଗଲା । ସେଇଠି ଯାହା ହେଲା ସେ କଥା ନ କହିବା ଭଲ । ସେଇଠୁ ପଳାଇ ଆସିଲି ଯିନା, କିନ୍ତୁ ଏଠି ମରିବା ପାଇଁ ।"

ତା'ର ହାତ ଆହୁରି ଥଣ୍ଡା ଲାଗିଲା । ମୋ ଦେହକୁ ଉଷୁମ ଆଉ ଫେରିବ ନାହିଁ ବୋଲି ଲଜ୍ଜା ଓ ଭୟ ହେଲା । ଝିଅଟା ବଡ଼ ମର୍ମନ୍ତୁଦ କଥା କହୁଛି । ଦୟା କମେ ଆସିଲା । ଆଉ କିଛି ପଚାରିବ ନାହିଁ ବୋଲି ସ୍ଥିର କଲି ।

ସେ କିନ୍ତୁ କହି ଚାଲିଲା । "ଗାଁବାଲା ମୋର ଘୋର ଶତ୍ରୁ । ଘାଇ ଦିହିଁଙ୍କି ପଢ଼ାଉଛି, ତାଙ୍କ ଦିହକୁ ସହୁନ । ମୋ ନାଁରେ ସତ ମିଛ ନାନା କଥା କହି ଟାହିଲଟାପରା କରି ବାସନ୍ଦ ଏକଘରିଆ ଆଉକୁ ଆସିଲେଣି । ଘାଇ ଦିହିଙ୍କି ଟାଇଫଏଡ୍ । ଡାକ୍ତର ଯେତକ ଔଷଧ ଓ ପଥ୍ୟ ବରାଦ କରିଛି, ଶହେ ହେବ । ତାଙ୍କ ନିଜ ଘର ସ୍ତ୍ରୀ ଝିଅମାନେ ତାଙ୍କର ନାକ ଆଗରେ କି'ଣ କାଣ୍ଡକାରଖାନା କରୁଛନ୍ତି ସେ ସବୁ ଗାଁବାଲାଙ୍କୁ ଦିଶୁନି । ବାବୁ, ଆପଣଙ୍କୁ ଆଉ କିଛି କହିବି ନାହିଁ । ଆପଣ ଆପଣଙ୍କ କାମ କରନ୍ତୁ । ରାତି ବାରଟା ବାଜିଲାଣି । ମୋ ବିଷୟରେ ଖାଲି ଏତିକି ମନେ ରଖନ୍ତୁ, "ଶବପ୍ରତିମା ପ୍ରାପ୍ତେ ଦଶେ ସୁନ୍ଦରୀ, ଚିରି ଭିତରି ଦେଖ କି ନାରଖାରି ।"

ତା ହାତର ଥଣ୍ଡା କମେ ମୋ ହାତ ଭିତର ଦେଇ ଶିରାପ୍ରଶିରାକୁ ଖେଳିଗଲା । ମୁଁ ଯେତେ ମାଂସ, ପଲାଉ, ଅଣ୍ଡା, ମଦ, ଗଞ୍ଜାଆଦି ଉଷୁମ ଦେବା ଚିଜ କଥା ଭାବିଲି, ସାମାନ୍ୟତମ ଉତ୍ତାପ ମଧ୍ୟ ରକ୍ତକୁ ଆଣି ପାରିଲି ନାହିଁ । ବରଫ ବରଫ ସଙ୍ଘର୍ଷରେ ନିଆଁ ଉଷୁମ ଆସିପାରେ, ମାତ୍ର ଥଣ୍ଡା ପୁରୁଷ ଥଣ୍ଡା ସ୍ତ୍ରୀ ସହିତ ମିଶିଲେ ଆହୁରି ଥଣ୍ଡା ହୋଇ ମୂର୍ଚ୍ଛାର ପାଲଟିଯିବେ ।

ମୁଁ ଉଠି ଛିଡ଼ା ହେଲି । ସେ ବି କିଛି ନ ବୁଝି ଯନ୍ତ୍ରଚାଳିତ ପରି ଛିଡ଼ା ହେଲା । ମୁଁ ତାକୁ ଧୀରେ କୁଣ୍ଢାଇ ଧରି ଦଣ୍ଡେ ଛିଡ଼ା ହେଲି ଏବଂ ତାର ଥ୍ଲେଇ ଓଷ୍ଠ ଘର୍ମାକ୍ତ ଓଠରେ ଚୁମାଟିଏ ଦେଇ କହିଲି, "ତୁମେ

Digitized by PPRACHIN, SOA

ଜନତା ଟ୍ରେନ୍ ଧରିବ ପରା ? ଯାଅ, ମୁଁ ତୁମର ଗଡ଼େଇଟି ଟଙ୍କା ହୋଟେଲ-ବାଲାକୁ ଦେଇଦେଇଛି । ମୋ ସ୍ତ୍ରୀଙ୍କୁ ସେ ଟଙ୍କା ନ ଦେଇ ତୁମ ପାଇଁ ଆଣିଥିଲି ଭାବନାଅ । ତୁମ ଭାଇ ବାହୁଙ୍କି ଆଗ ଭଲ କରି ।" ସେ କଣ୍ଟ ବୁଝିଲା ନ ବୁଝିଲା ପରି ହୋଇ ମୋତେ ନମସ୍କାର କରି ଚାଲିଗଲା । କବାଟ ବନ୍ଦ କରିଦେଲି ।

ବାଥ୍‌ରୁମ୍‌କୁ ଯାଇ ଷ୍ଟାର ଏଣ୍ଡ ଷ୍ଟାଇଲ୍ କାଗଜଟାକୁ ଜାଳି ପୋଡ଼ି ପାଉଁଶ କରିଦେଲି ଏବଂ ପାଣି ଢାଳି ପାଉଁଶକୁ ସଫା କରିଦେଲି । କଣ୍ଟ ଉଷୁମ ଆସିଲା । ବ୍ୟାଗ୍‌ରୁ ଭଗବତ୍ ଗୀତା ବାହାର କରି 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ···କିମକୁର୍ବତ ସଞ୍ଜୟ ?' ଆରମ୍ଭ କରିଦେଲି । ସଞ୍ଜୟ କଣ୍ଟ ଉତ୍ତର ଦେଲେ ନାହିଁ, କଣ ପଢ଼ିଲି ମନେ ନାହିଁ । ସେଇ ସ୍ତ୍ରୀ ଲୋକଟା ତା ଭାଇ ବୁହୁଙ୍କ ପାଇଁ ଯେଉଁ ଧର୍ମଯୁଦ୍ଧ କରୁଛି, ସର୍ବସ୍ୱ ତ୍ୟାଗ କରି, ଏପରିକି ବାହୁ ବଳ ଜୀବନ ବଞ୍ଚାଇବାର ଚେଷ୍ଟା କରିଚାଲିଛି, ତାକୁ କେଶବ ସହାୟ ହେବେ କି ନାହିଁ ଭାବୁଥାଏ ।

ସାଢ଼େ ତିନି ବାଜିଲା । ଜନତାର ହୁଇସିଲ୍ 'କୁଉଉ' ଡାକ ସହିତ ଖରାଦିନିଆ ରାତିଟାଯାକ ଉଜାଗର ରହୁଥିବା ଅଣ୍ଡିରା କୋଇଲିର 'କୁଉଉ' ଡାକ ମିଶିଗଲା । ମଉଳା ବାସି ଫୁଲଗୁଡ଼ାକ ବା ଶ୍ରାନ୍ତକ୍ଳାନ୍ତ ମାଈ କୋଇଲି ପୁଲକିଲେ କି ନାହିଁ ଜଣା ପଡ଼ିଲା ନାହିଁ ।

ଠକ୍ ଠକ୍ ଠକ୍ । ମୁଁ ଯିମିତି ଫୁଲକୁମାରୀଙ୍କ ଦୁଆର ଫିଟାଇ ମଲ୍ଲୀଫୁଲର ମହକ ହୋଟେଲ କୋଠରୀକୁ ଆଣିଥିଲି, ମାନମୀ ମୋତେ ରାତି ଗୁରିଟାରେ ସିମିତି ସମ୍ବର୍ଦ୍ଧନା ଜଣାଇ ହୋଟେଲ ଗନ୍ଧ ଘର ଭିତରକୁ ନେଲେ । ଜୀବନରେ କେବେ ଏତେ କ୍ଳାନ୍ତ, ଭୟାର୍ତ୍ତ ଓ ଲଜ୍ଜିତ ମୁଁ ନିଜକୁ ଭାବି ନ ଥିଲି । ଖାଲି କୋହ ଆସୁଥାଏ, କାନ୍ଦ ମାଡୁଥାଏ । ମୋର ଚେହେରା ଦେଖି କ୍ଷଣକେ ସିଏ ବୁଝିଗଲେ ମୋର କଣ ଘୋର ଅସୁବିଧା ହୋଇଛି । ସେ ରାତିଯାକ ମୋତେ ଅପେକ୍ଷା କରି କବାଟ ପାଖ ସୋଫା ଚେୟାରରେ ବସି ରହିଥିଲେ । ରକ୍ତହୀନ ଆଖିଗୁଡ଼ାକ ଆହୁରି ଖୋଲି ଭିତରକୁ ପଶିଯାଇଥିଲା ।

Digitized by PPRACHIN, SOA

ଭିତରକୁ ନ ଯାଇ ମୋତେ ଦାଣ୍ଡଘରେ ବସିବାକୁ କହିଲେ । କାଳେ ଛୁଆ ଵିହିଙ୍କ ନିଦ ଭାଙ୍ଗିଯିବ (ସେ ବି ଦୁଇଟା ଛୁଆ ଫୁଲକୁମାରୀ ସାଙ୍ଗରେ ପାକୁଛନ୍ତି) ଚୁପ୍‌ଚାପ୍ ଗଳାରେ କହିଲେ, "କ'ଣ ହେଲା ଆଜିର ସାହିତ୍ୟ ସଭାରେ ? ଆଜି ମନ୍ତ୍ରୀମାନେ ବେକରେ ପଡ଼ିଥିଲା ବୋଧହୁଏ ।" ମୋ ହାତକୁ ଧରି ତାଙ୍କ ଜଙ୍ଘ ଉପରେ ରଖିବାକୁ ଯାଉଁ ଯାଉଁ କହିଲେ, "ହାତରୁ ନୂଆ ପାଉଡ଼ରର ଗନ୍ଧ ଆସୁଛି । ମୁହଁଟାକୁ ଶୁଙ୍ଘିଲେ କାଳେ ସାହିତ୍ୟ ସଭାର ମଦ ବା ଗଞ୍ଜା ଗନ୍ଧ ପାଇ ପାରିବେ । ଗ୍ରୀର କବିଙ୍କୁ ଫାଶିଖୁଣ୍ଟକୁ ନେଲା ବେଳେ ସେ ଯେପରି 'ସ୍ମରାମି'ରେ ଆରମ୍ଭ କରି ପଚିଶ ଶ୍ଳୋକ ଗାଇଗଲେ, ମୁଁ ମନେ ମନେ ଆସନ୍ନମୃତ୍ୟୁ ସାଙ୍ଗକୁ ପଛ କଥା ଭାବୁଥାଏଁ ।

ଏକାବେଳେ ଭାଙ୍ଗିପଡ଼ି ତଳେ ପଡ଼ିଲା ଭଙ୍ଗୀରେ ମାନସୀର ଗୋଡ଼ ହାତ ଧରି ନେହୁରା ହୋଇ କହିଲି, 'ଦଣ୍ଡେ ବସ, ଅନେକ କଥା ଅଛି ।' ଘର ଭିତରକୁ ଯାଇ ଦେଖି ଆସିଲି ଛୁଆ ଦୁହେଁ ଲଙ୍ଗଳା ଫୁଙ୍ଗୁଳା ହୋଇ କୁଣ୍ଢାକୁଣ୍ଢି ଅବସ୍ଥାରେ ଶୋଇଛନ୍ତି । ଫେରିଆସି ଯେମିତି ଫୁଲକୁମାରୀ ହାତ ଧରି ହୋଟେଲ ଖଟରେ ବସି ତା ଜୀବନ କାହାଣୀ ଶୁଣିଥିଲି, ଏଠି ମୋ ଘରେ ସିମିତି ସୋଫାରେ ବସି ସେଇ କାହାଣୀ କିଛି ନ ଲୁଚାଇ କହିଗଲି । ଏପରିକି ମାନସୀ ପ୍ରତି ବ୍ୟବହାର ଓ ଶହେ ଟଙ୍କା ଲୁଚାଇ ଦାନ କରିଥିବା କଥା ବି କହିଲି ଏବଂ କଥା ଶେଷରେ ଅବୋଧ ଛୁଆଙ୍କ ପରି ଧକ୍‌ଧକ୍ ହୋଇ କାନ୍ଦିଲି ।

ମାନସୀ ମୋତେ ବହୁତ ବୁଝାଇ ସୁଝାଇ (ସ୍ତ୍ରୀମାନେ ସତରେ କେତେ ଧୈର୍ଯ୍ୟଶୀଳା, ସହିଷ୍ଣୁ ଏବଂ କ୍ଷମାଶୀଳା) କହିଲେ "ତୁମର କିଛି ଅପରାଧ ନାହିଁ, ସବୁ ପୁରୁଷ ମନ ଭିତରେ ତୁମପରି । ଆମ ସ୍ତ୍ରୀ ଜାତିଙ୍କି ଯିମିତି ତୁମେ ସବୁ ରଖିଛ ବିବାହ ବନ୍ଧନ ବାନ୍ଧି ଦେଇ, ତାରି ଫଳ ଆମେ ଭୋଗୁଛୁ । ନ ହେଲେ ଫୁଲକୁମାରୀ ଓ ମାନସୀର କିଛି ପାର୍ଥକ୍ୟ ନାହିଁ । ତୁମେ ଯେଉଁ ଶହେ ଟଙ୍କା ମୋତେ ଦେଇଥାନ୍ତ ତୁମ ଦୁଇ ପୁଅଙ୍କୁ ପାଳିବା ପାଇଁ ସେହି ଶହେ ଟଙ୍କା ଫୁଲକୁମାରୀକି ଦେଲ ତା ଭାଇଙ୍କି ପୋଷିବା ପାଇଁ ।"

Digitized by PPRACHIN, SOA

ତାଙ୍କ କଣ୍ଠରେ ବାଷ୍ପ ଜମି ଆସୁଥିଲା ଏବଂ ଆଖିକୋଣ ଦେଇ ଦୁଇ ଟୋପା ଲୁହ ଗାଲଆଡ଼କୁ ଝରି ଯାଉଥିଲା । ଦମ୍ଭ ସଂଗ୍ରହ କରି ସେ ପୁଣି କହିଲେ, ତୁମ ଫୁଲକୁମାରୀ ତା' ଭାଇଙ୍କି ପାଳିବା ପାଇଁ ଏଠି ସେଠି ଯୁା ତା' ପାଖରେ ଯାହା କରେ, ମୁଁ ତୁମ ଦୁଇ ପୁଅଙ୍କୁ ପ୍ରତିପୋଷ କରିବା ପାଇଁ ଜୀବନଯାକ ତୁମ ପାଖରେ ସେଇଯୁା କରୁଛି, ଏତିକି ବୁଝି ଆଶ୍ୱସ୍ତ ହୁଅ । ମାନସୀ ଆଉ ଫୁଲକୁମାରୀ ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ଉଭୟେ ଅଶ୍ଳୀଳ, ଜଣେ ଖୁବ୍ ବେଶି ଆଉ ଜଣେ ସାମାନ୍ୟ ।"

ସୁନ୍ଦୂରୀ ଫାଟି ସୁଲୁସୁଲିଆ ପବନ ବହିବାକୁ ଆରମ୍ଭ କରୁଥାଏ ।

Digitized by PPRACHIN, SOA

# ଧର୍ମରେ ସତ କହିବ

ଏଃ ! ଏତେ ସହଜ କଥା ! ଧର୍ମରାଜ ଯୁଧିଷ୍ଠିର ସତ କହିଥିଲେ ? କହି ପାରିଥିଲେ ? 'ଅଶ୍ୱତ୍ଥାମା ହତ' କହିସାରି ଗୋଳେଇ ପୁଳେଇ ଇତି ଗଜ କହିଥିଲେ ବୋଲି ନରକରେ ଆଙ୍ଗୁଳି ବୁଡ଼ାଇବାକୁ ପଡ଼ିଥିଲା । ଏଇ ସତକୁ ଜୀବନରେ ବ୍ରତ କରି ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା । ଗୃହପଦ ମିଛ ଏଇ କଳରେ ରକ୍ତମାଂସର ଦେହ ବହି ସତକହି କ'ଣ ବଞ୍ଚି ପାରିବୁ ? ଧର୍ମରେ ସତ କହିବ ! ବାଃ !

କୋର୍ଟ କଚେରୀରେ ଛିଡ଼ାହେବା ଲୋକ ମୁଁ ନୁହେଁ । ସୀମା ଭିତରକୁ ଗଲେ ଡରମାଡ଼େ । ଛାତି ଥରେ । କାଠଗଡ଼ା ଭିତରେ ଛିଡ଼ାହୋଇ ହଲପ ନେବା ତ ଦୂରର କଥା । କିନ୍ତୁ ସମ୍ପତ୍ତି ଉପାର୍ଜ୍ଜନ କଲେ ଆଉ ସେ ସମ୍ପତ୍ତି ରକ୍ଷା କରିବାକୁ ହେଲେ କଳଗୋଳ, ବାଦବିବାଦ ତ ଲାଗିବ, ଦିନେ ନା ଦିନେ ଦେବାନୀ ଅଥବା ଫୌଜଦାରୀ ବା ଉଭୟ ଅଦାଲତରେ ଛିଡ଼ାହୋଇ ହଲପ ନେଇ କହିବାକୁ ପଡ଼ିବ 'ଯାହା କହିବ, ଧର୍ମରେ ସତ କହିବ !'

ସମ୍ପତ୍ତି ବୋଇଲେ ଅଧମ ଭଗିଆ ଶାରିଆର ଛମାଣ ଆଠଗୁଣ୍ଠ ବି ନୁହେଁ, ଛଗୁଣ୍ଠ ଆଠ ବିଶ୍ୱା ଆଠଗଣ୍ଡା । ସଇଁତିରିଶ ଫୁଟରେ ଶହେ କେତେଫୁଟ । ଅସମତଳ ଖାଲ-ଢିପ ଜାଗା । ଅଭାବ ଅସୁବିଧାରେ ପଡ଼ି ମାଲିକ ଯାଚଗୁଞ୍ଜି ପାଞ୍ଚଶ ଟଙ୍କାରେ ଜାଗା ଖଣ୍ଡିକ ରେଜେଷ୍ଟ୍ରି ଦଲିଲ କରିଦେଇଥିଲା । ମହାତ୍ମା ଲୋକ, ବାକିଆ ଟଙ୍କା ଜୀବଦ୍ଦଶାରେ ସେ ମାଗି ନ ଥିଲା । ସେ ମରିଛି କି ନାହିଁ, ତା' ପୁଅ ବାକି ଟଙ୍କା ପାଇଁ ମୋକଦ୍ଦମା କଲା ।

କଚେରୀକ ଜୀବନରେ ଏଇ ପ୍ରଥମ ଗଳି । ସେଠି ମୋତେ ହଲପ କରିବା ପାଇଁ ପଡ଼ି ନ ଥିଲା । ଉତ୍ତରାଧିକାରୀ ବୋଲିଉଥିବା ପିଲାଟି

Digitized by PPRACHIN, SOA

(ଘର୍ଘଜାଙ୍ଗା ହେଉ ସେ) ମୋତେ ଦେଖିଲା ମାତ୍ରେ ଗୁମାସ୍ତାକୁ ଭର୍ତ୍ସନା କରି ମୋକଦ୍ଦମା ଉଠାଇ ଆଣିଲା । କହିଲା, "ସାର୍‌ଙ୍କ ଉପରେ ମୋର କିଛି ପ୍ରାପ୍ୟ ନାହିଁ, ବାପାଙ୍କ ସାଙ୍ଗରେ କ'ଣ ଚୁକ୍ତି ହୋଇଥିଲା ମୁଁ ଜାଣେନାହିଁ । ସେ ଜାଗା ତାଙ୍କ ଦଖଲରେ ଅଛି ।" ଧର୍ମରେ ସତ କହିବ ବୋଲି ଶପଥ ନେଇ ଯାହା କହିଥାନ୍ତି ତାହା ପୂରାପୂରି ମୋ ବିରୁଦ୍ଧରେ ଯାଇଥାନ୍ତା ।

ପଞ୍ଚବାର୍ଷିକ ଯୋଜନାରେ ଏଇ ଜମିଖଣ୍ଡିକ ଉପରେ ଘରଟିଏ ତୋଳୁଥାଏଁ, ଶେଷରେ ଗୃହ ପଡ଼ିବ କି ଗୃହଗୁଣି କରି ଘରେ ପଶିବି ସେଇ ଆମର ଚିନ୍ତା ଥାଏ । ଉକ୍ତ ସାମନାରେ ଘରଟିଏ ଭଡ଼ା ନେଇ ପାଞ୍ଚପ୍ରାଣୀ କୁଟୁମ୍ବ ରହିଥାଉଁ ; ଘରତିଆରି କାମ ଦେଖାଶୁଣା କରିବାକୁ ସୁବିଧା ହେବ ବୋଲି । ସହରତଳି ନିଘୁଚିଆ ଜାଗା । ସଞ୍ଜହେଲେ ଶୂନଶାନ । ପାଖରେ କୁରଙ୍ଗାସାହି । ଖଟିଖିଆ କାମିକା ଲୋକ । ଭଲ ପଡ଼ୋଶୀ, ଡାକଦେଲେ ଦଉଡ଼ି ଆସିବେ । ସହଜ ସହଜ ଶୋଇଯାଆନ୍ତି କାଠକାମ ନ ଥିଲେ ।

ସେଦିନ ବଜାରରୁ ଫେରୁଁ ଫେରୁଁ ଡେରିହେଲା । ବାଟରେ ପ୍ରଚଣ୍ଡ ଅସରାଏ ବର୍ଷା ହେଲା । ଅଠକେଗଲି ଗୋଟାଏ ଜାଗାରେ । ଖାଲନାଳ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଥାଏ । ରାତି ସମୟ । ମେଘୁଆ ଆକାଶରେ ଷଷ୍ଠୀ ସପ୍ତମୀ ଜହ୍ନ ଫିକା ଦିଶୁଥାଏ ।

ରାତି ପ୍ରାୟ ନଅଟାରେ ଘରେ ପହଞ୍ଚିଲି । ଘର ଭିତରର ଅସ୍ୱାଭାବିକ ନୀରବତା ଭାଙ୍ଗି ଯିମିତି କବାଟରେ ଖଡ଼୍‌ଖଡ଼୍ କରିଛି, ସ୍ତ୍ରୀ ଓ ପିଲାଝିଲାଏ ଭୟାର୍ତ୍ତ ଚେହେରା କରି ଧାଇଁଆସିଲେ ମୋ ପାଖକୁ । ସବା ସାନପିଲାଟି ଅନବରତ କହୁଥାଏ, "ବାପା ! ଚୋର, ବାପା ! ଚୋର୍ । ଏତେ ବଡ଼ ବଡ଼ ଆଖି, ବଡ଼ ବଡ଼ ଦାନ୍ତ ।" ସ୍ତ୍ରୀ ଆରମ୍ଭ କରିଦେଲେ, "ତୁମେ ଏଥର ଘରେ ଲୋକ ଜଗାଅ । ଏକୁଟିଆ ଛୁଆପିଲାଙ୍କୁ ଧରି ମୁଁ ଆଉ ରହିପାରିବି ନାହିଁ । ପ୍ରତିଦିନ ରାତି ଅଧରେ ଘରକୁ ଫେରୁଛ ।" ସମସ୍ତଙ୍କ ବର୍ଣ୍ଣନା, ଭର୍ତ୍ସନା ଶୁଣି ବୁଝିଗଲି ଘଟଣାର ସାରାଂଶ ।

ସପ୍ତମ ଶ୍ରେଣୀରେ ପଢ଼ୁଥିବା ପୁଅ କହିଲା, "ମୁଁ ଆଉ ନାନୀ ବାରଣ୍ଡା-ଦରଜା ପାଖରେ ବସି ପଢ଼ୁଥାଉଁ । ଜଞ୍ଜିର ଖଡ଼୍‌ଖଡ଼୍ ହେଲା ।

Digitized by PPRACHIN, SOA

କଏ, କଏ, ପାଟି କଲୁ। କିଛି ଜବାବ ମିଳିଲା ନାହିଁ । ଆମେ ଡରିଗଲୁଁ । ଲଣ୍ଠନ, ବନ୍ଧୁକ ଧରି ଘର ଭିତରକୁ ଚାଲିଆସିଲୁଁ । ମାଆ କବାଟ ଫିଟାଇ ଦେଖିଲା କେହି ନାହିଁ । ଗୁହାଳରେ ସେତିକିବେଳେ ଗାଈଟା ବ ଡରିକି ହଁ ହାଁ ଶବ୍ଦ କଲା । ଆମକୁ ଆହୁରି ଡର ମାଡ଼ିଲା । ମୁଁ ପାଟିକରି 'ବୈଦ୍ୟନାଥ, ବୈଦ୍ୟନାଥ' ଡାକିଲି । ବୈଦ୍ୟନାଥ ଓ ତାର ଭାଇ ଆମ ଚିତ୍କାର ଶୁଣି ଧାଇଁଆସିଲେ । ସବୁ କଥା ଶୁଣି ସେମାନେ ଲଣ୍ଠନ ଧରି ଘର-ପାଖ ବଲବୁଦା ଗୁରିପଟେ ଖୋଜିଲେ । କିଛି ଦେଖିଲେ ନାହିଁ । ଆମକୁ ଘରି ଡର ମାଡ଼ୁଛି ।"

ମୁଁ ଲଣ୍ଠନ ଧରି କୁରଙ୍ଗୀ ସାହିକୁ ଗଲି । ପଗୁରିଲି ଘଟଣା କଣ । ତାପରେ ପୁଣି ସମସ୍ତେ ଘରବାଡ଼ି ଖୋଜାଖୋଜି କଲୁଁ । କାହାକୁ ପାଇଲୁ ନାହିଁ । ଘରକୁ ଫେରିବା ପୂର୍ବରୁ ସେମାନଙ୍କୁ କହିଲି, "ଟିକିଏ ଚେତା ଥିବ, ଡାକିଲେ ଧାଇଁ ଆସିବ ନିମନ୍ତେ ।"

ମୋତେ ଦେଖି ପିଲାଝିଲାଏ ଆଶ୍ୱସ୍ତ ହୋଇ ଖିଆପିଆ ସାରି ନିର୍ଭୟରେ ଶୋଇଗଲେ । ସ୍ତ୍ରୀ ସେଦେଇ ଘରେ ପଳାପଳିବା କଟାକଟି ଆରମ୍ଭ କରିଦେଲେ । ମୁଁ ଶେଯରେ ପଡ଼ି ଭାବୁଥାଏଁ କଏ ନିମନ୍ତେ ଡରାଉଥିଲା । ଭାବୁ ଭାବୁ ମୋତେ ବ ଡର ମାଡ଼ିଲା । ସେଦେଇ ଘରକୁ ଯାଇ ସ୍ତ୍ରୀଙ୍କୁ ବୁଝାଇବାରେ ଲାଗିଲି ଯେ ତାଙ୍କର ନିମନ୍ତେ ଡରିବା ଉଚିତ ନ ଥିଲା । ପ୍ରକୃତରେ ମୋଠୁଁ ବଳି ଡରୁଆ ଆଉ କେହି ନାହାନ୍ତି—ଏ କଥା ସେ ଭଲ ଭାବରେ ଜାଣନ୍ତି । ମନେ ମନେ ସେ ହୁଏତ ହସୁଥିବେ ଏବଂ ମୋତେ ଓଲଟି ସାହସ ଦେବାକୁ ଭାବୁଥିବେ ।

ରାତି ପ୍ରାୟ ଦଶଟା । ମୋର ଗୋଟାଏ ବଦ୍ ଅଭ୍ୟାସ ରାତି ଖାଇବା ପୂର୍ବରୁ ଗାଧୋଇ ଯିବା । ଘରର ପଛଆଡ଼େ ବାଡ଼ି ଆଡ଼କୁ ଗାଧୁଆ ଘର । ତା ପଛକୁ ତୋଳା ଯାଉଥିବା ମୋ ନୂଆ ଘର । ବାଡ଼ି ଦୁଆର ଡେଇଁ ଆଠ ଦଶ ହାତ ବାଡ଼ି ପିଣ୍ଡାରେ ଯିବାକୁ ହୁଏ । ତାପରେ ପିଣ୍ଡାରୁ ଓହ୍ଲାଇ ବଗିଚା ବାଟେ ପୁଣି ଆଠ ଦଶ ହାତ ଗଲେ ଗାଧୁଆ ଘର । ପିଣ୍ଡାର ଅଧିକ ଜାଗାରେ ମଣିଷ ଉଚ୍ଚରେ ଗାଈ ପାଇଁ ପାଳନଡ଼ା ସାଇତା ହୋଇଥାଏ । ତାପରେ ଶ୍ରେଷ୍ଠ ଗୁହାଳ । ଗାଈଟିଏ, ବାଛୁରିଟିଏ ।

Digitized by PPRACHIN, SOA

ଖୋର୍ଦ୍ଧା ଲୁଙ୍ଗି ପିନ୍ଧି ଡାହାଣ ହାତରେ ଲଣ୍ଠନ, ବାଁ ହାତରେ ଲୋଟା ଧରି ବାଡ଼ି କବାଟ ଫିଟାଇଲାବେଳକୁ ସ୍ତ୍ରୀ ବାହାରି ଆସି ପଚାରିଲେ,·"ଡର ମାଡ଼ୁଛି ? ଏକୁଟିଆ ଯାଇପାରିବ ନା ସାଙ୍ଗ ଦେବି ? ଠିଆହେବି ପିଣ୍ଡାରେ ?"

"ନା, ନା, ମୋତେ ଡର ମାଡୁନି ।" କହିଦେଲି ସିନା, ମନେ-ମନେ 'ଆସ, ଦଣ୍ଡେ ଠିଆ ହୁଅ । ଗୁଣ୍ଡ ଧଡ଼ପଡ଼ କରୁଛି' କହିବି ବୋଲି ଭାବୁଥିଲି । ମୋ ନାଡ଼ି ସେ ବେଶ୍ ଚିପିଛନ୍ତି । ମୋ ମନକଥା ଜାଣିପାରି ସେ ଚୁପ୍‌ଚାପ୍ ଦରଜା ପାଖରେ ଅନ୍ଧାରରେ ଛିଡ଼ାହୋଇ ରହିଲେ । ମୁଁ ଆଗେଇଲି ।

ଲଣ୍ଠନକାଚଟା କଳା ପଡ଼ିଯାଇଥାଏ । ଆଲୋକ ଆଦୌ ସ୍ପଷ୍ଟ ନୁହେଁ । ପାଦତଳ ଚିଜ ବି ଭଲକରି ବାରି ହେଉ ନ ଥାଏ । ଛଅ ଆଠପାଦ ବାରଣ୍ଡାରେ ଯାଇ ପିଣ୍ଡାତଳକୁ ଓହ୍ଲାଇବାକୁ ଯାଉଛି, ଆଗରେ ବାଁ ପଟେ ମଣିଷ ପରି କ'ଣଟାଏ ଦିଶିଲା ।

ଛିଡ଼ା ହୋଇଗଲି ସାହସ ବାନ୍ଧି । ଲଣ୍ଠନଟାକୁ ସେଆଡ଼କୁ ଟିକେ ଖଣ୍ଡେ ବଢ଼ାଇ ଦେଇ ଦେଖିଲି ମୂର୍ତ୍ତିଟାକୁ କିଏ ଯିମିତି ପାଳଗଦାରେ ଆଉଜାଇ ରଖିଦେଇଛି । ଦେହ ଅନାବୃତ । ଅସ୍ଥିପଞ୍ଜର ସର୍ବସ୍ୱ । ମସିଆ ତନ ଗୁଡ଼ିହାତ କରିଆଣ୍ଟାଏ ପିନ୍ଧିଛି । ଆଖି ବନ୍ଦ । ଗାମୁଛାକାନ ମେଲା ହୋଇ ସେମିତିଆ ମୁଡ଼ି ବୁଣିହୋଇ ପଡ଼ିଛି । ବୋଧହୁଏ ଖାଉଥିଲା, ଶୋଇଯାଇଛି ବା ମରିଯାଇଛି ।

ଏକାବେଳକେ ଡରିଛୁଯାଇ ଚିତ୍କାର କଲି—'କିଏ ?'

ସ୍ତ୍ରୀ ପର ମୁହୂର୍ତ୍ତରେ ମୋ ପାଖରେ ଛିଡ଼ା ହୋଇଥିବାର ଅନୁଭବ କଲି । ଏଥର ଅଧିକ ଦମ୍ଭ ଦେଖାଇ ପୁଣି ପଚାରିଲି—'କିଏ ?'

"ମୁଁ" ଧୀରେ ଆଖି ମେଲାଇ ଝାପସା ଆଲୁଅରେ ଅଥମନ୍ତ ହୋଇ ଲୋକଟା କହିଲା ।

"ତୁ କିଏ ? ଏଠି କାହିଁକି ବସିଛୁ ?"

Digitized by PPRACHIN, SOA

"ଶୋଇଛି । ମୁଢ଼ି ମୁଠାଏ ଖାଉଥିଲି । ନିଦ ହୋଇଗଲା ।"

ଭଲ କରି ଦେଖିଲି ତା ଚେହେରା । ଜୀବନ ନାହିଁ । ବାର ଚଉଦ ବର୍ଷର ଦୁର୍ବଳିଆ ପିଲା ପରି ହିଁ ଠେଲିଦେଲେ ପଡ଼ିଯିବ । ଗୋଟାଏ ଥାପ୍‌କଡ଼ ପକାଇଲେ ମୂର୍ଚ୍ଛା ହୋଇଯିବ ।

ଡର ମାଡ଼ିଲା ନାହିଁ, ପଚାରିଲି, "ଏଠି କାହିଁକି ଶୋଇଥିଲୁ ? ତୋର ଏ ରୂପ ଯିଏ ଦେଖିବ ଡରିବ । ବେ ! ତୁ ସଞ୍ଜବେଳେ ଛୁଆପିଲାଙ୍କୁ ଡରାଉଥିଲୁ ?" କିଛି ଉତ୍ତର ନ ଦେଇ ସେ ଜୁଳୁଜୁଳୁ ଚାହିଁଥାଏ ନିରୀହ ପିଲାଟି ପରି ।

କହିଲି, "ଚାଲ୍, ଏଥର ଉଠ୍ । ଦାଣ୍ଡପିଣ୍ଡାକୁ ଯାଆ । ସେଇଠି ତକତପୋଷ ପଡ଼ିଛି, ଶୋଇବୁ ଯାଆ । ମୁଠେ ଯାହାହେଉ ଖାଇବାକୁ ଦେବି । ଚାଲ୍ ଉଠ୍ ।" ତା ଚେହେରା ଦେଖି ସ୍ତ୍ରୀ ମଧ୍ୟ ତା ବିଷୟରେ ଆଉ ଆଗ୍ରହୀ ହେଲେ ନାହିଁ । ଲୋକଟା ଭିକାରି, ନ ହେଲେ ପାଗଳ ।

ତାର ଖିଆପିଆ ବ୍ୟବସ୍ଥା କରିବା ଓ ଶୋଇବାପାଇଁ ତକତପୋଷ ଉପରେ ଖଣ୍ଡେ ଦିଖଣ୍ଡ ଯୋଗାଡ଼ କରିବା କଥା ଭାବୁଛି, ସେ ଛିଡ଼ା ହୋଇ ଚାଲିବାକୁ ଆରମ୍ଭ କଲା । ଧୀରେ, ଖୁବ୍ ଧୀରେ । ଯିମିତି ବାଧ୍ୟ ନିରୀହ ପିଲା ।

ବୁଲିପଡ଼ି ଗୁହାଳମୁହାଁ ହେଲା । ସିଆଡ଼େ କାହିଁକି ? ମୁଁ ତା ପଛରେ ଚାଲିଲି ଲଣ୍ଠନ ଦେଖାଇ ଦେଖାଇ । କ୍ରମେ ତାର ପଦକ୍ଷେପ ଦ୍ରୁତ ହେଲା । ଗୁହାଳ ଭିତରକୁ ଯିମିତି ପଶିଛି ଗାଈ ଓ ବାଛୁରୀ ସାପ ପରି ସଁ ସଁ ହେଲେ । ବିଦେଶୀ ବାସନାରେ ସେମାନେ ଅତିଷ୍ଠ । ଗାଈ ପଘା ଛିଣ୍ଡାଇ ତାକୁ ଆକ୍ରମଣ କରିବାକୁ ବାହାରିଲା । ମୁଁ ଅନ୍ୟପଟେ ବୁଲିଯାଇ ଲୋକଟାର ପାଖ ପହଞ୍ଚିବାକୁ ଚେଷ୍ଟା କଲି । ସେ ଗୁହାଳରୁ ତଡ଼ା ଭିତର ଦେଇ ଖସି ବାହାରିଗଲା ଏବଂ ଦୌଡ଼ିବାକୁ ଆରମ୍ଭ କଲା ।

ଆଗରେ କେନ୍ଦୁଗଛ । ତାର କଣ୍ଟା ଚେରଗୁଡ଼ାକ ଗୋଳିଆପରି ବାହାରି ରହିଥାଏ । ମୁଁ ତାକୁ ସତର୍କ କରିଦେଇ କହିଲି, 'ସିଆଡ଼େ

Digitized by PPRACHIN, SOA

ଯାଆନା; ଝୁଣ୍ଟିରେ ଝୁଣ୍ଟି ପଡ଼ିବୁ ।’ ମୋ କଥା ସେ ମାନିଲା ନାହିଁ । ସତରେ ଝୁଣ୍ଟି ପଡ଼ିଲା । ଉଠିଲା, ପୁଣି ଦଉଡ଼ିଲା । ଏଥର ମୁଁ ଚିତ୍କାର କଲି, "ବୈଦ୍ୟନାଥ ! ବୈଦ୍ୟନାଥ !" ସେମାନେ ଶୋଇ ନ ଥିଲେ । 'ଗ୍ରେର୍' 'ଗ୍ରେର୍' ଶବ୍ଦରେ ଗୁରୁ ପାଞ୍ଚ ଜଣ ଠେଙ୍ଗାବାଡ଼ି ହତିଆର ଧରି 'କାହିଁ କାହିଁ' ଡାକ ଦେଇ ଧାଇଁ ଆସିଲେ । ନିର୍ଜ୍ଜନ ନିସ୍ତବ୍ଧ ସ୍ଥାନଟି ଲୋକମୟ ଓ ଚିତ୍କାରମୟ ହୋଇଗଲା ।

ନୂଆ ଘର ସୀମା ଭିତରକୁ ସେ ପଶିଲା । ମୁଁ ଯଥାଶକ୍ତି ଦଉଡ଼ିବାକୁ ଆରମ୍ଭ କଲି । ଲୁଙ୍ଗି, ଲଣ୍ଠନ ଓ ଲୋଟା ମୋତେ ବଡ଼ ଅଡୁଆରେ ପକାଉ-ଥାନ୍ତି । ମୁଁ ସ୍ପଷ୍ଟ ଦେଖିପାରିଲି ଘର ଆଗରେ ଥିବା ଗୁରୁ ଫୁଟ ଗଭୀର ଇଟା ଭିଜାଇବା ପାଇଁ ତିଆରି ଚଉବଚ୍ଛାଟା ପାଣି ଭର୍ତ୍ତି ହୋଇ ଜହ୍ନ ଆଲୁଅରେ ଚକ୍‌ଚକ୍ କରୁଛି । କେଜାଣି କାହିଁକି, ତା ପଛରେ ଗୋଡ଼ାଉ ଗୋଡ଼ାଉ ତାକୁ ସତର୍କ କରିଦେଇ କହିଲି, "ବେ ଦେଖିବୁ, ଆଗରେ ଚଉବଚ୍ଛା, ପଡ଼ିଯିବୁ ।" କହୁ କହୁ ଶୁଣିଲି ସେ ଚଉବଚ୍ଛାରେ ପଡ଼ିଯିବାର ଶବ୍ଦ । ଦଣ୍ଡେଯାଏଁ ସେ ଏକାବେଳକେ ଅଦୃଶ୍ୟ ହୋଇଗଲା । ମୁହୂର୍ତ୍ତକେ ବାହାରି ପଡ଼ି ଓଦା ସରସର ହୋଇ ଉଠିଲା ଅପର ପାର୍ଶ୍ୱକୁ । ସେତେ-ବେଳକୁ ମୁଁ ଚଉବଚ୍ଛା ବୁଲିଯାଇ ତାକୁ ଓଗାଳିଲି । ମୋତେ ଯିମିତି ସେ ଦେଖି ଦେଇଛି କଣ ଭାବିଲା କେଜାଣି, ଉଭା ଲଙ୍ଗଳା ହୋଇଗଲା ଏବଂ ମୋର ଆଡ଼କୁ ମୁହଁ କରି ପିନ୍ଧା ଗାମୁଛାକୁ ଚିପୁଡ଼ିଲା, ଝାଡ଼ିଲା ଏବଂ ଆଣ୍ଠୁ କରି ପୁଣି ପିନ୍ଧିଲା । ମୁଁ ବା କଣ କରନ୍ତି ? ମୋର ତ ଗୋଟାଏ ହାତରେ ଲଣ୍ଠନ, ଅନ୍ୟ ହାତରେ ଲୋଟା । ତାକୁ ଜାବୁଡ଼ି ଧରିବି କିମିତି ? ସେ ଗଡ଼ାଣିଆ ପଡ଼ିଆ ଦେଇ ଧାଇଁଲା ମୋ ବାଡ଼ିପଛ ଧାନବିଲ ଆଡ଼କୁ । "ଗଲା ଗଲା, ଚାଲ କିଆରି ଆଡ଼କୁ" ଚିତ୍କାର କରି ବୈଦ୍ୟନାଥକୁ ସୂଚନା ଦେଲି ତାକୁ ଧରିବା ପାଇଁ ।

ପ୍ରାୟ ମିନିଟ୍‌କ ଭିତରେ ଦୂରରେ 'ଚବ୍‌ବର ଚବ୍‌ବର ଧସ୍ତାଧସ୍ତି ଶବ୍ଦ ଶୁଭିଲା । ପରେ ପରେ ବୈଦ୍ୟନାଥର ଗଳା ଶବ୍ଦ "ଯିବୁ କୁଆଡ଼େ ?" ଲଣ୍ଠନଟା ହାତରୁ ଖସି ପଡ଼ି ଦପ୍‌ଦାପ୍ ନଭିଗଲା । ଛୁପଚ୍ଛପକିଆ ଜହ୍ନ ଆଲୁଅରେ ତିନି ଗୁରିଟା ଛାୟା ମୂର୍ତ୍ତି ମୋ ଆଡ଼କୁ ଆସୁଥିବାର ଦେଖିଲି ।

Digitized by PPRACHIN, SOA

ବୈଦ୍ୟନାଥ ଛଅଫୁଟିଆ ଜବାନ ଟୋକା; କାଠ କାମ କରି ତା ହାତର ମାଂସପେଶୀ ବଳିଷ୍ଠ, ଫୁଲିଫୁଲି । ଭୁଆ ବଗାଡ଼ ଚୁଟିଆ ମୂଷାକୁ ଅକ୍ଳେଶରେ ଧରିଲା ପରି ବୈଦ୍ୟନାଥ ଲୋକଟାକୁ ଶୂନ୍ୟେ ଶୂନ୍ୟେ ଟେକ ଧରିଥାଏ । ଏହା ଭିତରେ କୁରଙ୍ଗା ସାହିରୁ ଆଉ ଚାରି ପାଞ୍ଚ ଜଣ ଲୋକ ମୋ ପାଖକୁ ଆସିଗଲେ । ସେ ଛଟପଟ କରୁଥାଏ ଓ କିଛି କହୁ ନ ଥାଏ । ବିଦ୍ଧହଯାକ କାଦୁଅ । ତଳକିଆଗରେ ତାକୁ ମାଡ଼ିବସି ବୈଦ୍ୟନାଥ ଧରିଛି ।

ପଡ଼ିଆରେ ଗୋଟାଏ କୁଦ ଉପରେ ଏମାନେ ତାକୁ ଛିଡ଼ା କରାଇଲେ ଏବଂ ମରାମରି ଆରମ୍ଭ କରିଦେଲେ । ବିଧା, ଥାପ୍‌କଡ଼, ମୁଥ । ମୁଁ ଦେଖିଲି ଲୋକଟାକୁ ସେମାନେ ମାରିଦେବେ । କହିଲି, "ଥାଉ ଥାଉ, ମାରନା; ମରିଯିବ । ଢେର ହେଲାଣି । କିଛି ତ ଚୋରି କରିନି । ପାଗ୍‌ଲାଟା । ଛାଡ଼ି ଦିଅ । ଯୁଆଡ଼େ ଯିବ ଯାଉ ।"

ଲୋକଟାର ଦରିଦ୍ର ଚେହେରା ଓ ଦୟନୀୟ ଅବସ୍ଥା ଦେଖି ପ୍ରତିରୋଧ ଶକ୍ତିର ଅଭାବ ଅନୁଭବ କରି ସମସ୍ତେ ତାକୁ ଛାଡ଼ିଦେବାକୁ ମତ ଦେଲେ । କିନ୍ତୁ ବୈଦ୍ୟନାଥ ନଛୋଡ଼ବନ୍ଧା । ସେ କହିଲା, "ଲୋକଟା ଚୋର କି ଭିଖାରି; ରୋଗୀ କି ପାଗଳ ଆମେ ଜାଣୁନା; ଚାଲ ଥାନାକୁ ନେଇଯିବା, ସେମାନେ ଯାହା କରିବେ ।"

ମୁଁ ବି ରାଜି ହେଲି । ଜୀବନରେ ଗୋଟାଏ ହେଲେ ତ ଚୋର ଧରିଛି । ଜନସାଧାରଣ ସହଯୋଗ ନ କଲେ ପୋଲିସ୍ ଚୋରି ନିରୋଧ କରିବ କିମିତି ? ଯେଉଁ ବେଶରେ ଥିଲି ସେଇ ବେଶରେ ଦେଢ଼ ମାଇଲ ଦୂର ସହର ଭିତର ଥାନାକୁ ଚାଲିଲି । ବୈଦ୍ୟନାଥ ଓ ଆଉ ଦୁଇଜଣ ଆମ ସାଙ୍ଗକୁ । ମୋ ପୁଅ ବି କଅଁା ନିଦରୁ ଉଠି ଆମ ସାଙ୍ଗରେ ଯୋଗ ଦେଲା । ଭାଗ୍ୟକୁ ବଜାର ରାସ୍ତା ନିର୍ଜନ । ନ ହେଲେ ମୋତେ ଲାଜ ମାଡ଼ିଥାନ୍ତା ଏମିତି ବେଶରେ, ଏମିତି ସାଙ୍ଗ ମେଳରେ, ଏମିତି ଆସାମୀକୁ ଧରି ଝଚ୍ ବଜାରରେ ଏକ ଦୃଶ୍ୟ ସୃଷ୍ଟି କରିବାକୁ ।

ଥାନାବାଲାଏ ଆସାମୀକୁ ଦେଖିଦେଲାମାତ୍ରେ ଉଲ୍ଲାସ ଧ୍ୱନି କରିବାକୁ ଲାଗିଲେ । ଦାରୋଗାବାବୁ ମୋତେ ଶୁଣେଇଁ କହିଲେ, "ସାର୍ ! ୟାକୁ

Digitized by PPRACHIN, SOA

କେଉଁଠୁ ପାଇଲେ ? ଯୁଆଙ୍କୁ କେମିତି ପାଇଲେ ?" ତାଙ୍କୁ ଗୃହିଁ କହିଲେ, "ବେ ଶଳା ମୋର ! ତୁ ଏତେ ଦିନ କୁଆଡ଼େ ଥିଲୁ ବେ ? ଶଳା ! ଏସ୍. ପି. ଆମ ଗୁକର ସାତ ଦିନ ଭିତରେ ଖାଇ ଦେଇଥାନ୍ତା ବେ ।" ପୁଣି ମୋତେ ଗୃହିଁଲେ, ଧୀରେ ଧୀରେ କହିଲେ, "ସାର୍ ଏ ଗୋଟାଏ ପୁରୁଣା ଦାଗୀ; ତିନି ଗ୍ରର ଥର ମାମୁଁ ଘର ଦେଖିଲ୍ଣି । ଏଇ ରଥଯାତ୍ରା ଭିତରେ ତିନିତିନିଟା ଚୋରି କରି ସାରିଲ୍ଣି । ଆମର ଗୁକରି ଗୃଲିଯାଇଥାନ୍ତା ଯୁଆର ପାଇଁ । ଆପଣ ଆମକୁ ବଞ୍ଚାଇ ଦେଲେ ।"

ଆଦର ଅଭ୍ୟର୍ଥନା ଭିତରେ ଗୁ' ପାନ ଓ ସିଗାରେଟ୍ ଯଥେଷ୍ଟ ମିଳିଲ୍ । ଚୋର ହାଜତକୁ ଗୃଲିଗଲ୍ । ଏଫ୍. ଆଇ. ଆର. ଲେଖିବାରେ ଦାରୋଗାବାବୁ ମୋତେ ସାହାଯ୍ୟ କଲେ । ଲେଖା ସରିବାରୁ ଦାରୋଗାବାବୁ କହିଲେ, "ଜାଣିଲେ ନା ସାର୍, ଏ ଆମର ଗୋଟିଏ ବଡିବ ଚୋର । ଖାଲି ଫେଣାଗାଣ୍ଡି ଚୋରି କରେ । ଲୋକଟା ବାହା ହୋଇନି । ତାର ଗୋଟିଏ ଭଉଜ ଅଛି । ଭାଇ ପ୍ରାଇମେରୀ ସ୍କୁଲ ଟିଚର୍ । ଯାହା ଚୋରି କରେ ସବୁ ଭାଉଜକୁ ଦିଏ । ଟିକିଏ ଭଦ୍ରଘରର ପିଲା ତ ! ଏଠିସେଠି ମିଳିମିଶି ରହିଯାଏ । ଚନ୍ଦି ହୁଏ ନାହିଁ, ଧରି ହୁଏ ନାହିଁ । ମଦ ଟିକେ ଟିକେ ପିଏ । ଭାଉଜ ସହିତ କି ପ୍ରକାର ସମ୍ପର୍କ ଜାଣିବା ମୁସ୍କିଲ । ତା ଭାଇ ତା ପାଇଁ ବହୁତ ଦୁଃଖ କରେ । କିନ୍ତୁ ସେ ନାଗୁର ।" ଏସବୁ ଶୁଣି ଭାବିଲି ଏଫ୍.ଆଇ.ଆର୍. ନ ଦେଇଥିଲେ ହୁଏତ ଭଲ ହୋଇଥାନ୍ତା ।

ରାତି ପ୍ରାୟ ବାରଟାରେ ଘରକୁ ଫେରିଲି । ଭିତରୁ କବାଟ ବନ୍ଦ କରି ଦରଜା ପାଖରେ ଅପେକ୍ଷା କରି ସ୍ତ୍ରୀ ବସିଥାନ୍ତି । ଏଇ ସ୍ତ୍ରୀ ଲୋକ-ଗୁଡ଼ାକଙ୍କର ଅସୀମ ଧୈର୍ଯ୍ୟ, ଅସାଧାରଣ ପ୍ରେମ । ପୁରୁଷ ଜାତି ଘରଦ୍ୱାର କରି ବଞ୍ଚି ରହିଛନ୍ତି ଏଇ ସ୍ତ୍ରୀ ଜାତିର ଉତ୍ସାହ ଓ ପ୍ରେରଣା ବଳରେ ।

ପରଦିନ ସକାଳେ ପିଲାମାନେ ସେଇ ଚୋର କଥା କହୁଥାଆନ୍ତି । ଦାରୋଗାବାବୁ ଦୁଇଜଣ କନେଷ୍ଟବଳ ଗହଣରେ ଆସି ସରଜମିନ ତଦନ୍ତ କଲେ । ଚୋର ତ କିଛି ହୋଇନାହିଁ । ତେଣୁ ସେ ଚୋର ବସିଥିବା ସ୍ଥାନ, ବାଡ଼ିପିଣ୍ଡା ଓ ଗୁହାଳ ଇତ୍ୟାଦି ଠିକଣା ମାପଯୋଗ କରି ନକ୍ସା ଟିକ ସବୁ ବାହାର କରି ନେଇଗଲେ ।

Digitized by PPRACHIN, SOA

ଭବିଷ୍ୟତରେ ଯେପରି ଏମିତି ଘଟଣା ନ ଘଟେ ସେଥିପାଇଁ ଗୋଟାଏ ଲମ୍ବା ବାଉଁଶ ଅଗଣାରେ ପୋତି ଅଗରେ ଶହେ ଓ୍ୱାଟ୍ ବଲ୍‌ବଟାଏ ଲଗାଇ ଦେଲି । ସାରା ଇଲାକା ରାତିଯାକ ଆଲୋକିତ ଥାଏ ।

ଘଟଣା କ୍ରମେ ପାସୋରି ଗଲା । ହେଲେ ସେ ଲୋକଟାର ଚିହ୍ନାଚିହ୍ନା ମୁହଁଟା ଆଉ ଦାରୋଗା କହିଥିବା ତା ଜୀବନର ସଂକ୍ଷିପ୍ତ ଅଥଚ କରୁଣ ଇତିବୃତ୍ତ ମଝିରେ ମଝିରେ ମନେ ପଡ଼ିଗଲେ ଦୁଃଖ ଲାଗେ । ମୁଁ ନିଜକୁ ଧିକ୍‌କାର କରେଁ ।

ଯେଉଁଦିନ କଚେରୀର ଡାକରା ଆସିଲା, ସେଦିନ ନିଜକୁ ଅଭିଶାପ ଦେଲି । କେବଳ ମୁଁ ନୁହେଁ, ମୋର ନାବାଳକ ପୁଅଟି ମଧ୍ୟ ସାକ୍ଷୀ । ଆମର ପଡ଼ୋଶୀ ବୈଦ୍ୟନାଥ ଓ ତା ଲେଖାଯୋଖା ଭାଇ ମଧ୍ୟ ।

ତାରିଖ ଦିନ ସକାଳୁ ଥାନାରୁ ସିପାହିଟାଏ ଆସି ଆମକୁ ଦଶଟା ବେଳକୁ କଚେରୀକୁ ଯିବାକୁ କହିଗଲା । ମୋର ଭୟ କୋର୍ଟ କଚେରୀ ହାକିମଙ୍କୁ ନୁହେଁ, ଓକିଲଗୁଡ଼ାକୁ । କଣ ନା କଣ ଜେରା କରି ବସିବେ, କଥା ଓଲଟପାଲଟ ହୋଇଯିବ, ସ୍ୱର ଖସିଯିବ, ବୋକା ସାବ୍ୟସ୍ତ ହେବି ସମସ୍ତଙ୍କ ଆଗରେ ।

—ହାଜର ହେ,—ହାଜର ହେ,—ହାଜର ହେ । ତିନିଥର କର୍କଶ ଡାକରେ ବରଗଛ ମୂଳର ଛତାଯୋଡ଼ା ମହାମହିକାମାନେ, ଭେଣ୍ଡର, ପିଟିସନ ରାଇଟର ସମସ୍ତେ ଚମକିଗଲେ । ଏମିତି ଡାକ ଶୁଣି ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କି ଗୋଇଠା ମାରିଥିଲା । ଏମିତି ଡାକ ସୃଷ୍ଟି ଶେଷରେ ଦେବଦୂତ ମୁହଁରୁ ଶୁଣାଯିବ, ଯାହା ଶୁଣି ସମସ୍ତେ ଦଣ୍ଡ ବା ପୁରସ୍କାର ନେବାପାଇଁ ଭଗବାନଙ୍କ ସିଂହାସନ ଆଗରେ ଛିଡ଼ାହେବେ । ବିନୀତ ବିନମ୍ର ଗଳାରେ 'ହାଜର' କହି କୋର୍ଟ ଭିତରକୁ ପଶିଲି । ହାକିମ କୁଆଡ଼େ ଭାରି ଟାଣୁଆ ମେଜାଜ୍‌ର । ପନିଶିଂ ମାଜିଷ୍ଟ୍ରେଟ ବୋଲି ତାଙ୍କ ଡାକ ନାଆଁ । ଦଣ୍ଡ ଦେବାରେ ତାଙ୍କର ଆନନ୍ଦ ।

କାଠ ରେଲିଂ ଥିବା ପ୍ଲାଟଫର୍ମ ଉପରକୁ ଯାଇ ଧର୍ମାବତାରଙ୍କୁ ସମ୍ମାନ ଜଣାଇଲି । ଦେଖିଲି, ଦାରୋଗା ପାଖକୁ ଜମାନବନ୍ଦୀ ଦେଇ ସାରିଥିବା ବୈଦ୍ୟନାଥ, ତା ଭାଇ ଏବଂ ମୋର ପୁଅ ଛିଡ଼ା ହୋଇଛନ୍ତି ।

Digitized by PPRACHIN, SOA

ସାମନାରେ ଟଙ୍ଗା ହୋଇଥିବା ଇଂରାଜୀ ଶପଥପତ୍ର ପାଠ କରିଥିଲେ ହୁଏତ ହୃତ୍‌ସ୍ପନ୍ଦନ ଏତେ ବଢ଼ି ନ ଥାନ୍ତା । ମାତୃଭାଷା ମଣିଷ ପକ୍ଷରେ ଏତେ ପୂତ ଓ ପବିତ୍ର । ଓଡ଼ିଆରେ ଥରଥର କଣ୍ଠରେ ଶପଥପତ୍ର ପଢ଼ି ସାରିଛି, ଚପରାସିଟି ମୋ ଆଗରେ ଛିଡ଼ାହୋଇ କହିଲା, 'କୁହ ଯାହା କହିବ ଧର୍ମରେ ସତ କହିବ ।" ଯନ୍ତ୍ରଚାଳିତ ପରି ମୋ ପାଟିରୁ ବାହାରିଲା, "ଯାହା କହିବ ଧର୍ମରେ ସତ କହିବ ।"

ବାଁ ପାଖକୁ ମୋର ଖୁବ୍ ପାଖରେ କାଠଗଡ଼ ଭିତରେ କାନ୍ଥକୁ ଆଉଜି ଛିଡ଼ା ହୋଇଥିଲା ଆସାମୀ । ଅତି କ୍ଷୀଣ ଶରୀର, ସରୁଆ ନିରୀହ ମୁହଁ, ପରିଧାନ ସେଇ ମଳିଆ ଗୃହପାଳିତ କରିଆ । ତିନିମାସ ତଳେ ଜୁନ ୩୦ ତାରିଖ ରାତିରେ ଜହ୍ନ ଆଲୁଅରେ ବା ଲଣ୍ଠନ ଆଲୁଅରେ ବା ଉଭୟର ମିଶ୍ରିତ ଆଲୁଅରେ ସେ ମୁହଁଟି ଦେଖିଥିଲି । ଆଜି ଦଣ୍ଡେ ତା ଆଡ଼କୁ ଚାହିଁଛି, ଧୀରେ ଧୀରେ ତା ମୁହଁଟା ବହୁଦିନର ଚହ୍ନା ମୁହଁ ପରି ଜଣାଗଲା ! ଆଖି ଫେରାଇ ଆଣିଲି । ମୁଁ ତ ପ୍ରକୃତରେ ତାଙ୍କୁ ଦଣ୍ଡ ଦେବାକୁ ଚାହୁଁ ନ ଥିଲି । ଜୁନ ୩୦ ତାରିଖ ରାତି ନୁହେଁ, ତା ଜୀବନ ଚରିତ ଶୁଣିବା ପାଖରୁ ନୁହେଁ ବା ଆଜି ବି ନୁହେଁ । ସେ ବା ମୋର କଣ କ୍ଷତି କରିଛି ? କିନ୍ତୁ ଚଳନ୍ତା ଶଗଡ଼ରେ ହାତ ପୂରାଇଲେ କାଢ଼ିଆଣିବା ସେତେ ସହଜ ନୁହେଁ ।

ଜମାନବନ୍ଦୀରେ ଠିକେ ଠିକେ କହିଗଲି ସେଦିନ ରାତିର ଘଟଣାବଳୀ । ଏଫ୍.ଆଇ.ଆର୍.ଟା ଉପରେ ଥରେ ଆଖି ପକାଇ ନେଇଥିଲି ଘଟଣା ଯିମିତି ଅମେଳ ନ ହୁଏ । ଧର୍ମରେ ସତ କହିବାରେ କିଛି ଅସୁବିଧା ହେଲା ନାହିଁ ।

ତାପରେ ଜେରା । ଜେରା କରିବ କିଏ ? ବୈଦ୍ୟନାଥ, ତା ଭାଇ ଓ ପୁଅକୁ କେହି ଜେରା କରିନାହାଁନ୍ତି । ତା ତରଫ ଓକିଲ କେହି ନାହିଁ । ହାକିମ ଆସାମୀ ଆଡ଼କୁ ଚାହିଁ ପଚାରିଲେ, "ତୁମର କିଛି ପଚାରିବାର ଅଛି ? ଜେରା କରିବାର ଅଛି ?"

ହଁ କହି ସେ ମୋ ଆଡ଼କୁ ଚାହିଁ ଆରମ୍ଭ କଲା, 'ସାର୍ ମୋ ଆଡ଼କୁ ଚାହାନ୍ତୁ ।'

Digitized by PPRACHIN, SOA

ଅଗତ୍ୟା ମୁଁ କରୁଣ ଚାହାଣିଟିଏ ତା ଉପରେ ପକାଇଲି ଏବଂ ବେଶ୍ ଚିହ୍ନିଲି, ସେ ମୋର ଅତି ଅନ୍ତରଙ୍ଗ ବାଲ୍ୟବନ୍ଧୁ ହେମନ୍ତ ବୋଲି ।

ଶୀତ ଦିନରେ ବି ସାରା ଦେହରୁ ଝାଳ ବାହାରିଗଲା ।

ପଚାରିଲା ପ୍ରଥମ ପ୍ରଶ୍ନ—ମୋତେ ଚିହ୍ନିପାରୁଛନ୍ତି ସାର୍ ?

ହଁ ନା ମଧ୍ୟବର୍ତ୍ତୀ ଉତ୍ତରଟିଏ ଦେଲି । ଯଦିଓ ଧର୍ମରେ ସତ କହିବାକୁ ଗଲେ ସ୍ପଷ୍ଟ ହଁ କହିବା କଥା ।

"ଚାଳିଶ ବର୍ଷ ତଳେ ଆମ ଗାଁରେ ଆମ ଘର ଆଗ ତେନ୍ତୁଳିଗଛ ମୂଳରେ ଆମେ ଦୁହେଁ ଲଙ୍ଗଳା ହୋଇ ଖେଳୁଥିଲେ, ମନେ ପଡ଼ୁଛି ସାର୍ ?"

'ହୁଁ, ଲଙ୍ଗଳା ହୋଇ ଖେଳୁଥିଲେ କି ଲୁଗାପିନ୍ଧି ଖେଳୁଥିଲେ, ମୁଁ କହିପାରିବି ନାହିଁ ।' ତାର ଏ ଅଶ୍ଳୀଳ ପ୍ରଶ୍ନରେ ମୁଁ ରାଗି ଯାଇଥିଲି ।

"ମୋ ମାଆ ପାଗିଳୀ ହୋଇ ଯାଇଥିଲା । ବାପା ଆପଣଙ୍କୁ ନିମ୍ନ ପ୍ରାଇମେରୀ କ୍ଲାସ୍‌ରେ ପଢ଼ାଉଥିଲେ, ମନେ ପଡ଼ୁଥିବ ?"

ମନେ ପଡ଼ିଲା, ତା ମାଆ କମିତି ତା ଭଉଣୀ ଗୋଟାକୁ ପାଗଳାମିରେ ତଣ୍ଟିଚିପି ମାରି ଦେଇଥିଲା । ଆହୁରି ମନେ ପଡ଼ିଲା, ବାପା ଜଜବାପାଙ୍କ ଅନୁନୟ ବିନୟରେ ତା ବାପା ମୋତେ ଏମିତିରେ ଘରେ ପଢ଼ାଉଥିଲେ ଧନୀ ଲୋକଙ୍କ ପିଲା ସାଙ୍ଗରେ । କିନ୍ତୁ ଉତ୍ତର ଦେଲି ନାହିଁ ଏ ପ୍ରଶ୍ନର । ବରଂ ହାକିମଙ୍କ ଆଡ଼କୁ ଚାହିଁ ଆପତ୍ତି କଲି ପ୍ରଶ୍ନ ଅପ୍ରାସଙ୍ଗିକ ହେଉଛି ବୋଲି । ହାକିମ ଘଟଣା ସମ୍ପର୍କରେ ପ୍ରଶ୍ନ ପଚାରିବାକୁ ତାକୁ କହିଲେ ।

ସେ ଆରମ୍ଭ କଲା, "ସାର୍ ଦେଖନ୍ତୁ, ମୁଁ ଗରିବ ଲୋକ, ମୂର୍ଖଲୋକ, ପାଠଶାଠ କିଛି ପଢ଼ି ପାରିନି । ନିଜେ ମୁଁ ମୋର ଓକିଲ । ଆପଣ କେଡ଼େ ବଡ଼ଲୋକ, କେଡ଼େ ଭାଗ୍ୟବାନ, ହଜାର ହଜାର ଅନ୍ଧକୁ ଚକ୍ଷୁଦାନ କରୁଛନ୍ତି । ମୁଁ ଚୋର ଜେଲଖଲାସୀ; ଦୟାକରି କୁହନ୍ତୁ ମୋ ପ୍ରଶ୍ନର ଉତ୍ତର । ଆପଣ ଯେତେବେଳେ ମୋତେ ଧରିଲେ···"

ହଠାତ୍ ତା କଥାକୁ ବ୍ରେକଦେଇ ଧର୍ମରେ ସତ କହିଲି, "ମୁଁ ତ ତୁମକୁ ଧରିନାହିଁ, ବୈଦ୍ୟନାଥ ଧରିଛି ।"

Digitized by PPRACHIN, SOA

"ଠିକ୍ ସାର୍ ! ବୈଦ୍ୟନାଥ ଧରକର ମୋତେ କେଉଁଠାକୁ ଆଣିଲ ?"

"ମୋ ନୂଆଘର ପାଖକୁ ।"

"ବେଶ୍, ଠିକ୍ କଥା । ମୋତେ ସେମାନେ କେଉଁଠି ଛୁଡ଼ା କରାଇଲେ ?"

"ପଡ଼ିଆର ସେଇ କୁଦଟା ଉପରେ ।"

"ବାଃ ! ଠିକ୍ ! ଆଚ୍ଛା ସାର୍, ସେମାନେ ଯେତେବେଳେ ସେଇଠି ମୋତେ ବାଡ଼ଉଥିଲେ, ଆପଣ କହୁଥିଲେ ନା ଆଉ ଥାଉ ମାରନାହିଁ, ବଟ୍ଟଗ ମରିଯିବ ଯେ ?"

ମୁଁ ଚୁପ୍ ରହିଲି, ଭାବିଲି କୁଆଡ଼କୁ ପ୍ରଶ୍ନ ନେଉଛି ?

"କହୁ ନ କୁହନ୍ତୁ । ସାର୍ ମୋର ସେଇ ଗୋଟାଏ ପ୍ରଶ୍ନ । ଯେତେବେଳେ ସେମାନେ ମୋତେ ବାଧା ଗୋଇଠା ଧକ୍କା ମାରୁଥିଲେ, ଆପଣ କହୁଥିଲେ ନା ଥାଉ ଥାଉ ଢେର ହେଲଣି । କହୁ ତ ଗ୍ରେଟକରନ । ପାଗଲଟା । ଛାଡ଼ିଦିଅ । ଯୁଆଡ଼େ ଯିବ ଯାଉ ।" ଦଣ୍ଡେ ଅଟକ ଯାଇ କହିଲି, "କୁହନ୍ତୁ ସାର୍ ! ଆପଣ ଜଣେ ବଡ଼ ପ୍ରଫେସର, ଅନ୍ଧକୁ ଆଖି ଦେଉଛନ୍ତି, ମାନସମ୍ମାନ ପାଉଛନ୍ତି । ସମାଜର ଜଣେ ବଡ଼ଲୋକ, ଆପଣ ଭାଗ୍ୟବାନ୍ । ମୁଁ ଘୃଣ୍ୟ, ନଗଣ୍ୟ, ଜଘନ୍ୟ, ଜେଲଖଲସି, ଗ୍ରେଟ, ଗରିବ; ମୋର ସାହାଭରସା କେହି ନାହିଁ । ଆପଣଙ୍କ ପଦେ ହଁ, ନା ଉପରେ ମୋ ଜୀବନ ନିର୍ଭର କରୁଛି । କୁହନ୍ତୁ ସାର୍, ଧର୍ମରେ ସତ କହିବେ ବୋଲି ଶପଥ ନେଇଛନ୍ତି । କୁହନ୍ତୁ, ଆପଣ ସେମିତି କହୁଥିଲେ କି ନାହିଁ ?"

ପନଶିଂ ମାଜିଷ୍ଟ୍ରେଟ୍ ମୋର ଅସହାୟ ଓ ଦୟନୀୟ ଅବସ୍ଥା କେତେବେଳୁ ନଜର କରିସାରିଲେଣି । ମୋକଦ୍ଦମା ଯେ ଫସକି ଯାଇପାରେ, ଏକଥା ତାଙ୍କୁ ହୃଦବୋଧ ହେଲଣି । ମୁଁ ଜୁ କୁଜୁ କୁ ହୋଇ ତାଙ୍କ ଆଡ଼କୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁ ରହିଛି; ସେ ପାଟିକରି କହିଲେ, କଣ ସେଇ ଗୋଟାଏ କଥା ଥରକୁ ଥର ପଚାରୁଛୁ ! ସେ ସେମିତି କହୁ କହି ନାହାନ୍ତି, କହୁଥିଲେ ତୁ ଏଠିକି ଆସିଥାନ୍ତୁ ? ମୁଁ ଧର୍ମରେ ସତ କହୁଥାନ୍ତି

Digitized by PPRACHIN, SOA

'ଅଶ୍ୱତ୍ଥାମା ହତ' ବୋଲି ମାତ୍ର 'ଇତି ଗଜ' ଖୋଜି ପାଉନଥିଲି । ହାକିମଙ୍କୁ ପାଳି ଦେଇ ଆସାମୀଙ୍କୁ ଗୃହିଁ 'ନା' କହିଦେଲି । ସେ କପାଳରେ ହାତ ଦେଇ ବସି ପଡ଼ିଲ୍ । ମୂର୍ଚ୍ଛା ହୋଇଯିବ ଡର ଚେୟାରଟାରେ ବସି ପଡ଼ିଲି । ବକ୍ତୃର ଶେଷ ।

ପରେ ହନେ ଦାରୋଗାବାବୁଠାରୁ ଶୁଣିଲି ଅନଧିକାର ପ୍ରବେଶ ଓ ଅନ୍ୟାନ୍ୟ କେତୋଟି ଦଫାରେ ହେମନ୍ତଙ୍କୁ ତିନିବର୍ଷ ସଜା ହୋଇଯାଇଛି । ତାର ଭାଉଜ ପାଗଳୀ ହୋଇ ପ୍ରତିଦିନ ଥାନାକୁ ଆସି 'ହେମ କାହିଁ, ମୋ ହେମ କାହିଁ ?' ଚିତ୍କାର କରୁଛି, ମାଆ ଛୁଆକୁ ହରାଇ ଯେମିତି ଅଧୈର୍ଯ୍ୟ ହୁଏ ।

ଥରେ ଧର୍ମରେ ସତ (!) କହିଥିଲି ଯେ ଜଣେ ତିନିବର୍ଷ ଜେଲ୍, ଆଉଜଣେ ପାଗଳୀ । ସମ୍ପତ୍ତି, ଧନଜୀବନ ଯାଉ ପଛକେ ହିଶାପୁ ବାର ଧର୍ମରେ ସତ କହିବାକୁ ଆଉ ଯିବି ନାହିଁ ।

Digitized by PPRACHIN, SOA

# ଅଭିନୟ

ସୁମିତ୍ରା ହସୁଥାଏ ଏବଂ କହୁଥାଏ, "ମୋ ଦେଇ ପାର୍ଟ ହବନି, ସାର୍, କାହିଁକି ମୋତେ ବଳାଉଛନ୍ତି ! ମୁଁ ଜୀବନରେ କେବେ ପାର୍ଟ କରିନି, ଷ୍ଟେଜ ଉପରେ ଡର ମାଡ଼ିବ, ଥରିବ; ପାଟିରୁ ଭାଷା ବାହାରିବ ନାହିଁ । ଆପଣଙ୍କ ଡ୍ରାମା ନଷ୍ଟ ହୋଇଯିବ ।"

ସୁମିତ୍ରାର କଥାବାର୍ତ୍ତା ଭାବଭଙ୍ଗୀରୁ ମୋର ବେଶ୍ ହୃଦବୋଧ ହେଲା ଯେ ତା ଦେଇ ଅଭିନୟ ବଢ଼ିଆ ହେବ କିନ୍ତୁ ତାକୁ ମଙ୍ଗାଇବା ମୁସ୍କିଲ । ଏ ଗୋଟାଏ ମଫସଲ କଲେଜ । ଏଠି ଝିଅମାନେ କେବେ ମଞ୍ଚକୁ ଓହ୍ଲେଇ ନାହାନ୍ତି ; ଗାଁବାଲା ରକ୍ଷଣଶୀଳ, ମରହଟ୍ଟିଆ , ମୋଟେ ପସନ୍ଦ କରିବେନି ଝିଅପୁଅଙ୍କ ଏକତ୍ର ଅଭିନୟ ; ବଦନାମି ସାର୍ ହେବ ।

ସୁମିତ୍ରାକୁ ଆଉ ଖୋସାମତ କରିବାକୁ ଇଚ୍ଛା ହେଉ ନ ଥାଏ । ତଥାପି ଯେତେବେଳେ ମନେ ପଡ଼ିଲା ଯେ ପୁଅଙ୍କୁ ଝିଅ ସଜେଇ ପୁଣି ସେକ୍ସପିଅର ଯୁଗର ଥିଏଟର କରିବାକୁ ପଡ଼ିବ, ମୋର ଆତ୍ମା ବିଦ୍ରୋହୀ ହୋଇ ଉଠିଲା । ତା' ଛଡ଼ା ସୁମିତ୍ରା ପାଖରେ ଯେଉଁକି କଳା ଲକ୍ଷଣ ଦେଖିଲିଣି, ସେଥିରୁ ମୋର ବେଶ୍ ଧାରଣା ହୋଇଛି ଯେ ଯେଉଁ ନାଟକ ନିର୍ବାଚନ କରିଛି ତାର ନାୟିକାପାଇଁ ତାଠୁଁ ଯୋଗ୍ୟ ଅଭିନେତ୍ରୀ ଆମ କଲେଜରେ କାହିଁକି, ପାଞ୍ଚଦଶଟା କଲେଜ ଖୋଜିଲେ ବି ମିଳିବେ ନାହିଁ । ମୋର ନାୟିକା ଜନନୀ ; ତେଣୁ ଏମିତି ଝିଅ ମୋର ଦରକାର ଯେକି ଜନନୀ ନ ହୋଇ ଜନନୀ ପରି ଦିଶୁଥିବ ଏବଂ ଜନନୀର ଭାବଭଙ୍ଗୀ ଫୁଟାଇ ପାରୁଥିବ । ସୁମିତ୍ରାକୁଇ ମୋର ଦରକାର ।

ମୁଁ କହିଲି, "ସୁମିତ୍ରା ! ତୁମ ଦେଇ ଏ ପାର୍ଟ ବଢ଼ିଆ ହେବ ; ମିଛରେ ଡରୁଛ, ନାରଭସ୍ ହେଉଛ, କେତୁଟା ଦିନ ରିହାର୍ସେଲ ପରେ ଦେଖିବ, ତୁମେ ବେଶ୍ ଅଭିନୟ କରି ପାରୁଛ । ମଞ୍ଚରେ ବେପରୁଆ

Digitized by PPRACHIN, SOA

ଚଲବୁଲ କରି ସ୍ୱାଧୀନ ଭାବରେ ନିର୍ଭୟରେ ଫ୍ରି ଆକ୍ଟିଂ କରି ପାରିବ । ତୁମେ ଆସିଲେ ନାଟକ ଅଲବତ୍ ସଫଳ ହେବ । ତା'ଛଡ଼ା ଏତିକି ଭାବୁନ, ତୁମେ ସବୁ ଏତେ ଝିଅ ଥାଉଁ ଥାଉଁ ପୁଅଙ୍କୁ ତୁମ ପାର୍ଟ ଦିଆଯିବ; ଏହା ଝିଅଙ୍କ ପକ୍ଷରେ ତଥା କଲେଜ ପକ୍ଷରେ କେତେ ଲଜ୍ଜାକର କଥା ! ତୁମେ ରାଜି ହୋଇଯାଅ, ଭଲ ହେବା ନ ହେବା ମୋ ଉପରେ ଛାଡ଼ିଦିଅ ।"

"ମୁଁ ସବୁ ବୁଝୁଛି ସାର୍, ତଥାପି ମୋତେ ଆଉ ବଳାନ୍ତୁ ନାହିଁ । ଏତେ ଝିଅ ଅଛନ୍ତି, ଆଉ କାହାକୁ କହନ୍ତୁ । ଏ ଜାଗା କଥା ଆପଣ ଜାଣନ୍ତି ନାହିଁ, ନୂଆକରି ଆସିଛନ୍ତି । ଏ କଲେଜ ପିଲା···"

ସୁମିତ୍ରା ସାଙ୍ଗରେ ଯେଉଁ ସାତ ଆଠଜଣ ଝିଅ ଥିଲେ ସେମାନେ ମୋର ନିବେଦନରେ ବୋଧହୁଏ ତରଳିଯାଇ କହିଲେ, "ସୁମିତ୍ରା ! ତୁ ରାଜି ହୋଇଯା; ଆମେ ତୋ ପଛରେ ଅଛୁ, ଦେଖିବା କିଏ କଣ କହିବ, କରିବ ।"

ସୁମିତ୍ରା କହିଲା, "ତୁମେ ସବୁ ଘର ଝିଅଲୋକ ଅଛ, ମୋତେ ବାଘ-ମୁହଁକୁ ପେଲିଦେଇ···ତୁମେ ସବୁ ନିଜେ ଆସୁନ···ତା' ଛଡ଼ା ବାହାରେ ଜଣେ ନାରୀ ଚରିତ୍ର, ସାଙ୍ଗରେ କେହି ନାହିଁ, ମୁଁ ଏକୁଟିଆ," ମୋ ଆଡ଼କୁ ଚାହିଁ କହିଲା, "ନା ସାର୍, ମୁଁ ପାରିବ ନାହିଁ ।"

ଦେଖିଲି ସୁମିତ୍ରାର ଆପତ୍ତି, ଯୁକ୍ତି ଯଥାର୍ଥ । ଏକୁଟିଆ ତାକୁ ଅଡୁଆ ଲାଗିବ । ହଠାତ୍ ଖିଆଲ ପଶିଲା ଗୋଟାଏ ଏକାଙ୍କିକା କରାଯାଉ । କହିଲି, ବେଶ୍, ଆଉ ଗୋଟାଏ ନାଟକ କରିବା, ଯହିଁରେ କେବଳ ଝିଅମାନେ ପାର୍ଟ କରିବେ । ତୁମେ ସବୁ ପାର୍ଟ ନେବ ତ ? ସମସ୍ତେ ଏକସ୍ୱରରେ ହଁ କହିଲେ ।

ସୁମିତ୍ରା ଚୁପ୍ ହେଲା, ଆଉ ଆପତ୍ତି କଲା ନାହିଁ । ଖାଲି କହିଲା, "ମୋ ବାପା ରାଜି ହେବେନି ।" ପରେ ଜାଣିଲି ସୁମିତ୍ରାର ମା ନାହିଁ । ତା କଥାକୁ ସମର୍ଥନ କରି ସମସ୍ତେ ପୁଣି ଏକାସାଙ୍ଗରେ କହିଲେ, "ବାପା ମାଆ ଅନୁମତି ନ ଦେଲେ ଆମେ ବି କେହି ଓହ୍ଲାଇବୁ ନାହିଁ ।"

Digitized by PPRACHIN, SOA

ସେ ଘର ପୁଣି ମୋ ଉପରକୁ ଆଣିଲ । ଅଭିଭାବକମାନଙ୍କ ଅନୁମତି ନ ନେଇ ଝିଅଙ୍କୁ ଥିଏଟର କରାଇବା ନିମିତ୍ତ ଦାୟିତ୍ୱହୀନତାର ପରିଚୟସୂଚକ, ସିମିତି ବିପଜ୍ଜନକ । କହିଲି, "ତୁମେ ସବୁ ବ୍ୟସ୍ତ ହୁଅନି । ଯଦି ଅନୁମତି ନ ମିଳେ, ତେବେ ତୁମେ କେହି ଯୋଗ ଦେବନାହିଁ ।"

ସନ୍ଧ୍ୟା ହେଲା । ନାଟ୍ୟ ସଂସଦର ସମ୍ପାଦକଙ୍କୁ ଧରି ବାହାରି ପଡ଼ିଲି । ଅନୁମତି ମିଳିବା ଯେତେ କଷ୍ଟକର ପାଠ ବୋଲି ଭାବିଥିଲି, ତାହା ହେଲା ନାହିଁ । ଜଣେ ଦୁଇଜଣ ଅଭିଭାବକ ରାଜି ହେବାରୁ (ତାଙ୍କ ଝିଅମାନେ ତାଙ୍କୁ ମନାଇ ସାରିଥିଲେ ବୋଧହୁଏ) ତାଙ୍କର ନଜିର ଦେଇ ଅନ୍ୟମାନଙ୍କୁ ସହଜରେ ମଂଗାଇଲି । ଯଥାସମ୍ଭବ ଦିନବେଳେ ରିହାର୍ସେଲ ହେବ ଏବଂ ସଞ୍ଜବେଳକୁ ସମସ୍ତେ ଘରକୁ ଫେରିବେ । ଯଦି ଦୈବାତ୍ ରାତି ହୁଏ ତେବେ ରିକ୍ସାକରି କେହି ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଜଣ ଜଣ କରି ଘରେ ପହଞ୍ଚାଇ ଦେବେ ।

ସୁମିତ୍ରାର ବାପ ହେମନ୍ତ ବାବୁ କେମିଷ୍ଟ୍ରି ଡିପାର୍ଟମେଣ୍ଟର ଲେବୋରେଟରି ଏସିଷ୍ଟେଣ୍ଟ । ଅମାୟିକ ଲୋକ, ଧାର୍ମିକ, ପୁରୁଣାକାଳିଆ । ଝିଅପୁଅ କହିଲେ ତାଙ୍କର ଏଇ ଗୋଟିକ । ମାଆ ନ ଥିବାରୁ ଝିଅକୁ ପାଳିବା ତାଙ୍କ ପକ୍ଷରେ ଗୁରୁ ଦାୟିତ୍ୱ । ସେ କଲେଜ ଓ କଲେଜ ପିଲାଙ୍କୁ ବେଶ୍ ଜାଣନ୍ତି । ସେ ଆଦୌ ମଂଗୁ ନ ଥିଲେ । ମୁଁ କହିଲି, "ସେ ମୋ ଝିଅ ପରି, ମୋ ଜିମା ଝିଅକୁ ଛାଡ଼ି ଦିଅନ୍ତୁ, ତା ଭଲମନ୍ଦ ମୁଁ ବୁଝିବି; ମୁଁ ନିଜେ ଆଣି ତାକୁ ଘରେ ଛାଡ଼ି ଦେଇଯିବି ପ୍ରତିଦିନ ।" ବିପଦ ନିଛ କହିଲି, "ପାର୍ଟ ସିମିତି ଅଶ୍ଳୀଳ ନୁହେଁ , ଝିଅପୁଅ ପରସ୍ପରଠାରୁ ଦୂରରେ ଥାଇ ଅଭିନୟ କରିବେ ।" ସୁମିତ୍ରାର ବାପା କୁନ୍ଥେଇ କୁନ୍ଥେଇ ରାଜି ହେଲେ ।

ତହିଁ ପରଦିନ କଲେଜରେ ଗୃଞ୍ଜଳି ଖେଳିଗଲା । ଯୋଡ଼ା ଯୋଡ଼ା ନାଟକ ହେବ । ଝିଅମାନେ ପାର୍ଟ କରିବେ, ଜଣେ ଅଧେ ନୁହନ୍ତି— ଆଠଦଶ ଜଣ । ପୁଅ ପିଲାଏ ନୂଆ ଉତ୍ସାହରେ ନିର୍ବାଚନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ଯେଉଁମାନେ ପାର୍ଟ ପାଇଲେ ନାହିଁ, ସେମାନେ ବିକ୍ଷୁବ୍ଧ ହେଲେ । କେତେଜଣ ପାକଳ ଟୋକା ଓ ଅପାକଳ ଅଧ୍ୟାପକ ବିଦ୍ରୋହୀ

Digitized by PPRACHIN, SOA

ମନୋଭାବ ଦେଖାଇ ନାଟକ କରାଇ ନ ଦେବାପାଇଁ ମଧ୍ୟ ଧମକ ଦେଲେ । ନିଷ୍ପତ୍ତି ହେଲା, ମୁଁ, ସୁମିତ୍ରାର ନାଟକ ଦାୟିତ୍ୱରେ ରହିବି; ସହଯୋଗୀ ଉପସଭାପତି ଓ ଜଣୈକ ଅଧ୍ୟାପିକା ଏକାଙ୍କିକାର ରିହାର୍ସେଲ ଦେଖିବେ ।

ସୁମିତ୍ରାର ପ୍ରତିପକ୍ଷ ନାୟକ ଆକାରରେ ବଛାଗଲା ରମେଶକୁ । ରମେଶ ଦେଖିବାକୁ ଲମ୍ବାଚୌଡ଼ା, ସେତେ ସୁନ୍ଦର ନୁହେଁ । ରଙ୍ଗ କଳା । ପ୍ରେମିକ ବା ସ୍ୱାମୀ ଆକାରରେ ସେ ହୁଏତ କୌଣସି ଝିଅର କାମ୍ୟ ନୁହେଁ । ଧୋତି ପଞ୍ଜାବୀ ପିନ୍ଧେ । ଗାରଟିଏ ନିଶ । ପାନ ପ୍ରଚୁର ଖାଏ । ସୁମିତ୍ରାର କ୍ଲାସ୍ ଫ୍ରେଣ୍ଡ୍ । ନାଟକର ନାୟକପାଇଁ ତାର ଚେହେରା ବା ଚାଲିଚଳନରେ କୌଣସି ଅସଙ୍ଗତି ବା ବ୍ୟତିକ୍ରମ ନ ଥିଲା ।

ପରଦିନ ରବିବାର । ପାର୍ଟ ବଣ୍ଟା ସରିଥାଏ । ପ୍ରଥମକରି ନାଟକର ପୂର୍ବାଭ୍ୟାସ ହେବ । ସଂକ୍ଷେପରେ ନାଟକର କଥା କହିଦେଲି ।

ନାଟକରି ନାୟକ ଏକ ସମ୍ବାଦପତ୍ରର ସହକାରୀ ସମ୍ପାଦକ । ଘରେ ତାଙ୍କର ସ୍ତ୍ରୀ ଓ ଶିଶୁପୁତ୍ର । ଦିନେ ସମ୍ପାଦକ ତାଙ୍କୁ ଅନୁରୋଧ କଲେ କ୍ରୀଡ଼ା ସମ୍ବନ୍ଧରେ ଏକ ବକ୍ତୃତା ଲେଖି ଦେବାପାଇଁ ଯାହା ସେ ପୁରସ୍କାର ବିତରଣ ସଭାରେ କହିବେ ଏବଂ ଖବରକାଗଜରେ ମଧ୍ୟ ଛପାଯିବ । ବିବେକୀ ସହକାରୀ ସମ୍ପାଦକ ଜାଣନ୍ତି ଯେ ସମ୍ପାଦକ ଖେଳ କିଛି ଜାଣନ୍ତି ନାହିଁ, ନିଜ ପିଲାଝିଲାଙ୍କୁ ଖେଳିବାକୁ ଦିଅନ୍ତି ନାହିଁ, କାଳେ ଗୋଡ଼ହାତ ଭାଙ୍ଗିଯିବ ଏବଂ ଖେଳାଳିଙ୍କୁ ଘୃଣା କରନ୍ତି । ତେଣୁ ସେ ସମ୍ପାଦକଙ୍କ ଅନୁରୋଧ ରକ୍ଷାକରିବାକୁ ଅକ୍ଷମତା ପ୍ରଦର୍ଶନ କଲେ । ସମ୍ପାଦକ କ୍ରୋଧରେ ତାଙ୍କୁ ଚାକିରୀରୁ ବରଖାସ୍ତ କରିଦେଲେ । ତାପରେ ଯେଉଁ ଶୋକାବହ ଘଟଣା ଘଟିଲା ଏବଂ ଯାହାଫଳରେ ଅନାହାରରେ ଶିଶୁପୁତ୍ରର ମୃତ୍ୟୁ ହେଲା ଏବଂ ସୁଖୀ ପରିବାରଟି ନଷ୍ଟ ହୋଇଗଲା, ତାକୁଇ ଆଧାରିତ କରି ଏ ବିୟୋଗାନ୍ତକ ନାଟକ ।"

ସୁମିତ୍ରା ସଂକ୍ଷିପ୍ତସାର ଶୁଣୁଥାଏ ଏବଂ ହସୁଥାଏ । କିଏ ନାୟକ ପାର୍ଟ କରିବ ସେ ଆଗକୁ ଆସିବାକୁ କୁତୁକୁତୁ ଆଖିରେ ଚାହିଁଥାଏ । ମୁଁ କିନ୍ତୁ ଜାଣି ସାରିଛି ଯେ ସେ ପତ୍ରାଭିନେତାଙ୍କର ପ୍ରତିପକ୍ଷକୁ ଜାଣିଛି, ଚିହ୍ନିଛି

Digitized by PPRACHIN, SOA

ମଧ୍ୟ । ତାର ଚିତ୍ରଟେରିଏଲ ଗ୍ରୁପ୍ ର୍ ପିଲ୍ ସେ । ନ ଜାଣିବାର ଅଭିନୟ କରୁଥାଏ ।

ପ୍ରଥମ ଦୃଶ୍ୟରେ ଅଭିନୟ ଆରମ୍ଭ ହେବ । ସୁମିତ୍ରାକୁ ଡାକିଲି, "ଆସ ଆରମ୍ଭ କର, ତୁମେଇ ତ ଆରମ୍ଭ କରିବ ।" ତାପରେ ରମେଶକୁ ଚାହିଁ କହିଲି, "ଆସ, ଏଇ ବେଞ୍ଚଟାକୁ ଖଟ ଭାବି ଦୁହେଁ ପାଖେ ପାଖେ ବସ ।"

ସୁମିତ୍ରା ହସିଲା ଏବଂ କହିଲା "ମୁଁ ପାରିବି ନାହିଁ, ମୋ ଦେଇ ପାର୍ଟ ହବନି, ଲାଜ ମାଡୁଛି, ଶାନ୍ତିକୁ କୁହନ୍ତୁ ସେ କରୁ । ମୁଁ ତାକୁ କହିଛି, ସେ ମଙ୍ଗିଛି ମୋ ପାର୍ଟ କରିବା ପାଇଁ ।"

ଫେର ମୂଳରୁ ଆରମ୍ଭ । ସେଇ ପ୍ରବର୍ତ୍ତନା, ସେଇ ଅନୁନୟ, ଅନୁରୋଧ, ଖୋସାମତି । ବଡ଼ ବିରକ୍ତ ଲାଗିଲା । ନାଟକ ନ ହେଉ, ଝିଅଟା ଗୋଡ଼ତଳେ ପଡ଼ିବ ନା କଣ ? ଅତି ବେଶୀ ହେଇଯାଉଛି ।

ରମେଶ ବାହାରି ପଡ଼ି କହିଲା, "କଣ ଇମିତି ହଉଛ ? ସାର୍ ଆଉ କେତେ ଖୋସାମତ କରିବେ ? ଆସ, କିଛି ଅଡୁଆ ହବନି । ତୁମେ ଯାହା ଯିମିତି କହିବ ସେଇ ରକମ ମୁଁ ପାର୍ଟ କରିବି ।"

ସୁମିତ୍ରା ପୁଣି ହସିଲା ଓ ଗୁଣ୍ଡୁଗୁଣ୍ଡୁ ହୋଇ କହିଲା, କହିବା ଯେତେ ସହଜ, କରିବା ସେତେ ସହଜ ନୁହେଁ । ହେଲା, ମୁଁ ଦିନେ ଦିଦିନ ଦେଖେଁ, ହବ ତ ଭଲ, ନ ହେଲେ ଗ୍ଭଡ଼ିଦେବ । ମୋତେ ସେତେବେଳେ ଦୋଷିବେ ନାହିଁ ସାର୍ !

ରିହାର୍ସେଲ ଆରମ୍ଭ ହେଲା । ପ୍ରଥମ ଶବ୍ଦ 'ପ୍ରିୟତମ'ରେ ଅଟକିଲା ରିହାର୍ସେଲ । ସୁମିତ୍ରା ଆପତ୍ତି କଲା, ଏମିତି ଶବ୍ଦ ସେ ପାଟିକୁ ଆଣିବ ନାହିଁ । ସେ ଜାଣିଛି ଯେତେ ଶବ୍ଦ ଯଥା ସ୍ୱାମୀନ୍ ! ପ୍ରଭୋ ! ନାଥ ! ପ୍ରାଣପ୍ରିୟ ! ଆଦି ସମ୍ବୋଧନ କାଟିବାକୁ ହେବ ।

ଅଗତ୍ୟା ମୁଁ ରାଜିହେଲି । ପରବର୍ତ୍ତୀ ବାକ୍ୟରେ ରମେଶ ଯିମିତି ପ୍ରାଣପ୍ରିୟେ ! ଧନମଣି ! କହିଛି, ସୁମିତ୍ରା ପୁଣି ଆପତ୍ତି କଲା । ଯିମିତି

Digitized by PPRACHIN, SOA

ଯେତେଯେତେ ସମ୍ବୋଧନ ବହିରେ ଅଛି ତାକୁ କାଟିବାକୁ ପଡ଼ିବ । ସେଥିରେ ମଧ୍ୟ ରାଜି ହେଲି ଏବଂ ମନେ ମନେ ଭାବିଲି, ମେଣ୍ଟା ନିବାଳ ଯିମିତି ନ ହୁଏ ।

ପ୍ରଥମ ଅଙ୍କର ରିହାର୍ସେଲ କୌଣସିମତେ ସରିଲା । ଯେଉଁଠି ଦିହିଙ୍କି ଟିକିଏ ପାଖକୁ ପାଖ ହୋଇ ବସିବାକୁ କୁହେଁ, ହାତକୁ ହାତ ଧରିବା ପାଇଁ ନିର୍ଦ୍ଦେଶ ଦିଏଁ ବା ଆଖିଭଙ୍ଗୀ ଟିକିଏ ସାବଲୀଳ ଓ ଜୀବନ୍ତ କରିବାକୁ କୁହେଁ, ସୁମିତା ରାଜି ହୁଏ ନାହିଁ ଏବଂ ଦୂରେଇ ଯାଇ ବସି ବା ଛିଡ଼ା ରହି ଶୁଖିଲା ସଂଳାପଗୁଡ଼ାକ କହିଯାଏ । ଅଭିନୟରେ ନା ଥାଏ ଆନ୍ତରିକତା ନା ଥାଏ ସ୍ୱାଭାବିକତା । ତା ଛଡ଼ା ପ୍ରତି ବାକ୍ୟଟି କହିସାରି ହସିଦିଏ । ଗମ୍ଭୀର ପରିବେଶ ପାଣି ଫାଟିଯାଏ । ମୋତେ ସମେ ଜଣାଗଲା, ନାଟକଟି ପୂରାପୂରି ଫେଲଓର ହେବ । ସାମାଜିକ ନାଟକ ପସନ୍ଦ ନ କରି ପୌରାଣିକ ବା ଐତିହାସିକ ନାଟକଟିଏ ବାଛିଥିଲେ ଶିକାର କରି କୌଣସି ମତେ କାମ ଚଳାଇ ହୋଇଥାନ୍ତା ।

ପ୍ରଥମ ଦିନର ରିହାର୍ସେଲ ଶେଷରେ ଉତ୍ସାହ ଦେବା ଛଳରେ ସୁମିତାକୁ କହିଲି "ସମେ ସମେ ଉନ୍ନତ ହେବ, ଅଣସାହସ ହୁଅ ନାହିଁ । ତୁମେ ଘରେ ପାର୍ଟଗୁଡ଼ାକ ମୁଖସ୍ଥ କର, ନିଜେ ନିଜେ ଅଭିନୟ କର । ଯେତେ ଯେତେ ଅଡୁଆ ଶବ୍ଦ ମୁଁ କାଟି ଦେଉଛି, ଯେତେ ଅଡୁଆ ଦୃଶ୍ୟ ମୁଁ ବଦଳ କରିଦେବି ଏଇଠି ରିହାର୍ସେଲ ଚାଲିଥିଲା ବେଳେ । ଡର ନାହିଁ, ଫ୍ରି ହୁଅ । ଭାବ ଫୁଟାଇବାର ଚେଷ୍ଟା କର । ସ୍ଥାନ ଅସ୍ଥାନରେ ହସି ଦେଉଛ । ଅଯଥା ହସକୁ ରୋକ ଏବଂ ମନେ ରଖ, ନାଟକଟା କରୁଣ ଏବଂ ତୁମେ ଟ୍ରାଜିକ୍ ହିରୋଇନ୍ ।"

ସନ୍ଧ୍ୟାହେଲା । ରିକ୍ସା ଡକାହେଲା । ମୁଁ ଆଉ ରମେଶ ସାଇକେଲରେ ରିକ୍ସାର ପଛେ ପଛେ ଗଲୁ ଏବଂ ସୁମିତାକୁ ତା ଘରେ ପହଞ୍ଚାଇଦେଲୁଁ । ତା ବାପା ପଚାରିଲେ, "ସାର୍, ହବ ନା ସୁମିଦେଇ ?" ମୁଁ କହିଲି, "ଆଜି ତ ଆରମ୍ଭ ହେଲା । ହବ । ଘରେ ଟିକିଏ ପରିଶ୍ରମ ଦରକାର ।" କୁନ୍ଥେଇ ହୋଇ ପୁଣି କହିଲି "ପାରିବ ।" ଫେରିଲାବେଳେ ରମେଶକୁ କହିଲି, "ରମେଶ ! ତୁମେ ଟିକିଏ ସାବଧାନ ଓ ସଯତ ହୋଇ

Digitized by PPRACHIN, SOA

ଅଭିନୟ କରିବ, ନ ହେଲେ ମଝି ନଈରେ ସମସ୍ତେ ବୁଡ଼ିବା ।" ସେ କହିଲା, "ମୁଁ ସବୁ ବୁଝିସାରିଛି, ସାର ! ଦେଖିବେ କିଛି ଅସୁବିଧା ହବନି । ମୁଁ ସୁମିତ୍ରାକୁ ଠିକ୍ ମେନେଜ କରିନେବି । ଆହୁରି ଦେଢ଼ମାସ ସମୟ ଅଛି । ସେ ମୋର କ୍ଲାସ ଫ୍ରେଣ୍ଡ୍, ଦୂରସମ୍ପର୍କିତା ଭଉଣୀ । ତାକୁ ମୁଁ ଠିକ୍ ବାଗକୁ ଆଣି ପାରିବି ।"

କେତେ ଦିନ ପରେ ଆଉ ଏକ ଦୁଃସମ୍ବାଦ ମିଳିଲା । ଏକାଙ୍କିକା ଦାୟିତ୍ୱରେ ଥିବା ଅଧ୍ୟାପିକା କହିଲେ, "ସୁମିତ୍ରା ତା ସାଙ୍ଗମାନଙ୍କୁ କୁଆଡ଼େ କହୁଥିଲା, ସେ ଆଉ ଅଭିନୟ କରିବନି କାରଣ ନାୟକ ନିହାତି ମଫସଲି, କଳା, ଦେଖିବାକୁ ସୁଶ୍ରୀ ନୁହେଁ, ଛେଳି ପରି ଗୁଣ୍ଡାଏ ପାନ ଚୋବାଏ । ତାର ପ୍ରେରଣା, ଉତ୍ସାହ ମୋଟେ ଆସୁନି ତାକୁ ଦେଖିଲା ମାତ୍ରେ । ନାୟକ ବଦଳି ନ କଲେ ସେ ଅଭିନୟ କରିବନି ।"

ମୁଁ ଖିଷରେ ରାଗିଗଲି । ମୋର ନାଟକ କରାଇବାରେ କଣ ସ୍ୱାର୍ଥ ଅଛି ? ପ୍ରିନ୍ସପାଲଙ୍କଠାରୁ ପ୍ରଶଂସା, ସାର୍ଟିଫିକେଟ, ଏଇତ ! ନାଟ୍ୟସଂସଦ ସମ୍ପାଦକ, ସଭ୍ୟ ଓ ନଟନଟୀମାନଙ୍କୁ କହିଲି, "ପ୍ରିନ୍ସପାଲଙ୍କ ଆଗରେ ଯାଇ ମୁଁ ଏହିକ୍ଷଣି କହିବି ନାଟକ ହୋଇ ପାରିବନି । କଲେଜର ତଥା ଛାତ୍ରମାନଙ୍କ ସାଂସ୍କୃତିକ ଉନ୍ନତି ପାଇଁ, ନୂତନ ପରମ୍ପରା ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଥିଲି । ମୁଁ ପିଲାମାନଙ୍କୁ ଖୋସାମତି କରି ପାରିବି ନାହିଁ । ସମସ୍ତଙ୍କୁ ପାରିଥାନ୍ତି । କିନ୍ତୁ ରମେଶ ଆଉ ସୁମିତ୍ରାକୁ ପାରି ହବନି । ତାଙ୍କରି ଉପରେ ନାଟକର ସଫଳତା ନିର୍ଭର କରୁଛି ମାତ୍ର ପ୍ରତିଦିନ ସ୍ତୁତି କଥାରେ ଦୁହିଁଙ୍କ ପଛଘୁଞ୍ଚା । ସେମାନେ ସମସ୍ତଙ୍କ ଆଗରେ ପ୍ରତିଶ୍ରୁତି ଦିଅନ୍ତୁ ଆଉ କେବେ କେଁ କାଁ ହେବେନି, ନିଷ୍ଠାର ସହିତ ଅଭିନୟ କରିବେ ନିର୍ଦ୍ଦେଶ ମୁତାବକ ।"

ଫଳ ମିଳିଲା । ସମସ୍ତେ ସେ ଦୁହିଁଙ୍କ ଉପରେ ଚଢ଼ିଲେ । ସେଦିନ ରିହାର୍ସେଲରେ ଉନ୍ନତି ମଧ୍ୟ ହେଲା । ଦ୍ୱିତୀୟ ଅଙ୍କ ପୂରାପୂରି ଅଭିମତ ହୋଇ ପାରିଲା । ଅଭିନୟ ମାମୁଲି ନ ହୋଇ ଟିକିଏ ଉଚ୍ଚାଙ୍ଗ ହେଲା, ମାତ୍ର ଅସୁବିଧା ହେଲା ସୁମିତ୍ରାର ହସ । ଅଜାଣାରେ ସେ ଫିସ କରି ହସିଦିଏ ଏବଂ ଯାହା ଏଫେକ୍ଟ ହୋଇଥାଏ ସବୁ ନଷ୍ଟ ହୋଇଯାଏ । ମହା ମୁସ୍କିଲ !

Digitized by PPRACHIN, SOA

ଖ୍ରିଷ୍ଟମାସ ଶେଷରେ ପୁଣି ଖୋଲିଲା ଆସିଲା । ଆଜି କେବଳ ରମେଶ ତାକୁ ଛାଡ଼ିବାକୁ ଗଲା । ସୁମିତ୍ରା ଆପତ୍ତି କଲାନି । କଲେଜରେ ମୋତେ ତା ବାପା କହିଲେ, "ଆପଣ ସାର୍ ଆଉ ପରିଶ୍ରମ କରି ସୁମିକୁ ଛାଡ଼ିବାକୁ ଆସିବେନି; ଆମ ରମେଶକୁ କହିଲେ ସେ ଛାଡ଼ି ଦେବ । ସେ ଆମର ସମ୍ପର୍କ ହେବ ।" ରକ୍ଷା ମିଳିଲା ।

ଦୁଇ ସପ୍ତାହ ପରେ ଜଣାପଡ଼ିଲା, ଅଭିନୟରେ ଦର୍ଶନୀୟ ଉନ୍ନତି ଘଟୁଛି । ରମେଶ ଆଉ ସୁମିତ୍ରା ଦୂରେଇ ରହୁ ନାହାନ୍ତି । ପରସ୍ପରକୁ ସିଧା ଚାହୁଁ ନ ଥିଲେ ଏବେ ମୁହଁକୁ ମୁହଁ ଚାହିଁ ଭାବ ଫୁଟାଇ ପାରୁଛନ୍ତି, କେତେବେଳେ କମିଶ ପାଖେ ପାଖେ ବସି ଯାଇଛନ୍ତି ଅଳ୍ପସମୟ ପାଇଁ ହେଲେ ମଧ୍ୟ । ହାତକୁ ହାତ ବାଜିଗଲେ ମଧ୍ୟ ଛନକା କାହା ଗୁଣ୍ଡରେ ପଶୁନି । ବଡ଼ କଥା ଲକ୍ଷ୍ୟ କଲି, ସେ ଦିନ ରିହର୍ସେଲରେ, ଜଳଖିଆର ବ୍ୟବସ୍ଥା ହୋଇଥାଏ ସେ ଦିନ । ଦେଖିଲି, ଦୁହେଁ ଗୋଟାଏ କଣରେ ଠୁଙ୍ଗା ଧରି ପାଖେ ପାଖେ ବସି ଖାଉଥାନ୍ତି । ଥଟ୍ଟା ତାମସା କଲା ପରି ସିଙ୍ଗଡ଼ା ରସଗୋଲା ଅଦଳ ବଦଳ କରୁଥାନ୍ତି "ମୁଁ ମିଠା ଖାଏନି" "ମୁଁ ରାଗ ଖାଏନି" କହି କହି, ଦେଖିଲି ରମେଶ ରସଗୋଲା ଦେଇ ସିଙ୍ଗଡ଼ା ନେଲା ଏବଂ ଶେଷରେ ସମସ୍ତଙ୍କ ଅଲକ୍ଷିତରେ ଟେବୁଲ ତଳ ଦେଇ ପାନଟାଏ ସୁମିତ୍ରା ହାତକୁ ବଢ଼ାଇ ଦେଲା । ସୁମିତ୍ରା ଚଟାପଟ ଏଣେ ତେଣେ ଚାହିଁ ଚୁପ୍‌କରି କାନରେ ଜାକି ଦେଲା । କେବଳ ମୁଁ ଏ ଅଭିନୟ ଲକ୍ଷ୍ୟ କରିଥିଲି ନିଯନ୍ତ୍ରକ ସେମାନଙ୍କ ସମସ୍ତ ଅଭିନୟ ଦେଖିବା ମୋର କର୍ତ୍ତବ୍ୟ ।

ନଭେମ୍ବରର ଏକ ରବିବାର । ଦୁଇଟାଯାକେ ଅପେକ୍ଷା କରି ରମେଶ ବା ସୁମିତ୍ରା କେହି ନ ଆସିବାରୁ ନିଜେ ଚାଲିଗଲି ହେମନ୍ତବାବୁ ଘରକୁ । ମିଠା ମିଠା ଖରା । ଯାଇ ଦେଖିଲି, ହେମନ୍ତବାବୁ ଅସୁସ୍ଥ, ଶଯ୍ୟାଶାୟୀ । ତାଙ୍କର ସେଇ ଏକ ପ୍ରଶ୍ନ । "ସୁମି ପାର୍ଟ କମିଶ କରୁଛି ? ଭଲ କରୁଥିବ ନିଶ୍ଚୟ । ସକାଳ ସଞ୍ଜ ଯେତେବେଳେ ଦୁହେଁ ସମୟ ପାଉଛନ୍ତି ଏଇଠି ଆମ ଘରେ ତନ୍ମୟ ହୋଇ ଅଭିନୟ କରୁଛନ୍ତି । ମୋର ଭୟ କାଳେ ବଦନାମ ହେବ ।" ମୁଁ ସ୍ୱ ଚକ୍ଷୁରେ ଦେଖିଲି ଦୁହେଁ ବାଡ଼ପଟରେ

Digitized by PPRACHIN, SOA

ମଧୁମାଳତୀ କୁଞ୍ଜର ଅନ୍ତରାଳରେ ଖଟଟିଏ ପକାଇ ଲଗାଲଗି ହୋଇ ବସି ପ୍ରଥମ ଅଙ୍କର ପ୍ରଥମ ବା ଦ୍ୱିତୀୟ ଦୃଶ୍ୟ ଅଭିନୟ କରୁଛନ୍ତି । କେତେବେଳେ ହସ ଖେଳ, କେତେବେଳେ ସିନେମା ଷ୍ଟାଇଲରେ ଧାଁ ଧପଡ଼ । ଅଭିନୟ ନିଷ୍ଠାର ସହିତ ଚାଲିମଳି ଚାଲିଛି ମୋର ହୃଦୟଙ୍ଗମ ହେଲା ।

ପରଦିନ ରମେଶ ଆସିବାରେ ପୁଣି ଡେରି ହେଲା । ପଚାରିଲି, "ଏତେ ଡେରି ?" ସେ କହିଲା, "ମଉସାଙ୍କ ଦିହ ଭାରି ଖରାପ । ଔଷଧ, ଫଳ, ହରଲିକ୍‌ସ ଆଣିବାକୁ ବଜାରକୁ ଡାକ୍ତରଖାନାକୁ ଯାଇଥିଲି ।" ପଚାରିଲି "ମଉସା ?" ରମେଶ ଚଟାପଟ କହିଲା, "ହଁ ସାର ! ସୁମିର ବାପାଙ୍କୁ ମୁଁ ମଉସା ବୋଲି ଡାକୁଛି ।" ଜାଣିଲି, ଅଭିନୟ ନେଚୁରେଲ ଲାଇନ ଧରିଛି ।

ନାଟକ ମଞ୍ଚସ୍ଥ ହେବା ଦିନ ଯେତେ ପାଖେଇ ଆସୁଥାଏ, ସେତେ ଅନୁତ୍ସାହ ଓ ବାଧାବିଘ୍ନ ବଢୁଥାଏ । ଝିଅମାନେ ଯେଉଁ ଏକାଙ୍କିକା କରୁଥିଲେ ତାହା ଉତ୍ସାହ ଅଭାବରେ ବନ୍ଦ ହୋଇଗଲା । ତେଣେ ଟେଷ୍ଟ ପରୀକ୍ଷାର ତାରିଖ ମଧ୍ୟ ଘୋଷିତ ହେଲା ।

ଆମେ ଉଦ୍‌ଯୋକ୍ତାମାନେ ଯେତେ ନୈରାଶ୍ୟବାଦୀ ହେଲେ, ସୁମିତା କହୁଥାଏ, "ଆପଣ ଡରନ୍ତୁ ନାହିଁ ସାର୍, ଆମେ ଯେମିତି ହେଉ ନାଟକ କରିବୁ, ଫେଲ୍ ମାରିବୁ ନାହିଁ ।" ଆଶ୍ଚର୍ଯ୍ୟ କଥା, ସେ ଆମକୁ ଉତ୍ସାହ ଦେଉଛି । ସାଙ୍ଗଝିଅଙ୍କ ଅକସ୍ମାତ୍ ମୂର୍ଚ୍ଛା ଓ ପତନ, ଟେଷ୍ଟ ପରୀକ୍ଷା ତାରିଖ ଘୋଷଣା, ବାପାଙ୍କ ଟାଇଫଏଡ୍—କୌଣସିଥିରେ ସେ ବିଚଳିତ ନ ହୋଇ ଅଭିନୟ କରି ଚାଲିଥାଏ । ଆଶ୍ଚର୍ଯ୍ୟ କଥା, ଦିନକୁ ଦିନ ଅଭିନୟରେ ଅପ୍ରତ୍ୟାଶିତ ଉନ୍ନତି ହେଉଥାଏ । ଅଭିଆଡ୍ଡା ଅଭିଆଡ୍ଡୀଙ୍କ ପୋଲ୍‌ଫାଙ୍କିଆ ଭାବ କୁଆଡ଼େ ଉଭେଇ ଯାଇ ଗୁରୁଗମ୍ଭୀର ଭାବ ଦେଖାଦେଲା ଓ ହସ ଧୀରେ ଧୀରେ ସୁମିତା ମୁହଁରୁ ବିଲୀନ ହେଲା । କିଛି ଦିନ ପରେ ସୁମିତା କହିଲା, ସଞ୍ଜବେଳେ ଅଭିନୟ କରିବାରେ ତାର ଆପତ୍ତି ନାହିଁ । ତେଣୁ ଅଭିନୟ ରାତି ଏଗାରଟା ପର୍ଯ୍ୟନ୍ତ ଚାଲିଲା କେଉଁ ଦିନ କେମିତି । ରମେଶର ବ୍ରାହ୍ମଣ୍ୟ ତଳେ ସୁମିତା ନତପଦ ।

Digitized by PPRACHIN, SOA

ଏ ବର୍ଷର ନାଟକ ଅଭିନୟ ଅସାମାନ୍ୟ ସାଫଲ୍ୟ ପଥରେ ଚାଲିଛି ବୋଲି ଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ପ୍ରଚାରିତ ହେଲା । ଏଥିରେ ଅନେକ ଈର୍ଷାନ୍ୱିତ ହେଲେ ଏବଂ କଲେଜ କାନ୍ଥ, ପାଚେରି ଓ ବ୍ଲାକ-ବୋର୍ଡରେ ଯୁକ୍ତ ବିଯୁକ୍ତ ସମାନ ଚିହ୍ନ ସହିତ ସୁମିତ୍ରା ଓ ରମେଶର (ଏପରିକି ମୋର !) ନାମ ଲେଖାଗଲା । ସୁମିତ୍ରା ଓ ରମେଶ ଅବିଚଳିତ; ବରଂ ଦ୍ୱିଗୁଣ ଉତ୍ସାହରେ ସେମାନେ ଆହ୍ୱାନର ସମ୍ମୁଖୀନ ହେଲେ । ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ ଓ ପ୍ରାଣସ୍ପର୍ଶୀ ଅଭିନୟ କରି ରିହାର୍ସେଲକୁ ମଧ୍ୟ ଏପରି ଆକର୍ଷଣୀୟ କଲେ ଯେ ଦିନକୁ ଦିନ ଭିଡ଼ ସମ୍ଭାଳିବା ମୁସ୍କିଲ ହେଲା; କବାଟ ବନ୍ଦ କରିବାକୁ ପଡ଼ିଲା । ସେ ଦୁହେଁ ଅଭିନୟ କାଳରେ ପ୍ରକୃତ ବିବାହିତ ଦମ୍ପତି ବୋଲି ପ୍ରତୀୟମାନ ହେଲେ, ଏପରିକି ସୁମିତ୍ରା ମୁହଁରେ ମାତୃତ୍ୱର ପାଣ୍ଡୁର ଆଭା ମଧ୍ୟ ଉକୁଟି ଉଠିଲା ପରି ଜଣାଗଲା ।

ମୋତେ ଆଉ ଉପଦେଶ ଓ ନିର୍ଦ୍ଦେଶନା ଦେବାକୁ ପଡ଼ିଲା ନାହିଁ । ଓଲଟି ମୁଁ ଚମତ୍କୃତ ହେଉଥାଏଁ ନ ଥାଏ ସେମାନେ ଅଭିନୟ କରି ଯାଆନ୍ତି । ବାଡ଼ବନ୍ଧ ସେମାନେ କିଛି ମାନନ୍ତି ନାହିଁ; ଥରେ ଥରେ ଅତି ବେଶୀ ଦୋଷ ଦେଖାନ୍ତି । ମୁଁ ଭାବୁଥାଏଁ, ଅସମ୍ଭବ ଶକ୍ତି ଓ ମନୋବଳସମ୍ପନ୍ନ ଏ ତରୁଣ ତରୁଣୀସବୁ । ପାହାଡ଼ ଚଢ଼ିଯିବେ । କାହିଁଗଲା ରମେଶର ସେଇ କଳାରୂପ ଯାହାକୁ ଦେଖିଲେ ସୁମିତ୍ରାର ବାନ୍ତି ବାହାରି ଆସୁଥିଲା, କାହିଁଗଲା ସୁମିତ୍ରାର ସେ ହସ ଯାହା ପ୍ରତି ବାକ୍ୟ ଶେଷରେ ବାହାରି ଆସୁଥିଲା ! ସଂଯମ ଓ ଗାମ୍ଭୀର୍ଯ୍ୟ ତାର ପ୍ରତି କଥାରେ ।

କିନ୍ତୁ ଶେଷ ଦୃଶ୍ୟରେ ସେ ହସକୁ ସମ୍ଭାଳି ପାରୁ ନ ଥିଲା । ମୋର ଭୟ ସେଇ ଶେଷ ଦୃଶ୍ୟକୁ । ସାମାନ୍ୟ ତ୍ରୁଟିବିଚ୍ୟୁତି ଘଟିଲେ ନାଟକର ସାମଗ୍ରିକ ବିଫଳତା ଆସିଯିବ ! ଶୀର୍ଷ ସ୍ଥାନର ଅଭିନୟ ନିମ୍ନତମ ସ୍ଥାନକୁ ଖସି ଆସିବ । ମୋର ଇଚ୍ଛା ବାରମ୍ବାର ଏଇ ଶେଷ ଦୃଶ୍ୟଟିକୁ ଦୁହେଁ ଅଭ୍ୟାସ କରନ୍ତୁ । ମାତ୍ର ଉଭୟେ ନାରାଜ । ବହୁତ ବଳାଇଲେ ଯଦି ଅଭିନୟ କରନ୍ତି ତେବେ ଯେଉଁଠି କାରୁଣ୍ୟର ଚୂଡ଼ାନ୍ତ ପର୍ଯ୍ୟାୟ ପହଞ୍ଚେ ସେଇଠି ସୁମିତ୍ରା ହସି ଦିଏ, ରମେଶ ବି ହସିଦିଏ । ମାଡ଼ାର, ମାଡ଼ାର, ଦର୍ଶକମାନେ ଚିତ୍କାର କରନ୍ତି ।

Digitized by PPRACHIN, SOA

ଷ୍ଟେଜ୍ ରିହାର୍ସେଲ ଦିନ ବି ସେଇଆ ହେଲା । ମୁଁ ନିରୁପାୟ । ଦୁହିଁଙ୍କୁ ଡାକିଦି କଲି । ସେମାନେ କହିଲେ, "ରିହାର୍ସେଲ୍‌ରେ ଆମେ ଏମିତି କରୁଛୁ ସିନା, ଅସଲ ଦିନ ଦେଖିବେ ।"

ସେଇ ଅସଲ ଦିନ ଆସିଲା । ପ୍ରେକ୍ଷାଳୟ ଲୋକାରଣ୍ୟ । ନିମନ୍ତ୍ରିତ ଅନିମନ୍ତ୍ରିତଙ୍କ ଅଭୂତପୂର୍ବ ସମାବେଶ । କଲେଜ, ନାଟ୍ୟସଂସଦ ତଥା ଅଭିନେତା ଅଭିନେତ୍ରୀ ବିଶେଷ କରି ମୋ ପକ୍ଷରେ ଏକ ଅଗ୍ନିପରୀକ୍ଷାର ଦିନ ।

ପ୍ରଥମ ଦୃଶ୍ୟରେ ସ୍ୱାମୀ-ସ୍ତ୍ରୀ ରୂପରେ ସୁମିତ୍ରା ଓ ରମେଶର ଆବିର୍ଭାବ । ପରଦା ଉଠିବା ସଙ୍ଗେ ସଙ୍ଗେ ଚିତ୍କାର, ହୁଇସିଲ୍ ତାଳିଗୁଡ଼ି ଓ ଅଶ୍ଳୀଳ ମନ୍ତବ୍ୟ । ମାତ୍ର ନାୟକ ଓ ନାୟିକା ଅବିଚଳିତ ରହି ଚମତ୍କାର ହୃଦୟସ୍ପର୍ଶୀ ଫ୍ରି ଆକ୍‌ଟିଂ କରି ଚାଲିଲେ । ଦେଖିଲି, ସେମାନେ ଆଦୌ ପ୍ରମ୍ପଟରଙ୍କୁ ଅପେକ୍ଷା ନ କରି ସଂଳାପସବୁ ସ୍ୱଭାବସୁଲଭ ଭଙ୍ଗିରେ କହିଯାଉଥାନ୍ତି ଯଥାଯଥ ଅଙ୍ଗଭଙ୍ଗୀ ସହିତ । ସୁମିତ୍ରାର ସୁନ୍ଦାରେ ସିନ୍ଦୂର, କପାଳରେ ବଡ଼ ସିନ୍ଦୂର ଟୋପା । ଅଭିନୟରେ କୌଣସି ବାଧାନିଷେଧ ନାହିଁ । ଆଶ୍ଚର୍ଯ୍ୟ କଥା ପ୍ରାଣପ୍ରିୟ, ନାଥ, ପ୍ରଭୋ, ପ୍ରିୟତମ, ଦେବତା, ସ୍ୱାମୀ ଆଦି ଯେତେ ଯେତେ ସମ୍ବୋଧନ ଉଠାଇ ଦିଆଯାଇଥିଲା ସେ ସବୁ କହିବାରେ ସୁମିତ୍ରା ଦ୍ୱିଧା ବୋଧ କରୁନାହିଁ । ରମେଶ ବି କହି ଯାଉଛି ପ୍ରିୟେ, ଧନମଣି ଆଦି ତାବକ୍ଷୀୟ ଶରଧା ସମ୍ବୋଧନ ପଦ । ଦୁହେଁ ଏକାଠି ବସିବା, ଧରାଧରି ହେବା, ଆଖି ଠାରିବା ଆଦି ନିଷିଦ୍ଧ କ୍ରିୟାକଳାପ କରୁଛନ୍ତି, ଯେପରି ସେମାନେ ପ୍ରକୃତ ସ୍ୱାମୀ-ସ୍ତ୍ରୀ, ପତି ପତ୍ନୀ । ପ୍ରତି ଦୃଶ୍ୟ ଶେଷରେ ପ୍ରଶଂସାମୂଳକ ମନ୍ତବ୍ୟ ଓ କରତାଳି ଦୁହେଁ ପାଉଥାନ୍ତି । ଦର୍ଶକଙ୍କ ଆନନ୍ଦ ଓ ଉତ୍ସାହର ସୀମା ନାହିଁ । କେତେବେଳେ ଅବା ପ୍ରେକ୍ଷାଳୟରେ ନିଶ୍ୱାସ ବନ୍ଦ ହୋଇ ଯାଉଛି ଉତ୍କଣ୍ଠାରେ । ମୋର ଛାତି କୁଣ୍ଢେ ମୋଟ । ପ୍ରେକ୍ଷାଳୟକୁ ଦୁଇ ଅଙ୍କର ମଧ୍ୟାନ୍ତରରେ ଚାଲିଗଲେ କର-ମର୍ଦ୍ଦନ ଓ କନ୍‌ଗ୍ରେଚୁଲେସନ ପ୍ରଚୁର ମାତ୍ରାରେ ମିଳେ ।

ଶେଷ ଦୃଶ୍ୟ । ପରଦା ଶେଷଥର ଉଠିବା ପୂର୍ବରୁ ସଜ୍ଜାଗୃହକୁ ଯାଇ ସୁମିତ୍ରାକୁ ବଧେଇ ଜଣେଇ କହିଲି, "ମୁଁ ସ୍ୱପ୍ନରେ ଭାବି ନ ଥିଲି ତୁମ

Digitized by PPRACHIN, SOA

ପାଖରେ ଏତେ ଅଭିନୟ କରା ଥିଲା । ଏଇ ସେଇ ଦୃଶ୍ୟ ଯାହା ଆମକୁ ତାରିବ ନ ହେଲେ ମାରିବ । ଯଦି ନ ହସିଛ ତେବେ କସ୍ତିମାତ୍ର ହୋଇଯିବ । ରମେଶଙ୍କୁ କହିଲି, ଦେଖିବ ରମେଶ, ଯିମିତି ସୁମିତ୍ରା··· ଯେମିତି ହେଉ ସମ୍ଭାଳନେବ ବିପଦ ପଡ଼ିଲେ । ଉଭୟେ ଅର୍ଥପୂର୍ଣ୍ଣ ସ୍ମିତ ହେଲେ ।

ପରଦା ଉଠିଲା । ମୁଁ ପ୍ରେକ୍ଷାଳୟର ସୁଦୂର ପ୍ରାନ୍ତକୁ ଚାଲିଗଲି । ଛାତି ଧଡ଼ ପଡ଼ କରୁଥାଏ । ଝାଳ ବି ବେଳେ ବେଳେ ବହି ଯାଉଥାଏ । ରଙ୍ଗମଞ୍ଚରେ ଶିଶୁପୁତ୍ର ବାବୁଲର ଶବ । ସୁମିତ୍ରାର ସେଇ ମାରାତ୍ମକ ସଂଳାପ ଆରମ୍ଭ ହେଲା । କାନ ବନ୍ଦକରି ଛିଡ଼ା ହୋଇଥାଏଁ । ଆରମ୍ଭ ହେଲା,"ତୁମେ ଯେଉଁଦିନ ମଧୁମାଳତୀ କୁଞ୍ଜରେ ମୋତେ ତୁମ କୋଳକୁ ଟାଣିନେଲ, ଯେଉଁ ଦିର୍ଘଦିନ ବାପା ଟାଏଫଏଡ୍‌ରେ ପଡ଼ିଲେ, ଯେଉଁଦିନ କାଳୀମନ୍ଦିରରେ ମାଳା ବଦଳ କଲୁଁ ଏବଂ ତୁମେ ମୋ ସୁନ୍ଥାରେ ସିନ୍ଦୂର ଲଗାଇଦେଲ, ଯେଉଁଦିନ ବାବୁଲ୍ ମୋ ଗର୍ଭରେ··· । ଏଇଠି ସୁମିତ୍ରା ହସିଦିଏ, ସମ୍ଭାଳି ପାରେନାହିଁ, କାରଣ ଅଡ଼ୁଆଁଡ଼ୀ ଝିଅ ପକ୍ଷରେ ଏ ସଂଳାପ ଅତୀବ ଅବାସ୍ତବ ଓ ହାସ୍ୟାସ୍ପଦ । କିନ୍ତୁ ଏ କି ଆଶ୍ଚର୍ଯ୍ୟ ! ସୁମିତ୍ରା କାନ୍ଦୁଛି ! ଅସରନ୍ତି କେତେ କୋହ, କେତେ କାନ୍ଦ, କେତେ ଲୁହ ! ଦୁଇମାସ ଧରି ରିହାର୍ସେଲରେ ଯେତିକ ସେ କାନ୍ଦିଥାନ୍ତା, ଆଜି ଏ ମୁହୂର୍ତ୍ତରେ ସେତିକ ଅଜାଡ଼ି ଦେଉଛି । ପୁଣି କାନ୍ଦର ଅଭିନୟ ନୁହେଁ, ବାସ୍ତବ କାନ୍ଦ, ବାସ୍ତବ ଲୁହ । ରମେଶ ବି ପିଲାଙ୍କ ପରି କାନ୍ଦୁଛି । ଦର୍ଶକମାନେ ମଧ୍ୟ ସକ୍‌ସକ୍ ହୋଇ କାନ୍ଦୁଛନ୍ତି । ଏମିତି ଏକ ଶୋକାବହ ପରିସ୍ଥିତିରେ ବିୟୋଗାତ୍ମକ ନାଟକର ପରିସମାପ୍ତି ଘଟିଲା । ପରଦା ପଡ଼ିଲା ବେଳକୁ ରଙ୍ଗମଞ୍ଚରେ ରମେଶ ଓ ସୁମିତ୍ରା ମୂର୍ଚ୍ଛାଗତ । ପୁରସ୍କାର ଘୋଷଣା ଓ ବିତରଣ ସେ ରାତିରେ ହୋଇ ପାରିଲା ନାହିଁ ।

ପରଦିନ ଘରସାମ୍ନା ଘାସ ପଡ଼ିଆରେ ଆରାମ ଚେୟାରରେ ବସି ସ୍ନୋଧୂଳି ସନ୍ଧ୍ୟା ଉପଭୋଗ କରୁଥାଏଁ ଏବଂ ଭାବୁଥାଏ ପୂର୍ବଦିନର ସଫଳ ଅଭିନୟର ଇତିହାସ । ସଡ଼କରେ ରିକ୍‌ସାଟିଏ ଛିଡ଼ା ହେଲା । ଧଳା ପଞ୍ଜାବୀ ପିନ୍ଧିଥିବା ତରୁଣ ଅବଗୁଣ୍ଠନବତୀ ତରୁଣୀଟି ସହିତ ଓହ୍ଲାଇ ସିଧା ମୋ ପାଖରୁ ଆସି ଗୋଡ଼ରୁ ଧୂଳିନେଇ ଛିଡ଼ାହେଲେ ସୁମିତ୍ରା ଓ ରମେଶ, କାଲି

Digitized by PPRACHIN, SOA

ଗତ ମଞ୍ଚରେ ସେମାନଙ୍କୁ ଯେଉଁ ରୂପ ଓ ପୋଷାକରେ ଦେଖିଥିଲ ସେହି ରେହେବ । ତରୁଣ ତରୁଣୀ କଣ ଅଭିନୟକୁ ଆହୁରି ଅଧିକକାଳ ଜିଆଇଁ ରଖି ବାସ୍ତବତାକୁ ଭୁଲିବାକୁ ଚାହୁଁଛନ୍ତି ? ହୋଇପାରେ ।

ଉଭୟଙ୍କ ଉତ୍କୃଷ୍ଟ ଅଭିନୟପାଇଁ ବଧାଇ ଜଣାଇ ପଚାରିଲି, "ଅସମ୍ଭବ ସମ୍ଭବ କଲ କିପରି ସୁମିତ୍ରା ? ତୁମର ହସ ସବୁ ଉଭେଇ ଗଲା କିମିତି ? ଶେଷ ଦୃଶ୍ୟରେ ସମସ୍ତଙ୍କୁ କନ୍ଦାଇ ଦେଲ ଯେ ।"

ସୁମିତ୍ରା ଆଉ ହସୁ ନ ଥିଲା ଓ କହୁଥିଲା, ସାର୍, ଆପଣ ଆମର ବାପ ସମାନ । ଆପଣ ଜାଣନ୍ତି ନାହିଁ ସାର୍, ଆପଣଙ୍କ ଲେଖା ନାଟକକୁ ସଫଳ ଓ ଜୀବନ୍ତ କରିବାପାଇଁ ଏବଂ ପ୍ରକୃତ ଭାବ ଫୁଟାଇବାକୁ ଯାଇ ଆମକୁ କେତେ ଦୂର ଯିବାକୁ ପଡ଼ିଛି ଏବଂ ନାଟକଟିକୁ ଅକ୍ଷରେ ଅକ୍ଷରେ ଅଙ୍ଗେ ନିଭାଇବାକୁ ପଡ଼ିଛି । ଆପଣଙ୍କ ମାଳତୀକୁଞ୍ଜ, ବାପାଙ୍କ ଟାଏଫଏଡ଼୍, କାଳୀମନ୍ଦିର ଆମ ପକ୍ଷରେ ସବୁ ବାସ୍ତବ ଘଟଣା । ଆହୁରି ଅନେକ । ମୋର ହସ ଧୀରେ ଧୀରେ ଅନ୍ତର୍ଦ୍ଧାନ ହୋଇଗଲା । ଶେଷଦୃଶ୍ୟର ଯେଉଁଠି ବାତୁଲ କଥା ପଡ଼େ, ମୋତେ ସେଇଠି ହସ ମାଡ଼ୁଥିଲା ; କିନ୍ତୁ କାଲି ମୁଁ ଯେତେବେଳେ ଭାବିନେଲି ଯଦି ବାପାଙ୍କ କିଛି ହୋଇଯାଏ ବା ସେ ଆମ ଦୁଇଜଣଙ୍କୁ ଏକାଠି କରିବାପାଇଁ ରାଜି ନ ହୁଅନ୍ତି, ତେବେ ଆମର କଣ ହେବ ! ସେତିକିବେଳେ ମୁଁ ଅସମ୍ଭାଳ ହୋଇଗଲି । ଆମେ ଦୁହେଁ ଶେଷ ଦୃଶ୍ୟରେ କାନ୍ଦିର ଅଭିନୟ କରୁ ନ ଥିଲୁଁ, ପ୍ରକୃତରେ କାନ୍ଦୁଥିଲୁଁ ।

ମୁଁ ସ୍ଥିରହୋଇ ସୁମିତ୍ରାର ରହସ୍ୟାବୃତ କଥା ଶୁଣୁଥିଲି । ଦେଖିଲି, ଓଢ଼ଣା ତଳର ସୁନ୍ଦାରେ ସିନ୍ଦୂର, ଆଉ କପାଳରେ ଦାଉ ଦାଉ ଜଳୁଥିବା ସିନ୍ଦୂର ଟୋପା । ପଚାରିଲି, ସ୍ୱାମୀ ସ୍ତ୍ରୀ ଅଭିନୟ କଣ ଏମିତି ଚାଲିଥିବ ?

"ଅଭିନୟ କାଲି ସନ୍ଧ୍ୟାରେ ସରି ଯାଇଛି ସାର୍; ରଙ୍ଗମଞ୍ଚକୁ ଯିବା ପୂର୍ବରୁ ଆମେ କାଳୀ ମନ୍ଦିରକୁ ଯାଇ ଅଭିନୟ ଶେଷକରି ବାସ୍ତବ ନାଟକ ଆରମ୍ଭ କରିଛୁ । ଶୁଣି ଖୁସିହେବେ, ବାପା ରୋଗଶଯ୍ୟାରୁ ଆପଣଙ୍କୁ ନମସ୍କାର ଜଣାଇଛନ୍ତି ଏବଂ କହିଛନ୍ତି ରାସପୂର୍ଣ୍ଣିମା ଦିନ କାମ ଶେଷ କରିଦେବେ ।"

ସୁମିତ୍ରା ମୁହଁରେ ହସର ଲେଶ ମଧ୍ୟ ନ ଥିଲା ।

●

Digitized by PPRACHIN, SOA

# ଚୃଶଚକ୍ଷୁ

ରାଉରକେଲା କୋଣାର୍କ ଟକିଜ୍ ଆଗରେ ଛିଡ଼ା ହୋଇ ରିକ୍ସାଟାକୁ ଅପେକ୍ଷା କରୁଥିଲି, ହଠାତ୍ ବଡ଼ପାଟିରେ କିଏ ଜଣେ ଡାକିଲା, "ଶୁଭେନ୍ଦୁ !" ଗୁହାଁ ଦେଖିଲି ଆନନ୍ଦରେ ଗଦଗଦ ହୋଇ ଜଗମୋହନ ପୁଣି ଡାକୁଛି, "ଶୁଭେନ୍ଦୁ ! ମୋତେ ଚିହ୍ନି ପାରୁଛ, ମୁଁ ଜଗମୋହନ ।" ପାଖକୁ ଗଲି । ପିଲାଳିଆ ସ୍ୱଭାବ ପୂରା ଯାଇ ନାହିଁ କିନ୍ତୁ ଚେହେରା ଓ ବୟସରେ ଅନେକ ବଦଳି ଯାଇଛି ।

ଏକା ସାହାରେ ସେ କହିଗଲା, "ଶୁଭେନ୍ଦୁ ! ଏଇ ମୋର ସ୍ତ୍ରୀ, ଏଇ ମୋର ଦୁଇ ପୁଅ ଆଉ ଇଏ ମୋର—। ସିନେମା ଦେଖିବାକୁ ଆସିଥିଲୁ ।" ତା'ର ସ୍ତ୍ରୀ ଓ ଶାଳୀ ଟିକିଏ ଅପ୍ରସ୍ତୁତ ହୋଇ ମୋତେ ନମସ୍କାର କଲେ ଏବଂ ମୁଁ ପ୍ରତିନମସ୍କାର ଜଣାଇଲି ଏବଂ ପୁଅ ଦୁହିଁଙ୍କ ଓଠ ଧରି ସ୍ନେହ ଜଣାଇଲି । ଦେଖିଲି ତା'ର ସ୍ତ୍ରୀ ଅତୀବ ସୁନ୍ଦରୀ, ଦୁଇଟି ପିଲାର ମାଆ ଭଳି ଆଦୌ ଦିଶୁ ନାହାନ୍ତି । ଶାଳୀଟିର ପଞ୍ଜାବୀ ବା କାଶ୍ମିରୀ ଝିଅଙ୍କ ପରି ନାଲି ରଙ୍ଗ ଧଳା ଶାଢ଼ୀରେ ଫୋଟା ପଦ୍ମଫୁଲ ପରି ଦିଶୁଛି । ପୁଅ ଦୁହେଁ ଟୋକିଗାଲ, ଯେ କୌଣସି ଘର ଉଜ୍ଜ୍ୱଳ କରିଦେବେ, ଯେ କୌଣସି ବାପ ଗର୍ବିତ ହେବ । ଜଗମୋହନ ଏକ ଭାଗ୍ୟବାନ ପ୍ରାଣୀ ବୋଲି ମୋର ସଙ୍ଗେ ସଙ୍ଗେ ହୃଦବୋଧ ହେଲା ।

କହିଲା, "ଶୁଭେନ୍ଦୁ ! ଅନେକ କଥା ଅଛି ତୋ ସାଙ୍ଗରେ । ବହୁଦିନ ହେଲା ଦେଖା ହୋଇନି । ଏଇଠି କେଣ୍ଟିନ୍‌ରେ ଦଣ୍ଡେ ଅପେକ୍ଷା କରି । ମୁଁ ଚା କାପେ ଅର୍ଡ଼ର୍ କରି ଦେଉଛି, ପିଉଥା । ମୋ କ୍ୱାର୍ଟର ଏଠୁ ଦୁଇ ତିନି ମିନିଟ ବାଟ । ମୁଁ ସଙ୍ଗେ ସଙ୍ଗେ ଏମାନଙ୍କୁ ଛାଡ଼ି ଦେଇ ଆସୁଛି । କିଛି ଭାବିବୁ ନାହିଁ ।" ଜଗମୋହନ ଓ ତା' ପିଲାପିଲିଙ୍କି ଦେଖି ମୁଁ

Digitized by PPRACHIN, SOA

ବାସ୍ତବିକ ବଡ଼ ଖୁସି ହେଲି । ବାଣୀବିହାରରେ ଦୁଇ ବରଷ ପାଖାପାଖି କୋଠଘରେ ଥିଲୁଁ । ଅଳ୍ପଦିନ ଭିତରେ ଫକୀରମୋହନ କଲେଜରେ ସେଇ ଆତ୍ମୀୟତା ଆହୁରି ବହୁତ ବଢ଼ି ଯାଇଥିଲା । ଘରକୁ ଶୀଘ୍ର ଫେରିବାର ଇଚ୍ଛା ଓ ଆବଶ୍ୟକତା ଥିଲେ ବି ତା' ସହିତ କଥାବାର୍ତ୍ତା କରିବାର ଆଗ୍ରହ ପ୍ରବଳତର ହେଲା । ମୋତେ ସେ କେଣ୍ଟିନ ଭିତରକୁ ନେଇ ଗୋଟାଏ କେବିନରେ ବସାଇ ଦେଲା ଏବଂ ଗୋଟି ଅର୍ଡ଼ର ଦେଇ ପୁଣି କହିଲା, "ଶୁଭେନ୍ଦୁ ! ମୁଁ ପାଞ୍ଚମିନିଟ ଭିତରେ ଫେରି ଆସୁଛି, ଛୁଆଦିହିଁଙ୍କି ନିଦ ଘାରିଲାଣି, କିଛି ମନେ କରିବୁନି", ଏବଂ ତରବର ହୋଇ ବାହାରିଗଲା ।

ଗୋଟି ଆସିବାକୁ ଅପେକ୍ଷା କରି ବସିଥାଏଁ, ଆଉ ଭାବୁଥାଏଁ ଏଇ ଜଗମୋହନ କଥା । ସାତ ବର୍ଷ ତଳେ, ମୋର ମାସେ ପରେ, ସେ ଫକୀର-ମୋହନ କଲେଜରେ ଯୋଗ ଦେଇଥିଲା ଇଂରାଜୀ ଅଧ୍ୟାପକ ଭାବରେ । ରୋମାଣ୍ଟିକ ଚେହେରା, ଆଖି ଦୁଇଟା ଗିଳିଦିବା ଆଖି । ସେ କବିତା ଲେଖେ, ଲୋକେ ଭଲ କହନ୍ତି । ଅର୍ଥଶାସ୍ତ୍ର ମୋର ପାଠ । ମୋତେ ସେସବୁ ଅଶ୍ଳୀଳ ଓ ଦୁର୍ବୋଧ ବୋଧ ହୁଏ ।

ପ୍ରଥମ ଦିନ ହିଁ ସେ କି ଛାତ୍ର କି ଅଧ୍ୟାପକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସେଦିନ ଥାଏ କଲେଜର ସଙ୍ଗୀତ ପ୍ରତିଯୋଗିତା । ଆମେ ଦୁହେଁ ପଙ୍ଗତିରେ ଆଗ ସିଟ୍ ଦୁଇଟାରେ ପାଖାପାଖି ବସିଥାଉଁ । ଶାନ୍ତା ହୋଲି ଝିଅଟି ଗୀତ ଗାଇବାକୁ ଆସିବା ମାତ୍ରେ ପ୍ରକୋଷ୍ଠ କରତାଳିରେ ପ୍ରକମ୍ପିତ ହେଲା । ସେ ସଙ୍ଗୀତରେ କୁଆଡ଼େ ବରାବର ପ୍ରଥମ ପୁରସ୍କାର ପାଏ । ଝିଅଟିର ଚେହେରା ଯିମିତି ସୁନ୍ଦର, ଗଳା ସେହିପରି ମନୋମୁଗ୍ଧକର । ଯେଉଁ ଗୀତଟି (ଭଙ୍ଗୀ ଗୁହାଁ) ଗାଇଲା, ତାହା ଆହୁରି ମନମତାଣିଆଁ, ତାଳ ଦେବାକୁ ଏପରିକି ନାଚିବାକୁ ରସିକ ଲୋକର ଇଚ୍ଛା ହେବ । ପ୍ରଥମ ଧାଡ଼ିରେ ଫେଷ୍ଟାଲକୁ ଲାଗି ଆମେ ଦୁହେଁ ବସିଥିବାରୁ ଗୀତ ଗାଇଲା ବେଳେ ଶାନ୍ତାର ଆଖି କେତେବେଳେ ହୁଏତ ଜଗମୋହନ ଉପରେ ପଡ଼ିଯାଇଥିବ । ଆଖିକି ଆଖି ମିଳିଯିବା ମାତ୍ରେ ଜଗମୋହନର ଅଭାବନୀୟ ପରିବର୍ତ୍ତନ ଲକ୍ଷ୍ୟ କଲି । ତା'ର ଆଖି ବିସ୍ଫାରିତ ହେଲା, ଦେହ ଘର୍ମାକ୍ତ ହେଲା ଏବଂ ଗୀତର ତାଳେ ତାଳେ ତାଳ ଦେଇ ଏମିତି ଅଙ୍ଗଭଙ୍ଗୀ ଓ

Digitized by PPRACHIN, SOA

ବ୍ୟବହାର ଦେଖାଇଲା ଯେ ଜଙ୍ଗଲରେ ହାତ ମାରି ତାକୁ ସଚେତ ଓ ସତର୍କ କରିବାକୁ ପଡ଼ିଲା; ନ ହେଲେ ନିଜେ ତ ଅଡୁଆ ଅବସ୍ଥାରେ ପଡ଼ିଥା'ନ୍ତା, ମୋତେ ବି ଖରାପ ଅବସ୍ଥାରେ ପକାଇଥା'ନ୍ତା ।

ତଥାପି ସେ ଅସ୍ୱାଭାବିକ ପରିସ୍ଥିତିଟିଏ ଏଡ଼ି ପାରିଲି ନାହିଁ । ପ୍ରତିଯୋଗିତାରେ ଶାନ୍ତା ପ୍ରଥମ ସ୍ଥାନ ଅଧିକାର କଲା । ଜଗମୋହନ ଏତେ ଖୁସି ହେଲା ଯେ ନିଜକୁ ସମ୍ଭାଳି ନ ପାରି ହଠାତ୍ ଠିଆ ହୋଇ କହିଲା "ଦର୍ଶକମାନଙ୍କ ତରଫରୁ ମୁଁ ଅନୁରୋଧ କରିବି ମିସ୍ ଶାନ୍ତା ଆଉ ଗୋଟିଏ ସଙ୍ଗୀତ ପରିବେଷଣ କରନ୍ତୁ । ଦର୍ଶକମାନେ ମଧ୍ୟ ତା'ର ଏ ପ୍ରସ୍ତାବକୁ କରତାଳି ଦେଇ ସମର୍ଥନ ଜଣାଇଲେ । ଅଗତ୍ୟା ଶାନ୍ତା ଆଉ ଗୋଟିଏ ସଙ୍ଗୀତ (ଏ ବେଶି ହୋଇବ ନାହିଁ) ପରିବେଷଣ କଲା । ଅତ୍ୟନ୍ତ ମର୍ମସ୍ପର୍ଶୀ ହେଲା ଏ ଗୀତଟି, ଅନ୍ତତଃ ଜଗମୋହନ ପାଇଁ ।

ତହିଁ ପରଦିନଠୁଁ ଜଗମୋହନ ଉଦ୍‌ଭ୍ରାନ୍ତ ଅବସ୍ଥାରେ ରହିଲା । କ'ଣ ହେଲା ବା କ'ଣ କରିବାକୁ ଯାଉଛି ସେ କିଛି ଜାଣି ପାରିଲା ନାହିଁ । ଏକାନ୍ତରେ ମୋତେ କହିଲା, ପ୍ରଥମ ଦର୍ଶନରେ ଶାନ୍ତା ସହିତ ତାର ପ୍ରେମ ହୋଇ ଯାଇଛି । ଶାନ୍ତାର ଆଖି ଯୋଡ଼ିକ ତାକୁ ମନ୍ତ୍ରମୁଗ୍ଧ କରି ଦେଇଛି । ତାର ନିଜର ଚାହାଣି ଅସ୍ପଷ୍ଟ ଓ ନିଷ୍ପ୍ରଭ ହେଲା, ଚାଲିଚଳନ ଓ ଭାବଭଙ୍ଗୀରେ ଅନ୍ୟମନସ୍କତା ପରିଲକ୍ଷିତ ହେଲା ।

ଆଶ୍ଚର୍ଯ୍ୟ କଥା, ଶାନ୍ତାର ଆଚରଣରେ ମଧ୍ୟ ଅନୁରୂପ ପରିବର୍ତ୍ତନ ତାର ସାଙ୍ଗ ସାଥୀ କାହିଁକି କଲେଜ ପିଲାଏ ମଧ୍ୟ ଲକ୍ଷ୍ୟ କରି ପାରିଲେ । 'ଗାର୍ଲସ କମନ୍‌ରୁମ୍ ଆଗ ଦେଇ ଜଗମୋହନ ବାରମ୍ବାର ଯିବା ଆସିବା କରିବାର ଯିମିତି ଲକ୍ଷ୍ୟ କରାଗଲା କମନ୍‌ରୁମ ଦରଜା ପାଖରେ ଠିଆ ରହି ସତୃଷ୍ଣ ନୟନରେ ଜଗମୋହନ ଗତିବିଧିକୁ ଶାନ୍ତା ଲକ୍ଷ୍ୟ କରୁଥିବାର ମଧ୍ୟ ଦେଖାଗଲା । କେତେଦିନ ପରେ ଟିଉଟୋରିଏଲ ରୁଟିନ ବଦଳ ହେଲା ଏବଂ ଜଗମୋହନ ଶାନ୍ତାର ସେତିକିଯାକ ଟିଉଟୋରିଏଲ ନେଲା । ଶାନ୍ତାର ସନ୍ଦେହ ମୋଚନ ପାଇଁ ଜଗମୋହନର ଯିମିତି ଆଗ୍ରହ, ସନ୍ଦେହ ଉପସ୍ଥାପନ ପାଇଁ ଶାନ୍ତାର ସିମିତି ଔତ୍ସୁକ୍ୟ, କ୍ଲାସରେ ସମସ୍ତେ ନଜର କଲେ । ପିଲାମାନଙ୍କ ଆଖିକୁ କେଉଁ ଝିଅ ବା ଅଧ୍ୟାପକ ଏଡ଼ାଇ ପାରିବ ? ବହି ଆଦାନ ପ୍ରଦାନ

Digitized by PPRACHIN, SOA

ମଧ୍ୟ ଗୁଞ୍ଜିଲା ଦୁହିଁଙ୍କ ମଧ୍ୟରେ । ଏପରିକି କଲେଜ ଫେରିବା ବାଟରେ ଦୁହେଁ କେବେ କେମିତି କଥାବାର୍ତ୍ତା କରୁଥିବାର ମଧ୍ୟ ଦେଖାଗଲା ।

ତା'ପରେ ସହରରେ ଯେଉଁଠି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେଲା ସେଠାକୁ ଗୀତ ଗାଇବା ପାଇଁ ଶାନ୍ତାକୁ ଡକରା ପଡ଼ିଲା ଏବଂ ଜଗମୋହନ ସେ ସବୁ ଅନୁଷ୍ଠାନରେ ନିଶ୍ଚିତ ଭାବରେ ଉପସ୍ଥିତ ଥିବାର ଦେଖାଗଲା । ଛଅମାସ ଭିତରେ କଥା ଏତେ ଦୂର ଚାଲିଲା ଯେ ବ୍ଲାକବୋର୍ଡ କାନ୍ଥ ପାଟେଶ୍ୱରେ ଦୁହିଁଙ୍କ ନାଆଁ ଯୋଡ଼ା ହୋଇ ଲେଖା ସବୁ ବାହାରିଲା । ଏପରିକି ଅଧ୍ୟକ୍ଷ ଦୁହିଁଙ୍କି ପୃଥକ ପୃଥକ ଡାକି ତାଗିଦ୍ କରିଦେଲେ । ହେଲେ ଝିଅ ବା ପୁଅ କାହାରି ଉପରେ ଏ ତାଗିଦ୍‌ର କିଛି ପ୍ରଭାବ ପଡ଼ିଲା ନାହିଁ ।

ଦିନେ ମୁଁ ଜଗମୋହନଙ୍କୁ ଖୋଲାଖୋଲି କହିଲି, "ଜଗମୋହନ ! ତୁ ଏ ଧନ୍ଦା ଛାଡ଼ । କୁକୁର ବିଗିଡ଼ି ପରି ବାଣ୍ଡ ଘାଟରେ ପ୍ରେମ କରିବା ଛାଡ଼ି ଦେ । ଯଦି କବିତା ଲେଖିବା ପାଇଁ ନିହାତି ରୋମାଣ୍ଟିକ ପ୍ରେମ ଦରକାର, ତେବେ ତୁ କବିତା ଲେଖା ଛାଡ଼ିଦେ । ଯଦି ଶାନ୍ତାକୁ ବାହା ହେବାର ଇଚ୍ଛା, ତେବେ ବାପାଙ୍କୁ କହ ସେ ବିବାହର ବ୍ୟବସ୍ଥା କରିଦେବେ । ବାଣୀବିହାରରେ ବି ସେମିତି ଝିଅଙ୍କ ପଛରେ ଲାଗିଥିଲୁ ।"

ଜଗମୋହନ କହିଲା, "ମୁଁ ବାପାଙ୍କୁ ଜାଣେ । ସେ ମୋ ପାଇଁ କେଉଁଠି ଏକ ନିପଟ ମଫସଲୀ ଯୋଗାଡ଼ କରୁଥିବେ । ମୁଁ ନିଷ୍ପତ୍ତି କରିଛି ଶାନ୍ତାକୁ ବାହାହେବି, ଏକ କଥା ମୋର—ଶାନ୍ତା ନୁହେଁ ତ ଆଉ କେହି ନୁହେଁ ।"

ଗ୍ରୀଷ୍ମ ଛୁଟି ଆସିଲା । ଏମ୍ବାସାଡାର କାରଟାଏ ଆସି ଜଗମୋହନଙ୍କୁ ନେଇଗଲା । କଲେଜ ଅଣ୍ଡା ପଡ଼ିଲା । ଆପାତତଃ କୁତ୍ସା ଓ ଗୁଜବର ପରିସମାପ୍ତି ହେଲା । ଛୁଟି ପରେ ଜଗମୋହନ ଆଉ କଲେଜକୁ ଫେରି ନାହିଁ । କେହି ତା' କଥା ମନେ ପକାଇଲେ ନାହିଁ । ଛୁଟିରେ ମୋର ବାହାଘର ହେଲା । ନିମନ୍ତ୍ରଣ ପତ୍ରଟାଏ ଦେଇଥିଲି, ସେ ପାଇଲା କି ନାହିଁ ଜାଣିଲି ନାହିଁ । ଏଇ ସାତବର୍ଷ ତା ସାଙ୍ଗରେ ମୋର ସମ୍ପର୍କ ନାହିଁ ।

Digitized by PPRACHIN, SOA

ସ୍ବ ଚମୁକେ ପିଇ ମୁଣ୍ଡଟା ସ୍ବ କପରୁ ଉଠାଇଛ କି ନାହିଁ ଦେଖିଲି ଜଗମୋହନ ଘର ପର ପ୍ରବେଶ କରୁଛି । କେଡ଼ନ୍‌ର ଘରଦ୍ଵାରଟା ଟାଣି ଦେଇ ମୋ ସାମନା ଚେୟାରରେ ବସିଗଲା ଓ କ'ଣ ଗୁଡ଼ାଏ ଜଳଖିଆ ବରାଦ ଦେଲା । ଆମେ ଯଥାସମ୍ଭବ ନିରବେଳା ହେଲୁ ଏବଂ ସାତବର୍ଷ ବ୍ୟବଧାନର ଦୁଇମୁଣ୍ଡକୁ ଟାଣିଓଟାର ଯୋଡ଼ିବାକୁ ଚେଷ୍ଟା କଲୁ ।

ଜଗମୋହନ ପ୍ରଥମେ ଆରମ୍ଭ କଲା, "ମୁଁ ଗୋଲାର୍ଦ୍ଧ ବୁଲି ଆସିଲି ଏଇ ସାତ ବର୍ଷରେ । ଇଞ୍ଜିନିୟରର ଭ୍ରମଣକାହାଣୀ । ଫକୀରମୋହନରୁ ସୁନ୍ଦରଗଡ଼, ସେଠୁ ସମ୍ବଲପୁର, ତା'ପରେ ବଲାଙ୍ଗୀର ଏବଂ ସେଠୁ ଜୟପୁର ଗାଡ଼ିରକେଲା । ଡ.ପି.ଆଇ.ଙ୍କ ଦୟା ଥିଲେ ଆଉ ସାତବର୍ଷକୁ ସର୍କଲ ପୂରା ପୂରିଯିବ ।"

"ବୁଲିଲୁଣି ତ ବହୁତ । ଏ ଅନନ୍ୟ ସୁନ୍ଦରୀ ହେଲେନ୍‌କୁ ଯୋଗାଡ଼ କଲୁ କେଉଁଠୁ ?"

"ମୁଁ ଯୋଗାଡ଼ କରିନାହିଁ । ବାପା ଯୋଗାଡ଼ କରି ଦେଇଛନ୍ତି । ଆମର ଭୁବନେଶ୍ବର ପାଖ ଏକ ଗାଁରୁ, ଆମର ଦୂରସମ୍ପର୍କିତ ଏକ ସାଧାରଣ ପରିବାରରୁ । ପଢ଼ାପଢ଼ି ବି ସେମିତି କମ ।"

"ସେ କେମିତି ସମ୍ଭବ ହେଲା ? ବାପାଙ୍କ ପସନ୍ଦରେ ତୋର ବି ପସନ୍ଦ ! ବିନା ପ୍ରେମ, ରୋମାନ୍‌ସରେ ତୁ ବାହାହେବୁ ଏ ଧାରଣା ମୋର ନ ଥିଲା । ତମେ ସାହିତ୍ୟିକ ଦଳ ଏକ ରୋମାଣ୍ଟିକ ଜାତି । ଲଭ୍ ଏଟ୍ ଫାଷ୍ଟ ସାଇଟ୍, ଆଖୋଁ ଆଖୋଁ ମେ, ସ୍ବରଚକ୍ଷୁ ମିଳନ ଏମିତି କେତେ କଥା ଅଛି । ପ୍ରଥମେ ଆଖିକୁ ଆଖି, ତା'ପରେ ପ୍ରେମ, ତାପରେ ବିବାହ । ବାପା ଯୋଗାଡ଼ କରିବେ, ପୁଅ କମିତି ବାହା ହେବ ?"

"ସେ ଆଦର୍ଶ ଫକୀରମୋହନ କଲେଜ ପର୍ଯ୍ୟନ୍ତ ଥିଲା । ବାପା ମୋର ସବୁ କାହାଣୀ ଯିମିତି ଶୁଣିଲେ, ସିମିତି ମୋଟର ପଠାଇ ଧରାଇ ନେଲେ ଗ୍ରୀଷ୍ମଛୁଟି ହେବା ଦିନ । ତାପରେ ଯେଉଁ ଗାଳି ଭର୍ତ୍ସନା !"

"ବାପାଙ୍କୁ କହିଲୁ ନାହିଁ ତୋର ଇତିବୃତ୍ତ ?"

Digitized by PPRACHIN, SOA

ମୁଁ କହିଲି ସବୁକଥା ଖୋଲି । କହିଲି, ଝିଅଟି କେଡ଼େ ସୁନ୍ଦରୀ, କେତେ ଗୃହକର୍ମନିପୁଣା, ସଙ୍ଗୀତପ୍ରିୟା ଏବଂ ସଦ୍‌ବଂଶଜା ; ପାହିଆ ଅଛି ମଧ୍ୟ ତା ବାପାଙ୍କର । କହିଲି, ବିବାହ ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ମୁଁ ବାହା ନ ହେଲେ ସେ ଝିଅ ପାଗଳୀ ହୋଇଯିବ, ଆତ୍ମହତ୍ୟା କରିପାରେ ମଧ୍ୟ । ବାପା ସବୁ କଥା ଶୁଣିଲେ, ମାତ୍ର ତାଙ୍କଠୁଁ ବଳି ଜିଦ୍‌ଖୋର ପାଷାଣ ହୃଦୟ କେହି ଦୁନିଆରେ ନ ଥିବେ । ଖୁବ୍ ରାଗିଯାଇ ତାଙ୍କୁ କହିଲି, ତୁମେ ପୁରୁଣାକାଳିଆ ମରିହଳି ଲୋକ, ପ୍ରେମ ବୋଲି ଚିଜ ତମ ଅମଳରେ ନ ଥିଲା ; ନିଜେ ତମେ ବାଲ୍ୟବିବାହ କରିଥିଲ । ତମେ ଜାଣି ପାରିବ ନାହିଁ ଆଧୁନିକ ଯୁଗର ପ୍ରଣୟୀ ହୃଦୟ । କି ଦୁଃଖ କି ଯନ୍ତ୍ରଣା ସେମାନେ ନ ଭୋଗନ୍ତି ଏଇ ପ୍ରେମ ପାଇଁ !”

“ତୋ ବାପା ଠେଙ୍ଗାରେ ତୋ ମୁଣ୍ଡ ଫଟାଇ ଦେଇ ନାହାନ୍ତି ତ ! ଖୁବ୍ ସାହସ ତୋର ଦେଖୁଛି ।”

“ମାଆଙ୍କୁ ମୁଁ କହିଲି, ଯଦି ସେ ଝିଅ ସହିତ ବିବାହରେ ବାପା ରାଜି ନ ହୁଅନ୍ତି ତେବେ ମୁଁ ଘର ଛାଡ଼ି ଚାଲିଯିବି, ନ ହେଲେ କଣ ନା କ’ଣ କରିବସିବି । ମାଆ ବି ବାପାଙ୍କ ପଛରେ ଚାଲିଲେ । ମୁଁ ଏବେ ବି ଆଶ୍ଚର୍ଯ୍ୟ ହେଉଛି ଏ ସବୁ କଥା କମିତି ସେମାନଙ୍କୁ କହି ପାରିଲି । ମନର ଘୋର ଅନ୍ଧକାରମୟ ଅବସ୍ଥାରେ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲି । ମଣିଷ ପ୍ରେମ ନାଆଁରେ ବି.ଏ. ଏମ୍.ଏ. ପଢ଼ି ବି ଏମିତି ପାଗଳଙ୍କ ଭଳି ପ୍ରଳାପ କରିପାରେ ?”

“ସେମାନେ ତୋ ବିବାହ କେଉଁଠି ଠିକ୍ କରି ସାରିଥିଲେ ବୋଧହୁଏ ? ନ ହେଲେ ଏମିତି ଏକଜିଦିଆ ହୁଅନ୍ତେ ନାହିଁ ।”

“ମୋତେ ସିମିତି ଜଣାଗଲା । ମୋର ସଂକଳ୍ପର ଦୃଢ଼ତା ଅନୁଭବ କରି ସେମାନେ ଅନନ୍ୟୋପାୟ ହୋଇ ମୋତେ ଗାଡ଼ିରେ ନେଇ ଏକ ଦୂରସମ୍ପର୍କିତା ମାଉସୀ ଘରେ ଛାଡ଼ିଦେଲେ । ମୋର ମନର ଅବସ୍ଥା ସେତେବେଳକୁ କହିଲେ ନ ସରେ । ଚିନ୍ତା ମୋ ଛାତିକୁ କୋରି ଦେଉ-ଥାଏ । ମଉସା ମାଉସୀ ମୋତେ ବହୁତ ବୁଝାଇଲେ ଏବଂ ଯେଉଁ ଝିଅ ସହିତ ମୋର ବିବାହ ସ୍ଥିର ହୋଇଛି ତା’ର କଥା କହିଲେ । ତାଙ୍କ

Digitized by PPRACHIN, SOA

ମତରେ ବିବାହ ସବୁ ଦୃଷ୍ଟିରୁ କାମ୍ୟ । ଗରିବ ଘର ; ହେଲେ ଟଙ୍କା ଆମର କ'ଣ ଦରକାର ? ମୁଁ ସେମାନଙ୍କ ପ୍ରତି କଥାର ଉତ୍ତରରେ ଶାନ୍ତାର ରୂପ-ଗୁଣର ଉଲ୍ଲେଖ କରୁଥାଏଁ । ଶେଷରେ ସେମାନେ ବି ଉତ୍ସୁକ ହେଲେ ଏବଂ ଘରଗୁଡ଼ି ଚନ୍ଦନଯାତ୍ରା ଦେଖିବା ଆଳରେ ପୁରୀ ଚାଲିଗଲେ— ମୋତେ ଆଉ ମୋର ସେହି ଦୂରସମ୍ପର୍କିତା ଭଉଣୀ ରତ୍ନା ସହିତ ଛାଡ଼ି- ଦେଇ, ଯାହା ସାଙ୍ଗରେ ସେମାନେ ମୋର ବିବାହ ସ୍ଥିର କରିଥିଲେ ।

"ତା ପରେ ଗୃହଚକ୍ଷୁର ମିଳନ ?"

"ଥଟ୍ଟା କର ନାହିଁ । ଜୀବନ ମରଣ ସମସ୍ୟା । ସେମାନେ ସେ ଝିଅକୁ ଇଙ୍ଗିତ ଦେଇଥିଲେ ବୋଧହୁଏ । ରତ୍ନା ମୋତେ ସହଜରେ ଜିଣିନେଲା, କିଣିନେଲା । ମଉସା ମାଉସୀ ଫେରିଲାବେଳକୁ ମୁଁ ବିବାହରେ ସମ୍ମତି ଦେଲି ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ଆମର ବିବାହ ସମ୍ପନ୍ନ ହେଲା ।"

"ଆଉ ଶାନ୍ତା ଅବିବେଚକ ଅଚେତନ ସ୍ତରକୁ ଚାଲିଗଲା । ତୁ ଏମିତି ପ୍ରେମିକ ! ବନ୍ଧୁ ଆକାରରେ ମୋତେ ନିମନ୍ତ୍ରଣ ପତ୍ର ଖଣ୍ଡିଏ ବି ଦେଲୁନି ? ତୁ ଭାରି ସ୍ୱାର୍ଥପର । ଶାନ୍ତାର କ'ଣ ହେଲା ସେ କଥା କେବେ ଜାଣିବାର ଚେଷ୍ଟା ବି କଲୁନି ?"

"ସବୁ କାମ ତରବରରେ ହେଲା, ସେମାନେ ସବୁ ବ୍ୟବସ୍ଥା କଲେ, ମୋର ତହିଁରେ କର୍ତ୍ତୃତ୍ୱ ନ ଥିଲା । ଶାନ୍ତା କଥା ଭାବିଲେ ମୋତେ ଲାଜ ମାଡ଼ୁଛି ମୁଁ କେମିତି ଏତେ ଶୀଘ୍ର ତାକୁ ଭୁଲିଗଲି ।"

"ଆଚ୍ଛା ! ତୁ ତୋ ରତ୍ନାକୁ କେବେ ତୋର ଏ ପ୍ରେମକାହାଣୀ କହିଛୁ ? ତୁ କେମିତି ଆତ୍ମହତ୍ୟା କରିବାକୁ ଯାଇଥିଲୁ ; କହି ନ ଥିବୁ ବୋଧହୁଏ ।"

"ସବୁ କହିଛି ଏବଂ ଚପଳତା ପାଇଁ କ୍ଷମା ମଧ୍ୟ ମାଗିଛି ।"

"ତୁ ତେବେ ବେଶ୍ ସୁଖୀ ଅଛୁ ? ଭଲ ଅଛୁ ?"

"ଭଲ ମାନେ ? ମୁଁ ଏକପ୍ରକାର ସ୍ୱର୍ଗରେ ଅଛି । ରତ୍ନା ମୋତେ ରଜା କରିଦେଇଛି । ମୁଁ ଯେ କୁଆଡ଼େ ଭାସି ଯାଇଥିଲି ।"

Digitized by PPRACHIN, SOA

"ଜଗମୋହନ ! ତୁ ପରମ ସୌଭାଗ୍ୟବନ୍ତ ଲୋକ । ରମ୍ଭା ଭଳି ସ୍ତ୍ରୀ, ଅଶ୍ୱିନୀକୁମାର ପରି ପୁଅ, ପୁଣି ତାଙ୍କ ନାଆଁ ? ଶାଳୀଙ୍କ ?"

"ପଦ୍ମା ।"

"ବାଃ ! ପଦ୍ମ ଫୁଲଟିଏ ତ ! ଦେଖ ଜଗମୋହନ, ଶାନ୍ତାଠି ପ୍ରେମ ଆରମ୍ଭ ହୋଇ ଯିମିତି ରମ୍ଭାଠି ଶେଷ ହେଲା, ସେମିତି ରମ୍ଭାଠି ଆରମ୍ଭ ହୋଇ ପଦ୍ମାଠି ଯିମିତି ଶେଷ ନ ହୁଏ । ତୋର ପ୍ରଥମ ଦର୍ଶନର ପ୍ରେମ ଦ୍ୱିତୀୟ ଦର୍ଶନ ବେଳକୁ ନ ଥାଏ ।"

"ଅଛା ଟିକିଏ ବେଶି ହୋଇ ଯାଉଛି । ଛାଡ଼ ବାଜେ କଥା । ସୁନ୍ଦରଗଡ଼ରେ ଆମର ପ୍ରଥମ; ବଲାଙ୍ଗୀରରେ ଦ୍ୱିତୀୟର ଜନ୍ମ ।"

ଜଗମୋହନ ଆଉ କଥା ଗୁ ବହାଦ କଲା । କହିଲା, "ମୁଁ ତ ଚମ୍ପକରେ ମୋ କଥା ସବୁ କହିଗଲି । ତୋତେ ମନେ ମନେ ମୁଁ ବହୁତ ଖୋଜୁଥିଲି, ଆଜି ପାଇଗଲି । ଛାଡ଼ ଉଚ୍ଛ୍ୱାସ ହେଲା । ଆବେଗରେ ଭାସି ଯାଇ ତୋ କଥା କିଛି ପଚାରି ନାହିଁ । ମୋତେ ଆଗ କହ, ତୁ ଏଠି କିମିତି ?"

"ମୁଁ ବଦଳି ହୋଇ ଆସିଛି । ଦୁଇଦିନ ହେଲା ଆସିଲି ଏଇ କଲେଜକୁ । ଏ ବର୍ଷ ଏଠି ଆର୍ଟସ ଖୋଲିଛି । ସୋମବାର ଦିନ ଜଏନ କରିବି ।"

"ତୁ କ'ଣ ଏଇ ସାତ ବର୍ଷ ଯାକ ସେଇ ଏଫ. ଏମ୍.ରେ ଥିଲୁ ?"

"ହଁ, ଦଶ ବର୍ଷ ରହିବା ଲୋକ ବି ଅଛନ୍ତି । ଧରାଧରି..."

"ରହୁଛୁ କେଉଁଠି ? ଘର ପାଇଛୁ ? ଏଠି ଘର ପାଇବା ବଡ଼ ମୁସ୍କିଲ ପାଠ । ଯଦି ବା ମିଳେ ଭଡ଼ା ଖୁବ୍ ବେଶି ।"

"ମୁଁ ଜାଣେ । ଏଠି ସାନଭାଇ ଅଛି । ଉଣିଶ ନମ୍ବରରେ ।"

"ଘର କଥା ତ କିଛି କହିଲୁ ନାହିଁ ?"

"କହିବାର କ'ଣ ଅଛି ? ସବୁ ମାମୁଲି ।"

"ତଥାପି ।"

Digitized by PPRACHIN, SOA

"ତଥାପି ପେରେ କ'ଣ ? ଜଗମୋହନ, ତୁ ଭଲକରି ଜାଣିଚୁ ମୁଁ କେମିତି ମଣିଷ । ପୂରାଦସ୍ତୁର ଏଣ୍ଟିରୋମାଣ୍ଟିକ । ମୋ ଜୀବନରେ ରୋମାନ୍ସ ନାହିଁ । ଯୁଆଁକୁ ଛାଡ଼ ତାକୁ ଧରି ବସିବାର ନାହିଁ । ପୂରା ଗଦ୍ୟମୟ ମୋ ଜୀବନ । ଜଣେ ସାହେବ ଲୋକ କହିଛନ୍ତି ପ୍ରତି ପଚାଶ ଜଣରେ କେବଳ ଜଣେ ଲୋକ ଜୀବନରେ କେବେ କବିତାର ନାମ ଧରେ ନାହିଁ । ସେ ଜଣକ ହେଉଛି ଅର୍ଥନୀତିର ଅଧ୍ୟାପକ ।"

"ତୁ ନିଜକୁ ଗାଳି ଦେଉଚୁ ନା ମୋତେ ଗାଳି ଦେଉଚୁ ? ଏଥର ଦୟା କରି ଘର କଥା କହ ।"

"ତୋତେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ ଏ ଲୋକଟା ପ୍ରେମ ନ କରି କିପରି ବାହାହେଲା । ତେବେ ତୁ ତ ନିଜେ ଜୋରଜବରଦସ୍ତ ବିବାହରେ ଖୁବ୍ ସୁଖୀ ଅଛୁ ବୋଲି କହିଲୁ । ମୋର ବି ବିବାହ ବାପା ମାଆ ବନ୍ଦୋବସ୍ତ କରିଛନ୍ତି । ମୋର ଥିଓରି ହେଲା, ଜଣେ ନାରୀ ଆଉ ଜଣକ ପରି ଭଲ ଅଥବା ଖରାପ । ଭାଗ୍ୟ ସବୁ । ବିନା ଚକ୍ଷୁରେ ତ ଅନ୍ଧ ଅନ୍ଧୁଣୀ ସୁଖୀ । ଆଗ ସେକ୍ସ ତା' ପରେ ପ୍ରେମ ।"

"ତୁ ମୋତେ ଦେଖି ଟିକିଏ ଅଫ୍ ମୁଡ୍ ହୋଇଗଲୁ ବୋଧହୁଏ । ମୁଁ ତୋ ଘରସଂସାର ପିଲାପିଲି କଥା ପଚାରୁଛି ତୁ ମୋତେ ଗାଳି ଦେଇ ଚାଲିଚୁ ।"

"ଶୁଣ ତେବେ । ମୁଁ ବି. ଏ. ପଢ଼ୁଥିବା ଗୋଟିଏ ଝିଅକୁ ବାହା ହୋଇଛି । ଦେଖିବାକୁ ତୋ ଆଖିରେ ଖୁବ୍ ରୋମାଣ୍ଟିକ ହେଲେ ବି ମୋ ଆଖିରେ 'ମନ୍ଦ ନୁହେଁ' କିସମର । ଆମର ବି ଦୁଇ ପୁଅ । ହଠାତ୍ ବାହାଘର ହୋଇଗଲା । ସେଉଁ ଗ୍ରୀଷ୍ମ ଛୁଟିରେ ଆମେ କଲେଜ ଛାଡ଼ିଲୁ ସେଇ ଛୁଟିରେ । ଶୁଣି ଆଶ୍ଚର୍ଯ୍ୟ ହେବୁ ତୋ ଶାନ୍ତାର ବି ସେଇଦିନ ବାହାଘର ହୋଇଗଲା । ନିମନ୍ତ୍ରଣ ପଠାଇଥିଲି । ଗ୍ରୀଷ୍ମଛୁଟିରେ କିଏ ପୋଷ୍ଟଅଫିସ ପାଞ୍ଚ ଦେଇଥିବ ।"

"ଶାନ୍ତାର ବାହାଘର ! କେଉଁଠି, କାହାକୁ ବାହା ହେଲା ?"

"ପୁରୁଣା ପ୍ରକୃତି ତୋର ଏବେ ବି ଛାଡ଼ି ନାହିଁ । ସେ ବାହା ହେଲାଣି, ପିଲାଝିଲା ଜନ୍ମ କଲାଣି ହୁଏତ ପର ଘରେ ଯାଇ । ତୁ ନିଜେ

Digitized by PPRACHIN, SOA

ଏତେ ସୁନ୍ଦର ସ୍ତ୍ରୀ ପାଇଛୁ, ଶାଳୀ ପାଇଛୁ, ତଥାପି ଶାନ୍ତା ନାଆଁଟା ଶୁଣିଲା ବେଳକୁ ଏମିତ ଅଧୈର୍ଯ୍ୟ ହେଉଛୁ, ଉଲୁସି ଉଠୁଛୁ ! ଦେଖୁଛି ତାକୁ ପାଇଲେ ଏହିକ୍ଷଣି ନିଜ ସ୍ତ୍ରୀକୁ ଛାଡ଼ି ତାକୁ ବାହା ହୋଇ ପଡ଼ିବୁ ।"

"ଶାନ୍ତାକୁ ମୁଁ ପୂରା ଭୁଲିଯାଇଛି । ସତରେ କେଡ଼େ ଆଶ୍ଚର୍ଯ୍ୟ !"

"ତେବେ ଆଉ କାହିଁକି ଶାନ୍ତା କଥା ? ନିଜ ସ୍ତ୍ରୀ ପ୍ରତି ଦ୍ରୋହ ଆଚରଣ ହେବ । ଏତିକି ଜାଣିଥା, ସେ ଯେଉଁଠି ଅଛି ରମ୍ଭା ପରି ଭଲରେ ଅଛି । ତୁ ତ ତା'ର ସର୍ବନାଶ କରି ଦେଇଥିଲୁ ପ୍ରାୟ । ବାହାହୋଇ ଶାନ୍ତା କ'ଣ ତୋତେ ଆଉ ମନେ ପକାଉଥିବ ଭାବୁଛୁ ? ଏତିକି ହେଉ ତା' ବିଷୟରେ ।"

ଗୃ' ଖିଆ ସରିଲା । ଆମେ ଉଠିଲୁ । ଜଗମୋହନ ଗଲାବେଳେ କହିଲା "ଆଜି ଏତିକି । କାଲି ଶନିବାର ଅଛି । ଠିକଣାଟା ଦେ । ଦେଖେଁ ଯଦି ତୋ ଘରକୁ ଯାଇ ପାରିବ ।"

"ପାରିବ କ'ଣ କହୁଛୁ ? ଆସିବୁ ତ । ମିସେସ୍‌କୁ ଧରି କାଲି ପାଞ୍ଚଟାକୁ । ଗୃ'କୁ ନିମନ୍ତ୍ରଣ ରହିଲା, ସାଲେପୁର ମିଠା ଯେତେ ଖାଇବୁ ଦେବି । ମୁଁ ଅପେକ୍ଷା କରିଥିବି । ମୋର କ୍ୱାର୍ଟର୍ସ ନମ୍ବର ୧୪୭, ଏ ବ୍ଲକ, ସେକ୍ଟର ନାଇନ୍‌ଟିନ ।"

ତହିଁ ପରଦିନ ଠିକ୍ ପାଞ୍ଚଟାରେ ଜଗମୋହନ ଓ ତା'ର ସ୍ତ୍ରୀ ପହଞ୍ଚିଲେ । ଜଗମୋହନକୁ ମୁଁ ଭର୍ତ୍ସନା କଲି କାହିଁକି ସେ ତା' ଦୁଇ ପୁଅକୁ ସାଙ୍ଗରେ ନ ଆଣିଲା ।

ଡ୍ରଇଁ ରୁମ୍‌ରେ ସେମାନେ ବସିଲେ । ଘର ଭିତରକୁ ପଶିଯାଇ ଗୃ' ଜଳଖିଆର ବ୍ୟବସ୍ଥା କରି ଆଣିବାକୁ କହିବା ଆସିଲି ।

କୁଶଳ ମଙ୍ଗଳ ପ୍ରଶ୍ନୋତ୍ତର ପରେ ମୁଁ ଗାମ୍ଭୀର୍ଯ୍ୟର ଛଳ କରି ଆରମ୍ଭ କଲି ରମ୍ଭାଦେବୀଙ୍କୁ ଗୃହିଁ—"ଆପଣ ଏ ମୂର୍ତ୍ତିକୁ ଚିହ୍ନିଲେଣି ? ଭଲ କରି ତାଙ୍କୁ ଜାଣିଲେଣି ?"

ରମ୍ଭାଦେବୀ କହିଲେ, "ସାତ ବର୍ଷରେ ଯାହା ଜାଣିଛି ।"

Digitized by PPRACHIN, SOA

"କ'ଣ ଜାଣିଛନ୍ତି ? କାଲି କେଣ୍ଟିନ୍‌ରେ ଦେଖା ହେଲାବେଳେ 'ଶାନ୍ତା' 'ଶାନ୍ତା' ଭଜୁଥିଲା । ଶାନ୍ତା କିଏ ଜାଣନ୍ତି ?"

"ଜାଣେ ଯୁଆଙ୍କର......"

"ସେତିକି କ'ଣ ଯଥେଷ୍ଟ ? ତାଙ୍କର ସମସ୍ତ ହିସ୍ୟାକାଣ୍ଡ ଜଣା ଅଛି ? ଯୁଆଙ୍କୁ କେବେ ହାତଛଡ଼ା କରିବେନି । ଗଣ୍ଡି ଫିଟିଛି ତ ପାଇବେ ନାହିଁ । ମହା ରୋମାଣ୍ଟିକ ଲୋକ । ଆଖି ହ'ଠା ସହିତ ଆଉ କେଉଁଠି କେବେ କାହା ଆଖି ମିଳିଛି ତ ରକ୍ଷା ନାହିଁ ! ଯୁଆଙ୍କୁ ନେଇ ଘରସଂସାର କରି ପାରୁଛନ୍ତି ତ । ରୋମାଣ୍ଟିସିଜମ୍ ଏକ ରୋଗ ।"

"ଜାଣେ । ଏ ଯାକେ ଠିକ୍ ଚାଲିଛି ତ । ପଛକୁ କ'ଣ ହେବ କିଏ କହିବ ?"

"କମିତି ସମ୍ଭବ ହେଲା ?"

"ଡେଣା କାଟି ଦେଲେ ଚଢ଼େଇ କେତେଦୂର ଉଡ଼ିବ ?"

ଜଗମୋହନ ମୋ ଆଡ଼କୁ ସନ୍ଦିଗ୍ଧ ଚକ୍ଷୁରେ ଚାହିଁଲା, ସତେ ଯିମିତି ଚାହୁଁଥିଲା ଏ ସବୁ କଥାର ଅବତାରଣା କାହିଁକି ?

ମୁଁ ପୁଣି ଆରମ୍ଭ କଲି, "ଆପଣ ଏତିକି ଜାଣିଥାନ୍ତୁ, ଏଇ ଜଗମୋହନ ଦିନେ ଗୋଟିଏ ଜୀବନ ନଷ୍ଟ କରି ଦେଉଥିଲା । ଚାରି ମାସ ଧରି କଲେଜ ହୁଲସ୍ଥୁଲ । ଦିନ ରାତି 'ଶାନ୍ତା' 'ଶାନ୍ତା' ଭଜି ଆତ୍ମହତ୍ୟା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ସେ ଝିଅ ବି କୁଆଡ଼େ ପାଖରେ ଟିକ୍-ଟୁଏଣ୍ଟି ରଖିଥିଲା । ଯେତେ ବୁଝେଇଲେ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ । ସେ ଝିଅର ବଦନାମ ହୋଇଗଲା । ଏତେ ବଦନାମ ଥିବା ଝିଅକୁ କିଏ ବାହାହେବ ?

"ଆପଣ ତ ଜାଣିଥିବେ ସେ ଝିଅ ବାହା ହେଲାଣି ନା ନାହିଁ ?"

"ବାହା ହେଲା ପରା । କାଲି ଜଗମୋହନକୁ କହିଛି, ମୋ ବାହାଘର ଦିନ ତା'ର ବି ବାହାଘର । ହେଲେ ତା' ବାପାକୁ ନଗଦ ଦଶ ହଜାର ଓ ସ୍କୁଟରଟିଏ ଜୋଇଁକି ଦେବାକୁ ପଡ଼ିଲା ।"

ଜଗମୋହନ ପଚାରିଲା, "କିଏ ସେ ଜୋଇଁ ? କ'ଣ କରନ୍ତି ?"

"ପୁଣି ଆଗ୍ରହ ! ତୋ'ର ଠିକ୍ ଓଲଟା ପ୍ରକୃତିର ଲୋକକୁ ସେ ବାହା ହେବାକୁ ବାଧ୍ୟ ହେଲା । ଦେଖିବାକୁ ଅସୁନ୍ଦର, କିହାତି ମଫସଲୀ

Digitized by PPRACHIN, SOA

କହିଲେ ଚଳେ । ସିନେମା, ଥିଏଟର, ନାଚ ଗୀତ, ତାମସା କିଛି ସେ ଭଲ ପାଏ ନାହିଁ । ଯାହାକୁ କହନ୍ତି ନପଟ ପ୍ରୋଜାଇକ୍ । ବିଚାରା ! ଜୀବନଟା ତାର ନଷ୍ଟ ହୋଇଗଲା ।"

ରତ୍ନାଦେବୀ କହିଲେ, "ଠିକ୍ ହୋଇଛି । ଝିଅର ଯିମିତି ପ୍ରକୃତି, ସେମିତି ଫଳ ସେ ପାଇଛି ।"

ଏତିକିବେଳେ ଟ୍ରେ' ଜଳଖିଆ ନେଇ ମୋ ସ୍ତ୍ରୀ ପ୍ରବେଶ କଲେ । ଯେମିତି ଜଗମୋହନଙ୍କୁ ଦେଖି ଦେଇଛନ୍ତି, ସେମିତି ସେ ଚମକି ପଡ଼ିଲେ ଏବଂ ସିଙ୍ଗଡ଼ା ଗୋଟାଏ ଦୁଇଟା ତଳେ ପଡ଼ିଗଲା ଓ ଟ୍ରେ' ଉପରୁ ଉଚ୍ଛୁଳି ପ୍ଲେଟ୍‌ରେ ପଡ଼ିଲା । ଜଗମୋହନ ବି ସେମିତି ଚମକିଲେ ଏବଂ ତାଙ୍କ ପାଟିରୁ ବାହାରି ପଡ଼ିଲା "ଶାନ୍ତା, ତମେ ?"

ମୁଁ କହିଲି, "ସେ ଏଠାକୁ ଆସିଛନ୍ତି ।"

ଜଗମୋହନ ପଚାରିଲେ, "ଶାନ୍ତା ! ତୁମେ ଏଠି କିମିତି ? କେଉଁଠି ଅଛ ? କିମିତି ଅଛ ?" ଏମିତି ଏକା ନିଶ୍ୱାସରେ ଗୁଡ଼ାଏ ପ୍ରଶ୍ନ ।

ଶାନ୍ତା କହିଲେ, "ଯେଉଁଠି ଦେଖୁଛନ୍ତି ସେଇଠି ମୁଁ ଅଛି ଏବଂ ବେଶ୍ ଭଲ ଅଛି ।"

"ଏମାନେ କ'ଣ ସମ୍ପର୍କ ହୁଅନ୍ତି ? ଏଠି କ'ଣ କାମ ଥିଲା ?"

"ଏମାନେ ମୋର ଘନିଷ୍ଠ ସମ୍ପର୍କ । ଏଠି ମୋର ଅନେକ କାମ । ୟାଙ୍କର ପାଖରେ ଥାଏଁ, ଯେଉଁଠାକୁ ବଦଳି ହୁଅନ୍ତି ସେଠାକୁ ଯାଏଁ । ରୋଷେଇବାସେଇ କରେଁ, ଛୁଆ ପିଲା ପାଳେ ।"

ଜଗମୋହନ ପଚାରିଲେ, "ଆଉ ଗୀତ ଫୀତ ଗାଅ ନାହିଁ ? ପ୍ରୋଜାଇକ୍ ହୋଇଯାଇଛ ବୋଧହୁଏ ।"

"ନା, ନା, ଗୀତ ଗାଇ ଦୁଇ ପୁଅଙ୍କୁ ଶୁଆଏଁ । ୟାଙ୍କୁ ବି ବେଳେ ବେଳେ ଗୀତ ଗାଇ ଚିଡ଼ାଏଁ, ବିରକ୍ତ କରେଁ । ଗୀତ ତାଙ୍କୁ ଭଲ ଲାଗେ ନାହିଁ ।"

ମୋତେ ଅନାଇ ରତ୍ନା ଦେବୀ ପଚାରିଲେ, "ଆପଣ ଏମିତି ସ୍ତ୍ରୀଙ୍କି ନେଇ ଦିନ କାଟୁଛନ୍ତି କିପରି ? ସିଏ ପରା ଆଉ କାହାପାଇଁ ଆତ୍ମହତ୍ୟା କରିବାକୁ ଯାଇଥିଲେ ? ୟାଙ୍କୁ ସମ୍ଭାଳୁଛନ୍ତି କିପରି ?

Digitized by PPRACHIN, SOA

"ଡେଣା କାଟି ଦେଇ ଯିମିତି ଆପଣ ସମ୍ଭାଳିଛନ୍ତି ଜଗମୋହନଙ୍କୁ ।"

"ଜୁଲାଇ ମାସରେ ଆପଣ ଆମଙ୍କୁ ଏପ୍ରିଲ ଫୁଲ୍ କଲେ ଦେଖୁଛି । ଅଚ୍ଛା, ଆପଣ ତ ଜାଣିଥିଲେ ଶାନ୍ତା କମିତି ପ୍ରକୃତିର ଝିଅ, ତଥାପି ଜାଣିଶୁଣି କମିତି ବାହା ହେଲେ ?"

"ତାଙ୍କ ବାପାଙ୍କ ପାଖରୁ ନଗଦ ଦଶ ହଜାର ଆଉ ସ୍କୁଟରଟାଏ ପାଇଲି ଝିଅର ଦୁଷ୍ଟାମି ଓ ମାଙ୍କଡ଼ାମି ବାବଦ ।"

ଶାନ୍ତା ମୋ ଉପରେ ପଡ଼ି କହିଲେ, "ମିଛ କହୁଛ । ବାପା ତୁମକୁ କିଛି ଦେଇ ନାହାନ୍ତି ।"

"ତେବେ ସେ ତୁମକୁ କାହିଁକି ବାହାହେଲେ ?"

"ତାଙ୍କୁ ପଚାର ।"

ମୁଁ କହିଲି, "ଅସଲ କଥା ହେଲା ଯେଉଁ ଝିଅଗୁଡ଼ାକ ପ୍ରଥମ ଜୀବନରେ ଏମିତି ଟିକିଏ ରୋମାଣ୍ଟିକ୍ ବେଆଡ଼ଆ ହୁଅନ୍ତି, ସେମାନେ ପଛ ଜୀବନରେ ଘର ବଡ଼ିଆ ଗୃହିଣୀ ହୁଅନ୍ତି, ବୋଧହୁଏ ନିଜ ଅପକର୍ମର ପ୍ରାୟଶ୍ଚିତ୍ତ କରିବାକୁ ଯାଇ । ତା'ଛଡ଼ା କେଉଁ ଝିଅ କେବେ କାହାକୁ ଚାହିଁଦେଲା ବା କାହା ସାଙ୍ଗରେ ପଦେ କଥାବାର୍ତ୍ତା ହେଲା ତାକୁ ଦଣ୍ଡ ଦେବା ବ୍ୟବସ୍ଥା ମୋ ପରି ପ୍ରୋଗ୍ରେସିଭ୍ ଲୋକ ଦେଇ ହବ ନାହିଁ । ଶାନ୍ତାକୁ ତୁମେ ବାହା ହବ ଜଗମୋହନ ? ମୁଁ ଛାଡ଼ିଦେବାକୁ ପ୍ରସ୍ତୁତ ।"

"ଯାଃ କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?" ଶାନ୍ତା କମାଡେ କହିଲେ ।

"ମୋର ଆପତ୍ତି ନାହିଁ ।" ରତ୍ନା କହିଲେ ।

"ଯାଃ ! କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ? ଜଗମୋହନ ଓ ଶାନ୍ତା ପରସ୍ପରକୁ ଚାହିଁଲେ । ଗୃହଚକ୍ଷୁର ପୁଣି ମିଳନ ହେଲା । ମାତ୍ର ସେ ଚାହାଣିରେ ପ୍ରେମ ନ ଥିଲା, ଥିଲା ରହସ୍ୟ ଓ ବିସ୍ମୟ ।

ମୁଁ ରତ୍ନା ଦେବୀଙ୍କ ଆଡ଼କୁ ଚାହିଁ ହୋ ହୋ ହସି କହିଲି, 'ଏ ଦୁହେଁ ପରସ୍ପରକୁ ନ ପାଇଲେ କୁଆଡ଼େ ଆତ୍ମହତ୍ୟା କରିବେ ବୋଲି କହୁଥିଲେ !"

Digitized by PPRACHIN, SOA

# ବାପା

ଖିଅର ହେଉଥିଲି । ପାଖ ଘରେ ବାପା ପଡ଼ିଥାନ୍ତି । ଦେହସାକ ଘାଆ ଛଡ଼ି । ( ମୋର ବି ସିମିତି ପୋକଯୋକ ହୋଇ ମରଣ ହେବ ? ) ଛଅ ମାସ ହେଲା ଠାଏଁ ପଡ଼ିଛନ୍ତି । ଧରି ଦେଲେ ଉଠନ୍ତି ବସନ୍ତି, ନ ହେଲେ କନ୍ଥା ସାଙ୍ଗରେ ମିଶି ଯାଇଥାନ୍ତି । ମୁମୂର୍ଷୁ । ଆଉ ବେଶୀ କାଳ ନାହିଁ ତାଙ୍କର । ଯେ କୌଣସି ମୁହୂର୍ତ୍ତରେ ତାଙ୍କର ଶେଷ ନିଶ୍ୱାସ ଗ୍ଭଲିଯିବ ।

ଦସ୍ତୁ ହୁଏ । ଏଇ ଲୋକଟି ଦିନେ ନିଜେ ନ ଖାଇ ତା ପେଟରୁ କାଟି ମୋତେ ଖୁଆଇଥିଲା, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଏପରିକି ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ମୋ ଦେହକୁ ମାସ ମାସ, ବର୍ଷ ବର୍ଷ ଜଗି ରହିଥିଲା । ଖରା, ବର୍ଷା ଶୀତ ମାଇଲ ମାଇଲ ଯାଇ ମୋ ପାଇଁ ଦୁଧ ଆଣୁଥିଲା, କାଖ କାନ୍ଧ କରି ତା'ର ଅଝଟ ଅମାନିଆ ମୂର୍ଖ ପୁଅକୁ ଗ୍ଭଟଶାଳୀ ସ୍କୁଲକୁ ନେଉଥିଲା, ଗୋରୁ ଗାଈ ବିକି ପୁଅର ବଦଖର୍ଚ୍ଚ ମେଣ୍ଟାଉଥିଲା କଲେଜରେ । ଖୋଜାଖୋଜି କରି ଗୋଟିଏ ଗୁଡ଼ିଲରେ ଗଢ଼ା କନ୍ୟା ବିଭା କରାଇଥିଲା । ଅନ୍ଧାର ଲଉଡ଼ି ଦରିଦ୍ରପସରା କରି ମୋତେ ବଞ୍ଚାଇ ରଖିବାକୁ ଦିଅଁ ଦେବତା ଆଗରେ ପୂଜାପଣା କରୁଥିଲା । ଯଦି ଦରକାର ପଡ଼ିଥାନ୍ତା ବାବର ପରି ପୁଅର ରୋଗ ନିଜ ଦେହକୁ ନେଇ ମୃତ୍ୟୁବରଣ କରିଥାନ୍ତା । ଆଜି ବିଚରା ଅସହାୟ ।

ଆଜି ତାଙ୍କ ରୂଢ଼ଗୁଡ଼ାକ ( ଦାଢ଼ି ନ କହି ସେ ରୂଢ଼ କହନ୍ତି ) କାଟି ଦେଉଥିଲି । ସେ ପଙ୍ଗୁ, ନିଜେ ଖିଅର ହୋଇପାରନ୍ତି ନାହିଁ । ସାତ ଆଠ ଦିନରେ ଥରେ ମୁଁ ମୋ ସେଫ୍‌ଟି ରେଜରରେ କାଟିଦିଏଁ, ଯେଉଁଦିନ ସେ ଗାଲରେ ହାତମାରି କହନ୍ତି "ବାପାରେ, ବେଳ ହବ ? ରୂଢ଼ଗୁଡ଼ାକ ସଫା କରିଦେବୁ ?"

Digitized by PPRACHIN, SOA

ତାଙ୍କୁ ଖିଅର କରି ସାରିବା ପରେ ପରେ ମନ ହେଲା, ସରଞ୍ଜାମ ସବୁ ତ ପାଖରେ ; ମୁଁ ବି ଏଇ ପାଖ ଘରେ ବସି କାମଟା ସାରିଦିଏଁ । ତିନିଟଙ୍କା ପଚାଶ ପଇସିଆ ( ଏବେ ଦାମ୍ ବହୁତ ବଢ଼ିଯାଇଛି ) ଗୋଲ ସାଇଜର ଗ୍ଲେଟ ଆଇନାଟା ମୋର ଭାରି ପ୍ରିୟ । ପ୍ରାୟ ଅଧଇଞ୍ଚ ବହଳ ବେଲଜିୟମ କାଚଟା, ଏତେଦିନ ହେଲା କାହିଁ ଟିକିଏ ଗାର ବା ଦାଗ ପଡ଼ିନାହିଁ । ଚେହେରାଟା ଠିକ୍ ଠିକ୍ ଦେଖାଏ । ଆଜିକାଲିକା ନକଲି ଆଇନା ପରି ବିକୃତ ବା ରାକ୍ଷସ ମୁହଁ ଦେଖାଏ ନାହିଁ ।

ଆଇନାଟା ଆଗରେ ଥୋଇ ଦେଇ ଗାଲ ଦୁଇଟା ଆଉଁସି ପାଣିରେ ବ୍ରାଶ୍‌ଟା ବୁଡ଼ାଉଛି, ଚେହେରାଟା ଦେଖିଦେଲି । ଏ କ'ଣ ? ଆଜି କମିତି ଭିନେ ଦିଶୁଛି ! ଏମିତି ତ କେବେ ଦିଶୁ ନ ଥିଲି । ଆରେ ! ବାପାଙ୍କ ମୁହଁଟା ଏଇ ମାତ୍ର ଦେଖିଛି ବୋଲି କ'ଣ ତାଙ୍କର ସେଇ ଛବିଟା ମୋ ଆଖିରେ ଲାଖିଯାଇଛି, ଆଉ ତାରି ଭିତର ଦେଇ ଦେଖିବାରୁ ମୋ ମୁହଁଟା ବି ବାପାଙ୍କ ମୁହଁ ପରି ଦିଶୁଛି !

ଅଥଚ ମୁଁ ସବୁଦିନ ଭାବି ଆସିଛି ମୋ ମୁହଁ ମାଆଙ୍କ ମୁହଁ ପରି ଏବଂ ଧନ୍ୟଃ ମାତୃମୁଖଃ ସୁତଃ ( ମା'ର ମୁହଁପରି ଯାହାର ମୁହଁ ସେ ପୁଅ ଧନ୍ୟ ) ଶ୍ଳୋକରେ ବିଶ୍ୱାସ କରି ମୋର ଯାହା ଯାହା ଜୀବନରେ ସାଫଲ୍ୟ ସେଥିପାଇଁ ମାଆଙ୍କୁ କୃତଜ୍ଞତା ଜଣାଇଛି । ମୋର ମନେ ଅଛି ମୋର ପିଲାଦିନେ ବାପା ମାଆ ଯୁକ୍ତିତର୍କ କରୁଥାନ୍ତି ମୁଁ କାହା ପରି ହେଲି । ବାପା ମାଆଙ୍କୁ କହୁଥାନ୍ତି, "ଆମର ଶରତ ଅବିକଳ ତୁମ ପରି ହେଲା," ମାଆ ଅସ୍ୱୀକାର କରି କହନ୍ତି, "ନା, ନା, ସେ ତ ଗୋଟିକ ଯାକ ତୁମ ପରି ତାଳରୁ ତଳପା ପର୍ଯ୍ୟନ୍ତେ ।"

ଯେବେ ବେଶି ହେଲି ଓ ସବୁ କଥା ବୁଝିପାରିଲି ସେତେବେଳେ ଜାଣିଲି କାହିଁକି ସେଦିନ ବାପା ମାଆ ପରସ୍ପରକୁ ଏତେ ଠେକାଠେକି କରୁଥିଲେ ଓ ମୋର ଚେହେରାରେ ନିଜ ନିଜ ରୂପ ଦେଖୁଥିଲେ । ମାଆ ବଞ୍ଚିଥିଲାବେଳେ ମୋ ଗୋଲଗାଲ ମୁହଁଟା ଅନେକାଂଶରେ ତା ମୁହଁପରି ଦିଶୁଥିଲା, ଅନ୍ତତଃ ଚୂଳଗୁଡ଼ାକ । ସେ ମରିବା ପରେ ପରେ ସାମଞ୍ଜସ୍ୟ ସବୁ ଉଭେଇଗଲା, ଗୁଣ ସବୁକୁ ବି ବୋଧହୁଏ ଓ୍ୱାପସ ନେଇଗଲା । ଠକିଆ ଗାଲରୁ ମୋର ପ୍ରକୃତ ସ୍ୱରୂପ ଦିଶିଲା ।

Digitized by PPRACHIN, SOA

ମୁହଁସାକ ସ୍ପ୍ରାମ୍ ଅଲଭ ସେଭ୍‌ଂହିମ ଲଗାଇ ଦେଇ ଗୁଡ଼ାଏ ଫେଣ ବାହାର କରି ମୁହଁଟାକୁ ବଡ଼ କରିଦେଲି । ଗାଲ ଦୁଇଟା ଫୁଲିଫୁଲି ହିଶିଲି । ନାକ ଆଗରେ ବି ତୂଳା ଟିକଏ ଲଗିଲା ପରି ଫେଣ ଖଣ୍ଡିଏ ଲାଗି ରହିଲା । ( ସରକସ ଜୋକର ଚେହେରା । ) ମୁହୂର୍ତ୍ତେ ପାଇଁ ବାପାଙ୍କ ଅସହାୟ ଅବସ୍ଥା ଓ ଆସନ୍ନ ସଙ୍କଟ ମନେ ପକାଇଛି ସେଭ୍‌ଂହିମର ଛୁଟିକା ହେଉ ବା ଆଖି ଚୂଳଟାଏ ହେଉ ମୋ ଆଖିରେ ବୁନ୍ଦାଏ ପାଣି ଆଣିଦେଲା ।

ବ୍ଲେଡ୍‌ଟାଏ ଫ୍ରେମ୍‌ରେ ଲଗାଇବାକୁ ଯାଉଛି, ଦାଣ୍ଡଘର ବୈଠକ ଖାନାରେ ଚପଲ ଘୋଷାରି ଘୋଷାରି କେତେ ଜଣ ଯୁବକ ହୋ ହୋ ହୋଇ ପଶି ଆସିଲେ । ବାପା କାଳେ ବିରକ୍ତ ହେବେ ବା ତାଙ୍କ ବିଶ୍ରାମ ବ୍ୟାହତ ହେବ ଏଇ ଭୟରେ ଯିମିତି ଅବସ୍ଥାରେ ଥିଲି ସିମିତି ଉଠିଗଲି । ଦେଖିଲି କଲିଆ, ଚୂଳିଆ, ନଗୁଆ ଓ ଘଣ୍ଟିତଳିଆ ବା ବେଲ୍‌ବଟମିଆ ଗୁରିଜଣ ପଶି ଆସୁଛନ୍ତି । ରଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ ଓ କଟୁଆଳ ପୁଅ ଅଥବା ମୋ ପୁଅ, ତମପୁଅ, ତାଙ୍କ ପୁଅ ଏବଂ ଆଉ କାହା ପୁଅ । ମୁହୂର୍ତ୍ତକେ ଜାଣିଗଲି ଏମାନେ ବି ବେଁ ବେଁ ଲମ୍ବ ଖଣ୍ଡାଧରି ବାହାରିଛନ୍ତି କେଉଁ ଅଗନାଅଗନ ବନସ୍ତରେ କେଉଁ ରାକ୍ଷସ ବା ଅସୁରକୁ ସଫା କରିବେ, ଯାହା ବ୍ଲେଡ୍ ଧରି ମୁଁ କରିବାକୁ ଯାଉଛି । ଘର ଭିତରର ନୀରବ ଶୋକାବହ ବାତାବରଣ ଗୁହୁଁ ଗୁହୁଁ କୋଳାହଳମୟ ଓ ଅଟ୍ଟହାସ୍ୟମୁଖର ହୋଇଗଲା ।

ବାଁ ଗାଲରୁ ଖିଅର କାମ ଆରମ୍ଭ କଲି । ଶୁଣୁଥାଏ, ଡାହାଣ କାନରେ ପାଖ ଘରୁ ବାପାଙ୍କ ଖୁଁ ଖୁଁ ଘଡ଼ର ଘଡ଼ର ଶବ୍ଦ ବାଁ କାନରେ ଝର ଝର ହିଆସିଲ କାଠିର ଶବ୍ଦ ସାଙ୍ଗକୁ 'ଗ୍ଭ' 'ଗ୍ଭ' ଚକ୍ରାର ।

ଜଣେ ଆରମ୍ଭ କଲା "Oh these fathers !" ( ଓଃ ଏହି ବାପାଗୁଡ଼ାକ ! ) ଆଉ ଜଣେ କହିଲା "what an escape !" (ମଣିଷ ରକ୍ଷା ପାଇଲା ।) ବୁଢ଼ା ଘରକୁ ପଶିଲା ତ ଶ୍ମଶାନ । ଗୋଟାଏ ରାକ୍ଷସ । କଏ ଯେ କୁଆଡ଼େ ପଳାନ୍ତି ।

Digitized by PPRACHIN, SOA

ମୁଁ ଧାଳେ ଗାଲରୁ ମେଞ୍ଚାଏ ରୂଡ଼ ( ବାପାଙ୍କ ଶବ୍ଦ ) କାଟିଛୁ ଦେଖିଲି ଗାଲଟା ଅବିକଳ ବାପାଙ୍କ ଗାଲ । ତାଙ୍କର ଯେଉଁଠି ଯେଭୁଟା ଦାଢ଼ି ମୋର ସେଇଠି ସେଭୁଟା ; ତାଙ୍କ ଗାଲ ଯେଉଁଠି ପଶିଛୁ ମୋର ବି ସେଇଠି ଗାତ । ବାପାଙ୍କ କପାଳରେ ପାଞ୍ଚୁଟା ଗାର, ମୋର ବି ଏକ ଦୁଇ ତିନି ଗୃଣି ପାଞ୍ଚ । ତାଙ୍କର ପ୍ରଥମେ ଯେଉଁ ଦାନ୍ତଟି ପଡ଼ିଥିଲା ମୋର ସେଇଟି ହଲିଲାଣି । ଖାଲି ସେତିକି ? ଠୋଲି କାନ, ଗୋଳଆ ନାକ, ବୁଦାଳିଆ ଭ୍ରୂ, ହାଡୁଆ ହନୁଗାଲ, ଚେଙ୍ଗ ଆଖି, ବହଳ ଓଠ— ଆରେ ! ଗୋଟାକୁ ଗୋଟା ବାପାଙ୍କ ସେହିସବୁ ଅଙ୍ଗପ୍ରତ୍ୟଙ୍ଗ ସହିତ ମିଳି ଯାଉଛି । ସର୍ବତୋଭାବେ ସମାନ । ଆରସିକୁ ନ ଗୃହିଁ ଦେହ ଆଡ଼କୁ ଗୃହିଁଗଲି । ମୁହଁ ତଳକୁ ଗ୍ରୀବର ଚୂଳଗୁଡ଼ାକର ବଣ୍ଟନ ପ୍ରଣାଳୀ ତାଙ୍କର ଗ୍ରୀବର ପରି । ପାଦ, ନଖ, ଶିରପ୍ରଶିରା, ଏପରିକି ଦେହର ଚମଡ଼ା ଓ ତା'ର ରଙ୍ଗ ଠିକ୍ ତାଙ୍କର ପରି । ଭୂଲ ଆଇନା ଆଣି ନାହିଁ ତ ? ଆଖିରେ ପରଳ ପଡ଼ିଗଲା ?

ଏଣେ ବାପାଙ୍କ ଉଁ ଉଁ ଶବ୍ଦ । ତେଣେ ଗର୍ଜନ 'ବେ ଶଳା ! ସ୍ୟାଡ଼କୁ ଗୋଟେ ବଡ଼ା । ଶଳା ପୂରା ଗୋଟେ ପାକେଟ୍ ରଖିଛି । କବେ ! ତୋ ବାପା ପରି ଏବେଠୁ ହେଲୁଣି, ତେର ରଖିବୁ ବେ ଜୀବନରେ ।" "ଆଉ ପଇସା ରଖି କି ଲାଭ ! ମୁଣ୍ଡ ବାପାଙ୍କ ପରି ଏବେଠୁଁ ଚନ୍ଦା ।" "ମୋର ବି ବାପାଙ୍କ ପରି ଠିଆ ଠିଆ ଚୂଳ ।" "ବେ ମୋର ଜମା କଲା ନାହିଁ, ବାପାଙ୍କ ପରି ।" "ମୋର ଗ୍ରୀବରେ ଜମା ବାଳ ନାହିଁ ବାପାଙ୍କ ପରି ।" ଶେଷରେ ମୋ ପୁଅର ଗଳା ଶୁଭିଲା । ସେ କହିଲା, "the sins of the fathers will descend upon the children' ବାପାଙ୍କ ସବୁ ପାପ ପୁଅ ମୁଣ୍ଡକୁ ଆସିବ ।"

ପୁଣି ଆରମ୍ଭ କଲି ଯେଉଁଠୁ ଛାଡ଼ିଥିଲି । ଅନ୍ୟ ଗାଲକୁ ଗୃଞ୍ଛି ସଫା କରିଦେଲାରୁ ବାପାଙ୍କ ସହିତ ସାମଞ୍ଜସ୍ୟ ଆହୁରି ସ୍ପଷ୍ଟତର ହେଲା । ଉଠି ପାଖ ଘରେ ବାପାଙ୍କ ମୁହଁକୁ ନିକଟରୁ ଦେଖି ମିଳାଇବାକୁ ଯାଉଛି, ବାପା ଗୃହିଁ ଦେଇ ଖୁବ୍ ଅସ୍ପଷ୍ଟ ଗଳାରେ ଧୀରେ ଧୀରେ କହିଲେ, "କରେ ! ମୋତେ ଡରାଉଛୁ ? ତୋ ମୁହଁଟାକୁ ଇମିତି କରିଛୁ କାହିଁକି, ରୂଡ଼ଗୁଡାକ କାଟି ଦେ ତୋର ବି ବଢ଼ି ଯାଇଥିଲା । ତୋ ମୁହଁ ଦେଖି ଡର ଯାଇଥିଲି ।"

Digitized by PPRACHIN, SOA

ସେ ବି ମୋ ମୁହଁରେ ତାଙ୍କ ମୁହଁ ଏତେ ଥରେ ଦେଖି ପାରି ଚମକିଗଲେ ବୋଧହୁଏ । ଆଉ ମାଆ ମୁହଁ ବୋଲି ଭ୍ରମ କରୁ ନ ଥିଲେ ।

ଫେରି ଆସି ପୁଣି କାମ ଧରିଲି, ଆପେ ଆପେ ଚନ୍ଦାର ଖିଅ ବି ଧରି ହୋଇଗଲା । ବାପାଙ୍କ ଚେହେରା ସହିତ ସୌସାଦୃଶ୍ୟ ଆଉ ବାହାର ନ କରି ତାଙ୍କର ବଦ୍ ଅଭ୍ୟାସ ଓ ଦୁର୍ଗୁଣ ସବୁ କିମିତି ମୋତେ କ୍ରମେ କ୍ରମେ ଆଶ୍ରା କରୁଛି ଭାବିଲି । ସେ ଯିମିତି ଉଚ୍ଚପାହ୍ୟା ଲୋକ ଆଗରେ ହାତଯୋଡ଼ି କାକୁସ୍ଥ ହେଉଥିଲେ ମୁଁ ବି ସିମିତି ହେଉଛି । ତାଙ୍କର ପୁରୁଣା ଗୀତ ସବୁ ମୋତେ ବି ଭଲ ଲାଗୁଛି । ସେ ଭିଖାରିଙ୍କି ଭିଖ ନ ଦେଇ ଦୁଆର ମୁହଁରୁ ତଡ଼ୁଥିଲେ, ମୋର ବି ସିମିତି କରିବାକୁ ଇଚ୍ଛା ହେଉଛି । ସେ ଯିମିତି ନ ଖାଇ ନ ପିଇ ସଞ୍ଚୁଥିଲେ ମୁଁ ବି ସେଇଥି। କରି ପାସ୍ ବହି ସକାଳ ସନ୍ଧ୍ୟା ଦେଖୁଛି । ମୋର ସତ୍‌ସାହସ, ଅନୁକମ୍ପା, ସେବା ଆଦି ଗୁଣ ଗଲା କୁଆଡ଼େ ? ମଣିଷର ରକ୍ତ ମଣିଷ ଦେହକୁ ଏମିତି ଗଡ଼ି ଆସେ ! ମୋର ଏମିତି ଦୈହିକ, ବ୍ୟାବହାରିକ ପରିବର୍ତ୍ତନ, ବିବର୍ତ୍ତନ ହେଲା କିମିତି ? ବାପା ମୋତେ ଏଆଡ଼କୁ ନେଉଛନ୍ତି ।

ଓଠତଳ ଦାଡ଼ିଗୁଡ଼ାକ ଓଲଟାପଟ କାଟୁ କାଟୁ ଦେଖିଲି ବେକର ଶିରା ଓ ଭାଙ୍ଗ ଅବିକଳ ବାପାଙ୍କ ଶିରା ଓ ଭାଙ୍ଗ ପରି । ଶାରୀରିକ ସାମଞ୍ଜସ୍ୟ-ଜନିତ ଆତ୍ମଗ୍ଳାନିକୁ ବଳି ପଡ଼ୁଥାଏ ମୋର ମାନସିକ ଅଧଃପତନଜନିତ ଦୁଃଖ ଓ କ୍ରୋଧ ।

ବାପାଙ୍କ କାଶ ତଣ୍ଟିରେ ଅଟକିଲା ବୋଧହୁଏ; ସେ ଜୋରରେ ଖୁଁ ଖୁଁ ହେଉଁ ହେଉଁ ଘଡ଼ ଘଡ଼ ହେଲେ । ଦାଣ୍ଡଘରୁ ସିଗାରେଟ୍ ଧୂଆଁ ଓ ଜରଦାର କଡ଼ା ମହକ ଘରସାକ ପୂରି ଯାଇଥାଏ ଓ ନିଃଶ୍ୱାସ ମାରିବା ମୋ ପକ୍ଷରେ ବି କଷ୍ଟ ହେଉଥାଏ । ପୁଅମାନଙ୍କ ଆଲୋଚନା ସମାଲୋଚନା ପୂରା ଦମ୍‌ରେ ଚାଲିଥାଏ ।

"ବୁଢ଼ାର ପ୍ରକୃତି ଗୁଡ଼ାଇଲାଣି, ଥଇଟାଏ ଧରାଇ ଦେଇ କହିଲା, 'ଘାଟ୍ କଣ୍ଟ୍ରୋଲ ଆଣିବୁ' । ମୋତେ ଗଧ ଭାବିଛି, ଦଶ କେଜି ଗହମ ବୋହି ଦାଣ୍ଡରେ ପେରେଡ଼ କରିବ ।" "ଆମ ବୁଢ଼ାର ବି ମଥା ଖରାପ, ଗୋଡ଼ରେ ଗୋଡ଼ ଥୋଇ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଗୋପାଳକୃଷ୍ଣ ଶୁଣୁଛି, 'କଟକ

Digitized by PPRACHIN, SOA

ଷ୍ଟେସନରୁ କେତେବେଳେ ରେଡ଼ିଓ ଶିଲୋନ୍ ଧରି ପାରେନା ।" "ଆମ ବୁଢ଼ା ବି ପାଗଲ; ଗୋଟେ ଜଗନ୍ନାଥ ଫଟୋ ରଖି ଧୂପଦୀପ ଦେଇ ସକାଳ ସନ୍ଧ୍ୟା ମାଣ୍ଡୁଛି;'କ ବିରକ୍ତିକର !" "ଆମ ବୁଢ଼ାର ଧର୍ମ ଘୁଡ଼ିଲାଣି, ଶୋଲେ ପରି ଛବି ଦେଖିବାକୁ ତିନିଟା ଟଙ୍କା ଦେଲାନି ।"

ଖିଅର କାମ ମୁଁ ଦଣ୍ଡେ ବନ୍ଦ କଲି । ଏମାନେ ସମସ୍ତେ ମୋ ପୁଅ ବୋଲି ଦଣ୍ଡେ ଭ୍ରମ ହେଲା । କାନ ଡେରି ଦଣ୍ଡେ ପରେ ଜାଣିଲି ସେମାନେ ଅଲଗା ଅଲଗା ହେଲେ ବି ସୁର ପ୍ରାୟ ଏକା । ଯେଉଁ ବାପାମାନଙ୍କ କଥା ସେମାନେ କହୁଛନ୍ତି ସେମାନେ ସମସ୍ତେ ମୋରି ପରି । ମୋ ବାପା ପରି ମଧ୍ୟ ।

କାରଣ ମୋ ବାପା ତ ଜଗନ୍ନାଥ ଫଟୋ ପୂଜା କରୁଥିଲେ । ତାଙ୍କରି ପରି ଜନ୍ମଯାକ ସଂଶୟ ନୈରାଶ୍ୟବାଦ ନାସ୍ତିକ୍ୟବାଦତା ଭିତର-ଦେଇ ଏବେ ମୁଁ ବି ସେଇ ଜଗନ୍ନାଥଙ୍କୁ ଧରିଲାଣି । ବାପାଙ୍କ ଅନ୍ଧବିଶ୍ବାସ, ଧର୍ମଧାରଣା କ୍ରମେ ମୋତେ ବି ଗ୍ରାସ କରୁଛି । ତେବେ କ'ଣ ତାଙ୍କ ଦେହ, ମନ, ଆତ୍ମା ସବୁ ମୋତେ ଯାବଜ୍ଜୀବନ ଜାବୁଡ଼ି ଧରିଥିବ ? ମୋର ସ୍ବାଧୀନତା ବୋଲି କିଛି ନାହିଁ ? ମୋର ସ୍ବତନ୍ତ୍ର ଅସ୍ତିତ୍ବ, ବ୍ୟକ୍ତିତ୍ବ ବୋଲି କିଛି ନାହିଁ । ସେଇ ବାପା, ବାପା, ବାପା । ଏ ବୁଢ଼ାର ରକ୍ତ···ମନେ ମନେ ଉତ୍ତ୍ୟକ୍ତ ହେଲି । ଗାଲର ଗୋଟାଏ ଦୁଇଟା ବ୍ରଣ ମୋର ଅନ୍ୟମନସ୍କ ଅବସ୍ଥାରେ କଟିଗଲା ।

"ଯାହା କହ ଭାଇ ସବୁ ମେଣ୍ଡେଲଙ୍କ ଆଇନ୍ । ଜୀବନଯାକ ଆମକୁ ଏଇ ବାପା ନାମକ ଜାନୁଆର ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ।" "ନାଇମ ! ହେରିଡ଼ିଟି କହ, ପରମ୍ପରା କହ—ସେଇ ହେଲା ରାକ୍ଷସ । ସେଇ ଆମକୁ ଖାଇବ । ବାପା ତ ତା'ର ପ୍ରତୀକ । ସବୁ ମାରି ହବ । ତାକୁ ମାରି ହବନି । ବାପା ଥରେ ରକ୍ତରେ ପଶିଗଲେ ସେ ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ, ଅଶୋଷ୍ୟ । ଆମେ ମଲୁ ଜାଣି ଥା ।"

ଆଉ କେବଳ ଗାଲୁଆ ସ୍ଥାନଗୁଡ଼ାକରେ ଖୁଣ୍ଟି ମାରିବାର ଥାଏ । ବାପାଙ୍କ ସେଇ ସେଇ ଜାଗା ସ୍ପର୍ଶ କରିବା ବେଳେ ସେ ଢଙ୍ଗରେ ପେଲି ଦେଇ ସ୍ଥାନଗୁଡ଼ାକ ସଫା କରନ୍ତି, ଭଲ ପାଲିସ୍ ହୁଏନି । ମୋତେ ବି

Digitized by PPRACHIN, SOA

ସେଇ ସେଇ ସ୍ଥାନଗୁଡ଼ାକୁ ଜଭରେ ପେଲି ପେଲି ଖୁରି ଚଲାଇବାକୁ ପଡ଼ୁଥାଏ ।

ଶୁଣୁଥାଏଁ ଯୁଗେ ଯୁଗେ ଏଇ ପୁଅମାନେ ବାପାଙ୍କ ବିରୁଦ୍ଧରେ ଲଢ଼ିଛନ୍ତି । ରାମଚନ୍ଦ୍ର ସହିତ ଲବକୁଶ, ଅର୍ଜ୍ଜୁନ ବଭ୍ରୁବାହନ, ସୋରାବ ରୁସ୍ତାମ, ଏପରିକି ବିଶୁ ଧରମା ସମସ୍ତେ ବାପମାନଙ୍କ ସଙ୍ଗରେ ଟକ୍କର ଦେଇଛନ୍ତି ଏବଂ ସବୁ କ୍ଷେତ୍ରରେ ବାପାଙ୍କୁ ପରାସ୍ତ କରିଛନ୍ତି । ଏ ଯୁଗରେ ଆମ ପୁଅମାନେ କ'ଣ କହୁଛନ୍ତି ଶୁଣନ୍ତୁ ନା ।

"ମୋର ବେଳେ ବେଳେ ଇଚ୍ଛା ହୁଏ ଏ ବୁଢ଼ାଙ୍କୁ ସଫାକରି ଦିଅନ୍ତି । ଏମାନେ ପ୍ରଗତି ସଭ୍ୟତା ସବୁର ଅନ୍ତରାୟ । ଯାଙ୍କ ରାଜତ୍ୱ ନ ସରିଲେ ଆମର ଗଣ୍ଡମୁକ୍ତ ନାହିଁ ।" "ଥରେ ଏମିତି ଅବସ୍ଥା ହେଲା ବୁଢ଼ା ସାଙ୍ଗରେ ପ୍ରାୟ ହାତାହାତି ହୋଇ ଯାଇଥିଲି ।" ଏମାନଙ୍କୁ ଯୀଶୁଙ୍କ ଭଳି କ୍ରୁଶରେ ଚଢ଼ାଇ କଣ୍ଟାରେ ବିଦ୍ଧ କରିଦେବା ଦରକାର । ବରଂ ବାଷ୍ଟାର୍ଡ ହେବା ଭଲ, ତେବେ ଏମିତି ବାପକୁ ନେଇ ଗର୍ବ କରିବାର କିଛି ନାହିଁ ।"

ମୋର ଖିଅର କାମ ସରିଗଲା । ମୁହଁଟାକୁ ଦେଖି ଦେଇଛି, ମୁଁ ଖାପଣ କ୍ରୁଦ୍ଧ ଓ ଅତିଷ୍ଠ ହୋଇ ଉଠିଲି । ମୋ ମୁହଁରେ ଆଉ ବାପାଙ୍କ ମୁହଁ ବି ଦିଶୁ ନ ଥିଲା । ଦିଶୁଥିଲା ଆଦିମ ମାନବର ମୁହଁ ପଶୁର ମୁହଁ, ଲମ୍ବା ଆଲୁଳାୟିତ ଚୂଳ, ବଡ଼ ବଡ଼ ଦାନ୍ତ, ଠିକ୍ ଜାନୁଆର । ମୁଁ ଖାପଣ ହୋଇ ଉଠିଲି । କ୍ରୋଧ ପ୍ରଜ୍ଜ୍ୱଳିତ ହେଲା । ଥରକୁ ଥର ଦିଶିଲା ସେଇ ଆଦିମ ପିତାର ମୁହଁ, କେତେବେଳେ ହନୁ ପରି, କେତେବେଳେ ପାଷ୍ଡ ପରି, କେତେବେଳେ କଳା, କେତେବେଳେ ଲାଲ । ପିତା ଧର୍ମ, ପିତା ସ୍ୱର୍ଗ, ପିତା ଦେବତା । ପାଗଳ ପରି ଜୋରରେ ଖତେଇ ହୋଇ ଚିତ୍କାର କଲି । ଆଇନାରେ ଥିବା ବାପା ଦାନ୍ତ କଡ଼ମଡ଼ କରି ଆହ୍ୱାନ ଦେଲେ "କ'ଣ ମାରିବୁ ? ମାର ! କେତେ ପରାକ୍ରମ ଦେଖେଁ !"

ମୁଁ ଆଉ ଅଟକି ରହି ପାରିଲି ନାହିଁ । ଫୁଲ ଜୋରରେ କ୍ଷୁରି ସହିତ ହାତକୁ ମୁଠାକରି ଏକ ବଜ୍ରମୁଷ୍ଟି ତାଙ୍କ ପ୍ରତି ପ୍ରୟୋଗ କଲି ଠିକ ବାଷ୍ଟାର୍ଡମାନଙ୍କ ପରି ।

Digitized by PPRACHIN, SOA

ଆରସିଁଟାର କାଚ ଝୁଲୁରୁ ଝୁଲୁରୁ ହୋଇ ଚଟାଣଯାକ ଭଙ୍ଗି ହୋଇଗଲା । ବାପାଙ୍କ ଚେହେରା ଓ ମୋ ଚେହେରା ଓ ସେଇଠି ତଳେ ଭିନ୍ନ ଭିନ୍ନ ହୋଇ କ୍ଷଣକେ ଅଦୃଶ୍ୟ ହୋଇଗଲା । ଆରସିର ଝଣଝାଣ ଶବ୍ଦ ସହିତ ତାଳ ରଖି ଉଚ୍ଚାଳ ହାସ୍ୟମିଶ୍ରିତ ସମବେତ ଚିତ୍କାର ଦାଣ୍ଡଘରୁ ଶୁଭୁଥିଲା 'ପିତାଜୀ ମୁର୍ଦ୍ଦାବାଦ' ।

ପାଖଘର ଶୂନଶାନ । ଖୁଁ ଖୁଁ ନାହିଁ, ଘଡ଼ଘଡ଼ ନାହିଁ । ଅହେତୁକୀ ଭୟରେ ଦୋଷୀଟି ପରି ଉଠିଯାଇ ଦେଖିଲି ବାପା କରୁଣ ଆଖିରେ ଚାହିଁ ରହିଛନ୍ତି । ନବାକ୍ ନିସ୍ପନ୍ଦ; ନିଶ୍ୱାସ ନାହିଁ ଜୀବନ ନାହିଁ । ଚାହିଁଛନ୍ତି ମୋ ଆଡ଼କୁ, ଯିମିତି କହୁଛନ୍ତି "ମାରି ଦେଲୁ !"

ହଁ ମାରିଦେଲି । ନ ହେଲେ ମୋର ଗତିମୁକ୍ତି ନାହିଁ ପରା ।

କିନ୍ତୁ ସର୍ବାଙ୍ଗ ଦୁର୍ବଳତା ଘାରିଗଲା କାହିଁକି ? ଏତେ ନିଃସ୍ୱ ଅସହାୟ ବୋଧ ହେଲା କାହିଁକି ?

ଦଣ୍ଡେ ଯାଏ ମୁଁ କାଠ ହୋଇଗଲି । ତଣ୍ଟି ରୁଦ୍ଧ ହୋଇଗଲା କୋହରେ । ତାପରେ ଅଗନାଅଗନ ବନସ୍ତରେ ଛେଉଣ୍ଡ ଛୁଆଟି ପରି ଭେଁ ଭେଁ କାନ୍ଦିଲି ।

ପାଖଘରୁ ଚାକରସଙ୍ଗାତ ଧାଇଁ ଆସିଲେ, କଣ ହେଲା କଣ ହେଲା ଚିତ୍କାର କରି ସେମାନଙ୍କୁ ଦେଖି ମୁଁ ଆହୁରି ଜୋରରେ କାନ୍ଦିଲି । ସେମାନେ ବାରମ୍ବାର ସମସ୍ୱରରେ ପଚାରିଲେ, କ'ଣ ହେଲା ? ଗୋଟାଏ କ'ଣ ଶବ୍ଦ ଶୁଭିଲା, ହେଲା କ'ଣ ?'

"ମୁଁ ବାପାଙ୍କୁ ମାରି ଦେଇଛି ।" କାନ୍ଦ ବନ୍ଦ କରି ବୋକଠୋକ କହିଲି ।

"ହାତରେ ରକ୍ତ ?"

"ବାପାଙ୍କ ରକ୍ତ ।", ମୁଁ କହିଲି ଗୁଏଁ ଗୁଏଁ ଯଦିଓ ମୁଁ ମୋ ହାତରେ ରକ୍ତ ସେଯାଏଁ ଦେଖି ନ ଥିଲି କି କଷ୍ଟ ଅନୁଭବ କରୁ ନ ଥିଲି !

ସେମାନେ ନିଷ୍ଠୁର କର୍କଶ ଗଳାରେ ପ୍ରଶ୍ନକଲେ "ମାରିତ ଦେଲେ, ତେବେ କାନ୍ଦୁଛନ୍ତି କାହିଁକି ?"

Digitized by PPRACHIN, SOA

ଫେର କାନ୍ଦିଲି । କହିଲି, "ବାପା ବୁଢ଼ା ହେଉନ୍ତୁ, ଅଥବା ହେଉନ୍ତୁ, ମୋତେ ଚଢ଼େଇ ପରି ଶ୍ୟେନ ଶାଗୁଣା ହାବୁଡ଼ରୁ ବଞ୍ଚାଇ ରଖିଥିଲେ । ବର୍ତ୍ତମାନ ସେ ତାଙ୍କୁଣି ନାହିଁ, ମୋତେ କୁଆଁଟାଏ ବି ଖୁମ୍ପି ମାରିଦେବ । ମୁଁ ଆଉ ବାପା ଥିଲା ପୁଅ ନୁହେଁ ।"

"ବାପା କ'ଣ ସବୁ ଦିନ ଆପଣ ମଲାପାକେ ବଞ୍ଚିଥାନ୍ତେ ?"

କାନ୍ଦୁ କାନ୍ଦୁ କହିଲି, "ସେ କଥା ମୁଁ ବୁଝିଛି । ବାପା ବଞ୍ଚିବା ମରିବା ସମାନ ଥିଲା । ତଥାପି ଆମେ ତ ଗୋଟାଏ ଶାଳଗ୍ରାମ ରଖି ସବୁ ନୈବେଦ୍ୟ କରିଦେଉଁ, ଯାହା ଭଲ-ମନ୍ଦ ଦୋଷତ୍ରୁଟି ତା'ଉପରେ ଗୁଡ଼ି ଦେଉଁ । ଏବେ ବାପା ଚାଲିଗଲେ ଅପରାଧସବୁ କାହା ମୁଣ୍ଡରେ ବୋଳିବି ? ବାପା କିଛି କହୁ ନ ଥିଲେ ବି ମୁଁ ପଚାରି ଦେଉଥିଲି "ବାପା ! ତା'ହେଲେ ଏମିତି କରିବା ?" "ଏମିତି କଲେ ଭଲ ହବ ?"

ସେମାନେ ଆଉ କିଛି ନ କହି ମୋ ହାତର କ୍ଷତକୁ ପୋଛିପୋଛି ବନ୍ଧାବନ୍ଧି କରିବାରେ ବ୍ୟସ୍ତ ରହିଲେ ।

ମୁଁ ମୋ କ୍ଷତର ଗୁରୁତ୍ୱ ଯେତିକି ଉପଲବ୍ଧି କରୁଥାଏଁ, ସିମିତି ପାଟିକରି ନିଜକୁ କହିଚାଲିଥାଏଁ, "ମୁଁ ପିତୃହନ୍ତା, ମୋର ରକ୍ଷା ନାହିଁ, ମୋର ପୁଅ ନାତିଙ୍କର ମଧ୍ୟ ମଙ୍ଗଳ ନାହିଁ, ମୋର ସାମ୍ରାଜ୍ୟର ପତନର ଏଇ ଆରମ୍ଭ । ପୁଅକୁ ଜୀବନ ଦେଇ ବାବର ଯେଉଁ ମୋଗଲ ସାମ୍ରାଜ୍ୟ ଗଢ଼ିଥିଲେ ଆଉରଙ୍ଗଜେବ ବାପାଙ୍କୁ ବନ୍ଦୀକରି ତା'ର ପତନ ଘଟାଇ-ଥିଲେ । ମୁଁ ଯେ ତାଙ୍କୁ ମାରି ଦେଇଛି, ଏଇ ତ ବାପାଙ୍କ ରକ୍ତ । କି ଲାଲ, କି ଉଷୁମ !"

ମୁଁ କାନ୍ଦୁଥିଲି, ବାପାଙ୍କୁ ଦେଖୁଥିଲି, ନା ମୋତେ ଦେଖୁଥିଲି, ନା ମୋ ଆଗରେ ଥିବା ପୁଅକୁ ଦେଖୁଥିଲି ?

ବାପା ସିମିତି କ୍ଷମାଶୀଳ ଆଖିରେ ଚାହିଁଥାନ୍ତି ।

●

Digitized by PPRACHIN, SOA

# ପ୍ରଥମ ବାର୍ଷିକ କଳା

ଟିକଏ ଡେରରେ ଲଞ୍ଚ୍ ଖାଇ କମ୍ବଳ ଘୋଡ଼ି ଶୀତଦିନଆଁ ଶେଯରୁ ଉଷୁମ ଟାଣୁଥାଏ ଏବଂ ଆଖିଯୋଡ଼ାକ ଧୀରେ ଧୀରେ ସ୍ୱପ୍ନିଳ ହୋଇ ମୁଦି ଆସୁଥାନ୍ତି, ମୁଣ୍ଡ ଉପର ଦରଜାରେ ଛିଡ଼ା ହୋଇ ଝିଅ ପଚାରିଲା, "ବାପା ! ଶୋଇ ପଡ଼ିଲ ?"

ପ୍ରଥମେ ପ୍ରଥମେ ମୋତେ ଜଣାଗଲା କିଏ ଅଶରୀରୀ ମିମିଶ୍ରି ଖୁବ୍ ଦୂରରୁ ହୁଏତ ସ୍ୱର୍ଗ ପାଖରୁ ଡାକୁଛି, କିନ୍ତୁ ଦ୍ୱିତୀୟ ଥରର ଡାକ "ବାପା ! ଶୁଣୁଛ ?" ମୋତେ ପୂରାପୂରି ମର୍ତ୍ତ୍ୟକୁ ନେଇ ଆସିଲା ଏବଂ ଝିଅର ସ୍ୱର ବାରିପାରି ଉତ୍ତର ଦେଲି "ନା, ନା, ଶୋଇନି, ଘୁମ ମାଡ଼ି ଆସୁଥିଲା । କ'ଣ କହ ।"

"ଅଞ୍ଜଳି ତୁମକୁ କ'ଣ କହିବ ବୋଲି କହୁଛି । ଡାକଦେବି ତୁମ ପାଖକୁ ?"

"ଅଞ୍ଜଳି କିଏ ?" ଆପେ ଆପେ ପାଟିରୁ ବାହାରି ପଡ଼ିଲା ।

"ମୋ ସାଙ୍ଗ । ଆମ ମହିଳା କଲେଜରେ ଫାଷ୍ଟ ଇଅରରେ ପଢ଼େ ।"

କିଏ ଅଞ୍ଜଳି, ମୋତେ ବା କ'ଣ କହିବ, ପରେ ଆସିଥିଲେ ଚଳି ନ ଥାନ୍ତା, ଏତେ ଅର୍ଜେଣ୍ଟ କାମ କ'ଣ ଅଛି ଇତ୍ୟାଦି ପ୍ରଶ୍ନ ମୂହୂର୍ତ୍ତିକେ ମୁଣ୍ଡ ଭିତରେ ଚକ୍କର ମାରିଲେ ।

ଝିଅ ପୁଣି ପଚାରିଲା, "ଡାକିବି ତାକୁ ?" କହିଗଲା ନିଶ୍ୱାସରେ "ଆସିବା ପାଖରୁ କାନ୍ଦୁଛି ଯେ, ଦଣ୍ଡେ ବନ୍ଦ ହେବାକୁ ନାହିଁ, ଯେତେ ବୁଝାଇଲେ ବି । କ'ଣ କଣ ନା ହୋଇଯିବ ମୋତେ ଡର ମାଡ଼ୁଛି ।"

Digitized by PPRACHIN, SOA

ମୋର ପରବର୍ତ୍ତୀ ପ୍ରଶ୍ନକୁ ଆଗୁଆ ଖବରନେଇ ଝିଅ ଯୋଡ଼ିଦେଲା, "ତା ବାପା ମରିଯାଇଛନ୍ତି ।"

ମୁଁ ନିଜକୁ ଦୋଷୀ ମନେକରି ଝାଡ଼ିଝୁଡ଼ି ହେଲି । ଉଠି ବସିଲି । "ବାପା ମରିଗଲେ, କି ବିପଦ ! ଡାକ ତାକୁ" କହିଲି ଏବଂ ପ୍ରସ୍ତୁତ ହେଲି ଶୋକସନ୍ତପ୍ତାକୁ ଭେଟିବା ପାଇଁ, ସହାନୁଭୂତି ଓ ଆଶ୍ୱାସନା ଦେବାପାଇଁ ।

ମୁଁ ତେବେ ଶୋଇ ଶୋଇ ଏଇ ଝିଅଟିର ସକ୍‌ସକ୍ କୋହମିଶା ଭୁହାକୁ ଭୁହା କାନ୍ଦଣା ପାଖଘରୁ ଶୁଣୁଥିଲି ।

ଅଞ୍ଜଳି କୋଠରୀ ଭିତରକୁ ପଶି ଆସିଲା ଏବଂ ମୋତେ ସମ୍ଭାଳି ହୋଇ ବସିବାକୁ ବେଳ ନ ଦେଇ ମୋ ପାଦ ଦୁଇଟାକୁ କମ୍ବଳ ଭିତରୁ ଅଣ୍ଡାଳି ବାହାର କରି ଧୂଳି ନେଇ ତା ମୁଣ୍ଡରେ ମାରିଲା । ମୁଁ ତାକୁ ବସିବାକୁ କହୁ ନ କହୁଁ ସେ ମୋ ଗୋଡ଼ ଦୁଇଟାକୁ ଧରି ଖଟର ଗୋଟାଏ କଡ଼କୁ ଦେଇ ମୋ ପାଦକୁ ଲଗେଇ ହୋଇ ବସିଗଲା ଏବଂ ମୋ ଆଡ଼କୁ ସ୍ନେହଝରା ଗୁହାଣି ଦେଲା ।

ସେଇ ସ୍ନେହଝରା ମୁହଁରେ କାହିଁକି କେଜାଣି ମୋତେ ସବୁକିଛି ଯାହା ଦିଶିଗଲା ତାହାକୁ ଗୋଟାଏ ଦୁଷ୍ଟାମି କୁହାଯିବ । କପାଳର କଙ୍କଣଗୋଡ଼ିଆ ଖଣ୍ଡିଆ ଚୂଳ, ଭୂଲତାର ଗୁପ, ବାନ୍ଧିଆର ଆକାର ପ୍ରକାର, ସେମ୍ପୂକରା ବବ୍ ଚୂଳ, ସୁପର ସାଇଜ୍ କାନର ନକଲି ରିଂ, ଘଡ଼ି କାଚ ହାରର ମେଚିଂ ଓ ଛପା ପୋଷାକର କଟିଂ ଦେଖିଲେ ଦେଖଣାହାରୀ ଭାବିବ ଏ ଝିଅକୁ ଯଦି ଗଛରେ ପିଜୁଳିଟିଏ ଫଳିଥିବାର ଦେଖାଇ ଦେବ, ତେବେ ସେ ଗୁହୁଁ ଗୁହୁଁ କୁଆଡ଼େ ନ ଗୁହିଁ ଚଢ଼ିଯିବ ଓ ଫଳ ଛିଣ୍ଡାଇ ଆଣିବ ।

ଅଞ୍ଜଳିର ଚେହେରା ବା ଚରିତ୍ରରେ ଯେଉଁ 'ଦୁଷ୍ଟାମି' ଆପାତତଃ ନଜର କଲି ତାକୁ ଜବଦ କରିବା ମୋର କର୍ତ୍ତବ୍ୟ ନୁହେଁ ବା ବର୍ତ୍ତମାନର ସମସ୍ୟା ନୁହେଁ । ମୋର ଚିନ୍ତା ଭାବନାକୁ ଚିସ ରାସ୍ତାରେ ଯିବାକୁ ନ ଦେଇ ଅଞ୍ଜଳି ପ୍ରଥମେ ତା ଢିମାଢିମା ଆଖିରୁ ଲୁହ ଝରାଇଲା ଯିମିତି ସିନେମାରେ କାନ୍ଦି ନ ଜାଣୁଥିବା ନାୟିକାକୁ ଆଖିରେ କେମିକାଲ ପକାଇ ଠପ୍ ଠପ୍ ଲୁହ ଗଡ଼ାଇବାକୁ ପଡ଼େ ।

Digitized by PPRACHIN, SOA

କାନ୍ଦ ସାଙ୍ଗକୁ ଅଞ୍ଜଳ ଦ୍ୱିଗୁଣ କରୁଣାସ୍ୱ ବାହାର କଲା । ଭେଁ ଭେଁ ହୋଇ କହିବାକୁ ଲାଗିଲା, "ମଉସା ! ବାପା ଚାଲିଗଲେ । ମୁଁ କ'ଣ କରିବି, ମଉସା ! ବାପା ନାହାଁନ୍ତି, ମାଆ ନାହିଁ । ମୁଁ ମରିଯିବି ମଉସା । ବାପା ମୋତେ ଖୁବ୍ ଭଲ ପାଉଥିଲେ । ମୁଁ ତାଙ୍କୁ ଦଣ୍ଡେ ନ ଦେଖିଲେ ରହିପାରୁ ନ ଥିଲି । ମୁଁ ମରିଯିବି ମଉସା ! ଗୁଣ୍ଡଟା କମିତି କମିତି ହେଉଛି । ମତେ ବଞ୍ଚାନ୍ତୁ ମଉସା ।"

ମୁଁ ଅଞ୍ଜଳର ଭଙ୍ଗୀ ଦେଖି ଚିତ୍କାର ଶୁଣି ଘାବଡ଼େଇ ଗଲି, କିଂକର୍ତ୍ତବ୍ୟବିମୂଢ଼ ହେଲି । କାଳେ କ'ଣ ହେଇଯିବ ଭାବି ଝିଅକୁ ପାଖକୁ ଡାକିବି ଭାବିଲି । କିନ୍ତୁ କାଳେ ସିଏ ବି ସେମିତି ମାଆ କଥା ଭାବି ଶୋକ ସନ୍ତପ୍ତ ହେବ, ସେଥିପାଇଁ ତାହା କଲି ନାହିଁ ।

ଏଣେ ଅଞ୍ଜଳର ପ୍ରବହମାନ ଲୁହସ୍ରୋତ ଦେଖି ମୋର ଭୟ ହେଲା ଯିମିତି ବେଗରେ ଝିଅଟା ଲୁହ ବାହାର କରୁଛି, ସେମିତି ଆଉ ଅଧଘଣ୍ଟାଏ ଚାଲିଲେ ଡିହାଇଡ୍ରେଶନ ବା ଜଳନିଃସରଣ ହୋଇ ଝିଅଟା ମରିଯିବ । ଗ୍ଲୁକୋଜ ସେଲାଇନ୍ ଆଦି ଆୟାସସାଧ୍ୟ ବ୍ୟବସ୍ଥା କରିବା ଅପେକ୍ଷା ତୁରନ୍ତ ପାଞ୍ଚଶ ହଜାରେ ଗ୍ରା: ଗ୍ରା: ନୈତିକ ଡୋଜ୍ ଦେବାର ନିଷ୍ପତ୍ତି କରି ତର୍କ ଶାସ୍ତ୍ରର ମୂଳବୀଜ all men are mortal ଅର୍ଥାତ୍ "ଦେଖ ଅଞ୍ଜଳ, ମଣିଷ ଜନ୍ମ ହେଇଛି ଦିନେ ନା ଦିନେ ମରିବ, ମୋର ପୁଅ ଝିଅ ତୁମ ସାଙ୍ଗ ଦୁଇଟି ପିଲାଦିନୁ ମା' ଛେଉଣ୍ଡ" ଯିମିତି ଆରମ୍ଭ କରିଛି ଜୁଆଁ ଚମଡ଼ା ଭିତରକୁ ଯାଇଛି କି ନାହିଁ ଅଞ୍ଜଳର ଗାଇଗର ଅର୍ଥାତ୍ କମ୍ପବାତ ଆରମ୍ଭ ହୋଇଗଲା ।

ମୁଁ ଚମକି ଉଠି ବସିଲି । ସେ କହିଲା, "ଦେଖନ୍ତୁ ମଉସା, ମୁଁ ଏମିତି ଶୁଖିଲା ଉପଦେଶ ପାଇଁ ଆପଣଙ୍କ ପାଖକୁ ଆସି ନାହିଁ । ଆପଣ ଯାହା ଭାବନ୍ତୁ ମୋତେ । ମୋର ଭାଇ ଭଉଣୀ କଥା ଆପଣ ମନେପକେଇ ଦେଲେ । ମୋତେ ଫେରେ କାନ୍ଦ ମାଡ଼ିଲା" ଏବଂ କାନ୍ଦିଲା । ହିଷ୍ଟିରିଆ ନୁହେଁ ତ ? ମୁଁ ଗୁରୁ ଗମ୍ଭୀର ହେଲି ।

ହଠାତ୍ ଅଞ୍ଜଳ ଆଙ୍ଗୁଳିରେ ଖୁବ୍ ସାବଧାନରେ ଲୁହ ପୋଛି ଟେବୁଲର ଘଡ଼ି ଆଡ଼କୁ କଣେଇ ଦେଖିଦେଲା । ମୁଁ ବି ଏ ଅବସରରେ ଦେଖିନେଲି ସମୟ ତିନଟା ।

Digitized by PPRACHIN, SOA

"ଦୁଲୁ ! କିଏ ମୋତେ ବାହାରେ ଡାକୁଛି କି ? ଦେଖ୍ ତ ।" ଝିଅ ଦାଣ୍ଡ ଦରଜା ପାଖକୁ ଯାଇ ଫେରିଆସି କହିଲା, 'ନା କେହି ନାହିଁ ।'

"କିଏ ଆସିବାର ଥିଲା କି ଅଞ୍ଜଳି ?"

"ନା କେହି ନାହିଁ, ମୋତେ ଜଣାଗଲା କିଏ କବାଟରେ ଖଡ଼ଖଡ଼ କରୁଛି ।"

ବାପାଙ୍କ କଥା, ତାଙ୍କ ଗୁଣଗାନ ଇତ୍ୟାଦି ଆଲୋଚନା କଲେ ଅଞ୍ଜଳି ବେଶି ଭାଙ୍ଗିପଡ଼ିବ ବୋଲି ଲଘୁ ମାମୁଲି ବିଷୟରେ ଅବତାରଣା କଲି ।

କେଉଁ ସାହିରେ ଘର ?
"ଦେଉଳ ସାହି ।"
"ଦେଉଳ ସାହିରୁ ଆସିଲି ଆମ ଘରକୁ ?"
"ନା ମଉସା, କଲେଜରୁ, ଆପଣଙ୍କ ଦୁଲୁ ସାଙ୍ଗରେ ।"
"କଲେଜରେ ଆଜି ପଢ଼ାପଢ଼ି ନାହିଁ ?"
"କ୍ଲାସ୍ ଥିଲା । ବାପାଙ୍କ କଥା ମନେପଡ଼ିଲା । କାନ୍ଦି ମାଡ଼ିଲା ।"
ପୁଣି ବାପା ! ପୁଣି ଟପିକ୍ ଚେଞ୍ଜ୍ ଦରକାର ।
"ତୁମ ଘରଟା ପ୍ରକୃତରେ କେଉଁଠି ?"
"କଟକରେ !"
"ଏଠି କାହା ଘରେ ରହୁଛ ?"

"ପିଉସା ଘରେ ।" 'ପିମିତ୍ତି ପିଉସା ଘରେ' କହୁଛି ତା'ରି ଆଖି ମୁହଁର ଜ୍ୟୋତି ଉଭେଇଗଲା । କହିଲି, ମଉସା, ପୁଣି ମୁଁ କାନ୍ଦିବି ମୋତେ ପିଉସା ଘର କଥା ମନେ ପକାଇ ଦେଲ ।

ମୁଁ ନିଜକୁ ଅପରାଧୀ ଭାବୁଥାଏ । ସେ କହିଲା, 'ପିଉସା ମୁହଁ ତ ମୋର ଯମ । ଏତେ କଡ଼ା ଲୋକ 'ସାକ୍ଷାତ୍ ରାକ୍ଷାସ୍ । ପିଉସୀ ତାଙ୍କଠୁ ବଳି । ମୋ ଜୀବନକୁ ଖାଇଦେଲେଣି । କାହିଁ ଛାଡ଼ିବେ ନାହିଁ, କାହା ସାଙ୍ଗରେ କଥାବାର୍ତ୍ତା କରିବାକୁ ଦେବେନି । ଏତେ ସନ୍ଦେହୀ ସେମାନେ । ପ୍ରତି କଥାରେ ସନ୍ଦେହ, ପ୍ରତି ଲୋକକୁ ସନ୍ଦେହ । କଲେଜ ପ୍ରିନ୍‌ସିପାଲ୍ ଓ

Digitized by PPRACHIN, SOA

ମାଉଁସମାନଙ୍କୁ ବି ମୋ ଉପରେ ନଜର ରଖିବାକୁ କୁହାଯାଇଛି । ମଉସା, ମୁଁ ଆଉ ବେଶିଦିନ ବଞ୍ଚିବ ନାହିଁ । ଆତ୍ମହତ୍ୟା କରିବ । ଟିକ୍‌ଟୁଏଣ୍ଟି ଖାଇଦେବ ନ ହେଲେ ଇଲେକ୍‌ଟ୍ରି ତାର ଧରିଦେବ । ଏତେ କଷ୍ଟ କିଏ ସହିବ ?"

ଆଚ୍ଛା ପାଗଳୀ ଝିଅ ହାବୁଡ଼ରେ ପଡ଼ିଲି । ହେଲେ ନା ହେଲେ ଏ ଝିଅ କବେସିଂଟାରେ ନିଜକୁ ଜାଳି ମାରିବ, ଫଳିଡ଼ଲ ଏଂଡ୍ରିନ ପିଇ ମରିବ; ନ ହେଲେ ଦଉଡ଼ି ଲଗେଇ ବରଗାରୁ ଝୁଲୁଥିବ । ମୁଁ ହୁଏତ ସାକ୍ଷୀ ପଡ଼ିବ । ଆଚ୍ଛା, ପିତୃଶୋକ ଯୋଗୁଁ ପଡ଼ିଲି ଯେ ମୋତେ ପିତୃଶ୍ରାଦ୍ଧ କରିବାକୁ ପଡିବ ଦେଖୁଛି । ତେବେହେବାରୁ ଜଣାପଡ଼ୁଛି ମୋତେ ଗୁଡ଼ିକର ଯିବାକୁ ନାରାଜ ।

ପୁଣି ଟପିକ୍ ଚେଞ୍ଜ କରିବା ଦରକାର ପଡ଼ିଲା ।

ପଚାରିଲି ଝିଅ, ତୋତେ ସିନେମା ଭଲଲାଗେ ?

ତାଳଗଛପୁଡ଼ ମାରି ଡେଇଁଉଠି ଅଞ୍ଜଳି କହିଲା, "ମଉସା, ଏତେବେଳେ ଯାଇ ଆପଣ ମୋ ମନକଥା ବୁଝି ପାରିଲେ । ଆପଣଙ୍କୁ ଏଇ ମୁହୂର୍ତ୍ତରେ ବାପା ବୋଲି ଡାକିବାକୁ ଇଚ୍ଛା ହେଉଛି । ଜୀବନରେ ମୋତେ ସିନେମା ଛଡ଼ା ଆଉ କିଛି ଭଲ ଲାଗେନାହିଁ । ସବୁ ଦୁଃଖ ସୁଖ ମୁଁ ଭୁଲିଯାଏ ଏଇ ସିନେମା କଥା କହିଲେ । ଆଚ୍ଛା ମଉସା, ଆପଣ ସିନେମା ଦେଖନ୍ତି ?"

"ହଁ ଦେଖେ, କେତେବେଳେ କେମିତି ।"

ଅଞ୍ଜଳିର ଆଖିରୁ ମେଞ୍ଚାଏ ଆଲୁଅ ମୋ ଆଖିରେ ପଶିଗଲା ।

"ଆପଣ କେଉଁ ଆକ୍ଟରଙ୍କୁ ସବୁଠୁ ବେଶି ଭଲପା'ନ୍ତି ?"

"ଅଶୋକ କୁମାର ।"

ଅଞ୍ଜଳି ନିଜକୁ ସମ୍ଭାଳି ଅଟକାଇ ପାରିଲାନି । "ହାତ ମିଳାନ୍ତୁ" କହି ମୋ ହାତରେ ତା' ହାତ ଥୋଇଦେଲା ।

"ସେ ବୁଢ଼ାଟାକୁ ତୁମେ କେମିତି ଭଲପାଅ ? ସେ ଆମ ସମୟର ନୁହେଁ ।"

Digitized by PPRACHIN, SOA

"ତା ନାଆଁ ଯିମିତି ସୁନ୍ଦର ତାର ଆକୃତି ସିମିତି ମନ-ମତାଣିଆଁ । ସିଏ ଯାହା କହୁ ମୋତେ ତାକୁ ଖୁବ୍ ଭଲ ଲାଗେ । ଯାହା ଚେହେରା ବା ଗୁଣରେ ଅଶୋକ କୁମାରର ଠିକେ ଛିଟା ବ' ଥିବ, ତାକୁ ମୁଁ ଭଲପାଏ । ମୋ ବାପାଙ୍କ ପାଖରେ ଅଶୋକ କୁମାରର ମୁହଁର ସାମଞ୍ଜସ୍ୟ ଥିଲା । ଆପଣ ଯେମିତି ଭାବରେ ଚାହୁଁଛନ୍ତି ସେଥିରେ ମୁଁ ଏଇ ମୁହୂର୍ତ୍ତରେ ଦେଖିପାରୁଛି ଆପଣଙ୍କ ଚେହେରାରେ ଅଶୋକ କୁମାରକୁ ।"

ମୁଁ କହିଲି, "ଅଞ୍ଜଳି, ତୁମକୁ ସାରା ଦୁନିଆରେ ଅଶୋକ କୁମାର ପରି ଦିଶୁଛନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା ।"

ମନେମନେ ଖୁସି ହେଲି ଯେ ଅନ୍ତତଃ ଏଇ ଗୋଟାଏ ଟପିକ୍ ଅଞ୍ଜଳି ମନକୁ ଯୋଗାଇଲି । ଅଶୋକ କୁମାର ଅନ୍ତତଃ ଶୋକସନ୍ତପ୍ତାକୁ ଅଶୋକସନ୍ତପ୍ତା କରିପାରିଲା ।

ମୋ ସହିତ ଯାହା କଥାବାର୍ତ୍ତା କରିବାକୁ ଚାହୁଁଥିଲା ତାହା ସରିଗଲା ବୋଧହୁଏ । ଘଡ଼ି ଆଡ଼କୁ ପୁଣି ଚାହିଁଲା, ସାମାନ୍ୟ ଉଦ୍‌ବିଗ୍ନ ହେଲା ଏବଂ ସପ୍‌ସପ୍ ହୋଇ ଚାଲିଗଲା ସିଧା ଦାଣ୍ଡଦରଜାକୁ ।

ମୋ ମନରେ ସାମାନ୍ୟ ସନ୍ଦେହ ହେଲା, ସେ ବୋଧହୁଏ କିଏ ଆସିବାକୁ ଏଠି ଅପେକ୍ଷା କରୁଛି । ମୋ ପାଖରୁ ସେ ଚାଲିଯିବା ପରେ ମୁଁ ଆଲମାରିର ଆଇନାରେ ନିଜ ମୁହଁକୁ ଅନାଇ ଅଶୋକ କୁମାରର ମୁହଁ ସହିତ ସାମଞ୍ଜସ୍ୟ ଖୋଜିଲି । ମୋର ଅଣ୍ଡାକୃତି ମୁହଁ ସହିତ ଅଶୋକ କୁମାରର ଚତୁଷ୍କୋଣାକାର ମୁଖମଣ୍ଡଳର ସାମଞ୍ଜସ୍ୟ ବା କେଉଁଠୁ ଆସିଲା ? ତଥାପି ଖୁସି ଲାଗିଲା ଅନ୍ତତଃ ଗୋଟିଏ ଝିଅ ଆଖିରେ ବୁଢ଼ା ବୟସରେ ବି ସିନେମା ଷ୍ଟାର ପରି ଦିଶିଲି ।

ସିଧା ମୋ ପାଖକୁ ନ ଫେରି ଦୁଲୁ ପାଖକୁ ଅଞ୍ଜଳି ଗଲା । "ଦୁଲୁ କିଏ ଆସିଥିଲା କି ? ମୋତେ କିଏ ଆସିଲା ପରି ଲାଗୁଛି ।" ଏଇ କଥା-ଗୁଡ଼ାକ ଦୁଲୁକୁ ସେ କହିବାର ମୋତେ ଶୁଭିଲା । ଦୁଲୁ 'ନା' 'ହଁ' ଉତ୍ତର ଦେବାର ମଧ୍ୟ ଶୁଣିଲି ।

ଯାହାହେଉ ଝିଅଟା ଆଉ କନ୍ଦାକଟା କରୁନି । ମୁଁ ଅନ୍ତତଃ ଏତିକି କରିପାରିଲି ।

Digitized by PPRACHIN, SOA

ଏଥର ଦୁଲୁ ଓ ଅଞ୍ଜଳି ଦୁହେଁ ମୋ ପାଖକୁ ଆସିଲେ । ଦୁଲୁ କହିଲା, "ବାପା ଅଞ୍ଜଳି ଘର ବ୍ୟସ୍ତ ହେଉଛି, ଘରକୁ ଯିବ । ଅନ୍ଧାର ହୋଇ ଆସିଲାଣି । ପିଉସା ଘରେ ବ୍ୟସ୍ତ ହୋଇ ଖୋଜାଖୋଜି ଆରମ୍ଭ କରି ଦେଇଥିବେ । ସେ ଏଠାକୁ ଆସିଛି ବୋଲି କାହାକୁ ଘରେ କହିନି । କିଏ ଜଣେ ଆସି ତାକୁ ନେଇଯିବ କହିଥିଲା, ଏ ଯାକେ ଆସିଲାନି । କ'ଣ କରିବା ବାପା ?

"ମୁଁ ବଜାରକୁ ଗଲାବେଳେ ତାକୁ ଛାଡ଼ି ଦେଇଯିବି ।"

"ନା ନା ମଉସା ! ବହୁତ ଡେରି ହୋଇଯିବ ସେତେବେଳକୁ । ମୁଁ ଅବା ଚାଲିଯିବି ।" ପୁଣି ଘଡ଼ିକୁ ଚାହିଁଲା, "ବେଳରେ ଛଅ ବାଜିବ" କହିଲା ।

ଡାକ୍ତର ଘରଟାରେ ଏପଟ ସେପଟ ହେଲା । ପାଖକୁ ଆସି କହିଲା, 'ମଉସା, ଏଇଠି ପାଖ ପଡ଼ଶା ଡାକ୍ତର ମିଶ୍ରଙ୍କ ଫୋନ ଅଛି । ମୁଁ ଫୋନ କରନ୍ତି । ଆପଣଙ୍କ ଚିହ୍ନା ପରିଚୟ ଥିବ ତାଙ୍କ ସହିତ ?'

"ତାଙ୍କ ସହିତ ସେମିତି ଆତ୍ମୀୟତା ନାହିଁ । ତାଙ୍କର ଫୋନ ନାହିଁ ବୋଧହୁଏ ।"

"ଦୁଲୁ କହିଲା ତାଙ୍କର ଫୋନ୍ ଅଛି ମଉସା ! ଆପଣ ଥରେ ଦି'ଥର ଫୋନ୍ କରିଛନ୍ତି, ଦୁଲୁ କହିଲା ।"

ଏ ଝିଅ ସାଙ୍ଗରେ ପାରିହେବନି । ଦୁଲୁକୁ ପଚାରି ସବୁ ବୁଝିଛି । ଅନନ୍ୟୋପାୟ ହୋଇ କହିଲି, "ଫୋନ ନ କଲେ କ'ଣ ନହାନ୍ତି ହେବନି ? ଘଣ୍ଟେ ଆଉ ଅପେକ୍ଷା କର ; କିଏ ଆସିବାର ଥିଲା ହୁଏତ ଆସିଯିବ ।"

"ନା ମଉସା, ଡେରି ହୋଇଯିବ । ମୋତେ କଣ୍ଠା ଖାଇଯିବେ ପିଉସା, ପିଉସୀ । ଥାନାକୁ ବି ହୁଏତ ଖବର ଦେଇଦେବେ । ମଉସା, ମୁଁ କ'ଣ କରିବି । ମୋତେ ରକ୍ଷାକର ।" ପୁଣି କାନ୍ଦିବାକୁ ଆରମ୍ଭ କଲା ।

ମୁଁ କହିଲି, "ଦୁଲୁ ସାଙ୍ଗରେ ଚାଲିଯା ତେବେ ଡାକ୍ତର ମିଶ୍ରଙ୍କୁ କହି ଫୋନ୍ କରିବୁ ।"

Digitized by PPRACHIN, SOA

"ନା ମଉସା, ଦୁଲୁ କାହିଁକି ଯିବ ? ତା'ର କାଲି ଇଣ୍ଟର୍ନେଲ ଏସେସମେଣ୍ଟ ପରୀକ୍ଷା ଅଛି, ପଢ଼ାପଢ଼ି କରୁଛି । ମୁଁ ଏକା ଚାଲିଯିବି । ଏଇ ମନ୍ଦିର ଆର ପାଖରେ ତାଙ୍କ କ୍ୱାର୍ଟରଟା ତ । ଖାଲି ଖଣ୍ଡିଏ ଚିଠି ଲେଖିଦିଅ ।"

ଚିଠି ଖଣ୍ଡିଏ ନେଇ ଅଞ୍ଜଳି ଫୋନ୍ କରିବାକୁ ଡକ୍ଟର ମିଶ୍ରଙ୍କ ଘରଆଡ଼େ ଗଲା । କେତେ ସମୟ କ'ଣ ଫୋନ କରୁଥିଲା କେଜାଣି ସାଢ଼େଚାଟା ବେଳକୁ ଫେରିଲା । ମୁହଁରୁ ଜଣାପଡ଼ୁଥିଲା ସେ ନିଶ୍ଚିନ୍ତ ହୋଇଯାଇଛି ଏବଂ ବଞ୍ଚିବାର ଆଗ୍ରହ ଫେରି ପାଇଛି । ଆଉ ଆତ୍ମହତ୍ୟା ଆଡ଼କୁ ଯିବ ନାହିଁ ପରି ଲାଗିଲା ।

ମୋ ସାଙ୍ଗରେ କଥାବାର୍ତ୍ତା ପରେ ଆମ ଘରକୁ ସେ ନିଜ ଘର ପରି ଓ ମୋତେ, ଦୁଲୁକୁ ନିଜ ବାପ ଭଉଣୀ ପରି ଭାବି ନେଲାଣି । ଆସି ପହଞ୍ଚି କହିଲା, "ଦୁଲୁ, କଣ କରିଛୁ ଖାଇବାର ଦେ, ଭାରି ଭୋକ, ଚା କର । ମଉସା ବି ଚା' ଜଳଖିଆ ଖାଇବେ । ଶୀଘ୍ର ଶୀଘ୍ର କର ।"

ଦୁଲୁ କ'ଣ ବ୍ୟବସ୍ଥା କରୁଛି ନ କରୁଛି ସେ ଯାଏ ଅପେକ୍ଷା ନ କରି ଅଞ୍ଜଳି ମୁଢ଼ି ଆଉ ଲେମ୍ବୁ ଆଚାର କେଉଁଠୁ ବାହାର କରି ଆଣି ଖାଇବାକୁ ବସିଗଲା ଏବଂ କାଲ୍‌ଗେସ ଲଗାଇ ଚା'ପାଣି ମଧ୍ୟ ବସାଇଦେଲା । ଆମେ ବାପ, ଝିଅ ନିଜ ଘରେ ଅତିଥି ପାଲଟି ଗଲୁଣି । ଏଇ ବ୍ୟସ୍ତତା ମଧ୍ୟରେ ଅଞ୍ଜଳି ରେଡ଼ିଓଟା ଖୋଲିକରି ସମ୍ବଲପୁରୀ ଗୀତ ଶୁଣିବାକୁ ଲାଗିଲା । ପୁଣି ପାଟିକରି କହିଲା, "ଦୁଲୁ, ଟେପ୍‌ରେକର୍ଡ଼ର କେଉଁଠି ଅଛି ଲଗା ତ, ଅକ୍ଷୟ ମହାନ୍ତିର କେଉଁଟା ସୁପରହିଟ୍ ଗୀତ ଶୁଣିବା ।"

ମୁଁ ପ୍ରାୟ ଅତିଷ୍ଠ ହୋଇ ଉଠିଲିଣି ସେତେବେଳକୁ । ଅଞ୍ଜଳି ପଚାରିଲା, "ମଉସା ! ସଞ୍ଜବେଳେ କ୍ଲବ୍ ବା ବଜାର କୁଆଡ଼େ ଯାଆନ୍ତିନି ? ଯଦି ଯିବେ ଯାଆନ୍ତୁ । ମୋ ବିଷୟରେ ଆଉ ବ୍ୟସ୍ତ ହେବେନି । ମୁଁ ଟେଲିଫୋନରେ ସବୁ ବ୍ୟବସ୍ଥା କରିଦେଇଛି । ଆପଣ ଫେରିଲା ବେଳକୁ ମୁଁ ଚାଲିଯାଇଥିବି ହୁଏତ ।"

Digitized by PPRACHIN, SOA

ମୁଁ ଲୁଗାପଟା ପିନ୍ଧି ଦାଣ୍ଡ ବାରଣ୍ଡାରେ ଠିଆ ହୋଇଛି, ଦେଖିଲି ସାମନାରେ ରିକ୍‌ସାଟାଏ ଆସିଗଲା, ଗରମ ପୋଷାକ ପରିହିତ ଏକ ସୁସ୍ଥ-ସବଳ ଯୁବକକୁ ନେଇ ।

ମୁଁ ପ୍ରଧାନ ରାସ୍ତା ଧରୁଁ ନ ଧରୁଣୁଁ ଶୁଣିଲି ଅଞ୍ଜଳି ସଂଯମହୀନ ଭାଷାରେ ଆଗନ୍ତୁକ ଯୁବକଟିକୁ ଭର୍ତ୍ସନା କରୁଛି, "ହଁ ବେ ଅଶୋକ ! ମାଟିନ୍ ସୋ ଗଲା, ଇଭନିଂ ସୋ ବି ଗଲା, ମତେ ନାଇଟ୍ ସୋ'କୁ ରଖିନେଲୁ ? ରହ ଦାଦାର ପାଳକୁ ବାଦର ପାଳ ।"

"ଓଃ, ଏଇ ତେବେ ଅଞ୍ଜଳିର ଅଶୋକ କୁମାର !"

ମହିଳା କଲେଜର ଏଇ ପ୍ରଥମ ବାର୍ଷିକ କଳା ଛାତ୍ରୀ ପାଇଁ ରୋମାନ୍ ହିଲଗ୍ଡେଟିଏ ଯୋଗାଇବା ପାଇଁ ମୋର ପ୍ରୟାସ କ'ଣ ଏତିକିରେ ଶେଷ ହେଲା ?

ରାତି ପ୍ରାୟ ସାଢ଼େ ବାରଟାରେ କଲିଂ ବେଲ୍ ଓ କୁକୁର ଭୁକାରେ ଉଠି ବସି ବାହାରକୁ ଯାଇ ଦେଖିଲି, ରିକ୍‌ସାରେ ପୁଣି ଅଶୋକ ଓ ଅଞ୍ଜଳି । ଅଶୋକ ରିକ୍‌ସାରୁ ଓହ୍ଲାଇଗଲା; ଅଞ୍ଜଳି ବସିଥାଏ । କହିଲା, ମଉସା ଦୟାକରି ମୋ ପାଇଁ ଆଉ ଟିକିଏ ପରିଶ୍ରମ କରନ୍ତୁ । ମୋତେ ଘରେ ଛାଡ଼ି ଦେଇ ଆସିବେ, ଆସନ୍ତୁ । ଏଇ ରିକ୍‌ସାରେ ଫେରି ଆସିବେ ।"

ମୁଁ ବିରକ୍ତ ଓ ଆଶ୍ଚର୍ଯ୍ୟ ହୋଇ କହିଲି, ଅଶୋକ କଣ ଛାଡ଼ି ଦେଇ ପାରିବ ନାହିଁ ଯେ, ମୋତେ ମଝି ରାତିରେ ହଇରାଣ କରିବ ଏ ଥଣ୍ଡାରେ ।

ଅଞ୍ଜଳି କହିଲା, "ଆପଣ ଜାଣନ୍ତି ନାହିଁ ମଉସା, ମୋ ପିଉସୀ ପୁଅ ଭାଇ ଅଶୋକକୁ ମୋ ସାଙ୍ଗରେ ଦେଖିଲେ ହାଣିଦବ । ପିଉସା, ପିଉସୀ ହୁଏତ ଅଶୋକକୁ ଥାନାକୁ ଗ୍ରହଣ କରିଦେବେ ।"

ଅଞ୍ଜଳି ପୁଣି ଅମୋଘ କାନ୍ଦଣାସ୍ତ୍ର ଅସ୍ତ୍ର ପ୍ରୟୋଗ କଲା ।

ମୁଁ ଗଲି । ବାଟଯାକ ସେ ଖାଲି ଗୋଟିଏ କଥା ମୋତେ ଶିଖାଉ-ଥାଏ । ତା ପିଉସା, ପିଉସୀଙ୍କୁ ମୁଁ ଯାହା କହିବ ।

Digitized by PPRACHIN, SOA

ନର୍ବିକଳ୍ପ ଚିତ୍ତରେ ଅଞ୍ଜଳି ମୋତେ ନମସ୍କାର କରି ଘର ଭିତରକୁ ପଶିଗଲା, ନଗାହ ହରିଣୀ ଛୁଆଟି ପରି ।

ତା' ପିଉସା ମୋତେ ଚାହିଁଲେ ଏବଂ ପଚାରିଲେ, "ଅଞ୍ଜଳି ଆପଣଙ୍କ ଘରେ ଥିଲା ?"

ମୁଁ 'ହଁ' କହିଲି ।

ସେ ପୁଣି ପଚାରିଲେ 'ଦିନ ଦୁଇଟାରୁ ରାତି ବାରଟା ପର୍ଯ୍ୟନ୍ତ ?'

ମୁଁ ପୁଣି ହଁ କହିଲି ।

ତାଙ୍କୁ ମୁଁ ଗୋଟିଏ ପ୍ରଶ୍ନ ପଚାରିବାର ଆଗ୍ରହ ସମ୍ବରଣ କରି ପାରିଲି ନାହିଁ । ପଚାରିଦେଲି "ଅଞ୍ଜଳିର ବାପା କେବେ ଗଲେ ?"

ଉତ୍ତର ମିଳିଲା "ଛଅ ସାତ ବର୍ଷ" ହବଣି ବୋଧହୁଏ ।

●

Digitized by PPRACHIN, SOA

# ଅସମ୍ପୂର୍ଣ୍ଣ କାବ୍ୟ

ଅପ୍ରାକୃତ ପ୍ରେମ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ସାହିତ୍ୟରେ ସମ୍ଭବ; ନ ହେଲେ ସମ୍ଭବ ଓ ଉଦ୍ଭବ ହୁଏ ଖୁବ୍ ଭିଡ଼ ହେଉଥିବା ମନ୍ଥରଗାମୀ ପୁରୁଣାକାଳିଆ ଅଣ ଏକ୍ସପ୍ରେସ ବାସ୍‌ଗୁଡ଼ାକରେ । ଏଇ ଧରନ୍ତୁ ଆମ ଗ୍ରୀନ୍ ବାସ୍ କଥା, ଯାହା ଏଠାରୁ ଭଦ୍ରଖ ଦେଇ ଶୃନ୍ଦବାଲି ବା ବାଙ୍ଗିରି-ପୋଷି ଦେଇ ଖିଚିଂ ଯାଏ ।

ଏଇ ବାସ୍‌ଟିର ଗଠନ ପ୍ରଣାଳୀ ବିଶେଷକରି ବସିବା ସ୍ଥାନ ଗୁଡ଼ାକର ବିନ୍ୟାସ ଓ ବ୍ୟବସ୍ଥା ଏ ଧରଣର ପ୍ରେମପାଇଁ ଖୁବ୍ ପ୍ରଶସ୍ତ, ଅନୁକୂଳ । ଏହାର ନୀଳ ରଙ୍ଗର ଝରକା କାଚଟି ବନ୍ଦ କରିଦେଲେ ସାଇଡ୍ ସିଟ୍‌ରେ ମେଦୁରମେଦୁର ପରିବେଶ ସୃଷ୍ଟି ହୁଏ । ଯଦି ପ୍ରେମିକର ସୌଭାଗ୍ୟକୁ ବାହାରେ ଆକାଶ ମେଘାଚ୍ଛନ୍ନ ଥାଏ ତେବେ ଦିନ ଗୁରିଟା-ବେଳେ ବି ସମଗ୍ର ବାସ୍‌ଟା ସ୍ତିମିତ ଆଲୋକିତ ବାସରଘରର ଭ୍ରମ ସୃଷ୍ଟି କରେ । ଅନ୍ତତଃ ନୂତନ ନାୟକନାୟିକାଙ୍କ ପାଇଁ । ଏପରିକି ସ୍ଥାନାଭାବରେ ଖୁନ୍ଦାଖାନ୍ଦି ଛିଡ଼ାହୋଇ ଯେଉଁ ହତଭାଗ୍ୟ ଯାତ୍ରୀମାନେ ମୁଣ୍ଡ ଉପରର ଲୌହଦଣ୍ଡ ଧରି ଯାଉଥାନ୍ତି ସେମାନଙ୍କର ମଧ୍ୟ ଆଖି ସୁଲୁସୁଲିଆ ପବନ ପାଇଲାମାତ୍ରେ ନିଦ୍ରାଳୁ ହୋଇ ବନ୍ଦ ହୋଇଯାନ୍ତି ।

ଏମିତି ଏକ ବାସ୍‌ରେ ସେଦିନ କୁଦପଡ଼ା କଲେଜ ଛକରେ ଚଢ଼ିଗଲି, ଭଞ୍ଜଙ୍କ ଲାବଣ୍ୟବତୀ ଓ ପ୍ରେମସୁଧାନିଧିଙ୍କୁ ସ୍ମୃତିରେ ଜାକି । ସେତେବେଳେ ଭିଡ଼ ଜମିନଥିଲା । ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ପୂରାପୂରି ଫାଙ୍କା ଥିଲେ ବି ତାହା ଯୁବା ପୁରୁଷଙ୍କ ପାଇଁ ପ୍ରାୟତଃ ନିଷିଦ୍ଧ ଥିବାରୁ

Digitized by PPRACHIN, SOA

ପରେ ଘଉଡ଼ା ଖାଇବା ଭୟରେ ବସିବାକୁ ସାହସ କଲନାହିଁ । ଯୁବତୀଙ୍କ ଆସନର ଠିକ ପଛକୁ ଲଗି ଯୁବକଙ୍କ ପାଇଁ ଆସନ ବ୍ୟବସ୍ଥା । ଭାଗ୍ୟରେ ଥିଲେ ସବୁ ସମ୍ଭବ ହୁଏ । ମୁଁ ଉଠିଲ୍‌ମାତ୍ରେ ଦେଖିଲି ମହିଳାଙ୍କ ଆସନର ଠିକ୍ ପଛକୁ ଝରକା ପାଖ ସିଟ୍‌ରେ ଯେଉଁ ବୃଦ୍ଧ ବସିଥିଲେ ବୋଧହୁଏ ସେ ମହିଳାଙ୍କ ସାନ୍ନିଧ୍ୟକୁ ଭୟ କରି ସବା ପଛ ବେଞ୍ଚକୁ ଚାଲିଗଲେ । ପ୍ରଥମ ସୁଯୋଗରେ ମୁଁ ଆଦର୍ଶ ଓ ଇପ୍‌ସିତ ସିଟ୍‌ଟି ପାଇଗଲି ଏବଂ ଅପେକ୍ଷା କଲି ଆଜି ବିଧି ମୋ ପାଇଁ କମିତି ଖାଦ୍ୟର ବ୍ୟବସ୍ଥା କରିବ ।

ଯଦି ଦୈବକୁ ଇମିତି ଧଡ଼ଡ଼ା ବାସ୍‌ରେ ବି କେହି ନାୟିକା ଆସନ୍ତି ଏବଂ ଠିକ୍ ମୋ ସାମନା ସିଟ୍‌ରେ ବସନ୍ତି ତେବେ ମୁଁ କଳ୍ପନା କରିବାକୁ ଲାଗିଲି କଣ କଣ ସୁବିଧାସୁଯୋଗ ମୁଁ ଉପଭୋଗ କରିପାରିବି ।

ପଞ୍ଚେନ୍ଦ୍ରିୟର ଯୁଗପତ୍ ଉପଭୋଗ ଓ ପରିତୃପ୍ତି ହିଁ ପ୍ରେମ । ତା ଯଦି ସତହୁଏ ତେବେ ଏଇ ବାସ୍‌ରେ ବି ଦିନ ଦ'ପହରେ ପ୍ରାକୃତ ହେଉ ଅପ୍ରାକୃତ ହେଉ ପ୍ରେମ ମିଳିଯିବ ।

ଧରନ୍ତୁ ଯଦି କେହି ସୁନ୍ଦରୀ ନାୟିକା ମୋ ଭାଗ୍ୟକୁ ଜୁଟନ୍ତି ତେବେ ସେ ଧୀର ପଦକ୍ଷେପରେ ଆସି ସ୍ଥାନଟି ଦଖଲ କରିବା ପୂର୍ବରୁ ମୋର ପ୍ରଥମ ଇନ୍ଦ୍ରିୟର ଯଥା ଆଖିର ସନ୍ତୁଷ୍ଟି ଆରମ୍ଭ ହୋଇଯାଇପାରେ । କାରଣ ତାଙ୍କର ସମ୍ମୁଖ ଭାଗରେ ମୋର ଭାଗ୍ୟବାନ ଚକ୍ଷୁ ଦୁହେଁ ନଜର ଲଗେଇ ଦେଇଥିବେ । ସାରିଣି ସୁବର୍ଣ୍ଣଲତା ବା ସ୍ଥିର ବିଜୁଳିପରି ସେ ଜଣାଯିବେ । ସେ ଆସନ ଗ୍ରହଣ କରିବାମାତ୍ରେ ତାଙ୍କର ନୀଳ କେଶଦାମ୍, କମ୍ବୁକଣ୍ଠ, କମନୀୟ ହାର, କର୍ଣ୍ଣର କୁଣ୍ଡଳ ଓ ଶାଢ଼ୀର ବର୍ଣ୍ଣାଢ଼୍ୟ ବୟନ-ଚାତୁରୀ ଗୋଟିକ ପରେ ଗୋଟିଏ ଆଖି ଦୁହିଙ୍କି ବିବ୍ରତ ଓ ବ୍ୟତିବ୍ୟସ୍ତ କରିଦେବେ । ତାପରେ ଆଖିଦୁହେଁ ନାକକୁ ବା ଘ୍ରାଣେନ୍ଦ୍ରିୟକୁ ଚାନ୍ସ ଦେବେ । ଜବାକୁସୁମ ତୈଳ ସାଙ୍ଗକୁ ଯୂଇ ଫୁଲର ଗଜରା ନାକ ଆଗରୁ ପ୍ରାୟ ଗୃଖଣ୍ଡେ ଦୂରରେ ଥିବାରୁ ଘ୍ରାଣେନ୍ଦ୍ରିୟ ଫାଟିଯିବାଯାକେ ଉପଭୋଗ କରିବ । ତାଙ୍କ ଶରୀରର ସ୍ୱାଭାବିକ ଗନ୍ଧ (ପଦ୍ମିନୀ ଜାତୀୟା ହୋଇଥିଲେ ଶ୍ୱେତପଦ୍ମର ଗନ୍ଧ) ଫୁରୁଫୁରୁ ବାହାରି ପବନରେ ଉଡ଼ିଯାଇ ଠିକ୍ ନାୟକ ମୁହଁରେ ଲାଗୁଥିବ । ଯଦି ସାଙ୍ଗଟିଏ ପାଇ ସେ କଥାବାର୍ତ୍ତା ଆରମ୍ଭ କରନ୍ତି

Digitized by PPRACHIN, SOA

ଏବଂ ମୋ ଭାଗ୍ୟକୁ ଯଦି ତାଙ୍କ ଗଳାରେ କୋଇଲିଟିଏ ବସା ବାନ୍ଧିଥାଏ ତେବେ କାନ ଯୋଡ଼ିକରେ ବା ଶ୍ରବଣେନ୍ଦ୍ରିୟରେ ଅମୃତ ପଶି ବଧିର କରିଦେବ । ବାକୀ ରହିବେ ଜିଭ ବା ରସନେନ୍ଦ୍ରିୟ ଓ ଆଙ୍ଗୁଳି, ପାପୁଲି, ଚମଡ଼ା ଅର୍ଥାତ୍ ସ୍ପର୍ଶେନ୍ଦ୍ରିୟଗୁଡ଼ାକ ।

ବନ୍ଦଇଁ ଘନବାନ୍ଧବ ହରି···ସଦା କମଳା ନନ୍ଦ ବିସ୍ତାରି···

କଳ୍ପନାଜଳ୍ପନା ବା ଚିନ୍ତାଧାରା ହଠାତ୍ ବ୍ୟାହତ ହେଲା, ଛିଅ ଛିଡ଼ିଗଲା । ଗ୍ରୀନ୍ ବାସ୍ ଅସ୍ଥାନରେ ଛିଡ଼ା ହେଲା ଏକ ଦ୍ୱିତଳପ୍ରାସାଦ ସାମନାରେ । ନାଲି, ନୀଳ, ହଳଦିଆ ଅର୍ଥାତ୍ ଇନ୍ଦ୍ରଧନୁ ରଙ୍ଗର ଶାଢ଼ୀ ପିନ୍ଧି ଗୁଡ଼ାଏ ସ୍ତ୍ରୀଲୋକ ବାସ୍ ପାଖରେ ଜମାହେଲେ । ଓଡ଼ଣୀତଳୁ ସକ୍ ସକ୍ କାନ୍ଦଣା ଶବ୍ଦ; ଝରଝର ଲୁହର ଗାର ଗାଲ ଦେଇ ବହିଯାଉଛି । ଚଢ଼ିଲେ କନ୍ଯା ଜଣେ ।

ଆରେ ! ଯାତ୍ରୀଗୁଡ଼ାକ ଛିଡ଼ା ହେଲେ ନାହିଁ କାହିଁକି ? ଏତିକ ଅଭଦ୍ର, ଅସଭ୍ୟ, ବେରସିକ ! ସୌନ୍ଦର୍ଯ୍ୟବୋଧ ଏକାବେଳକେ ନାହିଁ । ଚୁଲିପାଖରେ ନିଆଁ ତାତିରେ ଜଳପୋଡ଼ିବା ପରେ ଗଙ୍ଗାର ଥଣ୍ଡା ପବନ ଯିମିତି କାମ୍ୟ, ଘଣ୍ଟା ଘଣ୍ଟାଧରି ଗୀତା ଭାଗବତ ହିତୋପଦେଶ ପରେ ଭଲ ଫିଲମଟିଏ ବା ମଜାଦାର ଉପନ୍ୟାସଟିଏ ଯିମିତି ଉପଭୋଗ୍ୟ ଗ୍ରୀନ୍ ବାସ୍‌ର ଗଦ୍ୟମୟ ମଣିଷ ଓ ପରିବେଶ ଭିତରେ ଏ ମହିଳା ଜଣକର ଉପସ୍ଥିତି ସିମିତ ସ୍ୱାଗତଯୋଗ୍ୟ । ଏଣ୍ଟି ରୋମାଣ୍ଟିକ ଓ ଅକାବ୍ୟିକ ଦୁନିଆରେ ରସ ସଞ୍ଚାର କରିପାରେ ଏ ମହିଳାଟି । ଅଥଚ ଏଇ ଲୋକଗୁଡ଼ାକ ଛିଡ଼ାହୋଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ରାସ୍ତା ଦେଖାଇ କଢ଼ାଇ ଦେବା ପରିବର୍ତ୍ତେ ରୁଦ୍ଧ କରୁଛନ୍ତି । ପ୍ରଭୁ ! ସେମାନଙ୍କୁ କ୍ଷମାକର । ସେମାନେ ଜାଣନ୍ତି ନାହିଁ କଣ କରୁଛନ୍ତି ।

ମୁଁ କନ୍ଯା ଛିଡ଼ାହୋଇ ପଡ଼ିଲି । ସମ୍ମାନ ଦେଲି ସ୍ୱତଃସ୍ଫୁର୍ତ୍ତି ଆବେଗ ଓ ଆଗ୍ରହରେ । ଏଇଠି ବାଷଠି, ବାସ୍ତରୀ ବା ବୟୁାଅଶୀ ପଦର ଛନ୍ଦ ଗୋଟିକରେ ରୂପବର୍ଣ୍ଣନାର ଅବକାଶ ଓ ଆବଶ୍ୟକତା ରହୁଛି । ମାତ୍ର ଯେଉଁଠି ଗୁହିଁଦେଲେ ସବୁ ହଜି ଯାଉଛି ସେଇଠି ସବୁ ବର୍ଣ୍ଣନା ଅନାବଶ୍ୟକ, ବିରକ୍ତିକର ମଧ୍ୟ । କାବ୍ୟ କବିତାରେ ନାୟିକ ସମ୍ମୁଖରେ

Digitized by PPRACHIN, SOA

ନ ଥିବାରୁ କବିଏ ସତମିଛ କହି କବିତା ଗୁଚ୍ଛରେ ମନ ମୋହିଥାନ୍ତି । ମନମୋହିନୀ ଆପଣଙ୍କ ଆଗରେ ଥିଲେ ଆପଣ କଣ ଆଖିବୁଜି ରହିଥିବେ । ଦେଖି ନଅନ୍ତୁ, ମିଳାଇ ନଅନ୍ତୁ କବିଙ୍କ ରୂପ ବର୍ଣ୍ଣନା ସହିତ ଏ ମହିଳାର ଅଙ୍ଗ ସୌଷ୍ଠବ । କମିତି ସେ ନାନାଫୁଲର ଲତାଟିପରି, ନାନାଫଳ ଭାରରେ ଅବନତ ତରୁଟିପରି ଏବଂ ନାନା ପକ୍ଷୀ ଓ ଜୀବଜନ୍ତୁଙ୍କୁ ଆଶ୍ରା ଦେଉଥିବା ମହୀରୁହପରି । ଖାଲି ଖାଲି ଚହଲରି ଗ୍ରାହକେ ଭଞ୍ଜଙ୍କୁ ବଶ୍ୟକବି କହନ୍ତି ! ଆପଣ ପ୍ରଥମେ ନାୟିକାର ବହିଃସୌଷ୍ଠବ ଦେଖିନଅନ୍ତୁ । ପରେ ମନ କଥା ବୁଝିବା ଯେବେ ତାଙ୍କର ମନଥାଏ ।

କେଉଁ ଆସନଟି ମହିଳା ଗ୍ରହଣ କରିବେ ତାହା ଅନୁଧ୍ୟାନ କଲାବେଳେ ଗୋଟାଏ ଦୁଇଟା ହୃଦୟର ସ୍ପନ୍ଦନ ହରାଇ ବସିଲି । ମାତ୍ର ଉତ୍କଣ୍ଠାରେ ଯେତେବେଳେ ନିଃଶ୍ୱାସ ବନ୍ଦ ହୋଇ ଆସୁଥିଲା ସେତିକବେଳେ ସେ କେଉଁ ରାଜ୍ୟର ରାଣୀପରି ସମ୍ଭ୍ରମ ଓ ସ୍ୱାଭିମାନରେ କ୍ଷମା ସାମନା ସିଟ୍ ପରିପୂର୍ଣ୍ଣ ଓ ଅଳଂକୃତ କରି ବସିଗଲେ । ହୃଦୟର ସ୍ପନ୍ଦନ ଏକା-ବେଳକେ ଆଠ ଦଶଟା ଯିମିତି ବଢ଼ିଗଲା ସିମିତି କେତେ ସମୟଧରି ବନ୍ଦଥିବା ନିଃଶ୍ୱାସସବୁ ଆଶ୍ୱାସରେ ନିର୍ଗତ ହୋଇଗଲାପରି ଜଣାଗଲା ।

ମୋର ଆଖିଦୁହିଁଙ୍କ ମନ ମାନି ଯାଇଥିଲା, ତୃପ୍ତିରେ ତେବେ କଣ ଅବସାଦ ଆସିଗଲା ? ନାୟିକା ବସିବାକୁ ଯାଉଛନ୍ତି ଆଖିଦିହେଁ ପୁଣି ସତୃଷ୍ଣ ଦୃଷ୍ଟି ପକାଇଲେ ସୁଗୋଲ ନିତମ୍ବ ଉପରେ ବ୍ୟସ୍ତବ୍ୟସ୍ତ ହେଉଥିବା ବେଣୀ ଉପରେ । ନାକ କହିଲା, "ତୁମେ ଦିଟା ଏତେ ଅଳାଜୁକ, ମୋତେ ଦିହିଙ୍କ ମଝିରେ ରଖି ସବୁ ଗୃଖିଯାଉଛ ?" ସେତେବେଳକୁ ଫୁଟିଫୁଟି ଆସୁଥିବା ଯୂଇକଢ଼ର ମହକ ନାକକୁ ଛୁଇଁଲାଣି; ସେ ଅତିଷ୍ଠ । ଆଘ୍ରାଣଂ ଅର୍ଦ୍ଧଭୋଜନମ୍ । ନାକ ଓ ରସନା ଏକାସାଙ୍ଗରେ ଶୀକାର କରନ୍ତି ବୋଧହୁଏ । ରସନେନ୍ଦ୍ରିୟର ପରିତୃପ୍ତି ?

ମୋର ହୃଦ୍‌ବୋଧ ହେଲା ସ୍ଥାନ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ଲାବଣ୍ୟବତୀ ଚନ୍ଦ୍ରବଦନୀର ଫଟୋ ଆଖିର କେମେରାରେ ତୋଳି ନେଇଥିବେ । ଛଅକୋଣିଆ ଚଷମାମଣ୍ଡିତ ସ୍ୱପ୍ନିଳ ଚକ୍ଷୁ, କପୋଳ-ପ୍ରଦେଶର ଲମ୍ବାଲମ୍ବା ବହଳ କାଳି, ଭ୍ରୂଖଣ୍ଡ ବଙ୍କିମ ପରି ନଶ— ।

Digitized by PPRACHIN, SOA

କଣ୍ଠପୁରଠୁଁ ବଳି ବଡ଼ ଗୁଡ଼ାଏ ଦୋଦୁଲ୍ୟମାନ ଭ୍ରମର କୁନ୍ତଳ । ପ୍ରଥମ ଦର୍ଶନରେ ପ୍ରେମ ? ଆଖୋଁ ଆଖୋଁ ମେ ସେମିତି କଟ୍ଟା ଭଙ୍ଗୀ ଓ ଲକ୍ଷଣ ନଜର କଲି ? କରୁଣାକର, ହେ କରୁଣାକର କାମନାସ୍ପୃକ !

ସହରର ଶେଷ ବାସ୍ଷ୍ଟପ୍ । ଯାଃ, ମାର୍ଜାର ! ଏଇଟା ପୁଣି କଏ ? ଲବଣ୍ୟବଣ୍ଟି କାବ୍ୟରେ କଣ ଭିଲେନ୍ ଥିଲା ? ଯଦି କେହି ଭିଲେନ୍ ଥିଲା ତେବେ ସେ ଦଇବ । ଶତ୍ରୁଘ୍ନ ସିନ୍ହା ଆସିଲା କୁଆଡ଼ୁ ତେବେ ?

ଆରେ ଆରେ ! ସେଇଟା ମହିଳାଙ୍କ ଆସନ । ଆପଣ ପୁରୁଷ ହୋଇ ( ଥୁରୁଥୁରୁ ବୁଢ଼ା ହୋଇଥାନ୍ତେ ନଆଗ ) ସେଠି କାହିଁକି ବସୁଛନ୍ତି ? ଭିଲେନ୍ କାହିଁକି ଶୁଣିବ ହିତ କଥା ? ସେ ସିଧା ବସିଗଲା ନାୟିକା ସିଟ୍‌ରେ; ପାଖରେ; ଏକାବେଳକେ ଲଗିଲଗି । ମହିଳାଟି ଧୂଞ୍ଜିଯାଉନାହିଁ କାହିଁକି ? ଏଟା ସିଟ୍ କଣ ଆଗରୁ ରିଜାର୍ଭ କରିଥିଲେ ?

ମରୁଭୂମିର ଶ୍ରାନ୍ତକ୍ଳାନ୍ତ ପଥିକର ପ୍ରାର୍ଥନା ଶୁଣି ତାକୁ ନିଦାରୁଣ ଖରାରୁ ବଞ୍ଚାଇବାପାଇଁ ଭଗବାନ ସୁସ୍ନିଗ୍ଧ ଶୀତଳ ଲତାଟିଏ ଦେଇଥିଲେ । ମୁଁ ଖୁସିଥିଲି ଏବଂ ତାଙ୍କୁ ଧନ୍ୟବାଦ କୃତଜ୍ଞତା ଦେଇଥିଲି । ପୋକଟାଏ ପଠାଇ ସେ ଲତାଟି ଛେଦିଦେଲେ କାହିଁକି, ଶୁଖିଗଲା, ମରିଗଲା । ଦେଲ କାହିଁକି ନେଲ କାହିଁକି ? ଅସହ୍ୟ ଏ ଯାତ୍ରାପଥ ।

ବାସ୍ ଚାଲିବାକୁ ଆରମ୍ଭ କରିଛି, ବର୍ଷା । ଝଡ଼ ଝଡ଼ ଝଡ଼ ମୁଞ୍ଚନ୍ତୁ ମେଘାଃ କୁସୁମସ୍ୟ ବୃଷ୍ଟିମ୍ । ବାସ୍ ଭିତରକୁ ଆସିଲା ପାଣିଛିଟିକା, ଅଳ୍ପ ଅଳ୍ପ; କ୍ରମେ ବେଶି ବେଶି । ନାୟିକା ଝରକା ବନ୍ଦ କରିବାକୁ ଚେଷ୍ଟା କଲେ । କିନ୍ତୁ ସେ ଅବଳା ପାରିଲେ ନାହିଁ । ଅସହାୟ ଆଖିରେ ଚାହିଁଲେ । ପାଖ ଲୋକଟାର ଦରଦ ନାହିଁ ନା କଣ ? ନାରୀ ଯେଉଁଠି ବିପନ୍ନା ପ୍ରପୀଡ଼ିତା ଓ ଅତ୍ୟାଚରିତା ସେଠି ପ୍ରକୃତ ନାଇଟ୍ ସ୍ଥିର ହୋଇ ବସି ରହିବ ? ସାଙ୍ଗେ ସାଙ୍ଗେ ହାତ ବଢ଼ାଇଁ କଳଙ୍କିତ ବୋଲ୍ଟକୁ ଭିଡ଼ିଓଟାର ଝରକାଟାକୁ ପକାଇଦେଲି । ସେ ତାଙ୍କ ହାତକୁ ଫେରାଇ ଆଣୁ ନ ଆଣୁ ମୁଁ ମୋ ହାତକୁ ପଠାଇ ଦେଇଥିଲି । ହାତକୁ ହାତ ଭେଟାଭେଟି, ଦିହାତ, ହୋଇଗଲେ ? କେଜାଣି !

Digitized by PPRACHIN, SOA

ବର୍ତ୍ତମାନ ମାଳଝରକା ବନ୍ଦ । ବାହାରେ ଆକସ୍ମିକ ମେଘର ମେଳା । ଯେଉଁ ସ୍ତିମିତ ଆଲୋକତ ବାସରଘରର ଛବି ଘଣ୍ଟେ ଆଗରୁ ଆଙ୍କିଥିଲ ବାସ୍ ଭିତରେ ସେଇ ପରିବେଶ ସୃଷ୍ଟି ହେଲା ଯାହା ଅପ୍ରାକୃତ ପ୍ରେମର ଅନୁକୂଳ ।

ସହର ପାରି ହେଲାବେଳକୁ ମେଘ ଛାଡ଼ିଗଲା । ଅସ୍ତଗାମୀ ସୂର୍ଯ୍ୟଙ୍କର କିରଣ ସହିତ କଷ୍ଟ ପବନ ତାଙ୍କୁ ଲୋଡ଼ା ହେଲା । ସେ ପୁଣି ଝରକାଆଡ଼କୁ ଆଙ୍ଗୁଳି ବଢ଼ାଇଲେ । ଏଥର ମୁଁ ସୁଯୋଗ ପାଇଲି ନାହିଁ । ଶବ୍ଦ ନ କରି ସିଧା ସେ କାମ କଲେ । ବାସ ଭିତରେ ବର୍ତ୍ତମାନ ଅପେକ୍ଷାକୃତ ଆଲୋକତ, ପ୍ରାକୃତ ବା ଅପ୍ରାକୃତ ପ୍ରେମର ପରିପନ୍ଥୀ ।

ଗୋଲେଇରେ ବାସ୍‌ଟା ଯିମିତି ବୁଲିଛି ସେମିତି ଲାବଣ୍ୟବତୀ ଅଧା ଛିଡ଼ା ହୋଇ ଅସଯତ ଲୁଗାପଟାକୁ ସଯତ କରିବାର ଚେଷ୍ଟା କଲେ । ମୁଁ ଯିମିତି ତାଙ୍କ ଦେଇ ଝରକାଆଡ଼େ ଚାହିଁଛି ମୋତେ ଏକ ଅଦୃଷ୍ଟପୂର୍ବ ଅବର୍ଣ୍ଣନୀୟ ଦୃଶ୍ୟ ଦିଶିଲା । ଦୂର ପାହାଡ଼ ଶ୍ରେଣୀରେ ଜାଆଁଳାପରି ଯୋଡ଼ାଏ ଶୃଙ୍ଗ, କିଏ ଶିଳ୍ପୀ ଯେପରି ଆଙ୍କି ଦେଇଛି ଚିତ୍ରପଟରେ । ଏତେଦିନେ ବୁଝିଲି କାହିଁକି ପ୍ରାଚୀନ କବିମାନେ ବାରମ୍ବାର ନାରୀର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନାରେ ପାହାଡ଼ ପର୍ବତର ଆଶ୍ରା ନଅନ୍ତି । ପୁଣି ଦେଖିଲି ସେଇ ଯୋଡ଼ା ଶୃଙ୍ଗର ଅଗ୍ରଭାଗରେ ଯୋଡ଼ାଏ ଗଛ ଦୂରରୁ ଅବିକଳ ଚୂଚୁକାଗ୍ରର ଭ୍ରମ-ସଞ୍ଚାର କରୁଛି । ମୁଁ ମୁଗ୍ଧ ହୋଇଗଲି ।

ବାସ୍ ଯାତ୍ରୀଗୁଡ଼ାକ କେବଳ ଅଭଦ୍ର ନୁହନ୍ତି, ଅଲାଜୁକ ଓ ଅଶ୍ଳୀଳ ମଧ୍ୟ । ଘର କଥା, ଗୃହବାସ କଥା ନ ଭାବି ଇଆଡ଼େ ସିଆଡ଼େ କଟମଟ ଚାହିଁବାର କଣ ଦରକାର ?

ଖୁବ୍ ସୁସ୍ଥ ଅନୁଭବ କରି ନାୟିକା ତାଙ୍କ ସ୍ଥାନ ଅଧିକାର କରନ୍ତେ ତାଙ୍କ ଅଙ୍ଗଆବରଣ ତଥା ଆଲୁଳାୟିତ କେଶଦାମ ଯିମିପରି ଯଥାସ୍ଥାନ ଆବୋରି ରହିଗଲେ ।

ବାସ୍ ଯାତ୍ରୀମାନେବି କାଉଁଶି ପ୍ରଭାବରେ ଧୀର, ଶାନ୍ତ ଓ ନିର୍ବାକ ହୋଇଗଲେ ଯେଝା ସ୍ଥାନରେ । ସହର ଛାଡ଼ି ବାସ୍‌ଟି ଖଣ୍ଡେ ଦୂରି

Digitized by PPRACHIN, SOA

ଗଲାବେଳକୁ ଅସ୍ୱାଭାବିକ ମରବତା ପ୍ରାୟ ପୀଡ଼ାଦାୟକ ହେଲା । କିନ୍ତୁ କ୍ଷଣକେ ତାହା ଦୂରୀଭୂତ ହେଲା ଏକ ଅନବଦ୍ୟମୟ ମଧୁର ଗଳାସ୍ୱରରେ ।

ଖରାଦିନରେ ସିମିଳିପାଳ ପାହାଡ଼ର ଅରଣ୍ୟାନୀରେ ଯେତେବେଳେ ଶାଳ ଅଶନ ଚମ୍ପା ଅତଣ୍ଡି ଆମ୍ବ ବୃକ୍ଷଲତା ନୂତନ ପୁଷ୍ପପଲ୍ଲବ ସମ୍ଭାରରେ ଭରାଭାନ୍ତ ହୋଇଥାନ୍ତି ଏବଂ ଝିଙ୍କାରିର ଝିଁ ଝିଁ ଓ ପକ୍ଷୀର କାକଳି ଅଭାବରେ ପାହାଡର ଶାନ୍ତ ଓ ବାତାବରଣ ପୀଡ଼ାଦାୟକ ହୋଇଥାଏ ସେତିକିବେଳେ ଅଦୃଶ୍ୟମାନ ଝରଣାରୁ କୁଳୁ କୁଳୁ ହୋଇ ସ୍ୱନ ଅବଗମ ଉତ୍ଥିତ ହେଲେ ଯିମିତି କର୍ଣ୍ଣାଭିରାମ ହୁଏ ସିମିତି ଅମୃତ ନିସ୍ୟନ୍ଦମୟ ହେଲା ଲାବଣ୍ୟବତୀଙ୍କ କଣ୍ଠସ୍ୱର ।

ପାର୍ବତ୍ୟ ନଈର ଭାଷା ଯିମିତି ବୁଝି ହୁଏନା ସେମିତି ଏ ନାୟିକା କେଉଁ ଭାଷାରେ କଣ କହି ଯାଉଛି ତାହା ମୋର ବୁଝିବାର ସାଧ ନ ଥିଲା । କେହି ’ବି ବୁଝି ନ ଥିଲେ । ଏତେ ଏତେ ବୈଦେଶିକ ସେ ଭାଷା ! କିନ୍ତୁ ଖୁବ୍ ଶ୍ରୁତିମଧୁର । ବୋଇତ ଯେତେବେଳେ ସିଂହଳ ଘାଟରେ ଲାଗିଲା ସାଧବ ଯୁବତୀମାନେ ଯେତେବେଳେ ଆସି ବୋଇତ ବନ୍ଦାଇଲେ ସେତେବେଳେ ଆମ ଓଡ଼ିଆ ସାଧବପୁଏ କଣ ସିଂହଳୀ ଭାଷା ବୁଝୁଥିଲେ ? ଭାଷା ବନ୍ଧନମୁକ୍ତ ନ କରି ମଧ୍ୟ ପ୍ରେମ ବିଆନିଆ ସମ୍ଭବ ।

ଲାବଣ୍ୟବତୀର ହସ ନ ଥିଲା, ଉଦ୍‌ବେଗ, ଉତ୍କଣ୍ଠା ନ ଥିଲା । ତା ଗଳାସ୍ୱର ଉଠୁ ନ ଥିଲା ପଡ଼ୁ ନ ଥିଲା । ଖାଲି କୁଳୁକୁଳୁ କୁଳୁକୁଳୁ । କର୍ଣ୍ଣେନ୍ଦ୍ରିୟର ପରିତୃପ୍ତି ପାଇଁ ଯଥେଷ୍ଟ ।

ଝରଣାର କୁଳୁକୁଳୁ ନିସ୍ୱନ ଶୁଣୁଶୁଣୁ ମୁଁ ତାର ଆଡ଼କୁ ବୋକାଙ୍କ ପରି ଚାହିଁଥାଏ ଏବଂ ଭାବୁଥାଏଁ କେତେ କଣ । ବାସ୍‌ରେ ଯେ ଗୁଡ଼ାଏ ଲୋକ ଅଛନ୍ତି ଏବଂ ହୁଏତ ଆମ ଆଡ଼କୁ ଚାହିଁଛନ୍ତି ସେଥିପ୍ରତି ଝିଅଟା ଯିମିତି ସଚେତନ ନ ଥାଏ ବା ଭ୍ରୂକ୍ଷେପ କରୁ ନ ଥାଏ ମୁଁ ବି ସିମିତି ଅବହିତ ନ ଥାଏଁ ।

ମୁଁ ଭାବୁଥିଲି ଆଗନ୍ତୁକ ଯୁବକ ସହିତ ଯୁବତୀଟିର କଣବା ସମ୍ପର୍କ ଥାଇପାରେ । ବୟସ ଓ ଚେହେରା ଦୃଷ୍ଟିରୁ ପୁରୁଷଟା ସ୍ୱାମୀ ହେବା ଅପେକ୍ଷା ସାନ ଭାଇ ହେବା ବରଂ ସମ୍ଭବପର । ଝିଅଟାର ସୁନ୍ଦାରେ

Digitized by PPRACHIN, SOA

ସିନ୍ଦୁର ନାହିଁ । କପାଳରେ ଇଂରାଜୀର ଛଅ ଅଙ୍କ ପରି ବନ୍ଧଆ; ଜକ୍ ଜକ୍ ଦିଶୁଛି, ଟିକଲି ପରି ଜଣାପଡ଼ୁଛି, ଯାହା ଲଗାଇ ଦେଇ ଉଠାଇ ନେଇ-ହେବ । ବହୁତ ସମୟ ଧରି ନଜର କଲିଣି, ସେ ଦୁହେଁ କେତେବେଳେ ଲଗାଲଗି, ଆଉଜାଆଉଜି ବା ଦିହ ଛୁଆଁଛୁଇଁ ହେଉ ନାହାନ୍ତି । ସ୍ୱାର୍ଥ ହିଂସା ଓ ଅସୂୟାରେ ଆମେ ଅନେକ ନିଶ୍ୱାସକୁ ଶବ୍ଦରେ ସିନ୍ହା, ଖାନ୍ ବା ପ୍ରେମ ସ୍ନେହର ଭାବୁଁ ।

ପ୍ରାୟ ମଧ୍ୟ ଘଣ୍ଟାଏ କାଳ ନଙ୍କର କୁକୁକୁକୁ ଶୁଣିବା ପରେ ମୋ ସାମନାରେ ବାଆଁ ଆଡ଼କୁ ବସିଥିବା ଯୁବକଟି ଶୋଇଗଲା; ଯିମିତି ନିଦ ଆସୁ ନ ଥିବା ଅଝଟ ପିଲା ଆଈବୁଢ଼ୀର ଗପ ଶୁଣୁଣୁ ଶୋଇଯାଏ । ତା ଗାଲ ଦେଇ ଗାରେ ଗରଳ ବି ଝରିବାର ଦେଖିଲି ।

ବାସ୍‌ର ଯାତ୍ରୀଗୁଡ଼ିକ ଯିମିତି ନିଦ ଔଷଧ ଖାଇଛନ୍ତି ସେମିତି ମୁଣ୍ଡକୁ ମୁଣ୍ଡ ବାଡେଇ ହୋଇ ଢ଼ୁଳାଇଲେ; ଏମିତି କି ଛିଡ଼ା ହୋଇଥିବା ଲୋକଗୁଡ଼ାକର ପାଦ ବେଳକୁ ବେଳ ନଡ଼ବଡ଼ ହୋଇ ଯାଉଥାଏ । ମୋତେ ନିଦ ନାହିଁ । ଭୂତମାନଙ୍କ ପାଇଁ ଯାହା ରାତି ବୋଲି ଜଣାଯାଏ ସେତେବେଳେ ସଂଯମୀ ପୁରୁଷ ଜାଗ୍ରତ ଥାଏ, ବୋଲି ଆମ ଶାସ୍ତ୍ର କୁହେ ।

ଭଲ ଗୋଟାଏ ଆରାମଦାୟକ ଭଙ୍ଗୀ ଓ ଆସ୍ଥାନରେ ବସିବା ଅଭିପ୍ରାୟରେ ମୋ ନାୟିକା ପାଦରୁ ଚପଲ ଫିଟାଇ ତଳପା ଝଡ଼ାଝଡ଼ି କରି ଦି ଗୋଡ଼ ଉପରକୁ ଉଠାଇ ସିଟ୍ ଓ ଝରକା କଣରେ ବଙ୍କେଇ ହୋଇ ଆଉଜି ବସି ଗଲେ ଏବଂ ନଖ ପଲିଶ୍ ଦିଆ ଅଙ୍ଗୁଳିକୁ ଶାଢ଼ୀରେ ଢ଼ାଙ୍କାଇ ନେଲେ ଏବଂ ପାର୍ଶ୍ୱର ନିଦ୍ରିତ ଯୁବକ ଆଡ଼କୁ ଗୁହିଁଲେ ।

କି ଗୃହାଣୀ ! କି ଆଖି ! ଥରେ ଦିଲ୍ଲୀରେ ସିମିତି ଯୋଡ଼ାଏ ଆଖି ଦେଖିଥିଲି ଜନୈକା ଇରାନୀ ଯୁବତୀର; ମୁହୂର୍ତ୍ତକ ପାଇଁ ବୁରୁଖା ଟେକି ଖୁବ୍ ଦାମିକା ଲୁଗା ଦୋକାନର ଉପର ଥାକରେ ଥିବା ଛିଟ କନାପୁଡ଼ାକୁ ସତୃଷ୍ଣ ଓ ଆଗ୍ରହୀ ନୟନରେ ଗୁହୁଁଥିଲା ବେଳେ ।

ଆଚ୍ଛା ! ଏ ଯାକେ ତ ସେ ମୋ ଆଡ଼କୁ ସିଧାସିଧି ଗୁହିଁ ନାହିଁ ବା ମୋ ପ୍ରତି ଆକୃଷ୍ଟ ହେବାର କୌଣସି ଲକ୍ଷଣ ନାହିଁ । ଅନୁରାଗ ପରିବେଷ୍ଟିରେ

Digitized by PPRACHIN, SOA

ବରଂ ଅନାସକ୍ତ, ଅନାସ୍ଥା ଓ ଅନାଗ୍ରହ ରହୁଛି । ତାର ବ ଆଖି ଢୁଳୁଢୁଳୁ ହୋଇ ଧୀରେ ବନ୍ଦ ହେବାକୁ ବସିଲ । ପୂରା ବନ୍ଦ କରିବା ପୂର୍ବରୁ ମୋ ଆଡ଼କୁ ଥରେ ଟିକିଏ ଚାହିଁ ଦେଲେ ବଞ୍ଚିଗଲା । କିନ୍ତୁ ଅବାଞ୍ଛିତ ବ୍ୟକ୍ତି ବୋଲି ମୋତେ ସନ୍ଦେହ ଚକ୍ଷୁରେ ଚାହିଁ ନାହିଁତ ।

ଏଥର ରାସ୍ତା ଟିକିଏ ଖରାପ ପଡ଼ିଲ । ପୁରୁଣା ବାସ୍‌ଟା ଏମିତି ଉଠପଡ଼୍ ହେଲ ଯେ ଆମ ଦେହର ଅଙ୍ଗପ୍ରତ୍ୟଙ୍ଗ ମୃଦୁ ନାଚିବାକୁ ଲଗିଲ । ଆପେ ଆପେ କେତେବେଳେ ମୋ ହାତ ଯାଇ ସାମନା ସିଟ୍‌ର ରଡ୍‌କୁ ମୁଠାଇ ଧରିଥାଏ ।

ଦଣ୍ଡେ ପରେ ଅନୁଭବ କଲି ହାତର ଆଙ୍ଗୁଳିଗୁଡ଼ାକୁ କଣ ଗୋଟାଏ ନରମ ଲଗୁଛି । କୋମଳ ସ୍ପର୍ଶ । ହାତମୁଠାର ଠିକ୍ ତଳକୁ ଲଗି ଲମ୍ବିଯାଇଛି ହାତଟାଏ । ଶୋଇଯାଇଛି କହିଲେ ଠିକ୍ ହେବ । ଗୋରା ତକ୍‌ତକ୍, ଚମ୍ପାଫୁଲ ରଙ୍ଗ, ବର୍ତ୍ତୁଳ, ଜୀବନ୍ତ । କହୁଣି ତଳକୁ ହାତର ପୃଷ୍ଠପଟରେ ଏଠି ସେଠି ଗୋଟାଏ ଗୋଟାଏ ଚୂଳ, ଲମ୍ବ, ସରୁ, ଖୁବ୍ କୋମଳ । ବୈପରିତ୍ୟେ ଦ୍ୟୁତି ବଢ଼ାଇ ଦେଉଛନ୍ତି । ସୁନା-ଚୂଡ଼ି, କାଚଚୂଡ଼ି ଓ ଘଡ଼ି, ତାଙ୍କ ଶ୍ରେଷ୍ଠ ମୁହଁଟିପରି ।

ମୁଁ ସଚେତନ ହୋଇଗଲି, ହାତଟି ବରାବର ଫେରି ଆସିଲ ମୋ କୋଳକୁ । ନରମ ହାତର ସ୍ପର୍ଶ ଓ ଉଷ୍ଣତା ପୂରା ଉଭେଇ ନ ଥାଏ ।

ଏତିକିବେଳେ ପଛସିଟ୍ ଉପରେ ଗ୍ରୀନ୍ ବାଲ୍‌ବଟା ଜଳି ଉଠିଲ । ମୁହୂର୍ତ୍ତକେ ବାସ୍ ଭିତରଟା ବେଡ୍‌ରୁମ ବା ବାସରଘରର ରୂପରଙ୍ଗ ନେଲ । ମୋ ସାମନାର ହାତଟା ଆଲୁଅରେ ଖୁବ୍ ରୋମାଣ୍ଟିକ୍ ଦିଶିଲ ।

ତାଙ୍କର ସୌନ୍ଦର୍ଯ୍ୟକୁ ଆଉ ଟିକିଏ ଭଲକରି ଉପଭୋଗ କରିବ ଭାବି ହାତ ପାପୁଲିର ପଛଦେଇ ଆଖିଦିଟାକୁ ପୋଛି ଦେଲି । ହାତ କାହିଁ ? ହାତ ଜାଗାରେ "ଅଣିମାବ ସୁଖଦାୟୀ ଶୋଇଅଛି ଅଣି ହୋଇ ପଲ୍ଲଙ୍କ ଅଙ୍କରେ ଅବା କିଏ ଦେଖିଶୋଭି ।" ଲବଣ୍ୟବତୀ—ଯାହାକୁ ଗ୍ରନ୍ଥରେ ଯାକ ମୁଁ ବୁଲୁଛି ଏତେଦିନ । ଯାହାକୁ ଦଣ୍ଡେ ଆଗରୁ କହୁଣି ଭାବଥିଲି ତାହା ତ ଲବଣ୍ୟବତୀର କଟି, ମଧ୍ୟଦେଶ ।

Digitized by PPRACHIN, SOA

ସ୍ପର୍ଶେନ୍ଦ୍ରିୟଗୁଡ଼ାକ—ଆଙ୍ଗୁଳି, ଅଧର, ଜିହ୍ୱା, ନାସାଗ୍ର—ଅନ୍ୟାନ୍ୟ ଇନ୍ଦ୍ରିୟମାନଙ୍କ ସୌଭାଗ୍ୟରେ ଈର୍ଷ୍ୟାନ୍ୱିତ ହୋଇ ଗରଗର ହେଉଥିଲେ । ଏକାବେଳକେ ସେମାନେ ସମସ୍ତେ ଅତିଷ୍ଠ ଅସମ୍ଭାଳ ହୋଇ ଉଠିଲେ ।

ଗ୍ରାବଲ କାବ୍ୟକ ଗ୍ରନ୍ଥରେ 'ଜାନୁ ଧରଦେବ ହଲଇ' ।

ଏତିକିବେଳେ "ଗ୍ରେକ୍‌କେ" "ଗ୍ରେକ୍‌କେ" ଚିତ୍କାର ଘରେ ଘରେ ଶୁଣିଲି ସେଇ ଶବ୍ଦ 'ଏଡ୍‌ଜାଷ୍ଟ' । ଯାହା ଭିତ୍ତିଥିବା ବାସ୍‌ଯାତ୍ରୀଙ୍କ ଏକମାତ୍ର ସ୍ଲୋଗାନ୍ । ସମସ୍ତେ ତ ଯିବା, 'ଏଡ୍‌ଜାଷ୍ଟ' କଲେ ଜାଗା ହୋଇଯିବ । ଠିକ କଥା, ବିନା ଏଡ୍‌ଜାଷ୍ଟମେଣ୍ଟରେ ବିବାହବିଚ୍ଛେଦ, ଆତ୍ମହତ୍ୟା ଓ ମାଡ଼ାମାଡ଼ି ଆମେ ନିତିପ୍ରତି ଦେଖୁଥାଉଁ । ଖାପ୍‌ଖୁଆଇ ପାରିଲେ ପ୍ରାକୃତ, ଅପ୍ରାକୃତ, ଅବିକୃତ ସମସ୍ତ ପ୍ରେମର ସାଫଲ୍ୟ ଓ ସୁଖ ।

ଏଇ ଖାପ୍ ଖୁଆଇବା ବା ଏଡ୍‌ଜାଷ୍ଟମେଣ୍ଟ ସ୍ତ୍ରୀମାନେ ଯିମିତି ଅନାୟାସରେ କରିପାରନ୍ତି ପୁରୁଷମାନେ ସେମିତି ପାରନ୍ତି ନାହିଁ । ସେମାନେ ଆଗୁସାର ଆଗୁଆନ ନ ହେଲେ ପୁରୁଷର ସବୁ ଚେଷ୍ଟା ବିଫଳ ହୁଏ । ଏଇ ଦେଖୁନାହାନ୍ତି ଆମେ ଯେଉଁଠି ତିନିଜଣ ବସିଛୁ ଏବଂ ଭାରି ଭିଡ଼ ହେଲା କହୁଛୁ ସେତିକି ପ୍ରଶସ୍ତ ସିଟ୍‌ରେ ଗୁଡ଼ିଏ ପିଲାପିଲିସହ ତିନିଜଣ ମୋଟି ମହିଳା ଯାଉଛନ୍ତି ।

ବର୍ତ୍ତମାନ ସମସ୍ୟା ହେଲା ଲାବଣ୍ୟବତୀ ଓ ମୁଁ ସେଇ ଗୋଟାଏ ଉତ୍‌ରେ ଏକତ୍ର ସହାବସ୍ଥାନ ବା ଏଡ୍‌ଜାଷ୍ଟମେଣ୍ଟ କରିପାରିବୁଁ ତ ? ମୋର ଅଙ୍ଗୁଳି ରାଜି, ତାଙ୍କ ମାଂସଳ କୋମଳ ବାହୁ ରାଜି ହେଲେ ତ, ଆଗୁସାର ହେଲେ ତ ? ଅର୍ଥାତ୍ ତାଙ୍କ ମୁଡ୍ ଥିଲେ ତ !

ପରୀକ୍ଷା ପାଇଁ ପୁଣି ଆଙ୍ଗୁଳିକୁ ରଖିଲି ଉତ୍ ଉପରେ ଏବଂ ଏଣେ-ତେଣେ ବୁଲାଇଲି । ମୋ ବୁଢ଼ା ଅଙ୍ଗୁଳିଟା ମାଂସପେଶୀର ସ୍ପର୍ଶ ଅନୁଭବ କଲା । କଷ୍ଟରେ ଫିଟାଇ ଆଣି ପୁଣି ତାଙ୍କର ବିଶ୍ରାମସ୍ଥାନରେ ରଖିଲି । ସେ ସେଠିବି ମୋତେ ଆକ୍ରମଣ କଲେ । ପରସ୍ପର ଧସ୍ତାଧସ୍ତି ହୋଇଗଲା । କେତେବେଳେ ମୁଁ ଉପରେତ ସେ ତଳେ ପୁଣି କେତେବେଳେ ସେ ଉପରେ ତ ମୁଁ ତଳେ । ଥରେ ଦୁଇଥର ଅଙ୍ଗୁଳି କାଲୁଆ ହୋଇଯିବା

Digitized by PPRACHIN, SOA

ଭୟରେ ଫିଟାଇବାର ଚେଷ୍ଟା କଲି । କିନ୍ତୁ ଅସଫଳ ହୋଇ ସେଇଠି ରଖିଦେଲି । ରକ୍ତମାଂସର ଅସ୍ତିତ୍ୱ ଭୁଲି ଇନ୍ଦ୍ରିୟାତୀତ ରାଜ୍ୟରେ ମୁଁ ( ସେ ବି ? ) ଥାଏଁ । ନାଚନାଚ ଗୀତ ଗାଇଗାଇଁ ଚାଲିଥାଉଁ ତାରରାଜ୍ୟକୁ ଆମେ ଦୁହେଁ ।

ପୁଣି ସେଇ ବିକଟ କର୍କଟ ଶବ୍ଦ 'ଖେକ୍‌କେ, ଖେକ୍‌କେ', ପ୍ରକୃତିସ୍ଥ ହେଲି, ସ୍ୱପ୍ନ ଭାଙ୍ଗିଗଲା । ଆରେ ! ଏଇଠିତ ମୋତେ ଓହ୍ଲାଇବାକୁ ପଡ଼ିବ । ଅଙ୍ଗୁଳି ଓ ବାହୁର ସହାବସ୍ଥାନ ଶେଷ ହେଲା । କେତେ ସମୟ ମାଂସପେଶୀ ଭିତରେ ଅଙ୍ଗୁଳିଟା ଗୁପ୍ତ ହୋଇ ରହିଥିଲା ଜାଣେ ନାହିଁ । ନିଷ୍କ୍ରିୟ, ସ୍ୱେଦାକ୍ତ, ସୁଗନ୍ଧମୟ, ମୋଟା, ଟାଣୁଆ ଅଙ୍ଗୁଳିର ସଂସ୍ପର୍ଶ ଓ ଚାପରେ ତାର ଶିରୀଷକୋମଳ ତନୁର ମାଂସପେଶୀ କେତେ ବେଦନା ସହିଥିବ ଭାବି ଅନୁତପ୍ତ ହେଲି, ଏବଂ ଭାବିଲି ଯେଉଁ କାବ୍ୟ ଦୁଇଟାକୁ ଅନୁଧ୍ୟାନ କରି ଜୀବନଯାପନ କରୁଛି ସେମାନେ ମୋତେ କେଉଁ ଅବସ୍ଥାରେ ସର୍ବସାଧାରଣରେ ହନହପଦରେ ଆଣି ପହଞ୍ଚାଇଲେଣି ।

ଉଠି ବସିଲି, ତଳକୁ ଓହ୍ଲାଇବା ପାଇଁ । ଯୋତା ମାଡ଼ିବା ପାଇଁ ଯିମିତି ତଳକୁ ନଇଁଛି ଦେଖିଲି ପ୍ରାୟ ଇଞ୍ଚେ ଦୂରରେ ସେଇ ହାତ; ଗୋରା, ମାଂସଳ ଓ ନରମ ଏପରିକି ସୁଗନ୍ଧମୟ । ମୋର ହାତର ଛାଇରେ ତାହା ଢାଙ୍କି ଯାଉଛି ଯିମିତି ଘାପଟିଏ ପାପୁଲିର ଉଡ଼ାଳରେ ବାହାର ଦୁନିଆଁରୁ ଢାଙ୍କି ହୋଇ ରହେ । କଣ ହେଲା କେଜାଣି ମୋର ସମସ୍ତ ଇନ୍ଦ୍ରିୟ ଏକଜୁଟ ହୋଇ ଅଧରଯୋଡ଼ିକୁ କଣ ଇଙ୍ଗିତ ଦେଲେ । ମୁଁ ଆଉ ଆଗପଛ କିଛି ନ ଭାବି "ଭଜୁ ନ ଭଜୁ ବାନ୍ଧବୀ ଥରେ ହେଲେ ଚୁମିଥିବି" ମନେ ପକାଇ ନାକ ପାଟି ଜଉ ଆଖିକୁ ପୂରାପୂରି ବାହୁରେ ଥାପିଦେଲି ।

ଲାବଣ୍ୟବତୀ ସେଥିପାଇଁ ପ୍ରସ୍ତୁତ ଥିଲେ । ଚମକିଲେ ନାହିଁ ।

ବାସ୍ ଚାଲିଗଲା । ଅଭିଶପ୍ତ ନାୟକପରି ମୁଁ ମର୍ତ୍ତ୍ୟକୁ ଫେରି ଆସିଲି । ଅବୋଧ ହେଲେବି ରସୋତ୍ତୀର୍ଣ୍ଣ କାବ୍ୟ ଅସମ୍ପୂର୍ଣ୍ଣ ରହିଗଲା । ଇଷ୍ଟଦେବଙ୍କୁ ଧ୍ୟାଇ ପାରିଲି ନାହିଁକି ଭଣିତା ପର୍ଯ୍ୟନ୍ତ ଯାଇପାରିଲି ନାହିଁ । କେବଳ ମନଶ୍ଚକ୍ଷୁରେ ଦେଖିଲି ଗ୍ରୀନ୍ ବାଲ୍‌ବରେ ଆଲୋକିତ ଗ୍ରୀନ୍ ବାସ୍

Digitized by PPRACHIN, SOA

ବଣଜଙ୍ଗଲର ଗୁଡ଼ାଏ ଫୁଲ, ଫଳ, କାକଳି ଓ କୁଳୁକୁଳୁ ନିନାଦ ନେଇ ଗ୍ଳଲିଯାଉଛି ଏବଂ ପୁଣି ଅନୁଭବ କଲି ଥଣ୍ଡା ଭିତରେ ବାହୁ ଓ ଅଙ୍ଗୁଳିର ଏଡ୍‌ଜାଷ୍ଟମେଣ୍ଟର ଉଷ୍ଣତା ।

ଖାଲି ଏତିକି ଜାଣିପାରିଲି ନାହିଁ ଯେତେବେଳେ ଲାବଣ୍ୟବତୀଙ୍କୁ ସମ୍ବର୍ଦ୍ଧନା ଜଣାଇବାପାଇଁ ତାର ସାଙ୍ଗସାଥୀମାନେ ବାସ୍ ଷ୍ଟାଣ୍ଡରେ ଭେଟିବେ ସେତେବେଳେ ତାକୁ ଏକୁଟିଆ ଦେଖି ସେମାନେ କଣ କହୁନଥିବେ "ସଖି ! ଚନ୍ଦ୍ରଭାନୁକୁ ପୁଣି କେଉଁଠି ହଜାଇଲୁ ?"

Digitized by PPRACHIN, SOA

# କାଠ

ବନ୍ଧୁ ତର୍କବିତର୍କ ପରେ ନିଷ୍ପତ୍ତି ହେଲା ଚିରା କାଠ କିଣିବା ଅପେକ୍ଷା ଗୋଦାମରୁ ଗୋଟା ଗଡ଼ ବା ମୁଣ୍ଡା କାଠ କିଣି ଆଣି ଘରେ ଚିରାଇବା ଲାଭଜନକ ହେବ ।

ତଦନୁଯାୟୀ ଭାରତ କାଠ ଗୋଦାମରୁ ଦୁଇ କୁଇଣ୍ଟାଲ ଗଣ୍ଡି କାଠ ଠେଲାଗାଡ଼ିରେ ଆଣି ଘର ସାମନା ପଡ଼ିଆରେ ପକାଇ ଦେଲି ।

ଗୋଦାମବାଲା କହିଲା, "ଏଇ ଯେଉଁ ଶୁଖିଲା ମୁଣ୍ଡା ଦେଖୁଛନ୍ତି ତାହା ଦୁଇ ବରଷର ପୁରୁଣା; ଶୁଖି ଠଣ ଠଣ କରୁଛି । ଧଅ କାଠ । ଚିରଦେଲେ ବାରୁଦ ପରି ଜଳିବ । ବାର ଟଙ୍କା କୁଇଣ୍ଟାଲ, କମ୍ ଦାମର ନେବେ ତ ଶାଳଗଣ୍ଡି ଅଛି; କଞ୍ଚା ପଡ଼ିବ; ଛେଳି ଅଛି; ଧୂଆଁ ହବ ।"

ଜଙ୍ଗଲ ରାଜ୍ୟର ଲୋକ ମୁଁ, ଜାଣିଛି କେଉଁ କାଠ କିମିତି ଜଳେ । ବେଶି ଦାମ୍ ପଡ଼ୁ ପଛକେ ଫୁରୁଫୁରୁ ହୋଇ ଜଳିବା କାଠକୁ ପସନ୍ଦ କଲି । ଘର କଣରେ ଅଳନ୍ଧୁ ଜମିବ ନାହିଁ କି ଧୂଆଁରେ ପଙ୍ଖାଗୁଡ଼ାକ କଳା ହେବ ନାହିଁ ।

କିନ୍ତୁ ଆଜକୁ ହପ୍ତାଏ ହେଲା କାଠ ଯେଉଁଠି ସେଇଠି ପଡ଼ିଛି । ଚିରା ହେବାର ନାଆଁଗନ୍ଧ ନାହିଁ । ମକର ପର୍ବ ଯୋଗୁଁ ସାନ୍ତାଳଙ୍କ ଦେଖାଦର୍ଶନ ମିଳୁ ନାହିଁ । ତାଙ୍କର ଦାଣ୍ଡିଆ, କୁକୁଡ଼ା ଲଢ଼େଇ, ଧୂମୁଷା ମାଦଳ ସରିବ ନା ମୋ' କାଠ ଚିରା ହେବ !

ଏଣେ ଘରେ ଫାଳଏ ବୋଲି କାଠ ନାହିଁ । କାଠ କଟା ହେଲେ ଜଳାଯିବ । ଆଜି ରବିବାର, ବେଳ ନଅଟା ହେଲାଣି, ପ୍ରଚଣ୍ଡ କଣକଣି ଶୀତ ସାଙ୍ଗକୁ ହିମାଳ ପବନ । ବାରଣ୍ଡାରେ ଆରାମ ଚେୟାରଟା ପକାଇ

Digitized by PPRACHIN, SOA

ଖଟ୍ଟିକୁ ପିଠି କରି ବସିଥାଏଁ ଏବଂ ଖବର କାଗଜରୁ ଆଦିବାସୀମାନଙ୍କ ପାଇଁ ଗତ ତିରିଶ ବର୍ଷ ଧରି ଆମେ କ'ଣ କ'ଣ କରିଛୁଁ ତା'ର ବିବରଣୀ ଓ ଲ୍ଭସାବନ୍ଦଭାବ ଅନୁଧ୍ୟାନ କରୁଥାଏଁ ।

ହଠାତ୍ ମୋଟା ଖେ ଖେ ଭୁକ ଉଠିଲା । ଚମକିପଡ଼ି ଦେଖିଲି କାନ୍ଧରେ କୁରାଢ଼ୀ ପକାଇ ଗୋଟାଏ ବୁଢ଼ା କାଠ ଚିରାଳି ସଡ଼କରୁ ମୋ' ଆଡ଼କୁ ଚାଲି ଆସୁଛି । ସିଧା ସାମନାକୁ ଆସି ସେ ପଚାରିଲା, "କାଠ୍ କାଟିବୁ ବାବୁ ?"

ମନେ ମନେ ଭାବିଲି ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଆମ ସମକକ୍ଷ କରିବାର ଚେଷ୍ଟା କଲୁଁ ସିନା, ଲାଭ କିଛି ହେଲାନି; ଭାଷା ଠିକକରି ବି ଶିଖାଇ ପାରିଲୁନି । କହୁଛି କ'ଣ ନା "କାଠ୍ କାଟିବୁ ବାବୁ ?" କି ହିପ୍ସା ! କି କର୍ଣ୍ଣ !

ଖତେଇ ହୋଇ ତା'ରି ଗଳା ସ୍ୱର ଅନୁକରଣ କରି କହିଲି "ହଁ ହଁ, କାଟିବି, କାଟିବି; କେତେ ନବୁ ?"

ସେ କାଠ ଆଡ଼କୁ ଚାହିଁଲା । କହିଲା, ଦୁଇ କୁଇଣ୍ଟାଲ ହବ । ଗୁଦାମରେ ତ ବାବୁ ଆମକୁ ଦୁଇ ଟଙ୍କା କରି ଦଉଛି କୁଇଣ୍ଟାଲ । ଏଇ ବଜାର୍‌ଟାରେ ଗୁଟେ ଦର ନା ଦୁଇଟା ? ତୁ ଚାରି ଟଙ୍କା ଦବୁ, ଆଉ କେତେ ?

"ନାହିଁ, ନାହିଁ; ଚାରିଟଙ୍କା ହବନି, ମୋତେ ବହୁତ ପଡ଼ିଯାଉଛି । ସାଢ଼େ ତିନି ଦେବି, କାଠବାଲା ନେଲା ଚବିଶି, ଠେଲାବାଲା ଚାରି, ତୁ ନବୁ ଚାରି, ବତିଶି ଟଙ୍କା ପଡ଼ିଗଲା । ଗେସ୍ ଚୁଲ୍ଲୀ ତ ବରଂ ଶସ୍ତା ହବ । ତିନି ଟଙ୍କା ଆଠଣାରେ କାଟିବୁ ତ କାଟ୍, ନ ହେଲେ ଚାଲିଯା ।"

ସେ କଅଁଳ ଗଳାରେ କହିଲା, "ତୁ ବି ବାବୁ ଏମିତି କାଠୁଆ ହବୁ ତ ଆମରି ଗରିବ୍ ଲୁକ ବଞ୍ଚିବ କମିତି ? ଚରିଣା ଆଠଣା ଲାଗି ଆମରି ସାଙ୍ଗରେ ଝଗଡ଼ା କରିବୁ ? ତତେ ଭଗବାନ୍ ବଡ଼ ଲୁକ୍ କରିଛି । କେତେ ପଇସା ତରି କେଁଆଡ଼େ ଚାଲିଯାଉଛି । ଆମରି ଗରିବ ଲୁକ୍‌ର

Digitized by PPRACHIN, SOA

ପେଟରୁ କାଟିଲେ ତର ପେଟ ପୂରିବ ? ଗୁଦାମବାଲା ଗୁଦାମରେ ଗୃହ ଦେଇ କରି ପାହାଡ଼କୁ ଗେଲା ବୁଲି ତର ଏଠାକୁ ଆସିଛୁ, ନ ହେଲେ…"

କଲେଜ ପଢ଼ୁଆ ପୁଅ ( ଯେ ଜୀବନରେ ପଇସାଟିଏ ବି ରୋଜଗାର କରି ନାହିଁ ) ଦରଜା ପାଖରେ ଛିଡ଼ା ହୋଇ ଶୁଣୁଥିଲା । ହଠାତ୍ ତରଳଯାଇ କହି ପକାଇଲା, "ହେଲା, ହେଲା, ଚୁପ୍‌କର, ଆଉ ସ୍ବରଅଣା ନବୁ ।"

ପୁଅ ଆଡ଼କୁ କଟ୍‌ମଟ୍ ଗୃହିଁ ଇଂରାଜୀରେ କହିଲା, "ପଇସା ତତେ ଶସ୍ତା ହୋଇଛୁ । ଦେଖିଥାନ୍ତୁ ସେ ସେତିକରେ କାଟିଥାନ୍ତା କି ନାହିଁ ।" କାଠ କଟାଳିକୁ କହିଲା, "ଯା ଯା ଏଥର କାଟ୍ । ପୁଅ ତ କହିଦେଲାଣି ।"

ଦୁଇ ପରସ୍ତ କରି ଘୋଡ଼ିଥିବା ଅଳପ ଓସାର ନାଲି ଧଡ଼ିର ଶାଢ଼ୀଟାକୁ ଟ୍ରସ ଦେହରୁ କାଢ଼ି ପାଖ ବେଗୁନିଆଁ ଗଛ ଡାଳରେ ଲଟକାଇ ଦେଲା । କାନର ଗଣ୍ଡି ଫିଟାଇ ଦୋକତା ଚୂନ ବାହାର କରି କଳରେ ଜାକି କୁରାଢ଼ୀ ଧଇଲା ।

ବୟସ ଓ ଚେହେରାରୁ ତା'ର ପାରିବାର ପଣିଆଁରେ ମୋର ଘୋର ସନ୍ଦେହ ହେଲା । ଭାବିଲି, ଲୋଭରେ କାମ ଧରିଛି ସିନା, ଦୁ' ଦିନ ଲାଗିବ କାଟିବାକୁ ।

ଗୋଟାଏ ଗଡ଼ ଉପରେ ଲମ୍ବେ ଲମ୍ବ ଆଉ ଗୋଟାଏ ଗଣ୍ଡିରଖି ମାରିଲା ପ୍ରଥମ ଚୋଟ । ପ୍ରାୟ ଦୁଇ ଇଞ୍ଚ ଭିତରକୁ କୁରାଢ଼ୀଟା ଭେଦି ଗଲା । ‌ଟାଣି ବାହାର କରିବାକୁ କଷ୍ଟ ହେଲା ତାକୁ ।

ପଗୃରିଲି : କାଠ କମିତି ଦେଖୁଛୁ ? ଭଲ ଜଳିବ ନା ?

ସେ କହିଲା, "କାଠ ଭଲ୍ ଯେ ବାବୁ ! ହେଲେ ତର ନାଉ, ମର ନୁକସାନ୍ । ଦେଖ୍‌ନା କାଠ କମିତି ବାଙ୍କୁଆ, ଗଣ୍ଠିଆ । ଯେତିକି ଚେମଡ଼ ତେତିକି ଟାଣ । ଧଅ କାଠ ବାବୁ ! କୁରାଢ଼ୀ ବାଙ୍କିଯିବ । ଆମର ଗୁଦାମରେ ତ ଏଗା ଦୁଇ ବରଷ ପଡ଼ିଥିଲା । କେହି ନେଲା ନାହିଁ, କେହି କାଟିତେ ଖୁଜେ ନାହିଁ, ଭଲ ଜଳିବ । ହେଲେ ଯିଏ କାଟିବ ତା'ର ହାତ ଫୁଟୁକା ହେଇଯିବ, ଚମଡ଼ା ଛୁଡ଼ିଯିବ ।"

Digitized by PPRACHIN, SOA

ଆଉ ପାହାରେ ହେଲା । ଠିକ୍ ଜାଗାରେ ମାଡ଼ ବସିଲା । ପୁଣି ପାହାରେ । ଫାଳଏ କାଠ ଖଣ୍ଡେ ଦୂରରେ ଛିଟିକି ପଡ଼ିଲା ଘୂରିଘୂରି ।

ମୁହୂର୍ତ୍ତେ ଅପେକ୍ଷା ନ କରି କହିଲି, "ଏତେ ବଡ଼ ଫାଳ କରିବୁ ନାହିଁ । ଆମର ଚୂଲି ସାନ । ଆହୁରି ଗୋଟେ, ପତଳା କରିଦେ ।"

ତାଚ୍ଛିଲ୍ୟରେ ମୋ ଆଡ଼କୁ ଚାହିଁ ସେ କହିଲା, "ଏ ବାବୁ ! ତୁ ଚୂପ୍‌କରି ବସିଥା ନା । ଦେଖ୍, ମୁଁ ଠିକ୍ ସାଇଜ୍ କରି ଦଉଛି କି ନାହିଁ । ଏତେ ବରଷ ଆମର ବଜାରକୁ ଆସିଲା, ତର କାଠ କି ରକମ ଦରକାର ଜାଣେ ନାହିଁ ଭାବୁଛୁ ?"

କୌତୁହଳୀ ହୋଇ ପଚାରିଲି, "କେତେ ବରଷ ହେଲା ବଜାରକୁ ଆସିଲୁ ? କେଉଁଠୁ ଆସିଲୁ ?"

"ମୟୂରଭଞ୍ଜରେ ମର ଘର ବାବୁ ! ବେତନଟୀ ପାଖିରେ । ଯୁଦ୍ଧ ଲାଗିଲା ବରଷ ଆମର ରେମୁଣାକୁ ପଳେଇ ଆସିଲା । ମୟୂରଭଞ୍ଜରେ କେତେ ଡାହାଣୀ ଦେବତା, କଞ୍ଚା ଖାଇଦେବେ । ମର ଡଗର ଡାଗର ପୁଅ ଦୁଇଟା ଆଉ ଆଗ ଭର୍ତ୍ତା ଏକା ଦିନରେ ମରିଗଲେ । ଜମିଜାଇଗା ଖୋଳତାଡ଼ ଯାହା କରିଥିଲା ସବୁ ତୁମର ହାଟୁଆମାନେ ନେଇଗଲା ।"

"ସରକାରଠୁଁ ଜମି ନେଲୁଣି ? ସରକାର ଘର, ଜମି ସବୁ ଦଉଛି, ତୋର ତ ଜମିଜାଇଗା ଘରଦ୍ୱାର କିଛି ନାହିଁ ।"

"ଦେନା ବାବୁ ଘରଦୁଆର ଜମିଜାଇଗା କରେଇ ଦେ । ଦେଖେଁ କେତେ ଅଣ୍ଡିଆ ଦେଖେଇ ହେଇଛୁ । ଆମର ଯେତେ ନୁକର ଘର, ଜମି ନାହିଁ ସମସ୍ତଙ୍କୁ ଦେଲେ ତୁମରମାନେ କି କରିବ, କାହିଁ ରହିବ ?"

"ଛୁଆମାନଙ୍କୁ ପାଠ ପଢ଼ଉଛୁ ?"

"ଏ ବାବୁ ! ପାଠ ଶାଠ୍ ତାଙ୍କୁ ପଢ଼େଇଲେ ତର ସଉଦା କାମ କରିବ କିଏ ? ଜମି ଚଷିଦବ କିଏ ?"

ପରିବାର କଲ୍ୟାଣ ବିଷୟରେ ପଚାରିଲାରୁ ସେ କହିଲା, "ତୁମର ମାନଙ୍କର ସିନା ବାବୁ ବେଶି ଛୁଆ । ଆମର ଜାତରେ ଜଣକା

Digitized by PPRACHIN, SOA

ଗୁଟେ ନ ହେଲେ ଦୁଇଟା । ତର ଭିତରକୁ ଛୁଆପିଲା ତ କାମଦାମ କରୁ କରେନା, ସେଇପାଇଁ ତ ହାଇରାଣ ହଉଛୁ, କଷ୍ଟେଇ ହଉଛୁ ।"

ଏଥର ସେ ମୋତେ ପଚାରିଲା "ହେଁ ବାବୁ ! ଆମର ମୟୂରଭଞ୍ଜର ମାହାରାଜା ଗେଲାଠୁଁ ଆଉ ତ ରଜା ନାଇଁ । ଖାଲି ମନ୍ତ୍ରୀ ଆସୁଛନ୍ ଯାଉଛନ୍ । ନାଇଁ ?"

ଭାବିଲି ଏ ଏକବାଗିଆ ମୂର୍ଖକୁ ରାଜକଥା ପଚାରି ବା ଶୁଣାଇ କିଛି ଲାଭ ନାହିଁ । ବରଂ ମୋ କାମ ଧିମେଇ ଯାଉଛି । ତେଣୁ ତା କାଠକଟା ଗୁଡ଼ାକୁ ଦେଖିବାକୁ ଲାଗିଲି ।

ପୋଖତ ସମାଲୋଚକ ଯିମିତି ଡେଇଁ ପଡ଼ି ଆଧୁନିକ କ୍ଲିଷ୍ଟ, ଅବୋଧ କବିତାକୁ ତନ୍ନତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି, ଏ କାଠୁରିଆ ବି ଯିମିତି ଅଶେଷ ଆଗ୍ରହରେ ଗଣ୍ଠି କି ଶିରାଳ କାଠକୁ ଛିନ୍ନଭିନ୍ନ କରି ମଞ୍ଜି ବାହାର କରି ଦେଉଛି । ଭଗବାନ ତାର ଶିରାପ୍ରଶିରା ରକ୍ତମାଂସକୁ ଏମିତି ନୈସର୍ଗିକ ଶକ୍ତି ଦେଇ ଗଢ଼ିଛନ୍ତି, ଯିମିତି ଜୀବନସାରା ଏଇ ବୃକ୍ଷରାକ୍ଷସଗୁଡ଼ାକୁ ସେ ଖଣ୍ଡ ଖଣ୍ଡ କରି କାଟି ଆନନ୍ଦ ପାଉଥିବ ।

ଦେଖୁଁ ଦେଖୁଁ ସେ ଘଣ୍ଟାଏ ଦେଢ଼ ଘଣ୍ଟା ଭିତରେ ଅଧାଅଧି କାଠ ଚିରିଦେଲା । ଗତଥର ତାର ଜାତିର ଲୋକଟା କାଠସବୁ ମୋଟା ଲମ୍ବା ଲମ୍ବା କରି ଚିରି ଥିଲା । ମାସେ ଜାଗାରେ ଅଠାଇଶ ଦିନ ଗଲା । ଏଥର କାମ ଆଦାୟ କରିବାପାଇଁ ନିଜେ ମୁଁ ଜଗି ବସିଛି । ଯିବ କୁଆଡ଼େ ?

ତା' ପାଖକୁ ଯାଇ କେତୋଟା ଫାଳ ଅଲଗା କରି ଦେଇ କହିଲି "ଏଗୁଡ଼ାକ ପତଳା କରିଦେବୁ ।" ଯଦିଓ ସେଗୁଡ଼ାକ ଶ୍ରେଷ୍ଠ ଶ୍ରେଷ୍ଠ ଥିଲା ।

ଲୋକଟା କ୍ରମେ କ୍ରମେ ଅଳ୍ପ ହାଲିଆ ହୋଇଗଲାଣି ବୋଲି ମୋର ଭୟ ହେଲା । ପ୍ରତିଥର ଚୋଟ ପାଇଁକୁ ତା ପାଟିରୁ ଏଁଃ ଏଁଃ ଶବ୍ଦ ବାହାରୁ ଥାଏ ।

କୌତୂହଳବଶତଃ ତା ହାତରୁ କୁରାଢ଼ୀଟା ନେଇ ଉଠାଇଲି । ବାବା ! କେଡ଼େ ଭାରି ! ଥରେ କାଠଗଣ୍ଡିରେ ଚୋଟେ ପକାଇଲି । ଲକ୍ଷ୍ୟ

Digitized by PPRACHIN, SOA

ସ୍କେଲର ଆଠ ଆଙ୍ଗୁଳ ଦୂରରେ ଠିକଣା ପଡ଼ଲା କୁରାଡ଼ୀଟା । ପଚାରିଲି "କେତେ ଓଜନ ଅଛି ?"

ଢ଼ିମା ପଥର ଗୋଟାକରେ କୁରାଡ଼ୀ ମୁନ ପଜାଉ ପଜାଉ ସେ କହିଲା, 'ଦୁଇ କିଲ ନୁହାରେ କରିଛି ବାବୁ ! ଗୁଦାମରଟା ଦୁଇ କିଲ ଆଉ୍ ଅଧେ ।'

ପଚାରିଲି 'ବାର ବାଜବ । ଆଜି ସାରି ପାରିବୁ ତ ?'

'ତୁ ତ ବାବୁ ଖାଲି ବକର ବକର ହେଉଛୁ, ତର କାମ ତୁ କର । ତର କାଠ କେଡ଼େ ଟାଣ ଦେଖିଲୁ ଯେ ।'

ଦେଖିଲି, ତା'ର ପେଟ ପିଠି ଏକାଠି ଲାଗି ଯାଇଛି । ମୋ ପେଟରେ ଯେତେ ଚର୍ବି ତା'ର ଶରୀରେ ସବୁଗରୁ ସବୁଗେ ଭଲା ତା'ର ଥାଆନ୍ତା । ଭୁଲରେ ପାଟିରୁ ବାହାରି ପଡ଼ିଲା 'ସକାଳୁ କଣ ଖାଇ କରି ଆସିଛୁ ?'

ଗରିବ ନୁକର ଘରେ କଣ ଅଛି ଯେ ସକାଳୁ ଉଠି ବସି କରି ଖାଇବ ? ଖାଲି ତୋରାଣି କଂସାଏ ପିଇ କରି ଆସିଛି । କାଲ୍ ଆଉ· ଛୁଆ ଦୁଇଟା ପଖାଳ ମୁଠାଏ ମୁଠାଏ ଖାଇ କରି ସଡ଼ପ୍ କାମକୁ ଗଲେ ।

ଗୋଷାଇ ଘର ଆଡ଼ୁ ଆସୁଥିବା ମହକ ଶୁଙ୍ଘି ମୁଡ଼ି ଆଉ କଷା ମାଉଁସ ଖାଇବ ବୋଲି ଘର ଭିତରକୁ ଗଲି । ଗୃହକର ପିଲା ଚୈତନ କହିଲା, 'ବାପା ! ତାକୁ ରୁଟି ଦୁଇଟା ଦେବା ? ବଳିଛି ।'

'କୁକୁରକୁ ଦେଲୁନ ? ଏତେ ରୁଟି କରୁଛୁ କାହିଁକି ? ରୁଟି ହାଖଣ୍ଡର ଦାମ ଶ୍ହରଣା । ସେ ସେଇ ଶ୍ହରଣା ଛାଡ଼ୁନାହିଁ ପରା ।'

'କାଲି ସକାଳର ରୁଟି ବାପା ! ଅସରପା ବୁଲି ଯାଇଛନ୍ତି । କୁକୁର ବି ଛୁଇଁଲା ନାହିଁ ।'

ବାହାରକୁ ଆସି ମୁଡ଼ି, କଷା ମାଉଁସ ପାଟିରେ ପକାଇ ପକାଇ ଶରଧାରେ ପଚାରିଲି 'ରୁଟି ଖାଇବୁ କରେ ?'

'ଦବୁ ତ ଦେ ବାବୁ ! ତର ଛୁଆପିଲାର ପେଟରୁ ବଳୁଛି ଯଦି' ।

ରୁଟି ଓ ଏଲୁମିନିୟମ ପାଇଖାନା ଲୋଟାରେ ପାଣି, ଚୈତନ ଥୋଇ ଦେଇ ଗଲା । ପାମ୍ପଡ଼ ଗ୍ରେବାଇଲା ପରି ଖ୍ରୋଟି ଦୁଇଟା କଡ଼ କଡ଼

Digitized by PPRACHIN, SOA

ଗ୍ଲେବାଇ ଢ଼କ ଢ଼କ କରି ପାଣିଲୋଟାକ ପିଇଗଲା ସେ ଏବଂ ଲୋଟାକୁ ପାଉଁଶରେ ମାଜ ସଫା କରିଦେଲା, ଏବଂ ପୁଣି ଚୂନ ଦୋକଡା ପାଟିକୁ ପକାଇ ଶେଷ ପ୍ରସ୍ତୁ କାମ ଧଇଲା ।

କହିଲ, ଦେଖ୍, ମୁଁ ଭାତ ଖାଇବାକୁ ଯାଉଛି । କାଠ ସବୁ ଘର ଭିତରକୁ ବୋହିଦବୁ, ସନ୍ଧାଓ କାଠ ବୋହିବା କାମ ତା'ର ନୁହେଁ, ମୋର ।

ସେ କିନ୍ତୁ ତଦ୍ଧଣ୍ଡେ କହିଲା, 'ଏ ବାବୁ ! ମୁଁ କାଟିବି, ତୁ ବୋହିବୁ ? କୁକୁରଟା ବାନ୍ଧିଦେ । କାଠ ଘରଟା ଦେଖା । ଚୈତନ କୁକୁର ବାନ୍ଧି କାଠ ଘର ଦେଖାଇଦେଲା ।

ଗାଧୋଇ ପାଧୋଇ ରବବାଛିଆ ଗରିଷ୍ଠ ଭୋଜନ ପରେ ସିଗାରେଟ୍ ଲଗାଇ ଅଗଣାକୁ ଯାଇ ଦେଖିଲ କାଠ ସବୁ ବଡ଼ିଆ ସଜା ହୋଇ ସାଇତା ହୋଇଛି । ବାହାରକୁ ଯାଇ ଦେଖିଲ ଇଞ୍ଚେ ଦ'ଇଞ୍ଚିଆ ଟୁକୁରା କାଠସବୁ ଭଣି ହୋଇ ପଡ଼ିଛି । ଗୋଟାଇ ଆଣିଲେ ପ୍ରାୟ ଆଠଣାର କାଠ ବାହାରିବ । ବନା କିରୋସିନରେ ଚୁଲି ଧରାଇ ହେବ । ନଜେ ଝୁଡ଼ି ଓ ଖରକା ଆଣି ତା ହାତକୁ ବଢ଼ାଇ ଦେଇ କହିଲ, "ଚେନାଗ୍ଲେଫଗା ସବୁ ଭଲ କରି ଖରକ ଗୋଟାଇ ଦେ । କୁକୁର ପାଦରେ ଫୁଟିଯିବ । ସେ ଏଇଠି ଖେଳେ ।"

ବନା ଓଜର ଆପତ୍ତିରେ ସେ କାମ ବି ସେ କଲା ଏବଂ ବେଗୁନିଆ ଗଛରୁ ଓଡ଼ଣି ଆଣି କୁରାଢ଼ୀ କାନ୍ଧରେ ପକାଇ ଛିଡା ହେଲା ପାଉଣା ଆଶାରେ ।

ଦ'ଖଣ୍ଡି ଦ'ଟଙ୍କିଆ ନୋଟ୍ ତା ହାତକୁ ବଢ଼ାଇ ଦେଇ କହିଲ "ଦେ ଗୁରଣା ପଇସା ।"

ଅସହାୟ ଚକ୍ଷୁରେ ଗୁହିଁ ସେ କହିଲା, "ମର୍ ପାଖରେ ପଇସା କାଇଁ ବାବୁ ! ଖାଲି ହାତଟାରେ ତୁ ସଖାଙ୍କୁ ଘରୁ ଆସିଲ ।"

ମୋ ଘରେ ଖୁଚୁରା ଯେ ନ ଥିଲା ତା ନୁହେଁ କିନ୍ତୁ ପଞ୍ଚସ୍ତର ପଇସା ଦେଉଛି କଏ ? କହିଲ "ଗୋଟାଏ ନୋଟ୍ ନେଇ ବଜାରରୁ ଭଙ୍ଗେଇ ଆଣ ।"

Digitized by PPRACHIN, SOA

"ଆଜ ରଇବାର ପରା ବାବୁ ! ଦୁକାନବଜାର ସବୁ ବନ୍ଦ ଯେ ! ଗୃରଣା ପଇସା ଥାଉ ମର ଉପରେ । ଆର ମାସକୁ କଟେଇ ନବୁ ।"

"ନା ନା, ସେ କଥା ହବ ନାହିଁ । ତୁ ଆସିବୁ ନ ଆସିବୁ କ ବିଶ୍ୱାସ !"

ହାଣ୍ଡିଆ ଖାଇଲେ ଆଖି ଯିମିତି ଲାଲ ହୁଏ ସେମିତି ଆଖିରେ ମୋ ଆଡ଼କୁ ଗୃହିଁ ଯୁଗ ଯୁଗର ସଞ୍ଚିତ ଘୃଣା କ୍ରୋଧ ବିସ୍ଫୋରଣ କରି ସେ କହିଗଲା, "କ କହିଲୁ ବାବୁ ! କ ବିଶ୍ୱାସ ! ଏତେବେଳ ଯାଏଁ ମତେ ଠେକାଠେକ କରି ଭୁଲେଇ ଚୁକେଇ ତର ସବୁ କାମ ଆଦାୟ କରି ନେଲୁ । ମର ଜମିଜାଇଗା ବି ସବୁ ତୁମରମାନେ ନେଲ, ମର ନ କରିବା କାମ ବି କରିଦେଲ । ଦୁଇଟା ଶୁଖିଲା ରୁଟି ଦେଲୁ ଯେ ଭାବିଛୁ ତେର ଦେଲୁ । କହୁଛୁ 'କ ବିଶ୍ୱାସ ! ଆମର କ ମଣିଷ ନାଇଁ ବଣର ଭାଲୁ ହେଇଛୁ ? ପଇସାରେ ବଡ଼ ମୁକ ଦେଖେଇ ହେଇଛୁ । ମୁଁ ତର ଗୃଲାକି ସବୁ ବୁଝିଛୁ । ନେ ତର ପଇସା ।"

ନୋଟ ଦୁଇଟା ମୋ ଆଡ଼କୁ ଫଡ଼୍ଫାଡ଼୍ ଫୋପାଡ଼ି ଦେଇ ମୁହଁ ଥମ ଥମ କରି ଏକମୁହାଁ ଫାଟକ ପାରିହୋଇ ସଡ଼କ ଧଇଲା ।

ତା'ର ରୁଦ୍ରମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି ଏ ଲୋକଟାକୁ ସଜାଗ ସଚେତନ କରି ଗୃଳି ଉସୁକାଇ ମୁଁ ବଡ଼ ଭୁଲ କରିଛି । ଯଦି ସେ ବୁଝି ପାରିବ ଏ ଯାବତ୍ ତା ପ୍ରତି ମୋର ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନ ଥାଇ, ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉତ୍ତ୍ୟକ୍ତ ଓ ଉତ୍କ୍ଷିପ୍ତ ହୋଇ ବୁଲି ପଡ଼ିବ । ଆଉ ଗୋଟାଏ ଧଅ କାଠଗଡ଼ ରହିଗଲା ଭାବି ଦୁଇକେଜିଆ କୁରାଢ଼ୀରେ ହୁଏତ ମୋର ଗୁନ୍ଥି ମୁଣ୍ଡକୁ ଚିରି ଦୁଇଫାଳ କରିଦବ । ଏ ଭୟାବହ ପରିଣତିର କଳ୍ପନାରେ ଆତଙ୍କିତ ହୋଇ ତତ୍‌କ୍ଷଣାତ୍ ଚୈତନ ହାତରେ ନୋଟ ଦୁଇଟା ତାକୁ ଦେବାପାଇଁ ପଠାଇଦେଲି ଏବଂ ଘର ଭିତରକୁ ତରବରରେ ପଶି ଆସି ଧଡ଼୍ କରି କବାଟ ବନ୍ଦକରି ଦେଲି । ସବାଙ୍ଗ ଝାଳରେ ବୁଡ଼ ଯାଇଥାଏ ।

●

Digitized by PPRACHIN, SOA

# ମୁଁ କାହିଁକି ଲେଖେ

କାହିଁକି ଲେଖିଲି ? କିପରି ଲେଖିଲି ? କାହାପାଇଁ ଲେଖିଲି ? ଏ ଗୂଢ଼ କୂଟ ପ୍ରଶ୍ନର ଉତ୍ତର ଦେବାକୁ ହେଲେ ମୋତେ ଶାସ୍ତ୍ରବିଧି ଲଙ୍ଘିବାକୁ ହେବ, ମିଛର ପ୍ରଶ୍ରୟ ନେବାକୁ ପଡ଼ିବ । ଆପଣ କଣ ଜାଣନ୍ତି ନାହିଁ ଆୟୁର୍ବିତ୍ତଂ ଗୃହଛିଦ୍ରଂ ମନ୍ତ୍ରଂ···ଶ୍ଲୋକଟି, ଯେଉଁଥିରେ କେତୋଟି କଥା ସର୍ବସାଧାରଣରେ ଅପ୍ରକାଶିତବ୍ୟ ବୋଲି କୁହାଯାଇଛି ? ଆପଣଙ୍କ ବୟସ କେତେ, କେତେ ଦରମା ପାଆନ୍ତି, କେତେଟଙ୍କା ବେଙ୍କ୍‌ରେ ରଖିଛନ୍ତି, ଘରେ ସ୍ତ୍ରୀଙ୍କ ସହିତ ପଟେ କି ନାହିଁ—ଏସବୁ ସାଧାରଣ ସାମାନ୍ୟ ପ୍ରଶ୍ନର ଉତ୍ତର ଆପଣ ଦେବାକୁ ନାରାଜ, ଅଥଚ ମୋତେ କମିଷ୍ଠ ଦାଣ୍ଡରେ ହାଣ୍ଡି ଭାଙ୍ଗିବାକୁ କହୁଛନ୍ତି । ଲେଖକର ମଧ୍ୟ ଆଚରଣବିଧି ଅଛି । ସେ ଗୁପ୍ତ-ଖୋଲି ବୀଜମନ୍ତ୍ର ପ୍ରକାଶକରିବା ଉଚିତ ନୁହେଁ, ଅନ୍ୟମାନେ ଶିଖି ଭ୍ରମକୁ ବିପଦରେ ପକାଇବେ ! ତେବେ ଏତିକି ରକ୍ଷା ଯେ ମନ୍ତ୍ର ଶିଖିବା ଯେତେ ସହଜ ସିଦ୍ଧି ଅର୍ଜିବା ସେତେ ସହଜ ନୁହେଁ । ନାଚିବା, ଗାଇବା, ବଜାଇବା, ମୂର୍ତ୍ତି ଗଢ଼ିବା ବା ଛବି ଆଙ୍କିବାର ମହାମନ୍ତ୍ର ସବୁ ବାରମ୍ବାର ପଢ଼ିଲେ, ଉଚ୍ଚାରଣ କଲେ ମଧ୍ୟ ଆପଣ କଣ ସିଦ୍ଧାସିଦ୍ଧ କଳାକାର ହୋଇଯିବେ ? ମୁଢ଼ି ଭାଜିବା, ପିଠା କରିବାର ମନ୍ତ୍ର ବାରମ୍ବାର ମା' ଆଈମା ପାଖରୁ ଶୁଣି କେତେଜଣ ଝିଅ ନାତୁଣୀ ଭଲ ମୁଢ଼ି ଭାଜିପାରୁଛନ୍ତି ବା ବଡ଼ିଆ ଫୁଲଫୁଲ ଆରିସା ପିଠା କରିପାରୁଛନ୍ତି ?

ଆଜି ଗୌରିଚନ୍ଦ୍ରିକା ନ କରି ମୁଁ ସରଳ ସିଧା କହିଦେଉଛି । (ଯାହା କହିବି ଧର୍ମରେ ସତ କହିବି !) ମୁଁ ଲେଖକ ହେଲି (ଯଦି ଏତେ ବଡ଼ ପଦବୀ ଆପଣ ଦେଉଛନ୍ତି) ବଞ୍ଚିବା ପାଇଁ । ମୋର କିଛି ଲେଖିବାର ଥିଲା ଲେଖିବାର ଶକ୍ତି ହୁଏତ ରକ୍ତରେ ଥିଲା, ସେସବୁ ଲେଖିଦେଇ

Digitized by PPRACHIN, SOA

ପ୍ରକାଶ କରି ଆପଣମାନଙ୍କୁ ଆପଣାର କରିପାରିଲି ଏବଂ ଜୀବନର ଖୁବ୍ ଦୁଃସମୟରେ ଲେଖା ମାଧ୍ୟମରେ ବେଦନା ପ୍ରକାଶ କରି ବଞ୍ଚିଗଲି । ମାକଲେ କହି ନ ଥିଲେ "Literature has saved my life and my reason ?" ସାହିତ୍ୟ କରି ନ ଥିଲେ ସେ ପାଗଳ ହୋଇଯାଇ-ଥାନ୍ତେ, ମରିଥାନ୍ତେ । ଆମର ଉପେନ୍ଦ୍ରଙ୍କୁ ମନେପକାନ୍ତୁ "ରାଜାଙ୍କୁ ହେବାର ରାଜ୍ୟଭ୍ରଷ୍ଟ; ଯୁବାକୁ ହେବାର ପତ୍ନୀ ଭ୍ରଷ୍ଟ", ଏବଂ ବୈଦେହୀଶ ବିଳାସ ପଢ଼ନ୍ତୁ, ବିଶେଷତଃ ରାମଚନ୍ଦ୍ର ରାଜ୍ୟ ଛାଡ଼ିବା ପରର ଓ ସୀତାଙ୍କୁ ହରାଇବାରେ ପରବର୍ତ୍ତୀ ଛାନ୍ଦଗୁଡ଼ିକ । "ଆମ୍ଭେ ଆଉ ପୁତ୍ର ସକାଶେ କାହିଁକି କାନ୍ଦିବୁଁ ?"—ଫକୀରମୋହନଙ୍କ ଆତ୍ମଚରିତ ପଂକ୍ତିଟି ମନେ ପଡ଼ୁଛି ? 'ମା ନିଷାଦ' ତ ସବୁ ସାହିତ୍ୟର ଉତ୍ସ । ସବୁ ବଡ଼ ଲେଖକ ( ମୁଁ ନୁହେଁ ) ଙ୍କ ଜୀବନରେ 'ବୈଫଲ୍ୟ' ଅଛି, 'ଧୋକା' ଅଛି । ସେକ୍ସପିଅର ଲଣ୍ଡନକୁ ପଳାଇବାଠାରୁ ଆରମ୍ଭ କରି ଇଂରାଜୀ, ଓଡ଼ିଆର ପ୍ରତ୍ୟେକ କବି (ରବିସିଂ ପର୍ଯ୍ୟନ୍ତ)ଙ୍କ ଜୀବନୀ 'ଠାସ୍'ରେ ମନେ ପକାଇ ଯାଆନ୍ତୁ । ଜୀବନର ଜ୍ଞାତ ଅଜ୍ଞାତ ସୁଖଶୋକରୁ ଅଧିକାଂଶ ବଡ଼ ଲେଖକ ଓ ଲେଖାର ଜନ୍ମ ।

ଆଜି ମୋତେ ସ୍ୱୀକାର କରିବାକୁ ପଡ଼ୁଛି (କେତେ ମର୍ମନ୍ତୁଦ ଏ ସ୍ୱୀକାରୋକ୍ତି !) ଯେ ଯେଉଁ ପରିସ୍ଥିତିରେ ମୁଁ ଲେଖକ ହେଲି (ଅନ୍ତତଃ ଆପଣମାନେ ମୋତେ ଯେଉଁଥି ପାଇଁ ଲେଖକ କହନ୍ତି) ତାହା ହୋଇ ନ ଥାନ୍ତା ଯଦି କେବଳ ପତ୍ନୀଭ୍ରଷ୍ଟ (ମୋର ୪୯କୁ ତାର ୩୯) ନୁହେଁ, ପରେ ପରେ ଅତୀବ ସୁନ୍ଦର ଅଷ୍ଟମବର୍ଷୀୟ ମାତୃହୀନ ପୁତ୍ରକୁ ଆକସ୍ମିକ ଦୁର୍ଘଟଣାରେ ହରାଇ ନ ଥାନ୍ତି । 'ହଜନାହିଁ କେବେ ଯାର କଣ୍ଠୁ ହିଁ ରତନ' ସେ କାହିଁକି ଲେଖାଲେଖି କରିବ; ତାର ଲେଖା ହେବ 'ଧାନ ଅଞ୍ଜନ', ପ୍ରାଣ ହୀନ । 'କଂ କରୋମି କ୍ୱ ଯାମି' ଅବସ୍ଥାରେ ଯେତେବେଳେ ରାତି ପରେ ରାତି ସିନେମା ଘରକୁ ଧାଉଁଥିଲି, ଆଶ୍ୱାସନା ସହାନୁଭୂତି ଟିକିକର ଅନୁସନ୍ଧାନରେ ଯେତେବେଳେ କୁକୁର ବିରାଡ଼ି ସାଙ୍ଗରେ ଅର୍ଥହୀନ କଥାବାର୍ତ୍ତା କରୁଥିଲି ବା ଏଠିସେଠି ଛିଡ଼ାହୋଇ ଈଶ୍ୱରଙ୍କ ବିରୁଦ୍ଧରେ ଅଭିଯୋଗମାନ କରି ନିରୀଶ୍ୱର ବାଦର ଅଭିଯାନ ଆରମ୍ଭ କରିଦେଇଥିଲି ବା ପାଗଳଙ୍କ ପରି କେତେବେଳେ ଠୋ ଠୋ ହସ ହସି କେତେବେଳେ ଅବା

Digitized by PPRACHIN, SOA

ଠପ୍ ଠପ୍ ଲୁହ ଝଗଇ କାଳ କଟାଉଥିଲି, ସେତିକବେଳେ ମୋର ବନ୍ଧୁ (ବନ୍ଧୁ ନୁହନ୍ତ କଣ୍ଟ, ଶୁଣାନେ ତ ଯନ୍ତ୍ରିଷ୍ଟତ) ଚନ୍ତାମଣିବାବୁ (ସେ କ ମୋର ସ୍ୱରୂପ ଜାଣିଥିଲେ) ମୋତେ ଭର୍ତ୍ସନା କର 'ବଦୂଷକ' କହଲେ ଏବଂ ପରେ ସେଇ କଥା ଗୋଟାଏ ଜାଗାରେ ଲେଖିଦେଲେ ମଧ୍ୟ । ଏଇ 'ଗାଳି'ରୁ ଗଳ୍ପର ଉଦ୍ଭବ ହେଲା । "କାଣୀଚଆ" ଗଳ୍ପଟି ଲେଖିଲି, ଝଙ୍କାରରେ ଛପା ହେଲା ଏବଂ ସମ୍ପାଦକ ( ସଚ୍ଚୀଦାନନ୍ଦ ଚମ୍ପତିରାୟ ) ଲେଖିଲେ କାର୍ଡ ଖଣ୍ଡିକରେ, "ମୋର ଅପରେଶନ୍ କଷ୍ଟ ବ ଭଲ ହୋଇଗଲା ଆପଣଙ୍କ ଗଳ୍ପ ପଢ଼ି ।" ମୁଁ ଲେଖକ ହେଲି, ପାଠକମାନେ ମୋତେ ଲେଖକ ବୋଲି କହଲେ, ମାନିଲେ ଏବଂ ପଢ଼ିଲେ ।

ରବି ଠାକୁର କହ ପାରନ୍ତି, "ମୁଁ ଯେତେ ଗୀତ ଶୁଣାଇଛି କେବେ ତାର ପ୍ରତିଦାନ ଗୃହିଁନ ।" କିନ୍ତୁ ଆମେ ସାମାନ୍ୟ ଲେଖକ ସବୁବେଳେ ପାଠକଠୁଁ ପ୍ରତିକ୍ରିୟା (ସବଦା ଅନୁକୂଳ) ଗୃହୁଁ । 'ତୋତେ ପି' ଦଣ୍ଡେ ଜ' । ଗୋଟିଏ ଗପ ପ୍ରକାଶିତ ହେଲେ ଚହ୍ନା ଅଚହ୍ନା ପାଖ ଦୂରର ପାଠକ ପଦୁଟିଏ ଲେଖି ଦଅନ୍ତି । "ଗଳ୍ପଟି ଏକାଧିକ ବାର ପଢ଼ିଲି । ଏ ଅନ୍ଧର ଶୁଷ୍କ ନୟନ ଅଶ୍ରୁଳ ହୋଇଗଲା ।" "ସମ୍ପୂର୍ଣ୍ଣ ଅପରିଚିତ ହୋଇଥିବାରୁ ସଙ୍କୁଚିତ ହେଉଛି···ଗଳ୍ପଟି ଏତେଦୂର ପ୍ରଭାବିତ କରିଛି ଯାହା ଚର୍ଚ୍ଚାର ବିଷୟ ହୋଇଛି ।" "ଗପଟିର ଏମିତି ଗୋଟିଏ କ୍ଷମତା ଯାହା ଏକାବେଳକେ ମନ ଓ ବୁଦ୍ଧିକୁ ଦୋହଲାଇ ଦେଇପାରେ ।" "ଏ ଗଳ୍ପଟି ଅତ୍ୟନ୍ତ ଶାଣିତ, ମନୋଜ୍ଞ ଓ ରସୋତ୍ତୀର୍ଣ୍ଣ ।" "ମୋର ଆନନ୍ଦାତିଶଯ୍ୟକୁ ହୁଏତ ପ୍ରକାଶ କରି ପାରୁନାହିଁ ।" "ପଢ଼ି ତିନଥର ଲୁହ ଝଗାଇଲି ।" "ପଢ଼ୁ ପଢ଼ୁ ଆପଣଙ୍କୁ ମନେ ମନେ କୁଣ୍ଢାଇଗଲି ପରସ୍ତେ । ଜନ୍ଦାବାଦ୍-ଜନ୍ଦାବାଦ୍-ଜନ୍ଦାବାଦ୍ ।" "ଗୋଟେ ହାତରେ ବାଁ ପାଖ ଛାତିଟାକୁ ବିକଳରେ ମୁଠାଇଧରି ଡାହାଣ ହାତରେ କଲମ ଧରନ୍ତୁ ।" "Your Dunlop Agent is thrilling." "ଏଇ ମାନ ପଢ଼ିଲି, କାନ୍ଦ ସାରି ନାହିଁ ।" "ଓଡ଼ିଆ ପାଠକର ସୂକ୍ଷ୍ମ ଅବବୋଧ ଓ ରୁଚି ଉନ୍ନତ ସ୍ତରକୁ ଆଣିବାର···।" "A man of your literary sensibility and sense of humour is rare these days"."ଫକୀରମୋହନଙ୍କ ପର କଥାସାହିତ୍ୟରେ ଅପୂର୍ବ ଯଶସ୍ୱୀତା···" "ମନେ ହେଲା ଟଲଷ୍ଟୟଙ୍କ ଗୋଟିଏ ଗପ ଯେପରି ପଢ଼ୁଛି, ଶୁଣୁଛି ।" "ଏ ପ୍ରକାର ଉଚ୍ଚକୋଟୀର

Digitized by PPRACHIN, SOA

ଗପ କେବଳ ଆପଣଙ୍କ ହାତରେ ହିଁ ସମ୍ଭବ । ଏ ପ୍ରକାର subtle sense of humour, ରୁଚି ଶୈଳୀ···।" 'ଗୁଜଳ' ପରି ଗଳ୍ପ ଥାଉଁ ଥାଉଁ କିଏ କହିବ ଓଡ଼ିଆ ଗଳ୍ପ ସାହିତ୍ୟ ଦୁର୍ବଳ ?" ଯଦି ଗଳ୍ପ ବେଶୀ ଦିନ ଲେଖି ନ ପାରିଲି ତେବେ ଗାଳି ଦେଇ ଚିଠି ଆସେ "ବର୍ଷେ କାଳ ଆପଣ କୋଷ୍ଟକାଷ୍ଟିନ୍ୟ ଭୋଗୁଛନ୍ତି ଦେଖୁଛୁ···ଖୁବ୍ ବେଶୀ ହେଲେ ଆପଣଙ୍କୁ ଆଉ ଷାଠିଏଟା ଦିନ ସମୟ ଦିଆ ଯାଇପାରେ ।"

ଯୁବ, ବୃଦ୍ଧ ଅଧୋଡ଼ା ଲେଖକ/ପାଠକମାନଙ୍କର ଉପରୋକ୍ତ ମନ୍ତବ୍ୟ, ପ୍ରଶସ୍ତିପତ୍ର ପଢ଼ିବା ପରେ ଆପଣ ଆଉ ପଚାରିବେ "ଆପଣ କାହିଁକି ଲେଖକ ହେଲେ ?" ବିଶେଷତଃ, ଆମ ଏଇ ଓଡ଼ିଶାରେ ଯେଉଁଠି "ଜଣେ ଲେଖକ ଅନ୍ୟ ଲେଖକର ତାରିଫ କରିବା ଅତୀବ ବିରଳ ।" ବଞ୍ଚିବାପାଇଁ ବାଉନ ବର୍ଷ ବୟସରେ ଲେଖକ ହେଲି ପରେ ଅବଶିଷ୍ଟ ଜୀବନ ଏମିତି ଗୁଡ଼ିଏ ତୋଷାମୋଦିଆ ବାକ୍ୟ ପାଇଁ ତ ଅନ୍ତତଃ ଲେଖା ଲେଖି କରିବା ଉଚିତ । ଏ ସାର୍ଟିଫିକେଟ ସବୁ ମୋ ପାଇଁ ହଜାରିକିଆ, ପାଞ୍ଚ ହଜାରିଆ,ଦଶ ହଜାରିଆ, ଲକ୍ଷେ ଦିଉକ୍ତି ଦୁଇ ଅର୍ଥ ପୁରସ୍କାରଠୁ ବେଶୀ ମୂଲ୍ୟବାନ । ଯେଉଁମାନେ ଏ ପୁରସ୍କାର ପାଇଛନ୍ତି ସର୍ବସାଧାରଣଙ୍କ ସ୍ୱୀକୃତି ସେମାନେ କଣ ପାଇ ନ ଥିଲେ ? ବଡ଼ ବଡ଼ ଚାକିରିଆମାନଙ୍କୁ ବା ଯାହାଙ୍କର ଅର୍ଥାଗମର ଅନେକ ରାସ୍ତା ଅଛି ତାଙ୍କୁ ଆର୍ଥିକ ପୁରସ୍କାର ଦିଆ ନ ହେଲି ବା ! ଲୋକଙ୍କୁ ହସାଇ ହେଲି, କନ୍ଦାଇ ହେଲି ଏବଂ ସେଇ ହସ କାନ୍ଦ ବା ଅନ୍ୟାନ୍ୟ ରସ ମାଧ୍ୟମରେ ନଜର କରିହେଲି, ଉନ୍ନତ କରି ହେଲି, ସେଇ ଯେଉଁ ଲେଖକର କ୍ଷମତା ତାଠୁଁ ବଡ଼ ସମ୍ପଦ କଣ ଲୋଡ଼ା । ସେ ଯାହାହେଉ ମୁଁ ପଇସା ଆଖି ଆଗରେ ରଖି କେବେ ଲେଖିନାହିଁ । କେବଳ ଇଂରାଜୀର 'A Book of Expansions' ଛଡ଼ା । ତା' ଆରମ୍ଭ କରିଥିଲି ମୋ ଝିଅ ପୁଅଙ୍କୁ ପାସ କରାଇବାରେ ସାହାଯ୍ୟ ଦେବା ପାଇଁ ।

ନିଃସଙ୍ଗ ଜୀବନରେ ଅବଲମ୍ବନଟିଏ ଲୋଡ଼ା । ଆଦର୍ଶବାଦ, ସମାଜସେବା, ଧର୍ମାଚରଣ, ପାରତ୍ରିକତା, ସନ୍ନ୍ୟାସ—ଏ ସବୁ ମୋ ଦେଇ ହବନି । ମୁଁ ଗୃହୀ; ଏକାବେଳକେ ପାର୍ଥିବ, ରୂପରସଗନ୍ଧପ୍ରିୟ । ସ୍ୱର୍ଗ ମୋର ଲୋଡ଼ାନାହିଁ । ରାଜନୀତିକମାନେ ପାର୍ଲାମେଣ୍ଟ ଘରଆରେ ଏକାଦିନକେ

Digitized by PPRACHIN, SOA

ସମାଜର ଯାହା ଉନ୍ନତି କରି ପାରିବେ ଲକ୍ଷ ଲକ୍ଷ ସାହିତ୍ୟିକ ପାଞ୍ଚ ହଜାର ବର୍ଷରେ ତାହା କରି ପାରିବେ ନାହିଁ, ପାରି ନାହାନ୍ତି । ମୁଁ ଗୃହେଁ ମଣିଷ, ସାଙ୍ଗ ସାଥୀ,· ଦୟାମାୟା ହସ କାନ୍ଦର ଦୁନିଆଁ । ମୁଁ ମାନବବାଦୀ ! କିଏ ଜାଣେ ସ୍ୱା ପରେ କ'ଣ ?

ସାହିତ୍ୟ କ୍ଷେତ୍ରରେ ମଧ୍ୟ ନାଁ ଅର୍ଜିବା ବଡ଼ କଷ୍ଟ । ଆଗରୁ ପଦେ ଅଧେ ଯିଏ ଲେଖିଲା ସେ ହେଉଥିଲା ସାହିତ୍ୟିକ । ଏବେ ଅଜସ୍ର ଲେଖକ ଲେଖୁଛନ୍ତି । ଦଳବଳ ରାଜନୀତି ଜରିଆରେ ସାହିତ୍ୟିକ ସୃଷ୍ଟି ହେଉଛନ୍ତି । ସାହିତ୍ୟରେ ଭଲ ଭେଲ ବିଚାର କରିବ କିଏ ? ଆମ ଜୀବଦ୍ଦଶାରେ ବାର୍ଣ୍ଣାର୍ଡ଼ଶ ଏବଂ ଟି. ଏସ୍. ଇଲିୟଟ ଦ୍ୱିତୀୟ ଶ୍ରେଣୀକୁ ଚାଲିଗଲେଣି । ମୁଁ ଲେଖୁଛି କାଳେ ଲେଖୁଁ ଲେଖୁଁ ଏମିତି ଗୋଟିଏ (କେବଳ ଗୋଟିଏ) ଗଳ୍ପ ଜଗନ୍ନାଥଙ୍କ ଦୟାରୁ ଲେଖିଦେବି ଯାହା କାଳୋତ୍ତୀର୍ଣ୍ଣ ହେବ; ସ୍କୁଲ କଲେଜ ପାଠ୍ୟ ସଂକଳନରେ ସ୍ଥାନ ପାଉ ନ ପାଉ । ଯେଉଁଠି ଯେଉଁ ସମୟରେ ପାଠକ ଗଳ୍ପଟିକୁ ଧାଡ଼ିଏ ଦୁଇଧାଡ଼ି ବା ଅତିବେଶୀ ହେଲେ ପରିଚ୍ଛେଦଟିଏ ପଢ଼ି ନିବୃତ୍ତ ହୁଅନ୍ତି ସେଠି ଯଦି କେତେଜଣ ପାଠକ ପୂରା ଗପଟି ପଢ଼ି ତହିଁ ଉପରେ ମତାମତ ଲେଖନ୍ତି ଏବଂ ଗୋଷ୍ଠୀ ନିରପେକ୍ଷ ଗୌଣ ଗାଳ୍ପିକଙ୍କୁ ତାହା ପନ୍ଦର, ପଚିଶି, ଏପରିକି ପଇଁତିରିଶ ପଇସା ସାରି ଜଣାଇ ଦିଅନ୍ତି ତେବେ ତା'ଠାରୁ ଆନନ୍ଦ ଉତ୍ସାହର କଥା କ'ଣ ଅଛି ?

"ଆପଣ ଲେଖନ୍ତୁ, ଲେଖିଯାଆନ୍ତୁ" ବୋଲି କହିଦେଲେ କଣ ଆପଣ ଲେଖକ ହୋଇଯିବେ । ଈଶ୍ୱରଦତ୍ତ ଶକ୍ତି ଅପେକ୍ଷା ପିତୃଦତ୍ତ ଓ ପରିସର ଦତ୍ତ ଶକ୍ତି ଅର୍ଥାତ୍ ବଂଶପରମ୍ପରା ଓ ପରିବେଶ ବ୍ୟକ୍ତିବିଶେଷକୁ ଲେଖକ କରିଥାଏ । ମୁଁ ଲେଖକ ହେବା ମୂଳରେ ଅଛନ୍ତି ମୋର ଜେଜେ-ବାପା ଓ ବାପା । ନଅଙ୍କ ଦୁର୍ଭିକ୍ଷର ଦାଉ ସମ୍ଭାଳିଥିବା ଛେଉଣ୍ଡ ଜେଜେ-ବାପା ଶହେମାଣ ନିଷ୍କର ଲାଖରାଜର ଅଧିକାରୀ ହୋଇ ମଧ୍ୟ ଦରିଦ୍ର ଭିଖାରୀ-ରୂପେ ଦିନ କାଟୁଥିଲେ, କାରଣ ଗୃହବାସ କରିବା ଅପେକ୍ଷା ସାରଳା, ଜଗନ୍ନାଥ, ବଳରାମ, ଚରକ, ଶୁଶ୍ରୁତ, କର୍ମକାଣ୍ଡ, ଅମରକୋଷ, ବେତାଳପଞ୍ଚବିଂଶତି ଆଦି ଲେଖନମୂନରେ ଉତାରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ 'ସୁଭଦ୍ରା ହରଣ ସୁଆଙ୍ଗ' ରଚନା କରିଥିଲେ ଏବଂ କୁଆଡ଼େ ସୁଭଦ୍ରା ପାର୍ଟ ମଧ୍ୟ ନିଜେ କରିଥିଲେ । ତାଙ୍କ ଉତ୍ତୁଙ୍ଗ ପୋଥି ଆମ

Digitized by PPRACHIN, SOA

ଢରେ ପଢ଼ା ଯାଉଥିଲା ଗାଁ ମାଇପିଙ୍କ ଆଗରେ । ବାପା ଅପର ପ୍ରାଇମେରୀ ପାସ୍ କରିଥିଲେ ମଧ୍ୟ ପଣ୍ଡିତ ଭୋଳାନାଥ ବୋଲାଉଥିଲେ ଏବଂ ସବାଇ ଖଟରେ ଶୋଇ ବୈଦେହୀଶବିଳାସ ସୁର ଧରି ଗାଉଥିଲେ, ଏବଂ ଶ୍ରୋତାଙ୍କୁ ଯଥାଶକ୍ତି ବୁଝାଉଥିଲେ । ମୋତେ ସାଙ୍ଗରେ ଧରି ଦୂରସ୍ଥାନକୁ ଯାଇ ରାତିରାତି ଉଜାଗର ରହି ପାଲା ସୁଆଙ୍ଗ ଲୀଳା ଉପଭୋଗ କରୁଥିଲେ । ଗପୁଡି ଘରରେ ଉଭୟଙ୍କର ଖ୍ୟାତି ଥିଲା ଏବଂ ସନ୍ଧ୍ୟାରେ ତାଙ୍କୁ ଘେରି ଲୋକେ ବସୁଥିଲେ । ମୋର ମନେହୁଏ ସେମାନଙ୍କର କାରୁଣ୍ୟମୟ ଜୀବନ, ହାସ୍ୟ-କରୁଣ ରସାପ୍ଲୁତ ରକ୍ତ ଓ ସଂସ୍କୃତିପ୍ରୀତି, ମୋ ଶିରା ପ୍ରଶିରାକୁ ଝରି ଆସିଛି । ଏବଂ ସେମାନଙ୍କ ପରି ମୁଁ ଦାରିଦ୍ର୍ୟ, ଶୋକ, ଜରା ଏପରିକି ମୃତ୍ୟୁ ବିରୁଦ୍ଧରେ ସଂଗ୍ରାମ କରି ସାହିତ୍ୟସେବା କରିଛି, ଅର୍ଥଲିପ୍ସୁ ହୋଇନାହିଁ । ଆଠଦଶ-ଖଣ୍ଡି ବହିର ପାଣ୍ଡୁଲିପି ମୁଁ ସାଇତି ରଖିଛି, ଅଥଚ ପ୍ରକାଶକଙ୍କ ଦ୍ୱାରସ୍ଥ ଅଦ୍ୟାବଧି ହୋଇନାହିଁ ଅର୍ଥଆଶାରେ ।

ପ୍ରାଇମେରୀ ଓ ଉଚ୍ଚଇଂରାଜୀ ସ୍କୁଲରେ ଅମରକୋଷ, ହିତୋପଦେଶ, ରଘୁବଂଶ, କୁମାରସମ୍ଭବ ଆଦି ସଂସ୍କୃତ ଗ୍ରନ୍ଥ ସହିତ ଘନିଷ୍ଠ ସମ୍ପର୍କରେ ଆସି ଏବଂ ମଧୁବାବୁ ଚନ୍ଦ୍ରମୋହନଙ୍କ ବର୍ଣ୍ଣବୋଧଠାରୁ ସାହିତ୍ୟପ୍ରସଙ୍ଗ ପର୍ଯ୍ୟନ୍ତ ସାହିତ୍ୟପ୍ରଧାନ ପାଠ୍ୟପୁସ୍ତକ ପଢ଼ି ଏବଂ ସାହିତ୍ୟପ୍ରାଣ ଶିକ୍ଷକବର୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ତିନୋଟି ସାହିତ୍ୟ—ଇଂରାଜୀ, ବଙ୍ଗଳା ଓ ଓଡ଼ିଆର ଉତ୍କୃଷ୍ଟ ଉପାଦାନ ଅସ୍ଥିମଜ୍ଜାଗତ ହୋଇଥିବାରୁ ଦରକାର ପଡ଼ିଲାମାତ୍ରେ ସାହିତ୍ୟର ଉତ୍ସ ଫଟାକୁ ବାହାରିପଡ଼ିବା ଅବସ୍ଥାରେ ଥାଏ । ଯଦି ସାଙ୍ଗଙ୍କୁ ଭଗବାନ ଯଦି ଶୁଣିବା ପାଇଁ କାନ ଓ ଦେଖିବାପାଇଁ ଆଖି ଦେଇଥିବେ, ତେବେ ସ୍ପର୍ଶକାତରତା ସହିତ ଅନୁଭବପ୍ରବଣତା ଯେ କୌଣସି ଲୋକର ବଢ଼ିଉଠିବ ଏବଂ ପାର୍ଶ୍ୱବର୍ତ୍ତୀ ଦୃଶ୍ୟ ଓ ଅଦୃଶ୍ୟମାନ ଦୁନିଆଁ ରୂପନେବ ଲେଖମାମୂନରେ । ଉପଯୁକ୍ତ ପରିସର, ଉପାଦେୟ ପାଠ୍ୟପୁସ୍ତକ ଏବଂ ସୁଯୋଗ୍ୟ ଶିକ୍ଷକ ଏପରି ଲୋକକୁ ସହଜରେ ଲେଖକ କରିଦେବ । ସର୍ବୋପରି ସ୍ନାତକୋତ୍ତର ସ୍ତରରେ ଇଂରାଜୀ ସାହିତ୍ୟର ସମ୍ପଦ ଓ ଗମ୍ଭୀରତା ମୋତେ ବିମୁଗ୍ଧ ଓ ଅଭିଭୂତ କଲା ଏବଂ ଓଡ଼ିଆ ସାହିତ୍ୟର ଯତ୍କିଞ୍ଚିତ ସେବା ଆଡ଼କୁ ମନକୁ ପ୍ରବର୍ତ୍ତାଇଲା । ଫକୀରମୋହନଙ୍କ ଛମାଣ ଆଠଗୁଣ୍ଠ ଓ ମାମୁଁ ମୂକକୁ ବାଗ୍ମୀ କଲା ଏବଂ ପଙ୍ଗୁକୁ ଗିରିଲଙ୍ଘନକୁ ପ୍ରବର୍ତ୍ତାଇଲା ।

Digitized by PPRACHIN, SOA

ସାହିତ୍ୟିକ ଜୀବନର ପ୍ରଥମ ପ୍ରସ୍ଥରେ ପ୍ରଥମ ଲେଖାଟି ହେଲା The Piper କବିତା ଅନୁବାଦ ଏବଂ ତାହା କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରେରଣାରେ ୧୯୨୯ ସାଲରେ ନବମ ଶ୍ରେଣୀରେ ପଢ଼ୁଥିଲାବେଳେ ବାରିପଦା ଫ୍ରେଜାର ହୋଷ୍ଟେଲରେ ହାତଲେଖା 'ଜାଗରଣ'ରେ ବାହାରିଥିଲା। ଜୀବନରେ ସର୍ବମୋଟ ଗୁଡ଼ିଏ କବିତା ଲେଖିଛି। ତିନୋଟି ଅନୁବାଦ, ଗୋଟିଏ ନିଜସ୍ୱ, ମୌଳିକ। ପ୍ରଥମ ଛପା ଲେଖା ସେହିବର୍ଷ 'ପଞ୍ଚାମୃତ'ରେ ପ୍ରକାଶିତ ଏକ ଆଧାରିତ ରଚନା 'ସମୁଦ୍ରର ଜଳ କପରି ଲୁଣିଆ ହେଲା' ଏକ ଶିଶୁଗଳ୍ପ। ଛଅବର୍ଷ ରେଭେନ୍ସା କଲେଜ ରହଣିରେ ଜାଗରଣ, East Hostel Weekly, Ravenshawvian ରେ ଲେଖା ସବୁ ଇଂରାଜୀରେ। କେବଳ 'ଘଟକ' ବୋଲି ଏକାଙ୍କିକାଟିଏ ଲେଖି ସେଥିରେ ଅଭିନୟ ମଧ୍ୟ କରିଥିଲି ୧୯୩୬ ସାଲରେ ପ୍ରାଚୀ ଛାତ୍ରାବାସରେ। ୧୯୪୦ ସାଲରେ ଭଞ୍ଜପ୍ରଦୀପ ଓ ମୟୂରଭଞ୍ଜ ନିଉଜ୍‌ର ସହ-ସମ୍ପାଦକ ଓ ପରେ ପରେ ସମ୍ପାଦକ ନିଯୁକ୍ତ ହେଲି ଏବଂ ୧୯୪୨ରେ ପ୍ରଥମ ଗଳ୍ପ 'ଛପ୍ପା-କାୟା' ଲେଖିଥିଲି ଏବଂ ଫକୀରମୋହନଙ୍କ ଉପରେ ଏକ ଦୀର୍ଘ ଅସମାପ୍ତ ସମାଲୋଚନା ଲେଖିଥିଲି। ଏ ସମୟର ଲେଖା ଅନିୟମିତ ଓ ସାମୟିକ। କ୍ରମାଗତ ନିୟମାନୁଯାୟୀ ଲେଖା ମୋ ଦେଇ ହୁଏ ନାହିଁ। ମୁଁ ଏକ ମନୁଆଁ ଷଣ୍ଢ। ସାହିତ୍ୟିକ ଜୀବନର ପ୍ରଥମ ଭାଗରେ ମୌଳିକ ଲେଖା ବିରଳ। ଅଧିକାଂଶ ଅନୁବାଦ, ଅନୁବାଦ ମୋତେ ଭଲ ଲାଗେ ଏବେ ବି ଷ୍ଟେଇହ୍ୱାନ୍‌ର Now and Again ଶୀର୍ଷକର ଯେତେବେଳେ ଅନୁବାଦ କରୁଛି। 'ନବନାଟିକା' ନଅଟି ବିଂଶ ଶତାବ୍ଦୀର ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ମୁକ୍ତ ଅନୁବାଦ। 'ପିଲସଜ' ତହିଁରୁ ଗୋଟିଏ। "ଲ୍ୟାମ୍ବଙ୍କ ସେକ୍ସପିଅର କାହାଣୀମାଳା" ଅନ୍ୟ ଏକ ଅନୁବାଦ ଗ୍ରନ୍ଥ। ମୂଳରଚନା ନ ପଢ଼ି ସେକ୍ସପିଅରଙ୍କ ପ୍ରତିଭାର ଆଂଶିକ ମୂଲ୍ୟାୟନ ଏହି ଅନୁବାଦ-ବହିରୁ କରିହେବ। ଇଂରାଜୀର ଗୁଡ଼ାଏ ଲଳିତ ନିବନ୍ଧ ଏହି ସମୟରେ ଅନୂଦିତ ଏବଂ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ। ଅନୁବାଦ ଯୋଡ଼ିଏ ଉଦ୍ଦେଶ୍ୟ ପୂରଣ କରେ। କଲମ ପଜେଇବା କାମ ସହିତ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ। ସ୍ୱର୍ଗତ ଶିଶୁପୁତ୍ରର ସ୍ମୃତି ଉଦ୍ଦେଶ୍ୟରେ ଶିଶୁ ସାହିତ୍ୟରୂପରେ Travellers' Talesର ଅନୁବାଦ ଦୁଇଟି "ଭ୍ରମଣକାହାଣୀ"। ଭାରତୀୟ ସାହିତ୍ୟ ଏକାଡେମୀ

Digitized by PPRACHIN, SOA

ତରଫରୁ ପାଲ୍‌ଗ୍ରେଭ୍‌ସ୍ ଗୋଲଡେନ୍ ଟ୍ରେଜେରୀ ଆଦର୍ଶରେ ଓଡ଼ିଆ ଆଦି କବିତାରୁ ଆଜିର କବିତା ପର୍ଯ୍ୟନ୍ତ ଏକ କାବ୍ୟକବିତା ସଂକଳନ, ଏବଂ ରବିଠାକୁରଙ୍କ କାବ୍ୟନାଟିକା 'ରଜା'ର ଓଡ଼ିଆ ଅନୁବାଦ ଏହି ସମୟର କୃତି । ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ନୂତନ ତର୍ଜମା ଓ ଦୃଷ୍ଟିଭଙ୍ଗୀ ଅନୁଯାୟୀ ଏକ ଅଭିନୟଯୋଗ୍ୟ ନାଟ୍ୟରୂପ ହେଲା 'ଚମ୍ପା' । 'ସଂକଳନ' ଓ 'ଚମ୍ପା'ର ମୁଖବନ୍ଧ ଯୋଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ନିବନ୍ଧ ରମ୍ୟରଚନାର ଅଭାବ ଦୂରକରିବାପାଇଁ ଓ ଆଦର୍ଶ ରଖିବାପାଇଁ ଇଂରାଜୀ ଲଳିତ ନିବନ୍ଧର ଅନୁବାଦ କରୁଁ କରୁଁ ସମ୍ପୂର୍ଣ୍ଣ ମୌଳିକ 'ବୁଢ଼ା ବାବୁ' ରଚନାଟି ଉଲ୍ଲେଖଯୋଗ୍ୟ ।

ଇଂରାଜୀ ସାହିତ୍ୟକୁ ଅଧ୍ୟୟନ ତଥା ପେଶାକରି ଏବଂ ତଦ୍ୱାରା ଉଦ୍‌ବୁଦ୍ଧ ଓ ପ୍ରଭାବିତ ହୋଇ ସଂସ୍କୃତ ଏବଂ ଓଡ଼ିଆ ଗୀତି ସାହିତ୍ୟକୁ ଓ ବଙ୍ଗଳାଭାଷାକୁ ଭିତିକରି ମୁଁ ମାତୃଭାଷାର ଉନ୍ନତିକଲ୍ପେ ଅନୁବାଦ, ଆଧାରିତ ଅନାଧାରିତ ରମ୍ୟରଚନା, ନିବନ୍ଧ, ସମାଲୋଚନା, (ଓଡ଼ିଆ କବିତା ସଂକଳନ କରିଛି ମାତ୍ର କେବେ କବିତା ଲେଖିନାହିଁ କହିବି) ନାଟକ ଏକାଙ୍କିକା ଲେଖିଛି । ନାନା ପରୀକ୍ଷା ନିରୀକ୍ଷା ସବୁ ବିଭାଗରେ କରିସାରି ଜାଣିଛି ମୋ ଦେଇ ଗଳ୍ପ ହେବ, ଉପନ୍ୟାସ ହୋଇପାରେ, ସମାଲୋଚନା ହୁଅନ୍ତା (ମାତ୍ରଭୟ ରହିଛି ବା ଧୈର୍ଯ୍ୟର ଅଭାବ) । ଗାଳ୍ପିକ ଆକାରରେ ମୋର ଗୁରୁ ଫକୀରମୋହନ । ତାଙ୍କ ଜୀବନ ଓ କୃତି ଯାଦୁପରି ମୋ ଉପରେ ପ୍ରଭାବ ବିସ୍ତାର କରିଛି । ତାଙ୍କ ଚରିତ୍ରଚିତ୍ରଣ ଏବଂ ହାସକାନ୍ଦ ବ୍ୟଙ୍ଗବିଦ୍ରୂପାତ୍ମକ ଶୈଳୀ ମୁଁ ଅନୁସରଣ କରେଁ । ସୀମିତ ସମ୍ବଳ ଓ ପରିସରରେ କି ପରିଚ୍ଛନ୍ନ ଭାସ୍ୱର ଫକୀରମୋହନଙ୍କ ଅଙ୍କାଳିକା !

ମୋତେ ଲୋକେ ମୁଖ୍ୟତଃ ଗାଳ୍ପିକ ଓ ଲଳିତ ନିବନ୍ଧ ଲେଖକ ବୋଲି ଜାଣନ୍ତି । ମୋର ବିଶ୍ୱାସ, ମୁଁ କିଛି ଦିନ, ମନ୍ଦିପରେ ବଞ୍ଚିବି ମୋର ରମ୍ୟରଚନା 'ବୁଢ଼ାବାବୁ' ପାଇଁ, ସମାଲୋଚନା 'ଚମ୍ପା' ଓ ସେନାପତିଙ୍କ କତିପୟ ଚରିତ୍ର ଅଧ୍ୟୟନପାଇଁ ଏବଂ ଆଠଦଶଟି ଗଳ୍ପପାଇଁ । ଏଇ ତେତିକି ।

ମୁଁ ଲେଖକ (ଗାଳ୍ପିକ) ହେଲି ରୁଗ୍‌ଣ ରୋମାଣ୍ଟିକ ଚେତନା, ଛନ୍ଦାଧାରୀ ଓ ରଣପା (stilted) ଶୈଳୀ ବିରୁଦ୍ଧରେ ସଂଗ୍ରାମ କରିବା

Digitized by PPRACHIN, SOA

ପାଇଁ, ଅନୁଭୂତି ଅନୁସନ୍ଧିତ୍ସା ବିହୀନ ଶୁଷ୍କ ନୀରସ ଯାଦୁ ବିରହିତ ପରୀକ୍ଷା ନିରୀକ୍ଷା ସର୍ବସ୍ୱ ଶିଳ୍ପିକଙ୍କ ବିରୁଦ୍ଧରେ । ଯାହା ଜାଣେ ଲେଖେଁ । ପାଠକକୁ ବଡ଼ବୋଲି ଭାବେ, ପ୍ରତ୍ୟେକ ଶବ୍ଦ, ପଂକ୍ତି ପରିଚ୍ଛେଦ ଯିମିତି ତା ମନକୁ ପାଇବ ସେ କଥା ଲେଖିଲାବେଳେ ଭାବେଁ । ସେଥିପାଇଁ ଗଳ୍ପଗୁଡ଼ାକ ପ୍ରଥମେ ପ୍ରତିନିଧିସ୍ଥାନୀୟ ପାଠକଙ୍କୁ ପଢ଼ାଏଁ, ତାପରେ ଲେଖେଁ, ପୁଣି ଲେଖାଟି ପଢ଼ି ଶୁଣାଏଁ ଅନ୍ୟ କେତେକଙ୍କୁ । କାଟେଁ, ପରିବର୍ତ୍ତନ କରେଁ ଏବଂ ଛପା ହେଲେ ଅନ୍ୟଜଣକର ଗଳ୍ପ ପଢ଼ୁଛି ଭାବି ପଢ଼େ । ଗପଟା କେହି ପଢ଼ିଛି ପୂରାପୂରି ଜାଣିଲେ ଖୁସିହୁଏ, 'ଭଲପିଲା' 'ବଢ଼ିଆ' କହିଲେ ପୁରସ୍କାର ମିଳିଗଲା ଭାବେ, "ମୋଡ଼ି ବୁଲିଲେ ଗପଟିଏ", ବିଶ୍ୱାସ କରେଁ । ସାମାନ୍ୟତମ ବିଷୟବସ୍ତୁ ଗପ ପାଇଁ ଯଥେଷ୍ଟ । ମୋ ଗପର ନାଆଁ 'ଗୋଟାଏ ଆଳୁ', 'ରୁ', 'ମାଛ', 'ରୁଉଳ', 'ମାଂସ', 'ବଗ', 'ଗୁଲୁଗୁଲା', 'ମନିଅର୍ଡ଼ର', 'କୁଆ', 'କୁଣ୍ଡୀ' ନାଆଁରୁ ସବୁ ଜଣାଯିବ ।

କମିଟ୍‌ମେଣ୍ଟ କଥା ପଚାରୁଛନ୍ତି ? ଏ ଶବ୍ଦଟା 'ରାଜନୀତି ଓକାଲତି' ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ନ ଆଣନ୍ତୁ । ଆପଣ କଣ ଭାବୁଛନ୍ତି ଏ ଦେଶର ଲୋକେ ଭବିଷ୍ୟତରେ ଦିନେ ନା ଦିନେ ରାମରାଜ୍ୟରେ ଭଲରେ ରହିବେ ବର୍ତ୍ତମାନର ପରିପ୍ରେକ୍ଷୀରେ ବିଚାର କଲେ ? ଏଠି ନ ହେଲେ ସେଠି ? ସୁପ୍ରାମେଣ୍ଟାଲ୍ ସ୍ତରରେ । ଏଭରେଜ୍ ମର୍ଟେଲ ଏଭରେଜ୍‌ରେହିଁ ରହିବ । କେବଳ ସେମାନଙ୍କ (ମୋର ନିଜର ବି) ଫୁଟାଣି, ଶ୍ରେଷ୍ଠଲୋକ୍ମା ଓ ଭଣ୍ଡାମିର ମୁହାଁ ଖୋଲି କୁତୁରକୁତୁର, ଚମୁଟାଚମୁଟି, ଖୁଆଖୁଈ, ଗାଳିଗୁଲଜ କରି ଅର୍ଥାତ୍ ଯେ କୌଣସି ମତେ ମଣିଷଙ୍କପରି (ଅଧିକ ପଶୁ ସ୍ତରକୁ ଯିବାକୁ ନ ଦେଇ) ବଞ୍ଚି ହସଖୁସିରେ ଏପରିକି ସହାନୁଭୂତିର ଲୁହ ଝରାଇ ପାରିଲେ ସାହିତ୍ୟକ ତାର ପ୍ରତିଶ୍ରୁତି ଅଙ୍ଗୀକାର ପାଳନ କଲା ବୋଲି ଧରାଯିବ । ମୁଁ ଯଦି ମୋର ପ୍ରତିଶ୍ରୁତି ଅଙ୍ଗୀକାର ଏବଂ ମୋର ଚେତନା, ଅନୁଭୂତି ଓ ଅଭିଜ୍ଞତା ପ୍ରତି ସତ୍ ଓ ବିଶ୍ୱସ୍ତ ତେବେ ସାହିତ୍ୟକର କମିଟ୍‌ମେଣ୍ଟ ଯଥାର୍ଥ ପୂରଣ କଲି ବୋଲି ଭାବିବି, ଆଉ ଅଧିକ କଣ !

Digitized by PPRACHIN, SOA

# ଭଦ୍ରାମି ଓ ବେନାପୋଢ଼

ସେଦିନ ସକାଳେ ଦଶୋଟି ଟଙ୍କା ଆଉ ଥଳିଟିଏ ଧରି ବଜାରକୁ ବାହାରୁଛି, ଗୃହିଣୀ ପଚାରିଲେ, "ହଇ ହେ, ତୁମେ ଖରା ନାହିଁ ବର୍ଷା ନାହିଁ, ଦିନେ ନୁହେଁ ଅଧେ ନୁହେଁ ପଇଁତିରିଶ ବର୍ଷ ଧରି ଏମିତି ଥଳି ଧରି ବଜାରକୁ ଧାଉଁଛ ଯେ କଣ ଲାଭ ପାଉଛ ? ଆମ ରାଜୁବାବୁ, ବ୍ରଜବାବୁ, ପ୍ରଶାନ୍ତବାବୁ ତ କେବେ ଥଳି ଧରି ବଜାରକୁ ଯିବାର କେହି ଦେଖିନି । ଭଦ୍ରଲୋକ କି ମାର୍କେଟିଂ କରନ୍ତି ? ଧୂଳି କାଦୁଅ ଠେଲାପେଲା, ଭିଡ଼ାଓଟରା, ହଟ୍ଟଗୋଳ ଏସବୁରେ ତୁମକୁ ଭଲ ଲାଗେ ? ଆଜି ନ ଯାଅ, ଟାଣ ଖରା ହେଲାଣି, ସବୁ ତ ଅଛି ଚଳିଯିବ ।"

ମୁଁ ତାଙ୍କର ମେଜାଜର ଖିଅ ଧରି ରହସ୍ୟରେ ବକ୍ତୃତାଟାଏ ଦେଇ କହିଲି "ସବୁ ବଡ଼ ବଡ଼ ଲୋକେ ନିଜ କାମ ନିଜେ କରନ୍ତି । ମୁଁ କଣ ତୁମ ଆଖିରେ ବଡ଼ଲୋକ ନୁହେଁ ? କବିସମ୍ରାଟ ଉପେନ୍ଦ୍ର ବଜାରକୁ ଯାଉଥିଲେ, ନ ହେଲେ 'ବଜାର ବୋଲି' ଲେଖିଥାନ୍ତେ ? କଥାସମ୍ରାଟ ଫକୀରମୋହନ ହାଟକୁ ଯାଉଥିଲେ, ନ ହେଲେ 'ମୁଁ ହାଟବାହୁଡ଼ା' ଲେଖିଥାନ୍ତେ ? "କମଳ ଅପା କମଳା ଯୋଡ଼ିକ" "ସ୍ୱଦେଶୀ ମାଲକୁ ନାହିଁ ମୋ ପୁଞ୍ଜି" ତାଙ୍କର ଲେଖା । ତୁମେ କଣ ଜାଣିନ ବଜାରକୁ ନ ଗଲେ ମୋର ଭାତ ହଜମ ହୁଏନି; କାବ୍ୟକବିତାର ଫୁଆରା ଉଠେନି ।"

ଦଣ୍ଡେ ଅଟକି ପୁଣି କହିଲି, "ଧରି ଛୁଆପିଲା ଚାକରବାକର ଦେଇ ବଜାର ସଉଦା କରେଇଲି । କଣ ହବ ? ଅଯଥା ଅବିଶ୍ୱାସ, ସନ୍ଦେହ ନିଜ ପିଲା ପର ପିଲା ଉପରେ । ବିଶ୍ୱକବି ରବୀନ୍ଦ୍ରନାଥ କହି ନ ଥିଲେ, "ଯା କିଛୁ ହାରାୟ ଗିନ୍ନି ବଲେନ କେଷ୍ଟା ବେଟାଇ ଚୋର ।" ତାଛଡ଼ା ପଚାସଡ଼ା, ବାସିଶୁଖିଲା, ନକଲିଭେଜାଲ ଚିଜ ଆଣିଲେ ତୁମେ ମୋ ମୁଣ୍ଡରୁ ଉକୁଣୀ ଝାଡ଼ି ଦବନି ।"

Digitized by PPRACHIN, SOA

ଛତାଟି ଧରି ବଜାର ଭିତରକୁ ପଶୁଛି ଦେଖିଲି ଅନ୍ତରଙ୍ଗ ସାହିତ୍ୟକ ଅଫିସର ବନ୍ଧୁଟି ସସ୍ତ୍ରୀକ ସପରିବାର ସଚପରାଶି ଶୋଭାଯାତ୍ରାରେ ଆସୁଛନ୍ତି ତାଙ୍କ ଜିପ୍ ଆଡ଼କୁ । କୁଆଡ଼େ ଗସ୍ତରେ ଯାଇଥିଲେ, ସ୍ୱାନ୍ତ ବଙ୍ଗଳାରେ କଟାଇ ଫେରୁଛନ୍ତି, ମନ ହେଲା ମାଛ ବଜାରକୁ ପଶିଯିବେ । ମୋତେ ଦେଖିଲାମାତ୍ରେ କହିଗଲେ "ଭଦ୍ରଲୋକ କେହି ମାଛ ବଜାରକୁ ଯିବ । କେଡ଼େ ଅଭଦ୍ର ବଜାରଟା ଏ ଲୋକଗୁଡ଼ାକ । ମୋ ବନ୍ଧୁ ଝିଅଙ୍କୁ କମେଣ୍ଟ ଦଉଛନ୍ତି, ଅଶ୍ଳୀଳ ଇଙ୍ଗିତ ସହିତ ଦୋଅର୍ଥୀ କଥା କହୁଛନ୍ତି । ଆପଣ କମିତି ସବୁଦିନ ବଜାରକୁ ଆସନ୍ତି କେଜାଣି, କେହି ଭଦ୍ରଲୋକ···"

ଅଥଚ ମୁଁ ଗୋଟିଏ ଭଦ୍ରଲୋକ, ପଇଁତିରିଶ ବର୍ଷ ଧରି ଏଇ ବଜାର ଭିତରେ, ଖୁବ୍ ସତର୍କ ଓ ସାବଧାନତାରେ, କୁମ୍ଭୀରଟିଏ ଘଟାଇବାର ଜାଲ ରକ୍ଷା କଲା ପରି ମୋର ଭଦ୍ରାମି ସମ୍ଭାଳିଛି । ଧର୍ମଗୁରୁ ନଉମେନଙ୍କ 'ଭଦ୍ରଲୋକ କିଏ ?' ପ୍ରବନ୍ଧ ନ ପଢ଼ିବ କେଉଁଠା ସାଧାରଣ କଥା ପାଳିଲେ ଜଣେ ଭଦ୍ର ହୋଇପାରେ । ଅର୍ଥ ହେଲା ଅନର୍ଥର ମୂଳ । ଧାର ଦବନି କି ଧାର ନବନି । ଧାର ଦେଲେ ଟଙ୍କା ତ ବୁଡ଼ିବ, ବନ୍ଧୁ ବି ହରାଇବେ । ଧାର ଆଣିଲେ କେଉଁ ନ ହେଲେ ଭଦ୍ରାମି ଯିବ । ସେଥିପାଇଁ 'ଆଜି ନଗଦ କାଲି ଧାର' କଥାଟିର ମୁଁ ତାରିଫ୍ କରେଁ । ନିହାତି ଯଦି ଧାର କରିବ ଠିକ୍ ସମୟରେ ଶୁଝିବା ହେଲା ଭଦ୍ରାମି । ବଜାରରେ ଭଦ୍ରାମି ରକ୍ଷା ପାଇଁ ମୁଁ କଣ କରେ ଶୁଣନ୍ତୁ । ଲୋକେ କିଣିଲା ବେଳେ ଗ୍ରେକ୍‌ଠୋକ୍ କହନ୍ତି "ଏ ପୋକରା ମଞ୍ଜିଆ ବାଇଗଣ କଲେ କେତେ ?" ଏ ବୁଢ଼ା ଜହ୍ନି ଗୁଡ଼ା କାହିଁକି ଚୋଳକୁ ମଞ୍ଜି ହୋଇଥାନ୍ତା ?" କଥାବାର୍ତ୍ତାରେ ମଧୁରତା ରଖି ମୁଁ ପଚାରେଁ "ବୁଢ଼ା ଭାଇ, ଏ ବାଇଗଣରେ ତେଲ ଦେଇଛୁ ନା କଣ ଚକ୍ ଚକ୍ କରୁଛି ।" "ଇମିତି ଲମ୍ବା ସଳଖ କଅଁଳ ଭେଣ୍ଡି ତୋ ବାଡ଼ିରେ ଫଳୁଛି ନା ? ଠିକ୍ ଝିଅଙ୍କ ସରଳ ଆଙ୍ଗୁଳି ପରି ।" ଶାଗବାଲୀକି କହେ "କେଡ଼େ ଛନଛନିଆ ଶାଗ, କଞ୍ଚା ଖାଇଯିବାକୁ ଇଚ୍ଛା ହେଉଛି ।" ପଇସାପତ୍ର ଦେଣନେଣରେ ବି ସିମିତି ସରଳତା ଉଦାରତା ଦେଖାଏଁ । ଟଙ୍କା ପଇସା ଗଣେ ନାହିଁ, ଯିଏ ଯାହା ଦେଲା ବିଶ୍ୱାସରେ ପକେଟରେ ପୁରାଏ । ଫଟାଭୁଟା ନକଲି ଘଷରା ଦେଖେ ନାହିଁ । ମୋର ମୁହଁ ସାମନାରେ ଦୋକାନୀମାନେ କହିବାର କଥାବାର୍ତ୍ତା ହେବାର ଶୁଣିଛି "ଜଣେ ମହାତ୍ମା,

Digitized by PPRACHIN, SOA

ଭଦ୍ରାମିର ଅବତାର; ଭାରି ରସିକ ଲୋକ—ଏମିତି କେତେ କଥା ପଇଁତିରିଶ ବର୍ଷ ଶୁଣିଶୁଣି ବେଙ୍କଙ୍କ ପାଉଡ଼ରର ହାଆ ପାଉଁଗୋଟି ଛେନାପୋଡ଼ ପରି ଫୁଲି ଯାଇଛି ।

ଭାଗ୍ୟ ଭଲ, ଆଜି ଭଦ୍ରାମିର ଚେଷ୍ଟା ଦେବାକୁ ପଡ଼ିବନି । କାରଣ ଏବେ ସ୍ୱାଧୀନତା ପରର ଭାରତର ପରିବର୍ତ୍ତିତ ପରିସ୍ଥିତି ଓ ପରିବେଶରେ ଭଦ୍ରାମି ରକ୍ଷା କରିବାରେ ଭୟ ପଡୁଛି । ଯୋଡ଼ାଏ ଟଇଁ ବ୍ୟାଟେରି, ଧାଗୁନଟିଏ ଆଉ ବ୍ଲେଡ୍‌ଟିଏ କିଣାରେ ସବୁ ପ୍ରାୟ ଶେଷ । ଘରକୁ ଫେରୁଛି ଧାଇଡାନ ମୋତେ ପଛରୁ ଟାଣି ପନିପରିବା ମାଛ ବଜାର ଆଡକୁ ମୁହାଁଇଦେଲା ।

"ହାଇରେ ! କୋଶଳା ଶାଗ ।" ପ୍ରଲୋଭନର ପ୍ରଥମ ଚିଜ, ଆଦାମ ଅଗରେ ଇଭର ଏପଲ ପରି । ସେଇ ଝିଅଟା ହକୁଛି ଯିଏ ମୋତେ 'ବୁଢ଼ାବାବୁ' ଡାକଥିଲା । ମୋ ସ୍ତ୍ରୀ ହନେ ଏକାନ୍ତରେ ପଚାରିଥିଲେ "ତୁମକୁ କେଉଁ କେଉଁ ଚିଜ ଭଲ ଲାଗେ ?" ମୁଁ କହିଥିଲି "ଶାଗ ଭିତରେ କୋଶଳା, ପରିବା ଭିତରେ ଫୁଲକୋବି, ଫଳ ଭିତରେ ସିଙ୍ଗାପୁରୀ କଦଳୀ, ମାଛ ଭିତରେ ଖଙ୍ଗା, ମିଠା ଭିତରେ ଛେନାପୋଡ଼ ।" ଆଖିର ପ୍ରଶ୍ନ ଇଙ୍ଗିତରୁ ଝିଅଟା କହିଲା "ବଡ଼ା ଦଶ ପଇସା, ତିନ୍ ବଡ଼ା ଚାରିଣା ।" ଭାଗ୍ୟକୁ ଟିଣ ଚାରିଣିଟା ପକେଟ କଣରେ ଲୁଚିଥିଲା ରୁମାଲ ଭିତରେ ।

ଶାଗ ଥାଳରେ ପୁରାଉଛି, ସାମନା ଦୋକାନରେ ସୂତାଳରେ ସିଙ୍ଗାପୁରୀ କଦଳୀ ଝୁଲିବାର ଦେଖିଲି । ଲୋଭର ଶେଷ ନାହିଁ ବୁଢ଼ା-ଲୋକର । ହେଲେ ପଇସା କାହିଁ କଦଳୀ କିଣିବ ? "ନେଇ ଯାଆନ୍ତୁ ବାବୁ ଡଜନେ ଦ'ଡଜନ ବହୁଦିନ ପରେ ଆସିଛି । ଛଅଟଙ୍କା ଡଜନ ।" ମୋ ମୁହଁରୁ ଜାଣିଲା ପଇସା ନାହିଁ ମୋ ପାଖରେ । "ହେଲା, ନେଇଯାଆନ୍ତୁ, ପରେ ଦେବେ ।" କଦଳୀ ଥଳୀରେ ପୁରାଉଛି, ବାଆଁ ପଟକୁ ଚାହିଁ ଦେଖିଲି ଝୁଡ଼ିଏ ଫୁଲକୋବି । ମୋତେ ସେ ବି ଦେଖିଦେଇ କହିଲା, "ନେଇ ଯାଆନ୍ତୁ ଯୋଡ଼ାଏ, ଗୋଟାକୁ ଦି'ଟଙ୍କା, ପଇସା ପରେ ଦେବେ ଆଜି ନାହିଁତ । ଆପଣ ପଇସା ନ ଦେଲେ ବି ଆମର ଦୁଃଖ ନାହିଁ ।" ବିଶ୍ୱାସ ପ୍ରତ୍ୟୟ ରଖିପାରିଲେ ଭଦ୍ରାମି ଓ ମନୁଷ୍ୟତା ରଖିହୁଏ । ଯେବେ

Digitized by PPRACHIN, SOA

ତିନିଶ ଟଙ୍କା ପାଉଥିଲି ଧାରକରଜ କରି ସାତସାଗୁଟା ପିଲାଙ୍କୁ ତ ପାଳୁଥିଲି, ଘୋର ଅଭାବ ଅନାଟନରେ । ଭାରତ ସରକାର ନୋଟ୍ ଛାପୁଥିଲେ; ଲୋକଙ୍କର ମୋ ଉପରେ ବିଶ୍ୱାସ ଥିଲା ।

କୋଶଳା ଶାଗ, ଫୁଲକୋବି, ଧନିଆଁ ପତ୍ର, ସିଙ୍ଗାପୁରୀ ଇମିତି କେତେ ଶୀତଦିନିଆ ଶଜ ଖରାଦିନେ ଭଦ୍ରାମି ଦେଇ କିଣି ଥଳରେ ପୁରାଇ ଘୁଞ୍ଚି ଫୁଲାଇ ଘର ଫେରି ଚାଲିଛି, ଦେଖିଦେଲି ଅଧା-ଲଙ୍ଗଳା କେଉଟ ବୁଢ଼ା ଖାଳେଇରୁ ମାଛ ଅଜାଡ଼ୁଛି । ଧାଇଁଯାଇ ଚାଲ ଝାମ୍ପି ଲି ପରି ଯୋଡ଼ାଏ ଖଙ୍ଗା ଜାବୁଡ଼ି ଧଇଲି । ଏ ସହରରେ କେବେ ଦେଖିନି ଏ ମାଛ । ବଜାର ମଣ୍ଡଳ ଯାଇଥାଏ । ଗରାଖ ପ୍ରାୟ ନ ଥାନ୍ତି । ସେଠିବି ଭଦ୍ରାମି ବନ୍ଧା ଦେଇ ମାଛ ଆଣିଲି । "ପଇସା ନାହିଁ ସଞ୍ଜବେଳେ ନିଶ୍ଚୟ ଦେବି ।"

ସୁନ୍ଦରୀ ବାଞ୍ଛା ବଜାରକୁ ଧରି ଚାଲିଛି ପହଞ୍ଚିଦେଲି ଲକ୍ଷ୍ମୀ ମିଷ୍ଟାନ୍ନ ଭଣ୍ଡାରକୁ । କଇଁଛ ପରି ତାଜା ଛେନାପୋଡ଼ଟା ଥାଳରେ ଥୁଆ ହୋଇଛି । "ଡେରି ହେଲାଣି ଆଜି, ଥାଉ ଆଉ ଦିନକୁ ।" ଘରେ ଗୃହିଣୀ ଉତ୍ଫୁଲ୍ଲିତା ହୋଇ ଗୋଟାକୁ ଗୋଟା ମୋର ପ୍ରିୟ ଶଜ କାଢ଼ି ଆଣୁଥାନ୍ତି ଏକ, ଦୁଇ, ତିନି, ଚାରି ବାକି ଗୋଟାଏ ଶଜ ରହିଗଲା ଭୁମର, ଧର୍ମେ ରହି ମୋ ଆଡ଼କୁ କଣେଇ କହିଲେ "ଛେନାପୋଡ଼" ।

ସଞ୍ଜକୁ ଆସିଲା ପ୍ରଳୟଙ୍କରୀ ତୋଫାନ । ଶହେ କୋଡ଼ିଏରୁ ଦୁଇଶ ପଚିଶ କିଲୋମିଟର ପବନର ବେଗ । ବାହାରର ତୋଫାନକୁ ମୋ ମନ ଭିତରେ ତୋଫାନ । ଦୋକାନୀମାନଙ୍କର ପଇସା ରହିଗଲା, ମୋର ଜବାବ ଭଙ୍ଗ ହେଲା, ଭଦ୍ରାମି ଚାଲିଗଲା । ରାତିଯାକ ନିଦ ନାହିଁ, ଛଟପଟ । ସେ ମାଛବାଲାଟା ବିଚରା ଚାଉଳ କିଣି ପାରିବନି । ହୁଏତ ତାର ଛଣ ଛପର ଉଡ଼ିଯାଇଥିବ ବା ଡଙ୍ଗା ଭାସି ଯାଇଥିବ ।

ପରଦିନ ସକାଳେ ପବନର ବେଗ ନ କମିଲେ ମଧ୍ୟ ବର୍ଷା ନ ଥିଲା, ସୂର୍ଯ୍ୟ ଉତ୍କର୍ଣ୍ଣ ହୋଇ ଉଦୟ ହେଲେ । ସହଳ ବଜାରକୁ ଯାଇ କଦଳୀବାଲା କୋବିବାଲାର ପ୍ରାପ୍ୟ ଦେଇ ମାଛ ବଜାରକୁ ଗଲି । ମାଛବାଲା ଆସି ନ ଥିଲା । ତା ଜାଗାରେ ବିସିଥିଲା ଉଣିଶ ଷଠ୍ଚାଳିଶ ପରର ନିଶୁଆ

Digitized by PPRACHIN, SOA

କଳଆ ଚୋକାଟାଏ । ପଚାରିଲି "ଏଠି ବସୁଥିବା ମାଛବାଲା ଆସିନି ?" ଅତି ଆଗ୍ରହରେ ସେ କହିଲା "ଗୋକୁଳକୁ ଖୋଜୁଛନ୍ତି ? ସେ ତ ମୋର କକା । ମୁଁ ତ ତାଙ୍କୁ ଅପେକ୍ଷା କରୁଛି ।" "ଅଚ୍ଛା, ଏଇ ପାଞ୍ଚଟଙ୍କା ନିଅ ତ ବାବା, ତାଙ୍କୁ ଦେଇଦେବ । ମୁଁ ଖଙ୍ଗା ମାଛ ତାଠୁଁ ନେଇଥିଲି ।" ଧାର ଶୁଝିଦେଲେ କେଡ଼େ ଉଶୁଆସ ନ ଲାଗେ !

ସେଦିନ ସଞ୍ଜବେଳେ କଦଳୀବାଲାକୁ କହୁଥାଏଁ "କାଲି ଯେଉଁ କଦଳୀ ଦେଇଥିଲ ଯିମିତି ମିଠା; ସିମିତି ମହକ; ଅସିଲି ସିଙ୍ଗାପୁରୀ, ଗଛ ପାକଲ୍, କି ଯାଇଛ୍ !" ପଛପଟୁ କିଏ କହିଲା "ବାବୁ, ମୋ ମାଛର ଦାମ ?" ଦାମ୍ଭିକତା ସହିତ ଉତ୍ତର ଦେଲି ସକାଳେ ତୁମ ପୁତୁରାକୁ ଦେଇଦେଇଛି । "ମୋର ତ ପୁତୁରା ଫୁତୁରା କେହି ନାହିଁ; କାହାକୁ ଦେଇଛ, ମୋତେ ତ କେହି ପଇସା ଦେଇନି ।" କଦଳୀବାଲା କହିଲା "ଗୋକୁଳି, ତୁ ଯାଆ ଭଲକରି ବୁଝାବୁଝି କର । ବାବୁ ଭଦ୍ରଲୋକ, କାହାକୁ ନିଶ୍ଚୟ ଦେଇଥିବେ ।" ମାଛବାଲା ଭଦ୍ରଲୋକ ପରି ଚାଲିଗଲା । ଭାବିଲି, ଭଦ୍ରାମି ଅଛି ଦୁନିଆଁରେ ।

ପରଦିନ ସକାଳେ କୋବିବାଲାକୁ କହୁଛି "ପଅରଦିନ ଯେଉଁ ଫୁଲକୋବି ଦେଇଥିଲ ଅବିକଳ ଶୀତଦିନ କୋବି ପରି ମିଠା" ପଛପଟୁ ଗୋକୁଳର ସ୍ୱର ଶୁଭିଲା "ଆସ ବାବୁ, କାହାକୁ ପଇସା ଦେଇଛ ଚିହ୍ନଟ କରିଦବ । କେହି ତ ମାନୁ ନାହାନ୍ତି ।" ମୁଁ କହିଲି "ଆରେ ବାବା, ତୁମ ପଇସା ମୁଁ ଦେଇଦେଇଛି ଯାହାକୁ ହେଲେ ତୁମ ଭିତରୁ । ମୁଁ କାହାର ପଇସା ବାକି ରଖେନି ।" କୋବିବାଲା କହିଲା "ଗୋକୁଳି, ଯାଆ ଜଣ ଜଣ କରି ପଚାର, କିଏ ନେଇଥିବ; ଭଦ୍ରଲୋକ ମିଛ କହିବେ ନାହିଁ ।" ଗୋକୁଳି ସାମାନ୍ୟ ବିରକ୍ତି ଦେଖାଇ ପୁଣି ଭଦ୍ରଲୋକ ପରି ଚାଲିଗଲା ।

ଲାଗେ ଲାଗେ ଦୁଇଥର ଗୋକୁଳର ପଛୁଆ ଆକ୍ରମଣରେ ବିବ୍ରତ ନ ହୋଇ ପରଦିନ ଶାଗବାଲାକୁ ରସିକତାରେ ପଚାରୁଛି "ସେ ଦିନର ଶାଗ ତୋ ନିଜର ନା ଆଉ କାହା ବାଡ଼ିର ?" ମାଛବାଲା ମୁହାଁମୁହିଁ ହାଜର । ଆଜି ତା ଚେହେରା ଅନ୍ୟ ରକମ । ରାଗିଗଲେ କୁକୁର ବା ହିଂସ୍ରପ୍ରାଣୀ ଯିମିତି ପିଠିର ଲୋମ ଠିଆ କରିଦିଏ ସିମିତି ତାର ଦରପାକଲା

Digitized by PPRACHIN, SOA

ମୁଣ୍ଡଚୂଳ । ମଦ ବୁଁ ହାଣ୍ଡିଆ ଖିଆ ତାର ଆଖି । ସିଧାସଳଖ ମୋତେ ଶୁହାଁ କହିଗଲା, "ଭଦ୍ରାମିର ସୀମା ଅଛି ବାବୁ, ତୁମେ ମୋ ପଇସା ଦେଉଛ, ଯାହାଠୁଁ ଜିନିଷ ନବ ତାକୁ ପଇସା ଦବ ନା ବାଟଗଲା ଲୋକକୁ ଦବ, ଭଦ୍ରାମି ନା ବୋକାମି !" କଣ କହିବ ଭାବୁଥିଲି, ସେ କହିବାକୁ ନ ଦେଇ କହିଗଲା—"ତୁମର କାମ ନାହିଁ ବୋଲି ଭଦ୍ର ବୋଲାଉଛ, ମୁଁ ମାଛ ଧରିବ, ବିକିବ ନା ଜଣକୁ ଜଣ ପଚୁରୁଥିବ ମୋ ପଇସା ନେଇଛ ? ମୋ ସାଙ୍ଗରେ ଆସ ଲୋକ ଚିହ୍ନାଟ କରିଦେବ, ନହେଲେ ଭର୍ ବଜାରରେ ତୁମକୁ ଅପଦସ୍ତ କରିବ । ଆମେ ଗରିବ ଲୋକ, ଆସ ।"

ମୁଁ କିଛି ଦମ୍ଭ ସଞ୍ଚସାହସ ସଂଗ୍ରହ କରି ପାଲଟା ଜବାବ୍ ଦେଲି, ଯଦି ମୁଁ କହେ "ମାଛ ନେଇନ ?" ସେ ମୋ ହାତ ଧରି ପକାଇ ବଡ଼ ପାଟିରେ କହିଲା, "ମୋ ମାଛ ନେଇନୁ ! କେଡ଼େ ଭଦ୍ର ଦେଖେଇ ହଉଛୁ ! ଆଃ, ମାଛ ହାଟକୁ ଆ"; ମୋତେ ଭିଡ଼ି ଓଟାରିଲା ।

ଦୁଃଶାସନ ମୋତେ ବିବସ୍ତ୍ର କରୁଛି ରକ୍ଷାକର—କହିଲେ ବି କୌରବ କି ପାଣ୍ଡବ ଅସହାୟ ହୋଇ ଅନାଇ ରହିଲେ । ନିରାଶ୍ରୟା କୁମାରୀ ଉପରେ କୋଡ଼ିଏ କି ତଦୂର୍ଦ୍ଧ୍ୱର ଦୁର୍ବୃତ୍ତ ଯୁବକ ଗଣଧର୍ଷଣ କଲାପରି ବଜାରଯାକର ସମସ୍ତ ଦୋକାନୀ ମୋର ଭଦ୍ରାମିକି ଚିରହରଣି ଶେଷ କରିଦେଲେ ।

ବେଶୀ ଡେରି କରିବା ବା ବେଶୀ ଦୂରକୁ ଯିବା ବୁଦ୍ଧିମନ୍ତର ପରିଚୟ ନୁହେଁ ଭାବି ଆତ୍ମସମର୍ପଣ କରି ମାଛବାଲାକୁ ଡାକିଲି, 'ଆସ' । ମନୋହାରୀ ଦୋକାନ ଭିତରେ ପଶି ଦୋକାନୀ ହାତକୁ ଦଶଟଙ୍କା ନୋଟ୍ଟି ବଢ଼ାଇଦେଇ କହିଲି—"ୟାକୁ ସାତଟଙ୍କା ଦେଇଦେବ ।" ଦୋକାନୀ କିଛି କହିବା ପୂର୍ବରୁ ମୁଁ ଦୋକାନ ଛାଡ଼ି ସାରିଥାଏଁ ।

କୁମାରୀ ବା ସତୀ ନାରୀ ଧର୍ଷିତା ହେଲେ ଯିମିତି ସମାଜ ବିଶେଷତଃ ପୁରୁଷ ଜାତି ଉପରେ ବିଦ୍ରୋହୀ ହୋଇ ପ୍ରତିଶୋଧ ସ୍ୱରୂପ ସମଗ୍ର ମାନବ ଜାତିକି ମାରାତ୍ମକ ଯୌନବ୍ୟାଧିଗ୍ରସ୍ତ କରିବାକୁ ଦୃଢ଼ସଂକଳ୍ପ ହୁଏ, ମୁଁ ବି ସେମିତି ଅର୍ଥ୍ୟାଗ୍ଭରିତ ହୋଇ ଆଦର୍ଶରୁ ବସ୍ତୁକୁ, ଆଧ୍ୟାତ୍ମରୁ ସ୍ଥିତିକୁ ଏବଂ ଦେବତ୍ୱରୁ ପଶୁତ୍ୱକୁ ଖସିଆସିଲି କେତୋଟି ମୁହୂର୍ତ୍ତରେ ।

Digitized by PPRACHIN, SOA

ଭାବିଲି, ଗତ ପଇଁତିରିଶ ବର୍ଷ ଧରି ଆସ୍ଥା, ବିଶ୍ୱାସ, ଭଦ୍ରାମି, ମାନସମ୍ମାନ ଆଦି ଯାହା ଯାହା ସ୍ମଲସେଭିଂସ୍ ଏକାଉଣ୍ଟରେ ସଞ୍ଚିଥିଲି, ତାର ମୂଳତକ କୋବି, କଦଳୀ, ମାଛ ଖାଇବାରେ ଗଲା । ବାକି ସୁଧତକ ଅଛି । ଆଉ ଗୋଟାଏ ଜିନିଷ କାହିଁକି ଛାଡ଼ିବି ? ସିଧା ମିଠା ଦୋକାନକୁ ଯାଇ କହିଲି, "ଛେନାପୋଡ଼ କିଲେ ଦିଅ, ପଇସା ପରେ ଦେବି ।"

ପେକିଂ ଫିଟାଇ ସ୍ତ୍ରୀ କହିଲେ, "ବାଃ, ଛେନାପୋଡ଼ ! ତୁମର ପାଞ୍ଚୋଟିଯାକ ପଞ୍ଚମକାର ଦି'ଟା ଦିନରେ ମିଳିଗଲା, ମନସ୍କାମନା ପୂର୍ଣ୍ଣ ହେଲା ତ ?"

ମୁଁ ଗୁମ୍ମାରି ବସିଗଲି । ଘରଠିକଣା ବୁଝି ମାଛବାଲା ପରି ଛେନାପୋଡ଼ବାଲା ମୋ ଘର ଭିତରକୁ ପଶି ପରିବାର ଆଗରେ ଧର୍ଷଣ କରିବ ନାହିଁ ତ ! କେଉଁ ବାପ ପିଠିରେ ପଡ଼ିବ ?

Digitized by PPRACHIN, SOA